ନା ରାଧା
ନା ରୁକ୍ମିଣୀ

ଅମୃତା ପ୍ରୀତମ୍

ଅନୁବାଦ
କୁମାର ହସନ୍



Digitized by PPRACHIN, SOA

ନା ରାଧା ନା ରୁକ୍ମିଣୀ

Digitized by PPRACHIN, SOA

Digitized by PPRACHIN, SOA

ଆଦାନ-ପ୍ରଦାନ

ନା ରାଧା ନା ରୁକ୍ମିଣୀ

ଅମୃତା ପ୍ରୀତମ୍

ଅନୁବାଦ

କୁମାର ହସନ୍

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by PPRACHIN, SOA

ISBN 81-237-4046-8

2003 (ଶକାବ୍ଦ 1925)
© ଅମୃତା ପ୍ରୀତମ୍
ଓଡ଼ିଆ ଅନୁବାଦ © ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ୍, ଇଣ୍ଡିଆ
Original Title : Na Radha Na Rukmani *(Punjabi)*

Oriya Translation : Na Radha Na Rukmini

ଟ. 65.00

ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ୍, ଇଣ୍ଡିଆ, ଏ-5, ଗ୍ରୀନ୍ ପାର୍କ,
ନୂଆଦିଲ୍ଲୀ- 110 016 କର୍ତ୍ତୃକ ପ୍ରକାଶିତ ।

Digitized by PPRACHIN, SOA

ସମ୍ପର୍କର କଥାଶିଳ୍ପୀ : ଅମୃତା ପ୍ରୀତମ୍

ଏ କଥା ନିଶ୍ଚିତ ଭାବରେ ସତ୍ୟ ଯେ ଅମୃତା ପ୍ରୀତମ୍ ଏ ଯାଏଁ ଯେଉଁ ପ୍ରସିଦ୍ଧି ପାଇଛନ୍ତି ତା'ର ମୁଖ୍ୟ କାରଣ ହେଉଛି ତାଙ୍କର କବିତା, ତଥାପି ସେ ଜଣେ ସଫଳ କଥାକାର ଓ ଔପନ୍ୟାସିକା ମଧ୍ୟ । ଏଗୁଡ଼ିକୁ ଛାଡ଼ି ଦେଲେ ଭ୍ରମଣ କାହାଣୀ, ଆତ୍ମଜୀବନୀ ତଥା ସୃଜନାତ୍ମକ ଆଲୋଚନା ଆଦି କ୍ଷେତ୍ରରେ ମଧ୍ୟ ସେ ଉଜ୍ଜ୍ୱଳ ସିଦ୍ଧିର ଅଧିକାରିଣୀ । ସେ ଜୀବନୀମୂଳକ ଉପନ୍ୟାସ ମଧ୍ୟ ଲେଖିଛନ୍ତି, ସେଗୁଡ଼ିକ ମଧ୍ୟରୁ 'ନା ରାଧା, ନା ରୁକ୍ମିଣୀ' ପଞ୍ଜାବୀରେ ପ୍ରକାଶ ପାଇଲା ପରେ ଏବେ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୂଦିତ ହେବାକୁ ଯାଉଛି । ଅମୃତାଙ୍କର ଅନେକ ସାହିତ୍ୟ କୃତି ପୂର୍ବରୁ ବିଶ୍ୱର ବିଭିନ୍ନ ଭାଷାରେ ଅନୂଦିତ ହୋଇ ମାନ୍ୟତା ପାଇ ସାରିଛି । ପଞ୍ଜାବୀ ଭାଷା ସାହିତ୍ୟକୁ ପ୍ରଥମ ଥର ଲାଗି ଜ୍ଞାନପୀଠ ପୁରସ୍କାର ମଧ୍ୟ ଅମୃତାଙ୍କ ମାଧ୍ୟମରେ ମିଳିଛି । ଯାହା ପଞ୍ଜାବୀ ଭାଷା ଓ ପଞ୍ଜାବୀମାନଙ୍କ ନିମନ୍ତେ ନିଶ୍ଚିତ ଭାବରେ ଏକ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଇପାରେ ।

ଜଣେ ଔପନ୍ୟାସିକା ଭାବରେ, ପଞ୍ଜାବୀ ଉପନ୍ୟାସର ବିକାଶ ଧାରାରେ ଅମୃତାଙ୍କର ସ୍ଥାନ ନିର୍ଦ୍ଧାରଣ ନିମନ୍ତେ ଓ ତାଙ୍କର ଉପନ୍ୟାସ-ଯାତ୍ରାକୁ ପୂର୍ଣ୍ଣରୂପରେ ହୃଦୟଙ୍ଗମ କରିବାକୁ ହେଲେ ଆମକୁ ପଞ୍ଜାବୀ ଉପନ୍ୟାସର ସମଗ୍ର ଇତିହାସ ଉପରେ ଏକ ବିହଙ୍ଗମଦୃଷ୍ଟି ଦେବାକୁ ପଡ଼ିବ ।

'ଥିଓରୀ ଅଫ୍ ଲିଟ୍ରେଚର' ପୁସ୍ତକରେ ରେନେ ୱାଲିକ୍ ଓ ମିଷ୍ଟର ୱାରେନ ଯେତେ ଦାବି କରୁଥାନ୍ତୁ ପଛକେ ସାହିତ୍ୟ ନିଜେ ଏକ ନିରପେକ୍ଷ ଆତ୍ମନିର୍ଭରଶୀଳ ସତ୍ତା ନୁହେଁ । ତା' ପରିବର୍ତ୍ତେ ସାହିତ୍ୟ ହେଉଛି ଏକ ସାପେକ୍ଷ ଆତ୍ମନିର୍ଭରଶୀଳ ସତ୍ତା । ଏହା ହେଉଛି ଏକ ବିଶେଷ ଧରଣର ସାଂସ୍କୃତିକ ପ୍ରକ୍ରିୟା, ଯାହା ତା'ର ସୃଷ୍ଟିକାଳର ବିଷୟଗତ ସାମାଜିକ ଯଥାର୍ଥ ସହିତ ଗଭୀର ଭାବରେ ସଂପୃକ୍ତ । ଏତଦ୍‌ଭିନ୍ନ ତାହା ସମ୍ପୂର୍ଣ୍ଣ ସାଂସ୍କୃତିକ ପରିବେଶ ସଙ୍ଗେ ମଧ୍ୟ ଗଭୀର ଭାବରେ ସଂପୃକ୍ତ ହୋଇଥାଏ, ଯେଉଁଥିରେ ଅତୀତରୁ ପ୍ରବହମାନ ସମଗ୍ର ସାହିତ୍ୟିକ ପରମ୍ପରା ବିଦ୍ୟମାନ, ଯାହା ତାର ଗତିଶୀଳତା ଯୋଗୁଁ ପୁନର୍ବ୍ୟାଖ୍ୟାର ସ୍ତରରେ ଓ ଭିନ୍ନ ଭିନ୍ନ ପରିସ୍ଥିତିରେ ମଧ୍ୟ ପ୍ରଚ୍ଛନ୍ନ ଭାବରେ ଅନ୍ତର୍ନିହିତ ହୋଇ ରହିଥାଏ । ଏବଂ ଏଇଥିଲାଗି ଆମେ ସାହିତ୍ୟକୁ ଏକ ଗତିଶୀଳ ସଂରଚନା (ଡାଇନାମିକ୍ ଷ୍ଟ୍ରକଚର) ଭାବେ ନାମିତ କରିବାକୁ ସକ୍ଷମ ହୋଇଥାଉଁ ।

ଗୁଣ ଓ ଲକ୍ଷଣଗୁଡ଼ିକର ସଂଯୋଜନ ବା ବିୟୋଜନ ମାଧ୍ୟମରେ ସାହିତ୍ୟର ଇତିହାସରେ

Digitized by PPRACHIN, SOA

ମୂଳାଧାରର ଶ୍ରେଣୀବିଭାଜନ ହୋଇ ନ ଥାଏ । କିନ୍ତୁ ଉକ୍ତ କାରଣଗତ ସମ୍ପର୍କର ବିଶ୍ଳେଷଣ ହିଁ ହେଉଛି ସାହିତ୍ୟ - ଇତିହାସର ମୂଳ ଭିତ୍ତିଭୂମି, ଯାହା ଯେ କୌଣସି ସାହିତ୍ୟକ ରୂପକ୍ଷେତ୍ର ଓ ତାର ଭୂୟୋବିକାଶର ନିର୍ଦ୍ଧାରକ । ବିଷୟବସ୍ତୁ, ଶୈଳୀ ଓ ମୋଟିଫଗୁଡ଼ିକର ପ୍ରକୃତି ଉପରେ ଆଧାରିତ ଐତିହାସିକତାର ବର୍ଣ୍ଣନାତ୍ମକ ବିଧିବିଧାନ ସାହିତ୍ୟିକ ଅଧ୍ୟୟନକୁ କେବଳ ରୂପ-କ୍ଷେତ୍ର ଭିତରେ ପରିସୀମିତ କରି ସମଗ୍ରତା ପରିବର୍ତ୍ତେ ଖଣ୍ଡିତାଂଶ ବିଶେଷର ଅଧ୍ୟୟନ ନିମନ୍ତେ ଉଦ୍ଦିଷ୍ଟ, ଯେତେବେଳେ କି ସାହିତ୍ୟିକ ଇତିହାସ ଏବଂ ସେଥିରେ ସାହିତ୍ୟିକତାର ପ୍ରତ୍ୟେକ ପକ୍ଷକୁ ସଂସ୍କୃତିପ୍ରେରିତ କଥାବସ୍ତୁ ଭାବରେ ଗ୍ରହଣ କରାଯିବା ବାଂଛନୀୟ । ଏହି ଦୃଷ୍ଟିରେ ଦେଖିଲେ ସାହିତ୍ୟିକ ଇତିହାସକାରିତା, ଐତିହାସିକ ଅଧ୍ୟୟନ ବ୍ୟତିରେକେ ପୂର୍ଣ୍ଣତଃ ଅସମ୍ଭବ ;

ଇଂରାଜୀ ସାହିତ୍ୟର ପ୍ରଭାବରେ ହିଁ ପଞ୍ଜାବୀରେ ଉପନ୍ୟାସ ଭଳି ଦୀର୍ଘ କଥା-ବୃତ୍ତାନ୍ତର ଆରମ୍ଭ ହୋଇଥିଲା; କିନ୍ତୁ ସେଇଟା ମଧ୍ୟ କେବଳ ଏକ ରୂପକ୍ଷେତ୍ର ଭାବରେ ହୋଇଥିଲା । ପଞ୍ଜାବୀ ଉପନ୍ୟାସର କଥାବସ୍ତୁ ତାର ନିତାନ୍ତ ନିଜସ୍ୱ ସମାଜ ଓ ସାଂସ୍କୃତିକ ପରିବେଶରୁ ହିଁ ଆସିଛି । ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ମହାରାଜା ରଣଜିତ ସିଂହଙ୍କ ମୃତ୍ୟୁପରେ ସତଲେଜ୍ ସୀମା ସନ୍ଧି ସମାପ୍ତ ହେଲା ଓ ସମଗ୍ର ପଞ୍ଜାବ ଇଂରେଜ ଶାସନାଧୀନ ହେଲା । ପଞ୍ଜାବରେ ଏକ ଦିଗରେ ଖ୍ରୀଷ୍ଟିୟାନ ଧର୍ମର ବ୍ୟାପକ ପ୍ରଚାର ପ୍ରସାର କରାଗଲା ବେଳକୁ ଅନ୍ୟଦିଗରେ ସେଠାରେ ରହିଥିବା ହିନ୍ଦୁ, ଶିଖ ଓ ମୁସଲମାନମାନଙ୍କ ପୁରୁଣା ମିଳିତ ସାଂସ୍କୃତିକ ସଦଭାବନାକୁ ନଷ୍ଟ କରିବାର ଅପପ୍ରୟାସ କରାଗଲା । ଯୁଗ ଯୁଗର ସାଂସ୍କୃତିକ ସହଯୋଗକୁ ନେଇ ଗଢ଼ି ଉଠିଥିଲା ଏ ସାଂସ୍କୃତିକ ସଦାଶୟତା । ସମଗ୍ର ପଞ୍ଜାବୀ ଜାତିକୁ ବିଭେଦ କରି ଶାସନ କରିବାର ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ ଧାର୍ମିକ ସାଂପ୍ରଦାୟିକତାକୁ ଏକ ଶକ୍ତିଶାଳୀ ଅସ୍ତ୍ର ଭାବରେ ବ୍ୟବହାର କରାଗଲା । ଫଳତଃ ପ୍ରତ୍ୟେକ ଧର୍ମ ଓ ସଂପ୍ରଦାୟ ନିଜର ସ୍ୱତନ୍ତ୍ର ପରିଚୟ କାୟମ ରଖିବା ଚକ୍କରରେ ପଡ଼ିଗଲେ, ଯାହାର ପରିଣାମ ହେଲା ଅତ୍ୟନ୍ତ ଭୟଙ୍କର । ଧର୍ମ ଲାଗି ପାରଂପରିକ ସାଂସ୍କୃତିକ ସଦ୍‌ଭାବନା ଓ ସହଯୋଗିତାକୁ ନଷ୍ଟ କରାଯିବାକୁ ଦିଆଗଲା । ଏପରିକି ସହଯୋଗୀ ଭାଷା ଓ ସାହିତ୍ୟ ମଧ୍ୟ ଏହି ସ୍ରୋତର ଘେରରେ ପଡ଼ିଗଲା । ଧର୍ମସ୍ଫୁରଣର ପାରଂପରିକ ପ୍ରବୃତ୍ତିଧାରୀ ସ୍ୱରୂପ ସତ୍ତ୍ୱେ ଡା· ସୁରିନ୍ଦର ସିଂହ ଦୁସାଇଁ, ଭାଇ ବୀର ସିଂହଙ୍କ ଉପନ୍ୟାସମାନ ଥିଲା ଉଲ୍ଲେଖନୀୟ । କାରଣ ସେଗୁଡ଼ିକରେ ବିଦେଶୀ ସାମ୍ରାଜ୍ୟ ସୃଷ୍ଟ ପରିସ୍ଥିତି ବିରୁଦ୍ଧରେ ସଂଗ୍ରାମ ଚଳେଇବା ଲାଗି ଆଧ୍ୟାତ୍ମିକ ଶକ୍ତି ଅନ୍ୱେଷଣର ପ୍ରୟାସ କରାଯାଇଥିଲା । ଏଗୁଡ଼ିକୁ ଉପନ୍ୟାସ ଅପେକ୍ଷା ଆଧ୍ୟାତ୍ମିକ ପ୍ରଚାର କାହାଣୀ କହିବା ଅଧିକ ଯୁକ୍ତି ଯୁକ୍ତ ହେବ । 'ସୁନ୍ଦରୀ' ତଥା 'ସତୱନ୍ତ କାଉର' ଭଳି ଉପନ୍ୟାସ ଅଷ୍ଟାଦଶ ଶତାବ୍ଦୀର ନିରୁତା ଶିଖ ବୀରତ୍ୱର ପାତ୍ର ଉପସ୍ଥାପନ କରି ଶିଖ ସଂପ୍ରଦାୟକୁ ଧର୍ମ ନିମନ୍ତେ ପ୍ରାଣପାତ

Digitized by PPRACHIN, SOA

କରିବାର ଉପଦେଶ ଦିଏ । ଏହି ସମୟରେ ଭାଇ ମୋହନ ସିଂହ ବୈଦ ବ୍ୟବସାୟୀ ଶିଖ୍ ସମାଜ ନିମନ୍ତେ ଧର୍ମର ତାଳ ତିଆରି କରୁଥିବାର ଅନୁମିତ ହୁଏ (ଡ଼ା· ଜୁଗିନ୍ଦର ସିଂହ ରାହୀ) । ଭାଇ ବୀର ସିଂହ ଯୋଉଠି ଅପହୃତ ପ୍ରଭୁତ୍ୱର ପୁର୍ନପ୍ରାପ୍ତି ନିମନ୍ତେ ବ୍ୟାକୁଳ ଶିଖ୍ ସଂପ୍ରଦାୟର ଆଶା ଆକାଂକ୍ଷାର ପ୍ରତିନିଧିତ୍ୱ କରୁଥିବା ଔପନ୍ୟାସିକ ସେଠି ବୈଦ ବ୍ୟବସାୟିକ ସଫଳତାର ଲାଳସାରେ ଧର୍ମର ଆଳଖୋଜୁଥିବା ଶିଖ ମଧ୍ୟବିତ୍ତ ଶ୍ରେଣୀର ପ୍ରତିନିଧି ହୋଇଛନ୍ତି, (ଡ· ରାହୀ) ତା' ପରେ ନାନକ ସିଂହଙ୍କ ହାତକୁ ଆସି ପଞ୍ଜାବୀ ଉପନ୍ୟାସ ପଞ୍ଜାବରେ ଶିଖ ଓ ହିନ୍ଦୁଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ସାମାଜିକ କୁରୀତିଗୁଡ଼ିକର ସଂସ୍କାର କାର୍ଯ୍ୟରେ ସମର୍ପିତ ହୋଇଯାଏ । ବିଧବା ବିବାହ, ବେଶ୍ୟାଗମନ, ନାରୀ ଶୋଷଣ ସମସ୍ୟା, ମୋଟାମୋଟି ଭାବରେ କହିବାକୁ ଗଲେ ସହରୀ ମଧ୍ୟବିତ୍ତ ଶ୍ରେଣୀର ସାମାଜିକ ଓ ସାଂସ୍କୃତିକ ଅଧୋଗତି ହିଁ ହେଉଛି ନାନକ ସିଂହଙ୍କ ଉପନ୍ୟାସଗୁଡ଼ିକର କେନ୍ଦ୍ରବିନ୍ଦୁ । ମଣିଷର ବସ୍ତୁଜଗତଠାରୁ ଆଚାର ବିଚାରରେ ପରିବର୍ତ୍ତନ ଓ ସଂସ୍କାର କରିବାର ପ୍ରବୃତ୍ତି ହେଉଛି ନାନକ ସିଂହଙ୍କ ରଚ୍‌ନାର ମୁଖ୍ୟ ଉଦ୍ଦେଶ୍ୟ । ସାମାଜିକ ପରିବର୍ତ୍ତନ ତାଙ୍କ ବିଷୟବସ୍ତୁର ଭିତ୍ତିଭୂମି ହୋଇ ପାରିନାହିଁ । ଏବଂ ଏହି ଏକମାତ୍ର କାରଣ ଯୋଗୁଁ ତାଙ୍କ ଉପନ୍ୟାସ ପଞ୍ଜାବୀ ମଧ୍ୟବିତ୍ତ ଶ୍ରେଣୀରେ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରି ପାରିଛି ।

ଏ ଯୁଗର ପରବର୍ତ୍ତୀ ପର୍ଯ୍ୟାୟ ସୁରିନ୍ଦର ସିଂହ ନରୁଲା ଓ ଯଶୱନ୍ତ ସିଂହ କୱଲଙ୍କ ଉପନ୍ୟାସଗୁଡ଼ିକରେ ଦେଖିବାକୁ ମିଳେ । ସୁରିନ୍ଦର ସିଂହ ନରୁଲା ନିଶ୍ଚିତ ଭାବରେ ଜଣେ ଯଥାର୍ଥବାଦୀ ଔପନ୍ୟାସିକ କିନ୍ତୁ ବାସ୍ତବତାକୁ ଉପସ୍ଥାପିତ କରୁ କରୁ ତାଙ୍କର କଥା ସଂସାର ସାମାଜିକ ବିକାଶର ଦିଗ ଓ ଦୃଷ୍ଟି ହରାଇ ବସେ । ଆଲୋଚ୍‌ନାପୂରକ ଯଥାର୍ଥବାଦ ହେଉଛି ତାଙ୍କର ଉପନ୍ୟାସଗୁଡ଼ିକର କାରଣଗତ ସମ୍ପର୍କର ଦାବି, ତଥାପି ଯଥାର୍ଥକୁ କେବଳ ଯଥାର୍ଥ ଭାବରେ ପ୍ରେଷିତ କରିବାର ଉନ୍ମତ୍ତତାରେ ତାଙ୍କ ରଚ୍‌ନାତ୍ମକ ଉଦ୍ୟମ ସମର୍ଥ ବୃତ୍ତାନ୍ତ-ବୋଧର ଗୁଣ ହରାଇ ବସେ । ତଥାପି ଯଥାର୍ଥର କଳାତ୍ମକ ପ୍ରସ୍ତୁତି ନରୁଲାଙ୍କୁ ତାଙ୍କ ପୂର୍ବବର୍ତ୍ତୀ ପର୍ଯ୍ୟାୟ ଅର୍ଥାତ୍ ନାନକ ସିଂହ, ବେଦ ଆଦିଙ୍କଠାରୁ ପ୍ରତ୍ୟକ୍ଷ ଭାବରେ ଅଲଗା କରିଦିଏ ।

ପ୍ରଗତିର ଆଦର୍ଶକୁ ନେଇ ଯଶୱନ୍ତ ସିଂହ କୱଁଲଙ୍କ ସାହିତ୍ୟ ଯାତ୍ରା, ହେଲେ ଗିତଶୀଳତା ଅଭାବରେ ଏ ଆଦର୍ଶ ସ୍ଥିର ପ୍ରକୃତିରେ ପରିଣତ । ଗ୍ରାମ୍ୟ ମଧ୍ୟବିତ୍ତ କୃଷକ ସମାଜର ଉପନ୍ୟାସକାର ଭାବରେ କୱଁଲ ଏମିତି ଏକ ରୋମାଣ୍ଟିକତା ସୃଷ୍ଟି କରିବାରେ ସିଦ୍ଧହସ୍ତ, ଯାହା ନବ ପ୍ରଗତିବାଦୀମାନଙ୍କୁ ପ୍ରଥମେ ପ୍ରଥମେ ଭୟଙ୍କର ଭାବରେ ଆକର୍ଷିତ କରିଥାଏ, କିନ୍ତୁ ଯଥାର୍ଥର ସିଧାସଳଖ ସାକ୍ଷାତ୍‌କାର ହେଲା ମାତ୍ରକେ ଏ ଭ୍ରମ ସ୍ୱତଃ ଭାଙ୍ଗିବାକୁ ଲାଗିଥାଏ । ଟିକିଏ ମନୋଯୋଗର ସହିତ ପାଠ କଲେ ଏ କଥା ମଧ୍ୟ ସ୍ୱତଃ ଫୁଟି ଉଠେ ଯେ ସେ ତାଙ୍କର ପ୍ରାରମ୍ଭିକ ଉପନ୍ୟାସଗୁଡ଼ିକରେ ଶିଖ ପରଂପରାର ଆଦର୍ଶକୁ ନେଇ ଯଦିଓ ଗ୍ରାମ୍ୟ

Digitized by PPRACHIN, SOA

ମଧ୍ୟବିତ୍ତକୁ ନିଜର କଥାଦୃଷ୍ଟିରେ ଅଙ୍କିତ କରିଛନ୍ତି, ତଥାପି ପରବର୍ତ୍ତୀ ଉପନ୍ୟାସଗୁଡ଼ିକରେ ମଧ୍ୟବିତ୍ତ କୃଷକ ସମାଜକୁ ପରିତ୍ୟାଗ କରି ଏକ ବିଶେଷ ଧରଣର ସମାଜ, ଗୋଷ୍ଠୀ ସମ୍ପର୍କରେ ସେ ଅବତାରଣା କରିବାକୁ ପଛେଇ ନାହାନ୍ତି । ଏହିପରି ଭାବରେ ତାଙ୍କ ରଚିତ ଆଦର୍ଶ ଚିତ୍ର କୌଣସି ଶ୍ରେଣୀ ବିଶେଷର ନ ହୋଇ ତାଙ୍କର ଅତ୍ୟନ୍ତ ନିଜସ୍ୱ ଚିତ୍ରରେ ପର୍ଯ୍ୟବସିତ ହୁଏ ଏବଂ ତାଙ୍କ କଥା-ପରିମଣ୍ଡଳ ସଙ୍କୁଚିତ ହୋଇଯାଏ । ନୂଆ ଚିଂତା ଚେତନା ଓ ସମସ୍ୟାକୁ ପୁରୁଣା ଚିନ୍ତାଧାରା ମାଧ୍ୟମରେ ହୃଦୟଙ୍ଗମ କରିବା, କରାଇବା କଓଁଲଙ୍କ କଥାତ୍ମକ ଆବଶ୍ୟକତା ହୋଇଥାଇ ପାରେ, ହେଲେ 1947ର ପରବର୍ତ୍ତୀ ସାମାଜିକ ସମସ୍ୟା ଭିତରେ ପଞ୍ଜାବୀମାନଙ୍କ ସମଗ୍ର ମାନସିକତାକୁ ସାମୂହିକ ପୃଷ୍ଠଭୂମିରେ ଚିହ୍ନଟ ଓ ପରିଭାଷିତ କରିବାର ଆବଶ୍ୟକତାକୁ ସେ ପୂରଣ କରିପାରି ନାହାନ୍ତି । ଶାହ ମୁହମ୍ମଦଙ୍କ ପରେ ଏ ଦାୟିତ୍ୱ ପଞ୍ଜାବୀ ଔପନ୍ୟାସିକମାନଙ୍କର ଥିଲା ।

1935ରେ ପଞ୍ଜାବର ପ୍ରଗତିବାଦୀ ଆନ୍ଦୋଳନର ଅୟମାରମ୍ଭ ହେଲା ଓ 1964-65ରେ ତାହା ଦୁଇ ଭାଗରେ ବିଭକ୍ତ ହୋଇଗଲା । ଏପରି ହେବା ଫଳରେ ଜନସାଧାରଣଙ୍କ ଏକ ଉନ୍ନତତର ସମାଜର ସ୍ୱପ୍ନ ଭାଙ୍ଗି ଖିନ୍‌ଭିନ୍ ହୋଇଗଲା । ସାଧାରଣ ଲୋକ ବିଷାଦ କବଳିତ ହେଲା । ଠିକ୍ ଏହି ସମୟରେ ଔପନ୍ୟାସିକ ଗୁରଦୟାଲ ସିଂହ 'ମଢ଼ି ଦା ଦୀୱା', 'ଅଣ୍‌ହୋଏ' ଭଳି ଉପନ୍ୟାସ ନେଇ ଦୃଶ୍ୟପଟକୁ ଆସନ୍ତି । ସେ ସମାଜର ଗତିହୀନ ବାସ୍ତବତାର ଚିତ୍ରଣ କରନ୍ତି; ତାଙ୍କ କଥା ପରିମଣ୍ଡଳରେ ଏକ ସ୍ଥିର ସମାଜର ଚିତ୍ର ଉକୁଟି ଉଠିଲା; ହେଲେ ଏ ଗତିହୀନତା ତାଙ୍କର ବିଷୟବସ୍ତୁ, ବିଚାରବସ୍ତୁ ନୁହେଁ । ତାଙ୍କ ମାଧ୍ୟମରେ ପଞ୍ଜାବୀ ଉପନ୍ୟାସ କିଛିଟା ଆଗେଇଗଲା । ସେ ଜନସାଧାରଣଙ୍କ ସ୍ଥିତିକୁ ବସ୍ତୁସ୍ଥିତି ପ୍ରସଙ୍ଗରେ ଉପସ୍ଥାପନ କଲେ । ବାସ୍ତବତାର କଳାତ୍ମକ ରୂପାନ୍ତରଣ କଲେ । ହେଲେ ମାତ୍ର ଦୁଇ ତିନିଟା ଉପନ୍ୟାସରେ ତାଙ୍କର ଅଙ୍ଗନିଭା ବାସ୍ତବତା ଗଳ୍ପରେ ରୂପାନ୍ତରିତ ହେଲା ପରେ, ପରବର୍ତ୍ତୀ ଉପନ୍ୟାସଗୁଡ଼ିକରେ ସେସବୁର ପୁନରୁତ୍‌ଥାପନ ମାତ୍ର ଦେଖିବାକୁ ମିଳିଲା । ପରିଶେଷରେ ଏକ ବିଶେଷ ଭୌଗୋଳିକ, ସାମାଜିକ ଓ ସାଂସ୍କୃତିକ ଅନୁଭୂତି ହିଁ ତାଙ୍କର ସୀମାରେ ପରିଣତ ହେଲା ।

ନିରଞ୍ଜନ ତସନୀମଙ୍କ ଉପନ୍ୟାସ ଟେକ୍ନିକାଲ ସୂକ୍ଷ୍ମତା ସତ୍ତ୍ୱେ ମଧ୍ୟ ଏକ ଶୈଳୀମୂଳକ ପ୍ରୟୋଗରେ ପର୍ଯ୍ୟବସିତ ହେଲା । ସୁରଜିତ ସିଂହ ସେଠୀ ଏବ୍‌ସର୍ଡବାଦର ଅତଳରେ ଲୁକ୍କାୟିତ ଐତିହାସିକ କାରଣଗତ ସମ୍ପର୍କକୁ ବୁଝିବାରେ ଅକ୍ଷମ ହୋଇଥିବା ଯୋଗୁଁ ଏକ ସ୍ୱତନ୍ତ୍ର ଧରଣର ଶୈଳୀମୂଳକତାର ପୃଷ୍ଠଭୂମିକୁ ଆପଣେଇ ନେଲେ । ଦିଲୀପ କାଉର ଟିୱାଣା ନାରୀର ହୀନସ୍ଥିତିର ସଫଳ ଚିତ୍ରଣ କରିବାରେ ଧୂରୀଣ, ହେଲେ ତାଙ୍କ ଚରିତ୍ରଗୁଡ଼ିକର ବିକାଶ ଓ ମୁକ୍ତିର ସମସ୍ତ ଦର୍ଶନ ସେମାନଙ୍କର ପ୍ରବୃତ୍ତିରେ ପରିଣତ । ଅନ୍ୟ ଶବ୍ଦରେ କହିବାକୁ ଗଲେ ଟିୱାଣାଙ୍କ ବିଚାର୍ଯ୍ୟ ବସ୍ତୁ ବା 'ଆଇଡ଼ିୟା କଣ୍ଟେଣ୍ଟ' ତାଙ୍କ ବିଷୟବସ୍ତୁରୁ ଅଲଗା ହୋଇନାହିଁ । ମୋହନ କାହଲୋଁଙ୍କ

Digitized by PPRACHIN, SOA

ପାତ୍ର କେବଳ କାମୁକତାର ସ୍ରଷ୍ଟା ଓ ଭୋଗୀ ହୋଇ ସାମାଜିକ ଇତିହାସର ଆଧାରବସ୍ତୁବିହୀନ ଚରିତ୍ର । ସେମାନଙ୍କ ପ୍ରକୃତିରୁ ମନେ ହୁଏ କାମ ହିଁ ଯେମିତି ମନୁଷ୍ୟର ମୁଖ୍ୟ ପ୍ରେରକ ଶକ୍ତି ।

ପଞ୍ଜାବୀ ଉପନ୍ୟାସର ବିକାଶଧାରାରେ ଅମୃତା ପ୍ରୀତମ୍‌ଙ୍କର ସୃଷ୍ଟି ସମ୍ପୂର୍ଣ୍ଣ ଦୃଷ୍ଟିଗୋଚର ହୋଇଥାଏ । ବରଂ ଅମୃତାଙ୍କ ଉପନ୍ୟାସ ଏ ଧାରାରେ ନାହିଁ କହିଲେ ହେବ ଅଧିକ ସମୀଚୀନ । ତାଙ୍କ ରଚନା ମାଧ୍ୟମରେ ସେ ଏକ ସଂପୂର୍ଣ୍ଣ ଭିନ୍ନ ପରିବେଶ ସ୍ଥାପିତ କରିବାରେ ଲାଗିଥିବାର ଦେଖାଯାଏ । ଅମୃତା ମୁଖ୍ୟତଃ ଜଣେ ସମ୍ପର୍କର କଥାଶିଳ୍ପୀ । ଏହା କୌଣସି ବାହ୍ୟ ପ୍ରଭାବର ପରିଣାମ ନୁହେଁ କି କୌଣସି ପ୍ରତିକ୍ରିୟାର ପରିଣାମ ମଧ୍ୟ ନୁହେଁ । ପୁନଶ୍ଚ ସେ କୌଣସି ବିଦ୍ରୋହିଣୀ ମଧ୍ୟ ନୁହଁନ୍ତି । ଏହାର ମଧ୍ୟ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ କାରଣ ରହିଛି । ବିଭାଜନ ପରବର୍ତ୍ତୀ ପଞ୍ଜାବୀ ସମାଜରେ ମଧ୍ୟ ସାମନ୍ତ ଯୁଗର ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧ ଯେମିତିକୁ ସେମିତି ବଳବତ୍ତର ରହିଛି । ନାରୀ-ପୁରୁଷ ସମ୍ପର୍କର ଆଧାର ସବୁବେଳେ ପୁରୁଷ ହିଁ ରହିଲା । ପବିତ୍ରତାର ସମସ୍ତ ନୈତିକ ମୂଲ୍ୟକୁ ମଧ୍ୟ ନାରୀ ସଙ୍ଗେ ଗୁଛି ଦିଆଗଲା । ପୁରୁଷର ବିବାହୋତ୍ତର ପ୍ରଣୟ ସମ୍ପର୍କ ଓ ବାସନାପୂର୍ତ୍ତିର ସାଧନ ଉପରେ କୌଣସି ପ୍ରକାର ଅଙ୍କୁଶ ରହିଲା ନାହିଁ । ହେଲେ ପବିତ୍ରତାର ଆରୋପିତ ମୂଲ୍ୟ ଏକ ନୂତନ ଓ ଚେତନଶୀଳ ପୃଷ୍ଠଭୂମିରେ ବଞ୍ଚୁଥିବା ନାରୀ ସାମ୍ନାରେ ଗୁଡ଼ିଏ ପ୍ରଶ୍ନ ଠିଆ କରିଦେଲା । ଏବେ ନାରୀପୁରୁଷ ସଂପର୍କକୁ ନୂଆ ଭାବରେ ପରିଭାଷିତ କରିବାର ଥିଲା । ପାରମ୍ପରିକ ନାରୀ-ପୁରୁଷ ସଂପର୍କରେ ଏକ ପ୍ରଶ୍ନ ଚିହ୍ନ ଠିଆ କରିବାର ଥିଲା । ସେଥିଭିତରୁ କେତେକ ସଂପର୍କର ସୀମା ଚିହ୍ନି ଆଗେଇବାର ଥିଲା । ନୂଆ ସଂପର୍କର 'ନାମହୀନତା'କୁ ବୁଝିବାର ପ୍ରୟାସ କରିବାର ଥିଲା । ଅମୃତାଙ୍କ ଉପନ୍ୟାସ ଏହି ନୂତନ ଓ ସଚେତନ ସ୍ତ୍ରୀକୁ ପୁରୁଷ ସନ୍ଦର୍ଭରେ ଏବଂ ଠିକ୍ ସେହିପରି ପରଂପରାକୁ ଚ୍ୟାଲେଞ୍ଜ କରି ଏକ ନୂଆ ଭାବନାକୁ କାର୍ଯ୍ୟକାରୀ କରୁଥିବା ନୂତନ ପୁରୁଷକୁ ନାରୀ ସନ୍ଦର୍ଭରେ ବୁଝିବାର ଉପକ୍ରମ ।

ଅମୃତାଙ୍କ ଉପନ୍ୟାସର ଆଉ କେତେକ ବିଭାବ ମଧ୍ୟ ରହିଛି । ଯେପରିକି 'ଅଗ୍‌ଣ ଦ ଲକିର' ଉପନ୍ୟାସର ନନ୍ଦା ବା 'ପକ୍‌କୀ ହୱେଲି'ର ସରଦାର ତଥା ଉରସି, ଯାହାର ଅବୋଧତା ଅବୈଧ ସଂପର୍କର ସତ୍ୟକୁ ଚିହ୍ନିତ କରିବା ଲାଗି ଅଭିପ୍ରେତ । ହେଲେ ନାରୀ-ପୁରୁଷ ସଂପର୍କର ପୁରୁଣା ସୀମାକୁ ହୃଦୟଙ୍ଗମ କରିବା ଏବଂ ନୂଆ ସମ୍ଭାବନା ସୃଷ୍ଟି କରିବାର ବିଭାବ ହେଉଛି ଅମୃତାଙ୍କ ଔପନାସିକ ସଂରଚନାର ମୁଖ୍ୟ ବିଶେଷତ୍ୱ ।

ଅମୃତାଙ୍କ ପ୍ରଥମ ଉପନ୍ୟାସ 'ଡାକ୍ତର ଦେବ' 1949ରେ ପ୍ରକାଶ ପାଏ । ଦେବ ଓ ମମତା ପରସ୍ପରକୁ ଭଲ ପାଇ ବସନ୍ତି । ସେମାନଙ୍କର ପୁଅଟିଏ ମଧ୍ୟ ହୁଏ-ରଞ୍ଜୁ । ହେଲେ ଏ ଅନୈତିକ ବିବାହକୁ ସ୍ୱୀକାର କରାଯାଏ ନାହିଁ । ଏହାଥିଲା ନୂତନ ଚିନ୍ତାଧାରା ପ୍ରତି ପୁରାତନ ଚିନ୍ତାଧାରାର ଏକ ଆହ୍ୱାନ । ତା'ପରେ ଜଗଦୀଶ ସଙ୍ଗେ ମମତାର ବିବାହ ହୁଏ ।

Digitized by PPRACHIN, SOA

ସେମାନଙ୍କର ଝିଅଟିଏ ହୁଏ । ଦେବ ପାଖରେ ରହିଥିବା ନିଜର ପ୍ରଥମ ସନ୍ତାନ 'ରଞ୍ଜୁ'ର ସ୍ମୃତିକୁ ବଞ୍ଚାଇ ରଖିବା ଲାଗି ମମତା ଏହି ଝିଅଟିର ନାଁ ମଧ୍ୟ ରଞ୍ଜୁ ବୋଲି ରଖେ । ହେଲେ ତା'ର କିଛି ସମୟ ପରେ ଏକ ଅପରାଧବୋଧର ଶିକାର ହୋଇ ମମତା ଜଗଦୀଶଙ୍କୁ ମଧ୍ୟ ଛାଡ଼ି ଦିଏ । ଇତି ମଧ୍ୟରେ ଆଉ ଜଣେ ସ୍ତ୍ରୀ ରାଜକୁମାରୀ ଦେବ୍‌ଙ୍କ ଜୀବନରେ ପ୍ରବେଶ କରେ । ହେଲେ ସେତେବେଳକୁ ଡ଼ା· ଦେବ ତାଙ୍କ ମନର ସମସ୍ତ ଦର୍ଜା ବନ୍ଦ କରିଦେଇ ସାରିଥାନ୍ତି । ଅଗତ୍ୟା ସୋମନାଥ ସଙ୍ଗେ ରାଜକୁମାରୀର ବିବାହ ହୁଏ । କୃଷ୍ଣଲାଲ ଓ ସରଳାର ପୁଅ ମନ୍ନୁ ଦେବଙ୍କୁ ଖୁବ୍ ଭଲପାଏ । ତା'ପରେ ଆସେ 1947 ମସିହାର ଭାରତ ବିଭାଜନ । ସେତେବେଳର ପରିବେଶ ମନ୍ନୁ ଭିତରେ ସାଂପ୍ରଦାୟିକତାର ବିଷ ସଞ୍ଚାର କରେ । ହେଲେ ଅନ୍ୟ ଦିଗରେ ଡ଼ା· ଦେବ ପଞ୍ଜାବୀ ସମାଜର ଭାଇ କହ୍ନେୟା ରୂପରେ ଅବତୀର୍ଣ୍ଣ ହୁଅନ୍ତି । ଜଗଦୀଶ, ସୋମନାଥ, ବସ୍ତୁତଃ ଉପନ୍ୟାସର ସମସ୍ତ ପୁରୁଷ ଚରିତ୍ର ହେଉଛନ୍ତି ମାନବତାର ମଙ୍ଗଳକାମୀ ଆଦର୍ଶ ଚ଼ରିତ୍ର । ଠିକ୍ ସେମାନଙ୍କ ଭଳି ମମତା, ରାଜକୁମାରୀ ଓ ସରଳା ମଧ୍ୟ ଅତ୍ୟନ୍ତ ଆଦର୍ଶ ସ୍ତ୍ରୀ ଚରିତ୍ର ରୂପେ ଅବତୀର୍ଣ୍ଣ ହୋଇଛନ୍ତି । ସରଳାକୁ ବାଦ ଦେଇ ଅନ୍ୟ ଦୁଇଟିଯାକ ଚରିତ୍ର ପ୍ରତିଷ୍ଠିତ ମୂଲ୍ୟବୋଧ ସଙ୍ଗେ ତୁମୁଳ ସଂଘର୍ଷରେ କ୍ଷତ ବିକ୍ଷତ ହୋଇଥିଲେ ମଧ୍ୟ ଏକ ଉନ୍ନତତର ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା ଦିଗରେ ସତତ ଚେଷ୍ଟିତ । ପରମ୍ପରାପୁଷ୍ଟ ସଂପର୍କ ହିଁ କେବଳ ପ୍ରତିଷ୍ଠିତ ହୋଇଥାଏ । ପରଂପରା ଓ ପ୍ରଗତିର ସଂଘାତରୁ ସୃଷ୍ଟି ହୋଇଥିବା ସମସ୍ତ ସଂପର୍କ ବ୍ୟକ୍ତିତ୍ୱ ଓ ଚରିତ୍ରର ପ୍ରକୃତି ଓ ଶକ୍ତିକୁ ଆଦର୍ଶଗତ ଅର୍ଥବତ୍ତା ପ୍ରଦାନ କରୁଥିଲେ ମଧ୍ୟ ସେମିତି ସବୁ ସଂପର୍କ ପ୍ରାୟ ଧ୍ୱସ୍ତପ୍ରାପ୍ତ ।

'ପିଞ୍ଜର' ଉପନ୍ୟାସ 1950ରେ ପ୍ରକାଶିତ ହୋଇଥିଲା । ଭାରତ ବିଭାଜନ ଉପରେ ଆଧାରିତ ଏ ଉପନ୍ୟାସଟି ହିନ୍ଦୀ, ଉର୍ଦ୍ଦୁ, ଗୁଜୁରାଟୀ, ମରାଠୀ, ମାଲାୟଲମ, ଇଂରାଜୀ ଓ ବହୁ ଉତ୍କୃଷ୍ଟ ଭାଷାରେ ଅନୂଦିତ ହୋଇସାରିଛି । ସେହିପରି 'ଡ଼ାକ୍ତର ଦେବ' ଉପନ୍ୟାସଟି ମଧ୍ୟ ହିନ୍ଦୀ, ଉର୍ଦ୍ଦୁ, ଗୁଜରାଟୀ, ମାଲାୟାଲମ ଓ ଇଂରାଜୀରେ ଅନୂଦିତ । 1947ରେ ଭାଙ୍ଗିରୁଜି ଖିନ୍‌ଭିନ୍ ହୋଇଯାଇଥିବା ଶହ ଶହ ବର୍ଷର ପ୍ରତିଷ୍ଠିତ ସୁସଂପର୍କ 'ପିଞ୍ଜର' ଉପନ୍ୟାସର ପୃଷ୍ଠଭୂମି । ଉପନ୍ୟାସର ନାୟିକା ପୁରୋ ଭାବୁଛି 'ହିନ୍ଦୁ ହେଉ କି ମୁସଲମାନ ହେଉ, ଯେ କେହି ଝିଅ ନିଜ ଠିକଣାକୁ ଫେରି ଆସୁଛି, ଭାବିନିଅ ଯେ ତା ଭିତର ଦେଇ ପୁରୋର ଆତ୍ମା ମଧ୍ୟ ଫେରୁଛି ।' ଏହି ଉପନ୍ୟାସରେ ମାନବିକ ସଂପର୍କର ଆଉ ଏକ ବିଭାବ ମଧ୍ୟ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ; ଯୋଉଥିରେ ସାଂପ୍ରଦାୟିକତାକୁ ବଳି ଦେଇ ମଧ୍ୟ ମଣିଷ ପ୍ରତି ଉପହାସ କରାଯାଉଛି ।

'ଚକ୍‌କ ନମ୍ବର ଛତିଶ୍' ଉପନ୍ୟାସର କୁମାର ଜଣେ ଚିତ୍ରଶିଳ୍ପୀ । ଅଳକା ତାର ଶିଷ୍ୟା । କୁମାର କାଙ୍ଗଡ଼ାର ଏକ ପାହାଡ଼ ଉପରେ ବାସ କରେ ଏବଂ ଅଳକା ତା' କଟେଜର ଅଦ୍ଧ

Digitized by PPRACHIN, SOA

ଦୂରରେ ଥିବା ଏକ ଗାଁରେ ରହେ । କୁମାରକୁ ଯେତେବେଳେ ବି ଦେହର ଭୋକ ଅତିଷ୍ଠ କରେ, ସେ ପଠାନକୋଟ୍ ବା ଅନ୍ୟ କୌଣସି ସହରକୁ ଯାଇ କୋଡ଼ିଏ ଟଙ୍କା ବିନିମୟରେ ନିଜର କ୍ଷୁଧା ମେଣ୍ଟାଇ ଆସେ । ଅଳକା ଧୀରେ ଧୀରେ କୁମାରକୁ ଭଲପାଇ ବସିଲା । କୋଡ଼ିଏ ଟଙ୍କା ବଦଳରେ ହେଉ ପଛକେ କୁମାର ତା'ଶରୀର ଉପଭୋଗ କରୁ ବୋଲି ତାର ଉଦଗ୍ର କାମନା । ଏଠାରେ ଟଙ୍କା ପ୍ରସଙ୍ଗଟା ବଡ଼ ହୋଇନାହିଁ । ଅସଲ କଥା ହେଲା ଅଳକା ଯେ କୌଣସି ପ୍ରକାରେ ହେଲେ କୁମାରକୁ ପାଇବାକୁ ଚାହିଁଥିଲା । ପରିଶେଷରେ କୁମାର ଅଳକାକୁ ଭୋଗ କରିଛି, କୋଡିଏ ଟଙ୍କା ବିନିମୟରେ ନୁହେଁ, ବରଂ କୁମାରର ସହର ଯିବାର ଇଚ୍ଛା ମୁଲତବୀ ହୋଇ ଯାଇଥିବା କାରଣରୁ । ଏଥରକ କୁମାର ଭିତରର ପାଂରପରିକ ପୁରୁଷଟା ଚେଇଁ ଉଠି କହିଛି, ଅଳକା ଓ ତା' ଭିତରେ ଯେଉଁ ବ୍ୟବଧାନ ବଜାୟ ରଖିବାର ଥିଲା, ଏ କୋଡ଼ିଏ ଟଙ୍କା ଥିଲା ସେ ଦୂରତ୍ୱର ପର୍ଯ୍ୟାୟ । ଅଳକା ବେଶ୍ୟାବୃତ୍ତି କରିବାକୁ ମଧ୍ୟ ପ୍ରସ୍ତୁତ ଥିଲା, କେବଳ ଜଣେ ପୁରୁଷ ପାଖରେ । ଅଳକା ହେଉଛି ଏକ ପରିପୂର୍ଣ୍ଣ, ସ୍ୱାଭିମାନୀ, ସଚେତନ ନାରୀ ସତ୍ତାର ଅନ୍ୟନାମ, ଯେତେବେଳେ କି କୁମାର ଜଣେ ଏମିତି ପୁରୁଷର ପ୍ରତିଭୂ ଯାହା ଲାଗି ନାରୀ ଏକ ଦେହ ବିଶେଷ ଭିନ୍ନ ଅନ୍ୟ କିଛି ନୁହେଁ । ପାରଂପରିକ ପୁରୁଷ ନାରୀକୁ ସବୁବେଳେ ଏକ ଦେହ ମନେକରି ଆସିଛି । ଜଣେ ସଚେତନ ସ୍ତ୍ରୀକୁ ମଧ୍ୟ ସେ ଏକ ଦେହ ଛଡ଼ା ଅନ୍ୟ କିଛି ବୋଲି ମନେ କରି ନାହିଁ । କିନ୍ତୁ ଜୀବନର ଗଭୀର ଅର୍ଥ ଖୋଜୁଥିବା ସ୍ତ୍ରୀ, ପୁରୁଷଠାରୁ ବେଶ୍ୟା ଶବ୍ଦକୁ ମଧ୍ୟ ଅକାତରରେ ଗ୍ରହଣ କରିନିଏ । ପାରଂପରିକ ପୁରୁଷ ତାକୁ ବୁଝିବାର ଚେଷ୍ଟା କେବେ କରି ନାହିଁ । ନାରୀ ଦୃଷ୍ଟିରେ ସଂପର୍କଟା କେବେହେଲେ ଏକ ଦେହ ନୁହେଁ କିନ୍ତୁ ପୁରୁଷ ପକ୍ଷରେ ଦେହଠୁ ବଳି ଅନ୍ୟ କୌଣସି ସଂପର୍କ ହିଁ ନ ଥାଏ । ଉପରୁ ଉପରୁ ନୂତନ କିନ୍ତୁ ଭିତରୁ ସଂପୂର୍ଣ୍ଣ ପୁରୁଣା ପୁରୁଷକୁ ଉପନ୍ୟାସଟି ବିବେକବନ୍ତ ପାଠକଙ୍କ ଆଗରେ କାଠଗଡ଼ାରେ ଆଣି ଠିଆ କରାଇଦିଏ ।

'ପକ୍କୀ-ହୱେଲୀ'ର ପୁରୁଷ ଭୂତ-ପ୍ରେତରେ ବିଶ୍ୱାସ କରେନା, କିନ୍ତୁ ଯେତେବେଳେ ପୁତ୍ରପ୍ରାପ୍ତିର କଥା ଉଠେ, ସେତେବେଳେ ନିଜ ଗର୍ଭବତୀ ପତ୍ନୀକୁ ଝିଅର ପାଦଧୁଆ ପାଣି ପିଇବାକୁ ବି ମନା କରେ ନାହିଁ । ଅନ୍ୟ ଜଣେ ସ୍ତ୍ରୀର ସେ ଘୋର ସାମାଜିକ, ସାଂସ୍କୃତିକ ଓ ନୈତିକ ତିରସ୍କାର କରିବାକୁ ପଛଘୁଞ୍ଚା ଦେଇନାହିଁ । ଯେତେବେଳେ କି ଏହି ସ୍ତ୍ରୀ ଉରସୀ ହେଉଛି ତା ଝିଅର ପ୍ରକୃତ ମା । ପୁରୁଷ ସ୍ତ୍ରୀ ପ୍ରତି କେମିତି ଅତ୍ୟାଚାର କରେ ଏବଂ ତା' ଅତ୍ୟାଚାରର ଭାଟିରେ ପୋଡୁଥିବା ସ୍ତ୍ରୀର ଦୁର୍ଦ୍ଦଶା ଉପନ୍ୟାସର ନାୟିକା ଉରସୀର ମୁହଁରେ ପ୍ରକାଶ ପାଇଛି ।

'ଡାକ୍ତର ଦେବ' (1949)ଠୁ 'କୋରେ କାଗଜ' (1982) ପର୍ଯ୍ୟନ୍ତ ଅମୃତା ପ୍ରୀତମ୍ ପ୍ରାୟ ୨୬ ଖଣ୍ଡ ଉପନ୍ୟାସ ଲେଖିଛନ୍ତି । ଏଗୁଡ଼ିକର କଥାବସ୍ତୁରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ

Digitized by PPRACHIN, SOA

ଓ ଭିନ୍ନ-ଭିନ୍ନ ପରିସ୍ଥିତିରେ ଆମ ସମାଜର ସ୍ତ୍ରୀ-ପୁରୁଷ ସଂପର୍କର ଚିତ୍ର ଦେଖିବାକୁ ମିଳେ । ଏ ଉପନ୍ୟାସର ଚରିତ୍ରରେ ଅଶିକ୍ଷିତ ଅସଚେତନ ଲୋକ ଅଛନ୍ତି; ଶିକ୍ଷିତ ସଚେତନ ଲୋକ ଅଛନ୍ତି, ଜନସାଧାରଣ ଅଛନ୍ତି, ସମ୍ଭ୍ରାନ୍ତ ଉଚ୍ଚ ଶ୍ରେଣୀ, କଳାକାର ଓ ବୁଦ୍ଧିଜୀବୀମାନେ ମଧ୍ୟ ରହିଛନ୍ତି । ସାଧାରଣତଃ ଏମାନେ ସବୁ ହେଉଛନ୍ତି ସହରାଞ୍ଚଳର ମଧ୍ୟବିତ୍ତ ସମାଜର ଚରିତ୍ର, ଯାହାଙ୍କୁ ଲେଖିକା ନିଜର କଥାଶିଳ୍ପରେ ଖୁବ୍ ତୀକ୍ଷଣ ଦୃଷ୍ଟିରେ ଦେଖି, ପରଖି, ବିଶ୍ଳେଷଣ କରି ଚାଲିଛନ୍ତି । ଏ ଚରିତ୍ରମାନଙ୍କ ମଧ୍ୟରୁ କେତେକ ଚରିତ୍ର ଅତ୍ୟନ୍ତ ଦୁର୍ବଳ କିନ୍ତୁ ପ୍ରତ୍ୟେକ ଅବସ୍ଥାରେ ସେମାନେ ଆମ ସମାଜର ଜୀବନ୍ତ ଚରିତ୍ର । ସ୍ତ୍ରୀ ଉପରେ ଅସୀମ ଅତ୍ୟାଚାର କରୁଥିବା ଲୋକ, ତାକୁ ଖିନ୍‌ଭିନ୍ କରୁଥିବା ଲୋକ, ତା ମାଂସକୁ ନିଲାମ କରୁଥିବା ଲୋକ । ହେଲେ ଅନେକ ଉତ୍ତମ ଚରିତ୍ର, ଅତ୍ୟୁତ୍ତମ ଚରିତ୍ର ମଧ୍ୟ ରହିଛନ୍ତି । ସତେ ଯେପରି ଡ଼ାକ୍ତର ଦେବ, ଜଗଦୀଶ, ସୋମନାଥ, କୃଷ୍ଣଲାଲ ଭଳି ଲୋକ ଜଣେ ଜଣେ ଜୀବନ୍ତ ଦେବତା ।

ଅମୃତାଙ୍କ ଉପନ୍ୟାସ ବିଭିନ୍ନ ପରିସ୍ଥିତି ଅପେକ୍ଷା ମୁଖ୍ୟତଃ ଚରିତ୍ର ପ୍ରଧାନ, ଚରିତ୍ରଧର୍ମୀ ଉପନ୍ୟାସ; ସେମାନଙ୍କ କ୍ରିୟା ଓ ପ୍ରତିକ୍ରିୟାର ଉପନ୍ୟାସ । ପରିସ୍ଥିତିର ଛାପ ଏ ଉପନ୍ୟାସ ଗୁଡ଼ିକର ସମଷ୍ଟି ନ ହୋଇ ତାତ୍ତ୍ୱିକ ପୃଷ୍ଠଭୂମି । ହେଲେ ଚରିତ୍ର ଓ ସେମାନଙ୍କର ପାରସ୍ପରିକ ସଂପର୍କ ଏ ଉପନ୍ୟାସଗୁଡ଼ିକର ସଂରଚ଼ନାର ପ୍ରଧାନ ଲକ୍ଷଣ ।

ଅମୃତା ଦୁଇଟି ଆତ୍ମଚରିତାତ୍ମକ ଉପନ୍ୟାସ ମଧ୍ୟ ଲେଖିଛନ୍ତି । ପ୍ରଥମ ଉପନ୍ୟାସ ହେଲା ହରଦତ୍ ଦା ଜିନ୍ଦଗିନାମା । ଏହା 1983ରେ ପ୍ରକାଶିତ । ଦ୍ୱିତୀୟ ଉପନ୍ୟାସ 'ନା ରାଧା ନା ରୁକ୍ମିଣୀ' 1984ରେ ପ୍ରକାଶ ପାଇଲା । ଏ ଉପନ୍ୟାସଟି ହେଉଛି ଲେଖିକାଙ୍କ ଅତ୍ୟନ୍ତ ପରିଚିତ ଓ ପ୍ରିୟ ଚିତ୍ରଶିଳ୍ପୀ ହରେକୃଷ୍ଣଙ୍କ ଜୀବନ କାହାଣୀ । ଜଣେ ଏମିତି ପ୍ରଖ୍ୟାତ ଚିତ୍ରକରଙ୍କ କାହାଣୀ ଯିଏ ଜୀବନରେ ନା ରାଧାକୁ ପାଇଛନ୍ତି ନା ରୁକ୍ମିଣୀକୁ । ଏହି କୃଷ୍ଣଙ୍କ ଜୀବନ ସତ୍ୟ ପୌରାଣିକ ଶ୍ରୀକୃଷ୍ଣଙ୍କ ସତ୍ୟଠାରୁ ସଂପୂର୍ଣ୍ଣ ଭାବରେ ଭିନ୍ନ । ଉର୍ଦ୍ଦୁର ଶ୍ରେଷ୍ଠ କବି ସାହିର ଓ ହରେକୃଷ୍ଣ ଦୁଇବନ୍ଧୁ କଲେଜରେ ପଢ଼ିଲା ବେଳେ ଦୁଇଜଣ ଶିଖ ଝିଅଙ୍କୁ ଭଲପାଇ ବସନ୍ତି । ଉଭୟ ନିଜ ନିଜର ଭଲପାଇବା ବିଷୟରେ କଥାବାର୍ତ୍ତା ହୁଅନ୍ତି । ସାହିର କହେ- ହରେକୃଷ୍ଣ, ତୋର ତ ବିଶେଷ କିଛି ଅସୁବିଧା ହେବ ନାହିଁ ଭୟା । ଶିଖମାନଙ୍କ ଓ ହିନ୍ଦୁ ମାନଙ୍କ ଭିତରେ ବେଶି ଫରକ ନାହିଁ । ତୁ ଯେତେବେଳେ ହରେକୃଷ୍ଣ, ତୋ ପ୍ରେମିକା ସହଜରେ ରାଧା କାଉର ହୋଇ ପାରିବ, ନହେଲେ ତୁ ହରେକୃଷ୍ଣ ସିଂହ ହୋଇଯିବୁ । ହେଲେ ମୋ ବେଳକୁ ଯେତେସବୁ ଝାମେଲା ।

ଉଭୟଙ୍କ ପ୍ରେମ ବିଫଳ ହୋଇଛି । ତା ପରେ ଦୁହେଁ ପୁଣି ଲାହୋରରେ ଆଉ ଦୁଇ ଜଣ ଝିଅଙ୍କୁ ଭଲପାଇ ବସିଛନ୍ତି । ହରେକୃଷ୍ଣର ପ୍ରେମିକା ହେଲା ବିବ୍‌ବୋ ଯିଏ ତା ଭାଉଜଙ୍କ ସାନ ଭଉଣୀ । ଏବଂ ସାହିରର ପ୍ରେମିକା ହେଉଛି ଅମୃତା । ବିବ୍‌ବୋ ହରେକୃଷ୍ଣର ହୋଇପାରେ

Digitized by PPRACHIN, SOA

ନାହିଁ କାରଣ ବିବ୍‌ବୋର ବୋଉଙ୍କ ଭାଷାରେ କହିଲେ, ସେ କେବଳେ ମାତ୍ର ଜଣେ ଚିତ୍ରକର । ଏବଂ ବିବ୍‌ବୋକୁ ତା ବୋଉଙ୍କ କଥା ମାନିବାକୁ ହିଁ ପଡ଼େ । ଯିଏ କହନ୍ତି ଯେ 'ଆଗ କୃଷ୍ଣ ରେଖାଫେଖା ଟାଣିବା ବଦଳରେ କିଛି ଢଙ୍ଗର କାମଦାମ କରୁ ।'

ଅନ୍ୟଦିଗରେ ଲୋକଙ୍କ କଥାରେ ପଡ଼ି ସାହିର ନିଜ ପ୍ରେମିକା ଆଗରେ ସାହସ କରି ମନକଥା ଖୋଲି କହିବା ପରିବର୍ତ୍ତେ କେବଳ କବିତାଟିଏ ଲେଖି ରଖିଯାଇଥିଲା ।

'ଆପଣ ଅକାରଣରେ ଏତେ ବ୍ୟସ୍ତ ବିବ୍ରତ ଭଳି
କାହିଁକି ଦେଖା ଯାଉଛନ୍ତି ମାତାମ୍?
ଲୋକେ କହୁଛନ୍ତି ଯେତେବେଳେ
ଠିକ୍ କହିଥିବେ...
ଲୋକେ କହିଲେ ତ ବିସ୍ମୟ କଣ?
ସ୍ୱତ କହୁଛନ୍ତି ଯେ 'ଗରିବ ଲୋକର
ମାନ ସନମାନ ଗୋଟେ କଣ?'
ଲୋକେ କହୁଛନ୍ତି, ହେଲେ ଆପଣ ଏ ଯାଏଁ
ନିରବ ।
ଆପଣ ହେଲେ କହିଲେ 'ଗରିବର ସଭ୍ୟତା
ବା ଶିଷ୍ଟାଚାର କଣ?'

ହେଲେ ପରିଶେଷରେ ଦି ଜଣ ଯାକ ବନ୍ଧୁ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ସେମାନେ ଦି ଜଣ ଯାକ ହେଉଛନ୍ତି ଭୀରୁ, କାପୁରୁଷ । ହରେକୃଷ୍ଣ ଦେଶବିଦେଶର ପ୍ରେମିକାମାନଙ୍କ ସଙ୍ଗେ ଖୁବ୍ ଆମୋଦ ପ୍ରମୋଦ କଲା । ଆଉ ତା ପରେ ଯାଇ ବଂବେର ଗୋଟେ ଝିଅ ମିନ୍ନୀ- ଏମିତି ଅଚଳ ପଇସାଟାଏ ଯେ ଯାହା ହରେକୃଷ୍ଣର ଜୀବନରେ ଆଦୌ ଚଳି ପାରିଲା ନାହିଁ । ପରିଶେଷରେ କଳା ହିଁ ହରେକୃଷ୍ଣର ରାଧା ଓ ରୁକ୍ମିଣୀରେ ପରିଣତ ହେଲା । ହରେକୃଷ୍ଣ ଶହ ଶହ ଚିତ୍ର ଆଙ୍କିଲା । ପ୍ରତିଟି ଚିତ୍ର ଖୁବ୍ ଚଢ଼ା ଦାମରେ ବିକ୍ରି ମଧ୍ୟ ହେଲା । କିନ୍ତୁ ହରେକୃଷ୍ଣ କେବେହେଲେ ଆତ୍ମଚିତ୍ର (ସେଲଫ ପୋଟ୍ରେଟ୍) ଟେ ଆଙ୍କି ପାରିଲା ନାହିଁ । ତାର ଏହି ଚିତ୍ର ଆଙ୍କିଲେ ଅମୃତା । ହରେକୃଷ୍ଣ ଅନ୍ୟର ଚିତ୍ର ସବୁ ଆଙ୍କିବା ଲାଗି ଯୋଉ ସବୁ ରଙ୍ଗ ବ୍ୟବହାର କରୁଥିଲା, ସେ ସବୁ ରଙ୍ଗ ନେଇ ଆଙ୍କିଲେ ସେ ଚିତ୍ର । ଫରକ ଏତିକି ମାତ୍ର ଯେ ତୂଳୀ, କାନଭାସ ବଦଳରେ ଅମୃତାଙ୍କ ହାତରେ ଥିଲା କଲମ ଓ ସାଦା କାଗଜ । ଯାହାର ପ୍ରତ୍ୟେକଟି ଶବ୍ଦରେ ଏକ ନୂଆ ରଙ୍ଗ ଏବଂ ଏ ସବୁ ଶବ୍ଦ ମିଶିକି ଯୋଉ ଚିତ୍ର ଅଙ୍କନ କରିଛନ୍ତି, ହରେକୃଷ୍ଣ କେବେ ଯଦି ସେ ଭଳି ଏକ ଚିତ୍ରର ପରିକଳ୍ପନା କରିଥିବ, ତେବେ ଠିକ୍ ସେଇଟା ଏମିତି ହିଁ ହୋଇଥିବ ।

Digitized by PPRACHIN, SOA

ଭାଷା ମାଧ୍ୟମରେ ମାନବିକ ସଂପର୍କର ବିବିଧ ରୂପ ସୃଷ୍ଟି ହେଉଛି ଅମୃତା ପ୍ରୀତମଙ୍କ ଔପନ୍ୟାସିକ ଦୃଷ୍ଟିର ବିଲକ୍ଷଣ ଗୁଣ । ପଞ୍ଜାବୀ ଉପନ୍ୟାସ ଜଗତରେ ସେ ସଂପୂର୍ଣ୍ଣ ଅଲଗା ଭାବରେ ବାରି ହୋଇ ପଡ଼ନ୍ତି-ଐତିହାସିକ ଧାରାର ବହୁ ଉର୍ଦ୍ଧ୍ୱରେ, ନିଜସ୍ୱ ସ୍ୱକୀୟ ଭାବମୁଦ୍ରାରେ । ଏକକ ଓ ଅନନ୍ୟ ତାଙ୍କର ବୈଚିତ୍ର୍ୟମୟ ସ୍ଥିତି ।

– ଡ଼. ସ୍ୱରନ୍ ଚନ୍ଦନ

Digitized by PPRACHIN, SOA

ଏକ

ଏକ·········ଦୁଇ ·············ତିନି·········ଚାରି ·········ପାଞ୍ଚ

ବାଳକେଶ୍ୱର ରୋଡ଼ । ସନ୍ ରାଇଜ୍ କୋଠାର ହ୍ୱାଇଟ୍ ହାଉସ୍ କମ୍ପାଉଣ୍ଡ ପାହାଚ ଓହ୍ଲାଉ ଓହ୍ଲାଉ ହରେକୃଷ୍ଣର ପାଦ ଦିଟା ଠିକ୍ ପଞ୍ଚମ ପାହାଚ ଉପରେ ଅଟକି ଗଲା ।

ଅଟକିଲା ନାହିଁ ଯେ ଥମକି ଗଲା ।

ସାମ୍ନା ଆକାଶର ହାତରେ ବେଲାଏ ଦୁଧ ଥିଲା ଯେପରି । ବେଲାରୁ ଦୁଧ ଛିଡ଼ିକି ଯାଇ ତା'ପାଦ ଆଗର ପାହାଚ୍ ଗୁଡ଼ିକରେ ସତେ ଅବା ଇଡ଼ି ଯାଇଥିଲା ଖେଳେଇ ହୋଇ···

ଆଉ ସେ ଯେପରି ଖେଳେଇ ହୋଇଥିବା ଦୁଧ ଉପରେ ପାଦ ନ ଦେବାକୁ ଥମକି ଠିଆ ହୋଇ ଯାଇଥିଲା······

ହରେକୃଷ୍ଣର ପାଦ ଦିଟା ଟିକିଏ ଟଳମଳ ହେଲା । ହେଲେ ସାମ୍ନାର ପାହାଚ୍ ସବୁ ସମତଳ ହୋଇ ଏକ ଚଟାଣରେ ପରିବର୍ତ୍ତିତ ହୋଇ ଯାଇଥିଲା ଯେମିତି····

ସେ ଚିହ୍ନିଲା··· ଏଇଟା ଚର୍ଚ୍ଚ ଗେଟବାଲା ଜୟଦେବର କୋଠରୀ । କୋଠରୀରେ ଜୟଦେବ ବି ଅଛି । ସାହାର ବି ଅଛି ଆଉ ସେ ନିଜେ ମଧ୍ୟ··· ବଜାର ଛକର ପାନ ଦୋକାନୀ ପୂର୍ବିଆ ରାମ ଆସରେ ଦୁଧ ଭର୍ତ୍ତି ବାଲ୍‌ଟିଟାଏ ନେଇ କୋଠରୀ ଚୌକାଠରେ ଆସି ବସିଥିଲା ।

ଜୟଦେବ ସମସ୍ତଙ୍କୁ କହଉଥିଲା······ଆଜି ଶିବରାତ୍ରି । କୋଠାରେ ରହୁଥିବା ସମସ୍ତ ପରିବାରର ଚାକରମାନେ ହେଉଛନ୍ତି ପୂର୍ବିଆ । ପୂର୍ବାଞ୍ଚଳର ଲୋକ । ବାହାର ସଡ଼କର ଛୋଟକାଟିଆ ଦୋକାନୀମାନେ ମଧ୍ୟ ସବୁ ପୂର୍ବିଆ । ଆଜି ସକାଳେ ସେମାନେ ସବୁ ଘରୁ ଚାନ୍ଦା ଉଠାଇଛନ୍ତି । ମୋଠୁ ମଧ୍ୟ ଦଶଟଙ୍କା ଝଡ଼େଇ ନେଇଛନ୍ତି । ସମସ୍ତେ ମିଶିକି ଭାଙ୍ଗ ବାଟିଛନ୍ତି । ଦୁଧ, ବାଦାମ, ଗୁଜରାତି ଆଉ ଭାଙ୍ଗରେ ଯେତେ ଯାହା ମାଲ ମସଲା ଦରକାର ସବୁ ପକାଇଛନ୍ତି । ରାମ୍ ଆସରେ ସେହି ଭାଙ୍ଗମିଶା ଦୁଧ ସରବତ ଏବେ ଜଣ ଜଣ କରି ସମସ୍ତଙ୍କୁ ଦେଉଥିଲା ।

ଏବଂ ହରେକୃଷ୍ଣ ଦେଖିଲା, ଜୟଦେବ ସରବତ୍ ବାଲ୍‌ଟିରୁ ତିନିଟା ଗ୍ଲାସ୍ ଭର୍ତ୍ତି କରିଛି । ସେଥିରୁ ଗ୍ଲାସେ ସାହିର୍ ଓ ଗ୍ଲାସେ ଜୟଦେବ ପିଉଛନ୍ତି । ଅନ୍ୟ ଗ୍ଲାସଟା ଖୋଦ୍ ତା'ହାତରେ ।

ଭିତରେ ଭିତରେ ତା' ମୁଣ୍ଡଟା ଯେମିତି ବୁଲେଇ ଦେଲା । ସେ ଉଠି ଠିଆ ହୋଇ ପଡ଼ିଲା । ହେଲେ ସାମ୍ନା କୋଠରି ଦୁଆର ପାଖରେ, ରାମ ଆସରେ ଯୋଉଠି ଦୁଧ ବାଲ୍‌ଟିଟା ଥୋଇଥିଲା, ସେଠି ଗୁଡ଼ାଏ ଦୁଧ ଖେଳେଇ ହୋଇ ପଡ଼ିଛି ।

Digitized by PPRACHIN, SOA

ସେ କୋଠରୀରୁ ଉଠି ନିଜ ଘରକୁ ଯିବାକୁ ଚାହୁଁଛି; ହେଲେ ତା' ପାଦଦିଟା ଉଠୁନି । ପଡ଼ିଥିବା ଦୁଧ ଉପରେ ପାଦ ଦେବାକୁ ସେ ଥମକି ଯାଇଛି ।

ଏକ····ଦୁଇ ·······ତିନି· ·····ଚାରି······ପାଞ୍ଚ । ଗଣି ଗଣି ହରେକୃଷ୍ଣ ଠିକ୍ ପଞ୍ଚମ ପାହାଚ୍ ଉପରେ ଠିଆ ହୋଇ ଯାଇଥିଲା । ତା'ପରେ କେତେବେଳେ ତା' ପାଦ ଉଠିଛି କେଜାଣି ? ଷଷ୍ଠ ପାହାଚ୍‌ରେ ପଡ଼ି ସପ୍ତମ····ଅଷ୍ଟମ······ନବମ ପାହାଚ ବି ଓହ୍ଲାଇବାକୁ ଲାଗିଛି ।

ଏଥରକ ସେ ଚେତନ ମନରେ ପାହାଚ୍‌ମାନଙ୍କୁ ଆଉ ଗଣୁ ନ ଥିଲା । ହେଲେ ଅଚେତନ ମନରେ ତାର ଗଣତି ହୁଏତ ଚାଲିଥିଲା । ଯେତେବେଳେ ଗଣତିଟା କୋଡ଼ିଏ ସଂଖ୍ୟାରେ ପହଞ୍ଚିଲା, ଠିକ୍ ସେତିକି ବେଳେ ହରେକୃଷ୍ଣର ମନେ ପଡ଼ିଗଲା ଯେ ସେ ଜୀବନରେ କେବଳ ଥରେ ମାତ୍ର ଭାଙ୍ଗ ଖାଇଛି । ସେଇଟା ବି ସେଇ ଜୟଦେବର କୋଠରୀରେ । ସେ ଘଟଣାକୁ ଆଜି କୋଡ଼ିଏ ବର୍ଷ ହେଲାଣି ।

ହରେକୃଷ୍ଣ ମନେ ମନେ ହସି ଦେଲା । ତାର ମନେ ପଡ଼ିଲା ଯେ ଭାଙ୍ଗ ଖାଇଲା ପରେ ସେଦିନ ଟେକ୍ସି ନେଇ ସେ ଘରେ ପହଞ୍ଚିଥିଲା । ଜୟଦେବର କୋଠରୀ ବାହାରକୁ ଆସିଲା ମାତ୍ରକେ ତାର ମନେ ହୋଇଥିଲା ଯେ ପାଦଦିଟା ଅସ୍ଥିର, ଟଳମଳ ହେଉଛି । ଛାତିଟା ରୁନ୍ଧି ହେଉଛି ଏକରକମ । ସେ ଚାଲିକି ଆଉ ଘରକୁ ଯାଇ ପାରିବ ନାହିଁ ।

ଟେକ୍ସି ମିଟରରେ ଭଡ଼ା ପଢ଼ିବାକୁ ଚେଷ୍ଟା କରିଥିଲା ସେ । ହେଲେ ତା' ଆଖିରେ ମିଟର୍‌ର ଅଙ୍କ ସବୁ ଚକ୍ର ପରି ଘୂରିବାକୁ ଲାଗିଥିଲେ । ସ ଦଶଟଙ୍କିଆ ନୋଟ୍ ଖଣ୍ଡେ ପକେଟରୁ କାଢ଼ି ଡ୍ରାଇଭର ହାତରେ ଗୁଞ୍ଜି ଦେଇଥିଲା । ଡ୍ରାଇଭର ଫେରାଇଥିବା ପଇସା ନ ଗଣି ସେମିତି ମୁଠେଇକି ପକେଟ୍‌ରେ ପକାଇ ଦେଇଥିଲା । ହାତମୁଠାରୁ ରେଜା ମୁଦ୍ରାଟାଏ ଖସି ଟନ୍ କରି ସଡ଼କରେ ପଡ଼ି ଯାଇଥିଲା । ହେଲେ ହରେକୃଷ୍ଣ ସେଇଟା ଖୋଜିବା ଲାଗି ଅଟକି ନ ଥିଲା । ବରଂ ରାସ୍ତାରେ ଆଗେଇ ଯାଇଥିଲା ।

ଏଯାଏଁ ତା'ର ଠିକ୍ ମନେ ଅଛି ଯେ ପକେଟରୁ ଚାବି କାଢ଼ି କୋଠରୀର ତାଲା ଖୋଲିଲା ବେଳେ ତାର ମନେ ହୋଇଥିଲା ତାଲାଟା ଯେପରି ଚାବିରେ ଖୋଲି ନ ଥିଲା । ସେଇଟା ଆଗରୁ ହିଁ ସେମିତି ଖୋଲା ଥିଲା ।

ହଠାତ୍ ତା'ମନ ଶଂକିତ ହୋଇ ଉଠିଥିଲା । ମନ ଭିତରର ଭୟଟା ତା' ମୁଣ୍ଡରେ ଚଢ଼ିଗଲା ଯାଇଥିଲା । କେହି ଆଉ ତା' କୋଠରୀରେ ପଶି ସବୁତକ ରଙ୍ଗ ଚୋରି କରି ନେଇନି ତ?

ତା କୋଠରିରେ ପୂରା ଶହେଟା ଡ଼ବା ରଙ୍ଗ ଥିଲା । ସେଇଟା ସେ ଇଉରୋପରୁ କିଣି ଆଣିଥିଲା । ଗୋଟାଏ ଗୋଟାଏ ଡ଼ବାରେ ତିନି-ତିନିଟା ରଙ୍ଗ ଟ୍ୟୁବ । ପୂରା ତିନି ଶହ ଟ୍ୟୁବ୍ ଥିଲା ।

ସେ କୋଠରୀରେ ପଶିଲା ମାତ୍ରକେ ଘାବରା ହୋଇ ଟ୍ୟୁବ୍ ସବୁ ଗଣିବାକୁ ଲାଗିଥିଲା । ମଝିରୁ କେଜାଣି କେତେବେଳେ ଗଣିବାଟା ଗୋଳମାଳିଆ ହୋଇ ଯାଇଥିଲା । ବାରଂବାର

Digitized by PPRACHIN, SOA

ଏମିତି ଘଟୁଥିଲା । ସେ ଚାଳିଶ, ପଚାଶ ବା ଶହେ ଯାଏ ଗଣି ପୁଣି ଥରେ ମୂଳରୁ ଗଣିବାକୁ ଆରମ୍ଭ କରୁଥିଲା ।

ସେ ଦିନ ସେ କେତେ ରାତି ଯାଏ ଟ୍ୟୁବ୍ ସବୁକୁ ଗଣିଥିଲା କେଜାଣି ବଡ଼ ବିଚିତ୍ର ଥିଲା ସେ ରାତି । ଚାରିଆଡ଼େ ରାତିର ଅଂଧାର ପରି ଭୟଟାଏ ଯେମିତି ବ୍ୟାପି ଯାଇଥିଲା । ତା ରଙ୍ଗ ସବୁକୁ କେହି ଜଣେ ଚୋରେଇ ନେଇ ଯାଇଥିବାର ଭୟ ।

ଆଉ ତା'ପରଦିନ ସକାଳେ ବେଶ୍ ବହେ ହସିଥିଲା ହରେକୃଷ୍ଣ । ହସିଥିଲା ଯେ ସେ ଜୀବନରେ ଥରେ ମାତ୍ର ଭାଙ୍ଗ ଖାଇଛି ବୋଲି । ସେଇଟା ବି କୋଉ ବେଶୀ ନୁହେଁ, ଗ୍ଲାସେ ମାତ୍ର । ଆଉ ସେତିକିରେ ତାର ଏ ଦୂରବସ୍ଥା । ତେବେ ସବୁଦିନ ଭାଙ୍ଗ ଖାଉଥିବା ଭଗବାନ ଶଙ୍କରଙ୍କର ଅବସ୍ଥା କେଜାଣି କଣ ନ ହେଉଥିବ?

ତା'ସାଙ୍ଗକୁ ଜୟଦେବ ଓ ସାହିରର ଅବସ୍ଥା କଣ ହେଇଛି, ସେଇଟା ମଧ୍ୟ ଥରେ ଦେଖି ଆସିବା ଲାଗି ତାର ଖିଆଲ ହେଲା ।

ସଞ୍ଜବେଳେ ସେ ଯାଇଥିଲା । ସେଠିକି ଯାଇ ଜାଣିଲା ଯେ ରାତିରେ ଜୟଦେବ ହାର୍ମୋନିୟମ ଧରି ପ୍ରାୟ ଦି'ଘଣ୍ଟା କାଳ ଖାଲି ସାରେଗାମ, ପାଧାନିଶା, ସାରେଗାମା ପାଧାନିଶା, ହେଉଥିଲା । ପରିଶେଷରେ ଅନନ୍ୟୋପାୟ ବନ୍ଧୁବର୍ଗ ତା ସାମ୍ନାରୁ ହାର୍ମୋନିୟମଟା ଉଠାଇ ନେଇଥିଲେ ଏବଂ ତାକୁ ସେଇଠି ଗଦିରେ ଶୁଆଇ ଦୁଆର ବନ୍ଦ କରି ଦିଆ ଯାଇଥିଲା ।

ସାହିର ନିଜ କାରରେ ଯେତେବେଳେ ଘରକୁ ଫେରିଲା ରାତିରେ, ଚାରିଟା ବଙ୍ଗଳାବାଲା ତା କୋଠା କମ୍ପାଉଣ୍ଡରେ ପ୍ରାୟ ଘଣ୍ଟାଏ କାଳ ଧରି କାର ଦୌଡ଼େଇଥିଲା । ପୂରା ଘଣ୍ଟାଏ କାଳ । ରାଉଣ୍ଡ ପରେ ରାଉଣ୍ଡ, ରାଉଣ୍ଡ ପରେ ରାଉଣ୍ଡ । ଘେରାଏ ସରିଲା ମାତ୍ରକେ ପୁଣି ଥରେ ତା ଗାଡ଼ିଟା ଗର୍ଜନ-ତର୍ଜନ କରି ଚକ୍କର କାଟିବାକୁ ଛୁଟି ଯାଉଥିଲା କ୍ଷିପ୍ର ଗତିରେ । ପ୍ରାୟ ଘଣ୍ଟାକ ପରେ ଯାଇ କାର୍ ସାମ୍ନାରେ ଠିଆ ହୋଇ ବଡ଼ କଷ୍ଟରେ ସାହିରର ମା ତା ଗାଡ଼ିଟା ଅଟକେଇବାରେ ସମର୍ଥ ହୋଇଥିଲେ । ଗାଡ଼ି ଅଟକିଲା ମାତ୍ରକେ ସାହିର କାରରୁ ଓହ୍ଲାଇ ପଡ଼ି ଟଳମଳ ହୋଇ ପଦବ୍ରଜରେ କମ୍ପାଉଣ୍ଡରେ ଚକ୍କର କାଟିବାକୁ ଲାଗିଥିଲା । ତା ମା ଦର୍ଜା ଆଗରେ ବଡ଼ କଷ୍ଟରେ ତା ହାତ ଧରି ତାକୁ ଅଟକାଇ ପାରିଥିଲେ । ଏବଂ ସେମିତି ହାତ ଧରିକି ତାକୁ ଘର ଭିତରକୁ ଟାଣି ଟାଣି ନେଇଥିଲେ । ହେ ଭଗବାନ ! ଏମିତି ବି ହୁଏ । କୋଡ଼ିଏ ବର୍ଷ ତଳର କଥା ମନେ ପକାଇ ହସି ପକାଇଲା ହରେକୃଷ୍ଣ । ହସି ପକାଇଲା ଯେ-ଭାଙ୍ଗମିଶା ଗ୍ଲାସେ ଦୁଧର କରାମତିରେ ସାହିର କେମିତି କମ୍ପାଉଣ୍ଡର ଗୋଟିଏ ମାତ୍ର ବୃତ୍ତରେ ହିଁ ବନ୍ଦୀ ହୋଇ ଯାଇଥିଲା । ଆଉ ଜୟଦେବ ସବୁ ରାଗରାଗିଣୀ ପାଶୋରି କେବଳ ସାରେଗାମା-ପାଧାନିଶା , ସାରେଗାମା-ପାଧାନିଶା ଆଳାପରେ ହଜି ଯାଇଥିଲା । ଆଉ ସେ ନିର୍ଜେ? ରଙ୍ଗ ଚୋରି ହୋଇଥିବା ଭୟରେ ରାତିସାରା ଅସାଡ଼ ହୋଇ ବସି ରହିଥିଲା ଗୁମ୍ମାରି ।

• ହରେକୃଷ୍ଣର ଚେତନାଟା ଯେତେବେଳେ କୋଡ଼ିଏ ବର୍ଷ ତଳ ଘଟଣାରୁ ବର୍ତ୍ତମାନକୁ

Digitized by PPRACHIN, SOA

ଫେରି ଆସିଲା, ସେତେବେଳେ ତାର ଦୃଢ଼ ବିଶ୍ୱାସ ଜନ୍ମିଲା ଯେ ସାମ୍ନା ଆକାଶ ହାତରେ ଥିବା ଦୁଧ ବେଲାଟା ଭାଙ୍ଗ । ଭାଙ୍ଗ ଛଡ଼ା ଆଉ କିଛି ନୁହେଁ ।

ସେ ପାଦେ, ପାଦେ କରି ପାହାଚ୍ ଓହ୍ଲାଇବାକୁ ଲାଗିଲା । ପାଦେ ପାଦେ କରି ହରେକୃଷ୍ଣ ଭାବନାର ପାହାଚମାନ ଓହ୍ଲାଇବାକୁ ଲାଗିଲା । ଆକାଶଟା କେବେଠୁ ଭାଙ୍ଗମିଶା ଦୁଧ ଖାଇବାକୁ ଆରମ୍ଭ କରିଛି-ସେ ଭାବିବାକୁ ଲାଗିଲା ।

ତାକୁ ଲାଗିଲା ଏଇ ହୁଏତ ପାଞ୍ଚ ବା ଛଅ ବର୍ଷ ହେଲା ତାର ମନେ ହେଉଛି ଯେ ପ୍ରତି ମାସ ଆକାଶ ଯେତେବେଳେ ତା ଦିଟା ଯାକ ହାତରେ ଦୁଧଭର୍ତ୍ତି ବେଲା ଧରେ ଏବଂ ବେଲାର ଦୁଧ ଛିଡ଼ିକି ଯାଇ ଯେତେବେଳେ ପୃଥିବୀ ଉପରେ ଖେଳେଇ ହୁଏ, ସେତେବେଳେ କେଜାଣି କେମିତି ସେ ଦୁଧ ଛିଡ଼ା ତା ଦେହରେ ସବୁବେଳେ ଆସି ପଡ଼େ ଏବଂ ତାର ସର୍ବାଙ୍ଗରେ ଏକ ପ୍ରେମାସକ୍ତିର ଜୁଆର ଖେଳିଯାଏ ।

ଏହି ପରି ଭାବରେ ପ୍ରାୟ ଛ'ବର୍ଷ ହେଲା ଆକାଶ ପ୍ରତି ମାସ ଭାଙ୍ଗ ମିଶା ଦୁଧ ଖାଉଛି ଓ ଛିଡ଼ିକେଇବାରେ ଲାଗିଛି···

ଏବଂ ପ୍ରତି ମାସ ପୂର୍ଣ୍ଣିମା ରାତିରେ ତା ଆୟତ୍ତରେ ନ ଥାଏ ତା'ମନ । ତା'ପ୍ରାଣ ।

ଦୁଇ

ଠିକ୍ କୋଠରି ଦୁଆରକୁ ଲାଗି ବାମ ପଟ କାନ୍ଥରେ ସ୍ୱିଚଟା ଥିଲା । ହରେକୃଷ୍ଣ ତିନି, ତିନି ଥର ସୁଇଚ୍ ଟିପିଲା । ହେଲେ କୋଠରୀଟା ସେମିତି ଅନ୍ଧାରରେ ବୁଡ଼ି ରହିଲା । ହୁଏତ ବିଜୁଳୀ ପଛ ପଟେ କୋଉଠୁ ଚାଲି ଯାଇଛି ।

କବାଟ ଆଉଜାଇ ଆଣି ହରେକୃଷ୍ଣ ଶିକୁଳି ଅଣ୍ଟାଳିଲା । ଶିକୁଳି ଦେଇ ଅନ୍ଦାଜରେ ସେ ସାମ୍ନା କାନ୍ଥ ଆଡ଼କୁ ଆଗେଇଲା । ଲମ୍ବା ପଟାଟାଏ ପାରି ତା'କୁ ଶୋଇବା ଉପଯୋଗୀ କରିଥାଏ ସେ । ହଠାତ ତା'କାନ୍ଥରେ ଗୋଟାଏ ଗାଡ଼ିର ଚିଁ-ଚିଁ ଶବ୍ଦ ଶୁଣାଗଲା ।

ଶୁଖିଲା ଅଖରେ ଚକର ଘଷି ହେବାର ଶବ୍ଦ ।

କୋଠରିରେ ଆଲୁଅ ନ ଥିଲା । ତଥାପି ସେ ଅଂଧାରରେ ଦୁଆର ଆଡ଼କୁ, ବଗିଚା ଝରକା ଦିଗରେ ଅନେଇଲା-ଯଦେ ଯେମିତି ସେ ଝରକା ବାଟେ ଦେଇ ଠେଲା ଗାଡ଼ିଟା ଯାଉଛି ।

ତା'ର ଷଷ୍ଠ ମନେ ପଡ଼ିଲା ଯେ····· ବାଳକେଶ୍ୱର ରୋଡ଼ର ଏ କୋଠାର ପଞ୍ଚସ୍ତରୀଟା ପାହାଚ ଓହ୍ଲାଇଲା ପରେ ଯାଇ ତାର ଏଇ ଯୋଉ କୋଠରୀ, ସେଇଟା କୌଣସି ସଡ଼କକୁ ଲାଗି ରହିନାହିଁ । କୋଠାର ସାମ୍ନା ଓ ବାମ ପଟେ ଗୋଟାଏ ଉଜୁଡ଼ା ଓ ଜନଶୂନ୍ୟ ବଗିଚା । ବଗିଚାକୁ ଲାଗି ତିନି ଫୁଟ ଉଚ୍ଚ ପଥର କାନ୍ଥ । କାନ୍ଥ ସେ ପଟକୁ ସମୁଦ୍ର ।

Digitized by PPRACHIN, SOA

ହେଲେ ଗାଡ଼ିର ଚିଁ ଚିଁ ଶବ୍ଦ ତଥାପି ଶୁଭୁଥାଏ ।

ଖଟକୁ ଅନ୍ଧାରରେ ଅଣ୍ଡାଳୁ ଅଣ୍ଡାଳୁ ଅଚାନକ୍ ତା ହାତଟା ଗାଡ଼ିର ପଟିରେ ପଡ଼ିଗଲା । ଗାଡ଼ିଟା ଯେମିତି ଧୀରେ ଧୀରେ ଚାଲିଥାଏ । ସେ ମଧ୍ୟ ଗାଡ଼ି ସହିତ ଚାଲିବାକୁ ଲାଗିଲା ।

ଯାହା ହେଉ ସାରା ରାତିର ଖଟଣିଟା ପରିଶେଷରେ ସଫଳ ହୋଇଛି ବୋଲି ସେ ଆଶ୍ୱସ୍ତିର ନିଃଶ୍ୱାସଟାଏ ପକାଇଲା ।

ବମ୍ବେ ଆର୍ଟ ସୋସାଇଟିର ପ୍ରଦର୍ଶନୀଟେ ହେବାକୁ ଯାଉଛି ବୋଲି ଯେତେବେଳେ ସେ ଜାଣିବାକୁ ପାଇଲା, ସେତେବେଳେ ହାତରେ ଖୁବ୍ ଅଳ୍ପ ସମୟ । ସେ ଦିନରାତି ଲାଗି ଚିତ୍ରଟାଏ ତିଆରି ଥିଲା ଦଉଡ଼ି ଛିଣ୍ଡାଇ ଅତର୍କାରେ ଦୌଡ଼ୁଥିବା ବଳଦର ଚିତ୍ର, ଯାହାକୁ ଧରିବା ଚେଷ୍ଟାରେ ଲୋକେ ତା'ଚାରିଆଡ଼େ ଧାଁ-ଧପଡ଼ କରିଥାନ୍ତି । କିନ୍ତୁ ବଳଦଟା ଯେମିତି ଧଇଁ ସଇଁ ହୋଇ ଛୁଟୁଥାଏ ।

ସେ ଚିତ୍ରଟାର ନାଁ ରଖିଥିଲା, ବିଦ୍ରୋହ । ରଙ୍ଗର ଶେଷ ବ୍ରଶ୍‌ଟା ମାରି ଯେତେବେଳେ ସେ ତାରିଖ ଦେଖିଲା, ପ୍ରଦର୍ଶନୀକୁ ଆଉ ମୋଟେ ଗୋଟାଏ ଦିନ ବାକି ।

ସେତେବେଳକୁ ସଞ୍ଜ ହୋଇ ସାରିଥାଏ ଏବଂ ଚିତ୍ରଟିରେ ଫ୍ରେମ୍ ଲଗା ଯାଇ ନ ଥାଏ । ରାତି ପାହିଲେ ପ୍ରଦର୍ଶନୀ ।

କମ୍ ପଇସାରେ ନିଜ ପସନ୍ଦ ମୁତାବକ ଫ୍ରେମ୍‌ଟେ ପାଇବା ଆଶାରେ ସେ ତରତର ହୋଇ ବମ୍ବେର ଚୋରା ବଜାରକୁ ଦୌଡ଼ିଥିଲା ।

ଦି ଟଙ୍କା ବାର୍'ଣାରେ ମିଳିଥିବା ଫ୍ରେମଟା ଥିଲା ଚିତ୍ର ତୁଳନାରେ ଯଥେଷ୍ଟ ବଡ଼ ।

ସେ ଓ ତାର ତିନି ଜଣ ବନ୍ଧୁ ରାତି ସାରା ସେ ଫ୍ରେମ ସଙ୍ଗେ ଜୁଝିଥିଲେ । ଯୋଉଠୁ କାଟିଲେ ବି କାଠଟା ଫାଟି ଯାଉଥିଲା । ଫ୍ରେମଟା କଟି କଟି ପରିଶେଷରେ ଚିତ୍ର ଠାରୁ ବି ଛୋଟ ହୋଇ ଯାଇଥିଲା ।

ଟିଣ କାଟି କାଟି ଅନେକ ଜାଗାରେ ମଡ଼ାଇଲା ପରେ ଯାଇ ବଡ଼ କଷ୍ଟରେ ଚିତ୍ରକୁ ଫ୍ରେମ୍‌ରେ ଫିଟ୍ କରାଯାଇ ପାରିଥିଲା ।

ହେ ଭଗବାନ ! ସେତେବେଳକୁ ସକାଳ ହେବା ଉପରେ ଏବଂ ଦିନ ଦଶଟା ଆଗରୁ ଚିତ୍ରଟା ଯେମିତି ହେଲେ ବି ଜାହାଙ୍ଗୀର ହଲ୍‌ରେ ପହଞ୍ଚିଯିବା କଥା । ହେଲେ କେମିତି?

ହରେକୃଷ୍ଣର ବନ୍ଧୁମାନେ ମଧ୍ୟ ତା' ସଙ୍ଗେ ରାତି ସାରା ଅନିଦ୍ରା ରହିଥାନ୍ତି । ତଥାପି ଜଣେ ଯାଇ କୋଉଠୁ ଠେଲା ଗାଡ଼ିଟାଏ ବନ୍ଦୋବସ୍ତ କରି ଆଣିଲା । ଦିନ ଦଶଟା ଆଗରୁ ଯେମିତି ହେଲେ ଚିତ୍ରକୁ ଜାହାଙ୍ଗୀର ହଲ୍‌କୁ ପହଞ୍ଚାଇବାକୁ ପଡ଼ିବ ।

ଏତେବେଳକୁ ଯାଇ ସ୍ପଷ୍ଟ ଭାବରେ ହରେକୃଷ୍ଣର ମନେ ପଡ଼ିଲା ଯେ ଏଇଟା ହେଉଛି ପରେଲର ସେ କୋଠରି, ଯାହାକୁ ତ୍ରିଲୋକ ଭଡ଼ାରେ ନେଇଛି । ତା ସାଙ୍ଗକୁ ଅଜିତ୍ ସିଂହ ଓ କମ୍ୟୁନିଷ୍ଟ ପାର୍ଟିର ଅନ୍ୟ କେଇ ଜଣ ବି ରହୁଛନ୍ତି । ଯୋଉମାନଙ୍କର ରହିବା ବସିବାର

Digitized by PPRACHIN, SOA

କୌଣସି ଜାଗା ନାହିଁ, ସେ ସମସ୍ତେ ବି ଏଇଠି ରହୁଛନ୍ତି ।

ମନେପଡ଼ିଲା ଯେ, ଯୋଉଦିନ କମ୍ୟୁନିଷ୍ଟ ପାର୍ଟିର କୌଣସି ଗୁପ୍ତ ବୈଠକ ହବାର ଥାଏ, ସେ ଦିନ କୋଠରିର ସମସ୍ତ ଆଶ୍ରିତମାନଙ୍କୁ ମାଗଣାରେ ନାଇଟ୍ ଶୋ' ସିନେମା ଟିକେଟ୍ ଦେଇ ଦିଆ ଯାଉଥିଲା ।

ଯେଉଁଦିନ କୋଠରିର ସମସ୍ତେ ପାଞ୍ଚ - ପାଞ୍ଚ ଅଣିଆଁ ସିନେମା ଟିକେଟ୍ ମାଗଣାରେ ପାଆନ୍ତି, ସେମାନେ ବୁଝି ଯାଆନ୍ତି ଯେ ସେମାନଙ୍କୁ ଅଧରାତି ଯାଏଁ ବାହାରେ - ବାହାରେ ହିଁ କଟେଇବାକୁ ପଡ଼ିବ । ଅବାଧ ବୈଠକ ଲାଗି ଏତିକି ଜରୁରୀ ମଧ୍ୟ ଥିଲା ।

ହରେକୃଷ୍ଣ ହାଲୁକା ଛମ-ଛମ୍ ଶବ୍ଦଟାଏ ମଧ୍ୟ ଶୁଣିବାକୁ ପାଇଲା । ମନେ ପଡ଼ିଲା ଯେ କୋଠରିର ଆଶ୍ରିତମାନଙ୍କ ଭିତରୁ ମୋହନ ସହଗଲ ମଧ୍ୟ ଜଣେ । ଯିଏ ବେଳେ-ବେଳେ ପୃଥ୍ୱୀ ଥିଏଟରର ବାଦକମାନଙ୍କୁ ଡ଼ାକି କୋଠରୀର ଛାତ ଉପରେ ନୃତ୍ୟର ଇୟାଜ କରେ ଏବଂ ହୁଏତ ଏବେ ମଧ୍ୟ ସେ ଛାତ ଉପରେ କିଛି ଗୋଟାଏ ଅଭ୍ୟାସ କରୁଛି ।

ତାକୁ ହାଲୁକା ହସଟାଏ ମାଡ଼ିଲା । ତା'ସାଙ୍ଗକୁ ମୋହନ ସହଗଲ ପ୍ରତି ସ୍ନେହ ମଧ୍ୟ ଉକୁଟି ଉଠିଲା । ମୋହନ ସହଗଲ ଛାତି ଫୁଲାଇ ଗର୍ବର ସହିତ କହେ ଯେ ସେ ଦକ୍ଷିଣ ଭାରତର ଗୋଟାଏ ଗାଁ ପାଦାନୈଲୁର୍ ଯାଇ ଗୁରୁ ମୀନାକ୍ଷୀ ସୁନ୍ଦରମଙ୍କ ଠାରୁ ନୃତ୍ୟ ବିଦ୍ୟା ଶିକ୍ଷା କରିଛି । ହେଲେ ଏ ପର୍ଯ୍ୟନ୍ତ ସେ ବେକାର ଓ ଏ କୋଠରିର ଆଶ୍ରୟ ନେଇ ପଡ଼ି ରହିଛି ।

କୋଠରି ଭିତରେ ଆଠ ଜଣରୁ ଅଧିକା ଲୋକ କେତେବେଳେ ହେଲେ ଶୋଇ ପାରିବେ ନାହିଁ । ତେଣୁ କେବେ ମୋହନ ସହଗଲ ଛାତ ଉପରେ ଯାଇଶୁଏ ତ କେବେ ପିପୁଲସ ୱାର (ଗଣ ସଂଗ୍ରାମ) ଖବର କାଗଜର ସମ୍ପାଦକ କମ୍ରେଡ୍ ପ୍ରହଲ୍ଲାଦ ଯୋଶୀ ତ କେବେ ସେ ଖୋଦ୍ ନିଜେ ।

ବର୍ଷା ହେଲେ କୋଠରିର ସମସ୍ତ ଅନ୍ତେବାସୀ ଦରି, ତକିଆ ନେଇ ପାହାଚ ଉପରେ ଜାକିଯୁକି ହୋଇ ବସି ରହନ୍ତି ।

ଏଇଟା ପରେଲର କାମଗାର ମଇଦାନ । ସେଠି ଦରକାର କରୁଥିବା ଲୋକଙ୍କ ଲାଗି ମୁଣ୍ଡ ଗୁଞ୍ଜିବାକୁ ଚାଳିଆ ଭଳି ଅନେକ ଝୁମ୍ପୁଡ଼ି ଘର ରହିଛି, ଯୋଉଁଠି କୋଠରୀ ବାହାରେ ଶୋଇବା ଲାଗି ଲୋକମାନଙ୍କୁ ଲାଜ ମାଡ଼େ । ତେଣୁ ସେମାନେ ଛାତ ବା ପାହାଚରେ ବରଂ ରାତି ବିତାଇ ଦିଅନ୍ତି । କାରଣ ସବୁଆଡ଼ ଖୋଲା ଓ ପର୍ଦା ବୋଲି ବା ପ୍ରାଇଭେସି ବୋଲି ସେଠି ଘର ବାହାରେ କିଛି ହିଁ ନ ଥାଏ ।

ଖାଡ଼ିଟା ଏବେ ବି ଚିଁ ଚିଁ କରି ତା' ସ୍ୱାଭାବିକ ଗତିରେ ଆଗେଇ ଚାଲିଥାଏ । ହରେକୃଷ୍ଣର ହାତଟା ଗାଡ଼ିର ପାଟି ଉପରେ ଏବେ ବି ଲାଖି ଥାଏ ଏବଂ ଜାହାଙ୍ଗୀର ହଲ୍ ତଥାପି ହେଜାଣି ଆଉ କେତେ ଦୂର?

Digitized by PPRACHIN, SOA

ଅଚାନକ ହରେକୃଷ୍ଣ ପ୍ରକୃତିସ୍ଥ ହେଲା- ଏକ ମୃଦୁ ଯନ୍ତ୍ରଣା ପରି ତା'ର ମନେ ପଡ଼ିଲା ଯେ ଏଇଟା ତ 1943ର ଘଟଣା । ଆଜିଠୁ ଚାଳିଶ ବର୍ଷ ତଳର କଥା ।

ପ୍ରଦର୍ଶନୀ ଲାଗି ତା' ଚିତ୍ରଟା ଠିକ୍ ସମୟରେ ପହଞ୍ଚି ଯାଇଥିଲା । ସେଇଟା ଥିଲା ତା'ର ପ୍ରଥମ ଚିତ୍ର ଯାହା ତାକୁ ପ୍ରଥମ ପୁରସ୍କାର ଆଣି ଦେଇଥିଲା ।

କଲିକତା, ମାଦ୍ରଜର ଚିତ୍ର ଶିଳ୍ପୀମାନେ ମଧ୍ୟ ତା' ପ୍ରତିଦ୍ୱନ୍ଦ୍ୱୀ ଭାବରେ ରହିଥିଲେ ।

କୌଣସି ଜଣେ ମିସେଜ୍ ୱାଡ଼ିଆ ସେ ଚିତ୍ରଟିକୁ ଦୁଇ ଶହ ପଞ୍ଚସ୍ତରୀ ଟଙ୍କାରେ କିଣି ନେଇଥିଲେ ।

ହେଲେ ଯୋଉ ଠେଲା ଗାଡ଼ିରେ ସେ ତା' ଚିତ୍ରଟା ନେଇକି ଯାଇଥିଲା, ଆଜି ଏତେବେଳେ କୋଉଠୁ ଆସୁଛି ତା'ର ଶବ୍ଦ? ପୁଣି କାହିଁକି?

ହରେକୃଷ୍ଣ ଶିକୁଳି ଅଣ୍ଡାଳି ଏବେ ଏବେ ବନ୍ଦ କରିଥିବା ଦୁଆରଟା ଖୋଲିଲା ଏବଂ ଘାବରା ହୋଇ ଜହ୍ନ ଆଲୁଅକୁ ଦେଖିବାକୁ ଲାଗିଲା, ଯାହା ଦେହଳୀ ପାଖରେ ସତେ ଯେପରି ଛିକି କି ବସିଥିଲା ।

ତିନି

ପରେଲର ଘରକଥାରୁ ହରେକୃଷ୍ଣର ମନେପଡ଼ିଲା ସେଇଟା ଥିଲା ସାହିରର 29 ନମ୍ବର ଘର । ତାର ସୁନ୍ଦର ନାଁ ଟାଏ ମଧ୍ୟ ଥିଲା-ରାଧାନିବାସ ।

ବେଳେବେଳେ ତା'ବନ୍ଧୁମାନେ ତାକୁ ଥଟ୍ଟା କରି କହନ୍ତି, କଳାକାହ୍ନୁ ସେ ଘରେ ଏକଚାଟିଆ ରହିବାର ଅଧିକାରଟା ତ କେବଳ ତମର, ଅନ୍ୟ କାହାରି ନାହିଁ । ସେଇଟା ରାଧା ନିବାସ ନା ? ରାଧାର ଘରେ କେବଳ କଳାକାହ୍ନୁକୁ ରହିବାଟା ହିଁ ସାଜେ, ଆଉ କାହାକୁ ନୁହେଁ.......

ସେ ହସି ଦେଇ କହେ- ବ୍ୟସ୍ତ ହୁଅନା, ତମ ମାନଙ୍କୁ ରାଧାର ସଖୀ ବୋଲି ଧରିନେବି । ଅସୁବିଧା ହେବନାହିଁ ମୋତେ ।

ହରେକୃଷ୍ଣର ମନେ ପଡ଼ିଲା- ବମ୍ବେ ଆସିବା ଆଗରୁ ସାହିର ଓ ସେ ଯେତେବେଳେ ଲୁଧିଆନାର ସରକାରୀ କଲେଜରେ ପଢୁଥିଲେ; ଦୁଇଟା ଝିଅକୁ ସେମାନେ ଭଲ ପାଇ ବସିଥିଲେ ।

ଦୁଇଟାଯାକ ଥିଲେ ଶିଖ ଝିଅ । ସାହିର ତାକୁ ଥଟ୍ଟା କରି ବେଳେବେଳେ କହେ- ହରେକୃଷ୍ଣ, ତୋ କଥା ତ ଲୋକେ ବୁଝିପିବେ । ହିନ୍ଦୁ ଓ ଶିଖ ମଧ୍ୟରେ ବେଶୀ ଫରକ୍ ନାହିଁ । ତୋ ମହିନ୍ଦର କାଉର୍ କୃଷ୍ଣର ରାଧା ନ ହେଲେ ରାଧାକାଉର ହୋଇଯିବ ଏବଂ ତୁ ହରେକୃଷ୍ଣ ଲାଲ ନ ହେଲେ ହରେକୃଷ୍ଣ ସିଂହ ହୋଇଯିବୁ ହେଲେ ମୋର, ମୋର କଣ ହେବ? ସବୁ ଅସୁବିଧାଟା ତ ମୋ ମୁଣ୍ଡ ଉପରେ ଥୁଆ ।

ସେ ସାହିରକୁ କହୁଥିଲା, ଏ ଭଲ ପାଇବାଟା ତ ତୋର ନିଜସ୍ୱ । ତୋ' ପ୍ରେମ ଉପରେ

Digitized by PPRACHIN, SOA

ତ ଖଣ୍ଡା ଝୁଲୁଛି ତୋ ଈଶ୍ୱର କାଉରର ଜାତିଭାଇ କୃପାଣ କାଢ଼ି ଗୋଡ଼େଇବେ ଆଉ ତୋ ଜାଗିରଦାର ବାପ ଫଜଲ ଛୁରୀରେ ଶାଣ ଚଢ଼େଇ ବାହାରିବେ, ସର୍.........ସର୍ ହେଲେ ଦି'ଜଣ ଯାକର ଭଲ ପାଇବାଟା କେବଳ କପାଳରେ ଲେଖାଥିଲା, ହାତର ଲେଖାରେ ନଥିଲା ସେ ପ୍ରେମ ।

ହରେକୃଷ୍ଣ ହସି ପକାଇଲା- ଆମେ ଦି'ଜଣଯାକ ଥିଲୁ ମହା କାପୁରୁଷ । ମନେ ପଡ଼ିଲା ଯେ ଉଭୟଙ୍କ କାପୁରୁଷତା ଦିନେ ରାତିରେ ସେମାନଙ୍କୁ ଚୋର ବନେଇ ଦେଇଥିଲା । କଲେଜ ହଲ୍‌ରେ କଲେଜ ଫଙ୍କସନ୍‌ର ଗୁଡ଼ିଏ ଫଟୋ ଟଙ୍ଗା ହୋଇଥିଲା । ସେଥିମଧ୍ୟରୁ ଗୋଟାଏ ଗ୍ରୁପ୍ ଫଟୋରେ ସେମାନଙ୍କ ମନ ଚୋରେଇ ନେଇଥିବା, ଦି ଜଣ ଝିଅ ମଧ୍ୟ ଥିଲେ । ଦୁହେଁ ସେ ଫଟୋଟିକୁ ହଲରୁ ଚୋରେଇ ଆଣିବାକୁ ଚାହିଁଲେ । ହଲକୁ ଲାଗି ଏକ ଜାଫରୀ ଘେରା ବନ୍ଦ ବାରଣ୍ଡା । ଗୋଟାଏ କୋଣରେ ଥିଏଟରର ଷ୍ଟୋର । ଯୋଉଦିନ ସନ୍ଧ୍ୟାବେଳେ କୌଣସି ଏକ ନାଟକର ରିହର୍ସାଲ ଚାଲିଥିଲା, ସେତେବେଳେ ଦୁହେଁ ସେଠିକି ଯାଇ ବାରଣ୍ଡାର ଶିକୁଳିଟିକୁ ଭିତର ପଟୁ ଖୋଲିଦେଇ ଆସିଥିଲେ ।

ରିହର୍ସାଲ ସରିଲା ପରେ ଯେତେବେଳେ ସମସ୍ତେ ଚାଲିଗଲେ ଚୌକିଦାର ଷ୍ଟୋରରେ ଚାବି ପକାଇଦେଲା । ଅନ୍ଧାର ହେଲା ପରେ ଦି ଜଣ ଯାକ ଚୁପ୍‌ଚାପ ପାଦ ଚାପି ଚାପି ଯାଇ ବାରଣ୍ଡାର ସେ ଦର୍ଜାଟାକୁ ଧକ୍କା ଦେଇ ଖୋଲିଦେଲେ । ଶିକୁଳିଟା ଭିତରୁ ପଟୁ ଆଗରୁ ଖୋଲା ସରିଥାଏ ।

ବାରଣ୍ଡା ପାରିହୋଇ ସେମାନେ ହଲ୍‌ଯାଏ ପହଞ୍ଚିଗଲେ ହେଲେ ହଲ୍ ଦର୍ଜାଟା ଭିତର ପଟୁ ବନ୍ଦ ଥିଲା । ଦର୍ଜାରେ କାଚ ଫିଟ୍ ହୋଇ ଥିଲା ଓ ତାକୁ ଭାଙ୍ଗି ଭିତରକୁ ପଶିବା ଅସମ୍ଭବ ନଥିଲା ।

ସେମାନେ ଛୋଟିଆ ପଥରଟିଏ ଆଣି କାଚଭାଙ୍ଗି ପକାଇଲେ । ହେଲେ ଦି'ଜଣଙ୍କ ପାଦ ଥମକିଗଲା । ଚୌକିଦାର ଯଦି କାଚ଼ଭାଙ୍ଗିବା ଶବ୍ଦ ଶୁଣି ଆସି ପହଞ୍ଚିଯାଏ, ତେବେ କଥା ସରିଲା । ହେଲେ ସେ ଶବ୍ଦଟା କେବଳ ସମୟ ହିଁ ଶୁଣିପାରିଥିଲା । ଚୌକିଦାର କାନରେ ବାଜି ନ ଥିଲା ସେ ଶବ୍ଦ ।

ଦୁଇଜଣଯାକ ସଙ୍କିତ ହୃଦୟରେ ହଲ୍ ଭିତରକୁ ପଶିଥିଲେ । କାନ୍ଥରୁ ଓଜନିଆ ଫ୍ରେମର ସେ ଫଟୋଟା କାଢ଼ିଥିଲେ ଏବଂ ଯେତେବେଳେ ଫଟୋଟା ଧରି ହଲ୍ ବାହାରକୁ ଆସିଲେ, ସେତେବେଳେ ସେମାନଙ୍କ ଗୋଡ଼ ଥରୁଥାଏ ଭୟରେ ।

ବାହାରେ ଅନେକଦୂର ଯାଏ ବଗିଚାର ଲନ୍ ଥିଲା । ତା'ପରେ ବୁଢ଼ା ନାଳ, ଆଉ କେହି ନ ଥିଲେ ।

ସେ ଖୁବ୍ ଶୀତୁଆ ରାତିଟାରେ ବି ଉଭୟଙ୍କ ଦେହ ଝାଳରେ ଓଦା ସର୍‌ସର୍ ହୋଇଯାଇଥିଲା ।

Digitized by PPRACHIN, SOA

ଏଠୁ ସିଧାସଳଖ ଘରକୁ ଯିବାଟା ଉଚିତ୍ ହେବନାହିଁ । ପାଦଚିହ୍ନ ଘରର ବାଟ କଢ଼େଇ ଦେବ, ଏତିକି ସେମାନେ ଭାବି ପାରିଥିଲେ ।

ସେମାନେ ନିଜର ପାଦଚିହ୍ନ ଲିଭାଇ ଲିଭାଇ ଚାଲିଲେ । ବୁଢ଼ାନାଳ ପାଏ ପହଞ୍ଚିଲା ପରେ ସେମାନେ ଭଲରକମ ବୁଝିଗଲେ ଯେ ଫ୍ରେମ୍‌ର ବୋଝଟା ଆଉ ବେଶୀ ଦୂରପାଏ ବୋହି ପାରିବେ ନାହିଁ ।

ବୁଢ଼ାନାଳ କଡ଼େ କଡ଼େ ଯାଉଁ ଯାଉଁ ସେମାନେ ଗୋଟାଏ ଜାଗାରେ ଫଟୋଟା ଥୋଇ କାଚଟା ଭାଙ୍ଗିଦେଲେ । ଫ୍ରେମ୍‌ଟା କାଢ଼ି ନାଳ ଭିତରକୁ ଫୋପାଡ଼ି ଦେଲେ । ଫଟୋ ମାଉଣ୍ଟଟା ଧରି ପାଞ୍ଚ ମାଇଲ୍ ଲମ୍ବା ଚକ୍କର କାଟି ପ୍ରାୟ ଭୋର ବେଳକୁ ଯାଇ ସେମାନେ ତାଙ୍କ ଘରର ଗୁମ୍ଫା ଭିତରକୁ ପହଞ୍ଚିଥିଲେ ।

ଏବଂ ସେ ଫଟୋଟା ଯେମିତି କି ଦି'ଜଣଯାକର ହୃଦୟର କାଛରେ ଜଡ଼ିତ ହୋଇଯାଇଥିଲା ।

ହରେକୃଷ୍ଣ ରୁମ୍ ବାହାରକୁ ଆସି, ପଥରର ସେ ତିନିଫୁଟିଆ କାଛସହ ଖଣ୍ଡେ ପଥର ପରି ଯେପରି ଜଡ଼ ହୋଇ ଯାଇଥିଲା ।

କାଛ ଆଡ଼କୁ ଉଜୁଡ଼ା ବଗିଚା ଏବଂ ଅନ୍ୟ ପଟେ ସମୁଦ୍ରର ଉତ୍ତଳା ଲହଡ଼ିମାଳା । ମାନସିକ ନିର୍ଜନତା ଓ ମନର ଉତ୍ତାଳ ଲହଡ଼ି ଭିତରେ କେଜାଣି କେତେବେଳ ଯାଏଁ ସେ ଠିଆ ହୋଇ ରହିଲା ସେମିତି ।

ଲୁଧିଆନାରେ କେବଳ ବୁଢ଼ାନାଳଟା ଥିଲା, ହେଲେ ସେଥିରେ କେତେ ଯେ ଗୁଜବ ସମୁଦ୍ର ଲହଡ଼ି ପରି ଉଠିଥିଲା କେଜାଣି ?

କଲେଜର ପ୍ରିନ୍‌ସିପାଲ ହିନ୍ଦୁ-ମୁସଲିମ ଦଙ୍ଗା ଗୋଳର ସମ୍ଭାବନା ସମ୍ପର୍କରେ ସତର୍କ କରାଇ, ମାଇଗ୍ରେସନ ଦେଇ ଲାହୋର ଦୟାଲ ସିଂହ କଲେଜକୁ ପଠାଇ ଦେଇଥିଲେ ସାହିରକୁ ।

ଏତିକିବେଳକୁ ଏକ୍ ଦୀର୍ଘ ଶ୍ୱାସ ପକାଇଲା ପରି ହରେକୃଷ୍ଣ ହସି ଉଠିଲା ଏବଂ ମୋର ଯୋଉ ରାଧା, କୌଣସି ଏକ ଅୟନ ଘୋଷ ସଙ୍ଗେ ତାର ବିବାହ ହୋଇଯାଇଥିଲା । ତାର ମନେ ପଡ଼ିଲା ।

ତା' ସାଙ୍ଗକୁ ମନେ ପଡ଼ିଲା ତା'ର ଜଣେ ଫଟୋଗ୍ରାଫର ବନ୍ଧୁର ସ୍ନେହାଶ୍ଳେଷ ଭରା ବାକ୍ୟ ପଦକ, ଯିଏ ମହିନ୍ଦର କାଉର୍‌ର ବାହାଘର ଫଟୋ ଉଠାଇବା ଲାଗି ଯାଇଥିଲା । ସେ କହିଥିଲା-ଚାଲନ୍ତୁ କନ୍‌ହାଇ । ଆଜି ଆପଣଙ୍କ ରାଧା ପାଲିଙ୍କିରେ ଚଢ଼ି ଯିବେ । ତାଙ୍କୁ ଶେଷଥର ଲାଗି ହେଲେ ଥରେ ଦର୍ଶନ କରି ଆସନ୍ତୁ । ଆଉ ସେଠି ଯଦି ସୁଦର୍ଶନ ଚକ୍ର ବୁଲାଇବାର ଥାଏ, ବୁଲାଇଦେବେ । ମୋର କୌଣସି ଓଜର ଆପତ୍ତି ନାହିଁ ।

ସେ ମଥା ପୋତି ଖାଲି ହାତରେ ବନ୍ଧୁ ଜଣକ ସଙ୍ଗେ ବାହାରି ଯାଇଥିଲା । ଯେତେବେଳେ ସେ ନାଲି ବସ୍ତ୍ର ପରିହିତା ପୋଲିସ କମିଶନରଙ୍କ ଝିଅ, ତା'ରାଧା ପାଖରେ ପହଞ୍ଚିଲା,

Digitized by PPRACHIN, SOA

ସେତେବେଳେ ଅପରାଧୀଟିଏ ପରି ମୁଣ୍ଡପାତି ତା ଆଗରେ ଠିଆ ହେଲା ।

ହାତରେ କୌଣସି ସୁଦର୍ଶନ ଚକ୍ର ନ ଥିଲା । ତେଣୁ ଖାଲିହାତ ଦିଟା ଯୋଡ଼ି ଦେଇଥିଲା । ତା କଣ୍ଠରୁ ସ୍ଫୁରିଥିଲା କେତୋଟି ପରାଜିତ ଖଣ୍ଡିତ ବାକ୍ୟ- ମୁଁ ବମ୍ବେ ଯାଉଛି । ସେଠି ଆର୍ଟ କଲେଜରେ ପଢ଼ିବି । ଯେତେବେଳେ ଫେରି ଆସିବି, ସେତେବେଳେ ତମର ପୋଟ୍ରେଟ୍‌ଟାଏ ନିଷ୍ଚୟ କରିବି ।

ହେଲେ ହରେକୃଷ୍ଣ ତା'ର ସେ ପ୍ରେମର ଚିତ୍ର ଖଣ୍ଡକ ଜୀବନରେ କେବେହେଲେ ଆଙ୍କି ପାରି ନାହିଁ । ଗତ ଚାଳିଶ ବର୍ଷ ଧରି ସେ ଖିଆଲଟା ମଧ୍ୟ କେବେ ତା'ମନକୁ ଆସି ନଥିଲା, ଅଥଚ ଆଜି ସେଇଟା ଗୋଟାଏ ଜ୍ୱଳନ୍ତ କ୍ଷଣ ପରି ଉକୁଟି ଉଠିଛି- 'ମୁଁ ହଜାରେଟା ଚିତ୍ର ଆଙ୍କେ ପଛକେ, ହେଲେ ମୋ କାନଭାସଟା ସବୁବେଳେ ତା' ଚିତ୍ରଟା ଲାଗି ଖାଲି ରହିଥିବ ।'

ଚାରି

ଖାଲି କାନ୍‌ଭାସଟା ଯେମିତିକି ଶୂନ୍ୟରେ ଝୁଲି ରହିଥିଲା । ହରେକୃଷ୍ଣ କେଜାଣି କେତେବେଳଯାଏ ତା' ଆଡ଼କୁ ସେମିତି ଅପଲକ ଆଖିରେ ଅନେଇ ରହିଥିଲା । ମନେହେଲା ଜହ୍ନର ଶଙ୍ଖ ଶୁଭ୍ର ଜୋଛନା ଯେମିତି ସେ ଧଳା କାନ୍‌ଭାସରେ ଧଳା ଚିକ୍‌ମିକ୍ ତାରର ଜାଲଟାଏ ବୁଣୁଛି........

ନା ନା, ଯେମିତି ଗୋଟାଏ ଆକାର ଫୁଟିଉଠୁଛି ।

କୋଉ ଆକାର?

କୌଣସି ଚେ଼ହେରାକୁ ଚିହ୍ନିପାରିଲା ନାହିଁ ହରେକୃଷ୍ଣ । ପଥର କାନ୍ଥରେ ଧକ୍‌କା ଖାଉଥିବା ସାମୁଦ୍ରିକ ଲହଡ଼ି ଯେପରି ଢେଉଟା ଉଚ୍ଚ ହୋଇଯାଇଥିଲା ।

ଛୋଟ ଛୋଟ ଜଳକଣା ଛିଟା, ଫୁଆରା ପରି ହରେକୃଷ୍ଣର ପିଠି, ଗାଲ ଓ ବେକ ଉପରେ ଏକ ଶିହରଣ ଖେଳାଇ ଦେଉଥାଏ ।

ସେ ବ୍ୟତିବ୍ୟସ୍ତ ହୋଇ ଶୂନ୍ୟରେ, ପବନରେ ଝୁଲୁଥିବା କାନଭାସ୍ ଉପରୁ ଆଖି ବୁଲେଇ ନେଲା ଓ ନିଜ ରୁମ୍‌ର ଅନ୍ଧାର ଆଡ଼କୁ ଦେଖିବାକୁ ଲାଗିଲା ।

ସେ ଅନ୍ଧାରଟା ତା'କୁ ଯେମିତି ଏତେବେଳେ ଆଶ୍ରୟ ଦେଉଥିଲା ପରି ଲାଗିଲା, ଏବଂ ତା'ପାଦ କାନ୍ଥ ଏ ପଟକୁ ଆସି ସେହି ଅନ୍ଧାର ଗୁମ୍ଫା ଦିଗକୁ ଅଗ୍ରସର ହେବାକୁ ଲାଗିଲା........

ପାଦେ ପାଦେ ଆଗଉ ଆଗଉ ତା'ର ମନେହେଲା, ସତେ ଯେପରି ସେ ଗୁମ୍ଫାଟା ଉଭାନ୍ ହୋଇଯାଇଛି.........

ରୁମ୍ ଦର୍ଜାରେ ପାଦ ଠୋକ୍‌କର ଖାଇଲା, ହେଲେ ସାମ୍ନାରେ ଅନ୍ଧାର ନଥିଲା । ଜହ୍ନର ଜୋଛନା ଯେମିତି ସେ ଅନ୍ଧାରକୁ ଚୋରାଇ ନେଇଥିଲା......

ରୁମ୍‌ର ବାମ କାନ୍ଥକୁ ଲାଗି ରଙ୍ଗ ଟ୍ୟୁବଭରା ଟେବୁଲଟା ଥିଲା । ମନେହେଉଥିଲା, ସବୁ

Digitized by PPRACHIN, SOA

ରଙ୍ଗକୁ ଗୋଟି ଗୋଟି କରି ଏଇନେ ଜୋଛନା ଅଣ୍ଡାଳି ପକାଇଛି, ଯେମିତି ।

ଏବଂ ମୁହଁଖୋର୍ ଜୋଛନାଟା ଯେମିତି ତା' ରୁମ୍ ଚଟାଣରେ ଧିରେ ଧିରେ ଗୁରୁଣ୍ଡି-ଗୁରୁଣ୍ଡି ସାମନା କାଛକୁ ଲାଗିଥିବା ତା'ବିଛଣା ଉପରେ ପାଦଦେବକୁ ଉଦ୍ୟତ ହେଉଥିଲା·········
ହରେକୃଷ୍ଣ ଚମକିପଡ଼ି କାଛ ଆଡ଼କୁ ଦେଖିବାକୁ ଲାଗିଲା·······

ଏକା ସଙ୍ଗେ ଗୁଡ଼ିଏ ଚିତ୍ର କାଛରେ ଭିଡ଼ି ମୋଡ଼ି ହୋଇ ଆଗଉଥିଲେ । ସତେ ଯେପରି ପରସ୍ପରକୁ ଠେଲି ପେଲି ନିଜଲାଗି କାଛରେ ଜାଗା ଖୋଜି ବୁଲୁଥିଲେ ସେସବୁ·······

ହରେକୃଷ୍ଣ ଗୁଡ଼ିଏ ଚିତ୍ରକୁ ଚିହ୍ନି ପକାଇଲା ।··········

ଗୋଟାଏ ଚିତ୍ର ଖରାପ ଝିଅମାନଙ୍କର – ଏବଂ ତା'ର ମନେପଡ଼ିଲା ଯେ ସେଇଟା ତ ଚଣ୍ଡିଗଡ଼ର ମ୍ୟୁଜିୟମ୍‌ରେ ଲଗାହୋଇଛି । ମ୍ୟୁଜିୟମ୍ ବାଲାଏ ସେଇଟାକୁ କିଣି ନେଇଥିଲେ········ତା'ହେଲେ ସେଇଟା ପୁଣି ତା'ରୁମ୍‌କୁ ଆସିଲା କେମିତି ?

ଆଉ ଏକ ଚିତ୍ରକୁ ଚିହ୍ନିଲା, ଯେ କେରଳ ଯାଇ ଲେଣ୍ଡସ୍କେପ୍‌ଟାଏ ଆଙ୍କିଥିଲା, ଅସ୍ତମାନ ସୂର୍ଯ୍ୟର ଦୃଶ୍ୟ । ସେଇଟାକୁ ଦିଲ୍ଲୀର ଗେଲେରୀ ଅଫ ମଡ଼ର୍ଣ୍ଣ ଆର୍ଟ କିଣି ନେଇଥିଲା ।

ସାଂଗୀଘାଟିର ଲେଣ୍ଡସ୍କେପକୁ ମଧ୍ୟ ଚିହ୍ନିଲା, ଏବଂ ତା'ର ପୂରାପୂରି ଭାବରେ ମନେପଡ଼ିଲା ଯେ ସେଇଟାକୁ ଲଳିତକଳା ଏକାଡ଼େମି କିଣି ନେଇଥିଲା ।

ଖରାପ ଝିଅମାନଙ୍କର ଆହୁରି ଗୁଡ଼ିଏ ଚିତ୍ର ବମ୍ବେର ପ୍ରିନସ୍‌ଅଫ ୱେଲସ୍ ମ୍ୟୁଜିୟମରେ ଲାଗିଥିଲା ।

ହେ ଭଗବାନ ! ହରେକୃଷ୍ଣ ଚମିକିଉଠି ଚଟାଣ ଉପରୁ ଗୋଟାଏ ପାଦ ଏ ଭଳି ଭାବରେ ଉଠାଇନେଲା । ସତେ ଯେପରି ଜୋଛନା ରେଖାଟା ସାପ ଭଳି ଘୋଷାରି ଘୋଷାରି ତା'ପାଦକୁ ଦଂଶିବାରେ ଲାଗିଛି·········

ଏବଂ ହୁଏତ ତା' ବିଷଦାନ୍ତଟା ତା' ପାଦରେ ଲାଗିଯାଇଥିଲା । ମୁଣ୍ଡଟା ଘୂରେଇଲା ପରି ମନେହେଲା ଏବଂ ଠିକ୍ ସେତିକିବେଳେ କାଶ୍ମୀର ଓ ଗୋଆର ଲେଣ୍ଡସ୍କେପ ଲାଗିଥିବା ସାମନା କାଛ ଉପରେ ତା ଦୃଷ୍ଟିପଡ଼ିଲା·······କେତେ ଗଣେଷ, କେତେ ହାତୀ·· ଏବଂ ବାରଟାଯାକ ପେଣ୍ଟିଙ୍ଗ୍ ମଧ୍ୟ, ଯାହା ସେ ଅଲଗା ଅଲଗା ଋତୁକୁ ଦର୍ଶାଇ ବାରଟା ଯାକ ମାସକୁ ଚିତ୍ରିତ କରିଥିଲା । ବାରମାସୀ ପେଣ୍ଟିଙ୍ଗ୍‌ସବୁ ଚିତ୍ରଗୁଡ଼ିକର ରଙ୍ଗ କେତେବେଳେ ଫିକା ହୋଇ ଦେଖାଯାଉଥିଲା ତ'କେତେବେଳେ ଖୁବ୍ ଗାଢ଼ ଗଭୀର ରଙ୍ଗରେ ଦେଖାଯାଉଥିଲା । ହେଲେ ତା'ସ୍ମୃତିରେ କିଛିହେଲେ ଧୂଆଁଳିଆ ମନେ ହେଉ ନ ଥିଲା । ତା'ର ବାରମ୍ବାର ମନେ ପଡୁଥିଲା ଯେ କାଶ୍ମୀରର ଲେଣ୍ଡସ୍କେପକୁ ଜାମ୍ମୁକାଶ୍ମୀରରେ ତିଆରି ହେଉଥିବା ମ୍ୟୁଜିୟମ୍ କିଣିନେଇଥିଲା । ଗୋଆ ଲେଣ୍ଡସ୍କେପଟି ଏଟମିକ ଏନର୍ଜିବାଲା ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ କିଣିଥିଲା ସେଇଟା ଡଃ· ଭାଭାଙ୍କ ଅଫିସ୍ ରୁମ୍‌ରେ ଲାଗିଥିଲା······· ଏବଂ ସେ ଗଣେଷ, ହାତୀବାଲା, ଏବଂ ବାରମାସୀ ଚିତ୍ରମାଳା ଏୟାର ଇଣ୍ଡିଆ କିଣି ନେଇଥିଲା········

Digitized by PPRACHIN, SOA

ନିଜ ରୁମ କାନ୍ଥକୁ ଅନଉ ଅନଉ ହରେକୃଷ୍ଣ ମନରେ ଏକ ବିଚିତ୍ର ଭୟ ଅନୁଭୂତ ହେଲା । ସେ ସବୁ ଚିତ୍ର ଅଲଗା ଅଲଗା ଭୂମ୍‌ର ଅଲଗା-ଅଲଗା କାନ୍ଥରୁ ଓହ୍ଲାଇ ତା'ରୁମ୍ କାନ୍ଥକୁ କେମିତି ଚାଲି ଆସିଥିଲେ ଆଜି ?

ଏବଂ ତା'ସାଙ୍ଗକୁ ଜୋଛନା ରେଖା ପରି ଧୀରେ ଧୀରେ ଭାବନାଟାଏ ଆସି ତା'ମନରେ ଠିଆ ହୋଇଗଲା । ଆଜି ହୁଏତ ତାର ଯେତେ ସବୁ ଚିତ୍ର ମିଶିକି ସେ ଖାଲି କାନ୍‌ଭାସଟିକୁ ଦେଖିବାକୁ ଆସିଛନ୍ତି । ଯାହା ଗତ ଚାଳିଶ ବର୍ଷ ହେଲା ଖାଲି ଶୂନ୍ୟରେ ଝୁଲୁଛି ।

ପାଞ୍ଚ

ତା' ଦୃଷ୍ଟିଟା ଘୂରି ଘୂରି ପ୍ରତ୍ୟେକଟି କାନ୍‌ଭାସ୍ ଭିତରୁ ଅଲଗା ଅଲଗା ଋତୁକୁ ଗୋଟି ଗୋଟି କରି ଦେଖିବାକୁ ଲାଗିଲା । ଯୋଉଥିରେ ସେ ବାରଟାଯାକ ମାସକୁ ଚିତ୍ରଣ କରିଥିଲା............

ଖିଆଲଟାଏ ତା' ମନରେ ହାଲୁକା କୁଞ୍ଝିଡ଼ି ରେଖାଟିଏ ପରି ଅଟକି ଗଲା, 'ଧୀରେ ଧୀରେ ଗୋଟେ-ଗୋଟେ ଦିଟା-ଦିଟା କରି ମୁଁ ସବୁ ଋତୁକୁ ବିକି ଦେଲି । ଋତୁମାନଙ୍କର ଉତ୍ତାପ ଓ ଢାକରକୁ ମଧ୍ୟ । ସେମାନଙ୍କ ରଙ୍ଗ ଓ ଫୁଲ ସବୁକୁ ମଧ୍ୟ ବିକି ଦେଇଛି ମୁଁ ।'

ହରେକୃଷ୍ଣର ମନେହେଲା, ଏବେ ସେ ଯେପରି ସମସ୍ତ ତିଥି, ବାର, ତାରିଖ ଓ ଋତୁରୁ ବାହାରି ଆସି ଠିଆ ହୋଇଛି ବାହାରେ..............

ବାହ୍ୟ ଦେଶର ଅନୁଭୂତି ଅର୍ଜନ କରିବା ସକାଶେ ହରେକୃଷ୍ଣ ପ୍ରତି ଦୁଇବର୍ଷରେ ଥରେ ନିଜର ଦୁଇ ବା ତିନୋଟି ଚିତ୍ର ଏଆର ଇଣ୍ଡିଆକୁ ଦେଇ ତା' ବଦଳରେ ଯେ କୌଣସି ଦେଶକୁ ଯିବା ଲାଗି ଟିକେଟ୍ ପାଇଯାଉଥିଲା । ଏବଂ ଏ ଭଳି ଭାବରେ ସେ ଇଉରୋପର ସବୁଯାକ ମ୍ୟୁଜିୟମ୍ ଦେଖି ସାରିଥିଲା............

ଅନୁଭୂତି ସମ୍ପନ୍ନତା କଣ-କଣ ହେଇ ତା'ଭିତରେ ସଞ୍ଚିତ ହେଉ ନଥିଲା ? ହେଲେ ଏତେବେଳେ ତାକୁ ତା' କାନ୍ଧ ପାଖରୁ ସେହି ଗେଣ୍ଡୁଫୁଲ ମାଳର ବାସ୍ନା ଆସିଲା, ଯାହା ତା' ବାପା ପ୍ରଥମଥର ହସିକି ତା'ବେକରେ ପିନ୍ଧାଇ ଥିଲେ ଏବଂ ତାକୁ ଛାତିରେ ଭିଡ଼ି ଧରି କହିଥିଲେ- ମୋତେ କ୍ଷମା କରିବୁ କୃଷ୍ଣ । ମୁଁ ତୋ ପଥରେ ଅନେକଟା ବାଧା ସୃଷ୍ଟି କରିଥିଲି । ତୋ ଭବିଷ୍ୟତ ଏତେ ଉଜ୍ଜ୍ୱଳ ବୋଲି ମୁଁ ଜାଣି ନ ଥିଲି ପୁଅ ।

ଏବଂ ଦିଲ୍ଲୀର ସମଗ୍ର ଏଆର୍ ପୋର୍ଟଟା ତା'ଆଖି ଆଗରେ ଭାସି ଉଠିଲା ।

ସେଇଟା ଥିଲା । 1953 ମସିହା । ଭାରତର ପାଞ୍ଚଜଣ ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରଥମ ଥର ପାଇଁ ସୋଭିଏତ୍ ରୁଷ୍ ଯାତ୍ରା କରିଥିଲେ । କେବଳ ନିଜ ଚିତ୍ର ପ୍ରଦର୍ଶନୀ ନିମନ୍ତେ ନୁହେଁ; ସମଗ୍ର ଭାରତର ଚିତ୍ର ପ୍ରଦର୍ଶନୀ ନିମନ୍ତେ ଉଦ୍ଦିଷ୍ଟ ଥିଲା ଏ ଯାତ୍ରା ।

ଏବଂ ସେ ପାଞ୍ଚଜଣଙ୍କ ମଧ୍ୟରେ ସେ ବି ଥିଲା....... ଜଣେ ଅନ୍ୟତମ ସଭ୍ୟ ।

Digitized by PPRACHIN, SOA

ଚିତ୍ରକରମାନଙ୍କ ଆହୁରି କେତେ ଚିତ୍ରକର ବନ୍ଧୁ, ଛାତ୍ରଥିଲେ, ଯେଉଁମାନେ ତାଙ୍କୁ ଫୁଲମାଳ ଦେଇ ବିଦାୟ ଦେବାକୁ ଆସିଥିଲେ । ତା' ବାପାଙ୍କୁ ହାତରେ ଫୁଲମାଳ ଧରି ଏୟାରପୋର୍ଟ ଭିଡ଼ ଭିତରେ ତାକୁ ଖୋଜୁଥିବାର ଦେଖି ହରେକୃଷ୍ଣର ଆଖିରେ ମଧ୍ୟ ଯେମିତି ଗୁଡ଼ିଏ ଫୁଲଫୁଟି ଉଠିଥିଲା ଏକାଥରକେ ।

ହରେକୃଷ୍ଣର ଆଖି ଉନ୍ନତ । ମସ୍ତକ ଉନ୍ନତ ଥିଲା । ହେଲେ ପିତାଙ୍କ ଆଗରେ ସେ ମୁଣ୍ଡ ନୁଆଁଇ ଦେଇଥିଲା ।

ତା' ବାପା ମିଲ୍‌ଖୀରାମ ଥିଲେ ଜଣେ ସରକାରୀ ଅଧିକାରୀ । ପି·ଡବ୍ଲୁ· ଡ଼ିର ଡ଼ିଭିଜନର ଅଫିସର । ସେ ସବୁବେଳେ ମସ୍ତକ ଉନ୍ନତ ରଖି ବଞ୍ଚିଥିଲେ । ନିଜ ବଡ଼ ପୁଅକୁ ଏମ୍·ଇ· ଏସ୍· ରେ ଏକ୍ସ ·ଇ· ଏନ୍· ଚାକିରୀରେ ନିଯୁକ୍ତ କରାଇ ଛୋଟ ପୁଅ ହରେକୃଷ୍ଣ ଲାଗି ଗୋଟାଏ ଖୁବ ବଡ଼ ଇଞ୍ଜିନିୟର ବା ମାଜିଷ୍ଟ୍ରେଟ୍ ହେବାର ସ୍ୱପ୍ନ ଦେଖୁଥିଲେ ସେ ।

ହରେକୃଷ୍ଣ ମଧ୍ୟ ଯେତେବେଳେ ଇଞ୍ଜିନିୟର ହେବାର ଆଦେଶ ଶିରୋଧାର୍ଯ୍ୟ କରି କଲେଜରେ 'ମେଥମେଟିକସ୍, ଫିଜିକ୍ସ ଓ କେମିଷ୍ଟ୍ରି ନେବାର ତୃତୀୟ ବର୍ଷ ହିଁ ସେ ଭଲରକମ ଜାଣିପାରିଲା ଯେ ଏ ଫର୍ମୁଲା ସବୁ ସେ ଜୀବନସାରା ଘୋଷିପାରିବା ଅସମ୍ଭବ । ସେ ବିଷୟ ବଦଳାଇ ଦେଲା, ନେଲା ହିଷ୍ଟ୍ରି ଓ ପୋଲିଟିକାଲ ସାଇନସ୍ ।

ହେଲେ ବଙ୍ଗର କେତେକ ଏମିତି କଳାକୃତି ଥିଲା । ଯାହା ଦେଖିଲେ ସେ ଆଖି ଫେରାଇ ପାରି ନଥିଲା । ଦିନେ ଯେତେବେଳେ ପ୍ରିନସିପାଲ୍ ମିଷ୍ଟର ହାଭେ ତାକୁ ଏକଲା ଡ଼ାକି ତା' ଭିବିଷ୍ୟତ ବିଷୟରେ ଖୋଳି ଖୋଳି ପଚାରି ଦେଲେ-ସେତେବେଳେ ସେ ପ୍ରିନ୍‌ସିପାଲଙ୍କ ଚେ଼ହେରାରେ, ଜଣେ ଗୁରୁଙ୍କ ଚେହେରାରେ ମିଳେଇଯାଇଥିବା ଜଣେ ବନ୍ଧୁଙ୍କ ଚେହେରାକୁ ବାରି ପାରିଥିଲା । ମନଟା ଗୋଟାଏ ପଦ୍ମ ଫୁଲ ପରି ପାଖୁଡ଼ା ମେଲି ଦେଇଥିଲା । କହିଥିଲା- 'ମୁଁ ଆର୍ଟିଷ୍ଟ ହେବାକୁ ଚାହେଁ ସାର୍, କିନ୍ତୁ'.........ଏବଂ କିନ୍ତୁ ଶବ୍ଦଟା ଉଚ୍ଚାରଣ କଲା ମାତ୍ରକେ ଯେମିତି ପଦ୍ମ ପାଖୁଡ଼ାମାନେ ଆପେ ଆପେ ବୁଜି ହୋଇଯାଇଥିଲେ ।

ସେଦିନ ରାତିରେ ପ୍ରିନସିପାଲ ତା' ବାପାଙ୍କ ପାଖକୁ ଲମ୍ବା ଚିଠିଟାଏ ଲେଖିଥିଲେ ଏବଂ ତା' ସାଙ୍ଗକୁ ବମ୍ବେର ଜେ·ଜେ· ସ୍କୁଲ ଅଫ୍ ଆର୍ଟିସକୁ ହରେକୃଷ୍ଣର ଦରଖାସ୍ତଟା ମଧ୍ୟ ପଠାଇ ଦେଇଥିଲେ ।

ଏୟାରପୋର୍ଟରେ ଠିଆହୋଇ ତା'ବାପାଙ୍କ ମନେ ପଡୁଥିଲା ହୁଏତ ପ୍ରିନ୍‌ସିପାଲଙ୍କ ସେଇ ଲମ୍ବା ଚିଠିକଥା, ଯାହା ସେ ଖୁବ୍ ବିରକ୍ତ ହୋଇ ପଢ଼ିଥିଲେ ଓ ପଢ଼ିଲା ପରେ ଗୁମ୍ ମାରି ବସିଯାଇଥିଲେ ।

କିନ୍ତୁ ସେଦିନ ସେ ପଥର ପରି ନୀରବତାଟା ଭାଙ୍ଗିଯାଇଥିଲା । ଏବଂ ତାଙ୍କ ମୁହଁରୁ ସ୍ୱତଃ ବାହାରି ଆସିଥିଲା, ମୋତେ କ୍ଷମା କରିଦେ କୃଷ୍ଣ ।

ଆଜି 1983ରେ ବି ହରେକୃଷ୍ଣ ମନରେ 1953ର ଦାହଟାଏ ଉଠିଲା ଯେତେବେଳେ

Digitized by PPRACHIN, SOA

ସେ ଏୟାରପୋର୍ଟ ଭିଡ଼ ଭିତରେ ବିବ୍‌ବୋର ଚେ଼ହେରା ଖୋଜିବାକୁ ଚାହିଁ ମଧ୍ୟ ତାକୁ ପାଇ ପାରି ନଥିଲା ।

ଚାଳିଶ ବର୍ଷ ତଳେ ଯୋଉ ଚେ଼ହେରାଟା ଦିନେ ତା'ପାଖରୁ ହଜିଯାଇଥିଲା, ତାର ବୀଜଟା, ହୁଏତ ଚାଳିଶ ବର୍ଷ ହେଲା ମାଟି ଭିତରେ ପୋତି ହୋଇ ରହିଥିଲା । ଯାହା ଆଜିର ଧବଳ ଚାନ୍ଦିନୀରେ ଅଙ୍କୁରି ଉଠିଥିଲା ।

ହରେକୃଷ୍ଣ ନିଜ ଦେଶର ବଣ-ଜଙ୍ଗଲ ଘୂରି ବୁଲୁଥିଲା ବେଳେ ମୃତ୍ୟୁ ସଞ୍ଜୀବନୀ କଥା ଶୁଣିଥିଲେ । ମୃତ୍ୟୁ ସଞ୍ଜିବନୀ ବୋଲି ଗୋଟିଏ ଗଛ ଅଛି । ଯାହା ଅତ୍ୟନ୍ତ ଦୂରସ୍ଥ ଏକାନ୍ତ ପାହାଡ଼ ମାନଙ୍କରେ କାର୍ତ୍ତିକ ମାସର ଜହ୍ନ ରାତିରେ ହିଁ କେବଳ ଦେଖିବାକୁ ମିଳିଥାଏ ।

ନିଜ ଅର୍ଦ୍ଧ ଆଲୋକିତ ରୁମ୍ ଭିତରେ ଠିଆ ହୋଇ ହରେକୃଷ୍ଣର ମନେହେଲା ଯେ ଆଜି ଅଚାନକ ସେ ନିଜ ଆଖିରେ ଫୁଲଫୁଟା ମୃତ୍ୟୁ ସଞ୍ଜିବନୀ ଗଛକୁ ଯେପରି ଦେଖିପାରିଛି ।

ତା' ସାମନାରେ-ତା ରୁମଟା ଯେମିତି ଗୋଟାଏ ଏକାନ୍ତ ଦୂର ପାହାଡ଼ରେ ପରିବର୍ତ୍ତିତ ହେଲା ଏବଂ ବର୍ଷ ବର୍ଷର ଗଛଲତା ଗହଳରେ ଲୁଚିଯାଇଥିବା ବିବ୍‌ବୋର ଚେ଼ହେରାଟା ଦିଶିବାକୁ ଲାଗିଲା ।

ଖୁବ୍ ଛୋଟ, କୁନି ଝିଅଟେ ପରି ବିବ୍‌ବୋର ଚେହେରା······

ଫୁଲର ଛୋଟ ଛୋଟ ମାଳ ପଛରେ ଲୁଚି ଥାଇ ବରପଛରେ ଘୋଡ଼ା ଉପରେ ବସିଥିବା ଛୋଟ ପିଲାର ଚେହେରା ପରି ତା ନିଜ ଚେ଼ହେରା ମଧ୍ୟ ଫୁଟି ଉଠିଲା ।

ବଡ଼ଭାଇଙ୍କ ବିବାହ ସମୟରେ ତାଙ୍କର ବର-ଭାଇ ହୋଇ ଏକା ଘୋଡ଼ାରେ ବସିବା ସମୟରେ··········

ଭାବୀ ଭାଉଜଙ୍କ ଟିକି ଭଉଣୀ ବିବ୍‌ବୋ, ଭାଇକୁ ଯେପରି ନିଜର ସବୁକିଛି ସମର୍ପଣ କରିବା ଲାଗି ତତ୍ପର ଥିଲା ।

ସେଇ ଛୋଟ ଛୋଟ ଚେହେରାମାନ ଏବେ ବଡ଼ ହୋଇଗଲା········

ତା' କଲେଜର ଶେଷ ବର୍ଷ ବାପାଙ୍କ ପାଖକୁ ସାନପୁଅ କୃଷ୍ଣର ବାହାଘର ଲାଗି ଦୂର-ପାଖ ସମ୍ପର୍କୀୟ; ପରିଚିତ ବନ୍ଧୁବାନ୍ଧବମାନଙ୍କଠାରୁ ସେମାନଙ୍କ ଝିଅର ଘନ ଘନ ପ୍ରସ୍ତାବ ଆସିବାରେ ଲାଗିଥାଏ । ସେମାନେ ତାଗଦା ମଧ୍ୟ କରୁଥାନ୍ତି ଶୀଘ୍ର ଛିଣ୍ଡାଇ ଦେବାକୁ ।

ଗୋଟାଏ ନିଷ୍ପତ୍ତିର ମୁହୂର୍ତ୍ତ । ବାପା ନିଜ ରୁମ୍‌ରେ ବସି ସେ ସବୁ ଚିଠି ପଢୁଥାନ୍ତି ଏବଂ ସେ ଅଚାନକ ନିଜ ଫଇସଲାରେ ହରେକୃଷ୍ଣର ରାୟ ମିଶାଇବା ଲାଗି ତାକୁ ଡ଼କାଇ ପଠାଇଲେ·········

ସେ ଠିକ୍ ଦର୍ଜା ପାରିକରି ରୁମ୍ ଭିତରେ ପାଦ ଦେବକୁ ଯାଉଥିଲାବେଳେ କବାଟ କୋଣରେ ଠିଆହୋଇଥିବା ଭାଉଜ ତାକୁ ଟିକିଏ ଅଟକି ଯିବା ଲାଗି ସଂକେତ ଦେଲେ ।

ତା'ପରେ ଭାଉଜ ତାକୁ ଏକ ନିର୍ଜନ ଜାଗାକୁ ନେଇ କହିଲେ- ଦେଖ କୃଷ୍ଣ ଆଜି ବାପା

Digitized by PPRACHIN, SOA

ପେଶାବର୍‌ଇ ତାଙ୍କ ଜଣେ ବନ୍ଧୁଙ୍କ ଝିଅଲାଗି ତମକୁ ରାଜି କରାଇବାକୁ ବଦ୍ଧ ପରିକର । ହେଲେ ତୁମେ ମୋଟେ ରାଜି ହେବ ନାହିଁ । ମୋ ଭଉଣୀ ବିବ୍‌ବୋ ବର୍ଷ ବର୍ଷ ଧରି ତମ ଲାଗି ଅନେଇ ବସିଛି । ଯେତେବେଳେ ହରେକୃଷ୍ଣ ଜଣେ ସରକାରୀ ଅଫିସର ହେବା ପରିବର୍ତ୍ତେ ହାତରେ ରଙ୍ଗ ଓ ବ୍ରସ୍ ଧରିଥିଲା; ସେତେବେଳେ ଉଭୟ ଘରେ ଶୁଭେଚ୍ଛା ଦିଆ ନିଆ ହୋଇଥିଲା ।

ବମ୍ବେରେ ଯେତେବେଳେ କଲେଜଛୁଟି ହେଉଥିଲା । ସେ ଲୁଧିଆନା ଆସୁଥିଲା । କେବେ ଛପାର ମେଳାକୁ ଯାଇ ଓଟ ଦୌଡ଼ରେ ସ୍କେଚ୍ ଆଙ୍କେ; ନାଚଗୀତ କରିଥିବା ଝିଅମାନଙ୍କର ଚିତ୍ର ତିଆରି କରେ ତ କେବେ ସେ ମନ୍ଦିର, ଶ୍ମଶାନକୁ ଯାଇ କଳାର ଉତ୍କର୍ଷ ପ୍ରମାଣ କରେ ।

ହରେକୃଷ୍ଣର ସାଙ୍ଗମାନେ ମଜାରେ ମଜାରେ ବିବ୍‌ବୋକୁ ରୁକ୍ମିଣୀ ବୋଲି ନାଁ ଦେଇଥିଲେ । ସେହି ସାଙ୍ଗସରିସା, ଯେଉଁମାନେ ତା' କଲେଜ ପ୍ରେମିକା ମହିନ୍ଦରକୁ ରାଧା ବୋଲି କହିଥିଲେ; ସେମାନେ ଏବେ ଘୋଡ଼ା ଓ ବରଯାତ୍ରୀ ନେଇ ବିବାହ କରି ଘରକୁ ଆସୁଥିବା ବିବ୍‌ବୋକୁ କୃଷ୍ଣର ରୁକ୍ମିଣୀ ବୋଲି ଡ଼ାକିବାକୁ ଲାଗିଥିଲେ ।

ଏବଂ ଠିକ୍ ସେଇ ସମୟ, ଯେତେବେଳେ ଉଭୟ ପରିବାର ମଧ୍ୟରେ ହୋଇଥିବା ଶୁଭେଚ୍ଛା ବିନିମୟ, ହରେକୃଷ୍ଣ ନାଁରେ ରଚାଯାଇଥିବା କଳଙ୍କରେ ପରିଣତ ହୋଇଥିଲା········

ପିଲାଟା ଆୱାରା········

ଜୀବନ ସାରା ଲୋକଙ୍କ ଦୋକାନର ମଟା ରଙ୍ଗ କରିଥିବ·······

କିଏ ନିଜଝିଅକୁ ବୁଡ଼ାଇ ମାରିବାକୁ ଚାହିଁବ?

ରୁଟି ମନ୍ଦିରରେ ଖାଇବ ନା ମସିଜିଦ୍‌ରେ ବସିବ······

ହରେକୃଷ୍ଣ ସବୁଯାକ କଥା ଏଡ଼ାଇଦେବାକୁ ବାପାଙ୍କୁ କହିଥିଲା । ହେଲେ ଅନ୍ୟପକ୍ଷର ଘନ ଘନ ଆକ୍ରମଣଟା କଥାକୁ ବାଆଁରେଇ ଦେଉ ନଥାଏ । ସେହି ଅପର ପକ୍ଷ ଏ ପଟେ ନିଜ ବଡ଼ ଝିଅକୁ ଦେଇଥିଲେ, ତେଣୁ ନାନା ରକମ ବାହାନା କରି କହୁଥାନ୍ତି, ବଡ଼ଭାଇ ପରି କିଛି କାମରେ ଲାଗିଯାଉ, ତା' ପରେ ଯାଇ········

ବୋଉଟା ଯେମିତି ବୈରାଗୀ ହୋଇଯାଇଥିଲା । ନାଁ ହଁରେ ହସ୍ତକ୍ଷେପ କରୁଥିଲା । ନା'ନା' ରେ ଦଖଲ ଦେଉଥିଲା । ଦିନସାରା ବସି ଅରଟରେ ସୂତା କାଟୁଥାଏ ଏବଂ ହୁଏତ ଅରଟର ଖିଅପରି କଥା ସବୁକୁ ମଧ୍ୟ କାଟୁଥାଏ ।

ତା' ବଡ଼ ପୁଅର ବାହାଘର ପରେ, ନିଜ ଘର, ନିଜ ବାପା-ମା ମଧ୍ୟ ତାକୁ ସାଧାରଣ ମନେ ହେବାକୁ ଲାଗିଥିଲେ ଯେମିତି·········

ଶ୍ୱଶୁରାଳୟର ଦୁଇ ପୁରୁଷ ପଛକୁ ଯୋଉ 'ରାୟସାହେବ' ଉପାଧିଟା ଲାଗିଥିଲା, ତା'ର ଗାରିମା ଆଜି ମଧ୍ୟ ସେ ପରିବାରରେ ବଳବତ୍ତର ରହିଥିଲା, ସେ ଘରର କଥାବାର୍ତ୍ତା, ବ୍ୟବହାର ଚାଲିଚଳଣ ସବୁଥିରେ·········· ଏବଂ ସେ ଘରର ଜ୍ୱାଇଁକୁ ଏବେ ନିଜ ବାପମା ମଧ୍ୟ

Digitized by PPRACHIN, SOA

ତୁଚ୍ଛ ବୋଲି ମନେହେଉଥିଲେ.........

ହରେକୃଷ୍ଣର ମା ସୂତା କାଟୁଥାନ୍ତି । ମୁହଁ ଖୋଲି କିଛି କହନ୍ତି ନାହିଁ । ହେଲେ ସମୁଦୁଣୀ ଟାହିଟାପରା ଅନେକ ସମୟରେ ତାଙ୍କ ଅରଟରୁ ଘୁଁ-ଘୁଁ ହୋଇ ଶୁଭେ । "ଆପଣ ତ ଖଦଡ଼ଧାରୀ, କଂଗ୍ରେସୀ । ବୋତାମ ମଧ୍ୟ ସୂତାର ଲଗାନ୍ତି ।" ଆପଣଙ୍କ ଲାଗି ତ କେହି ଭଲ ଲୁଗା ଖଣ୍ଡେ ମଧ୍ୟ ଉପହାର ଦେଇ ପାରିବନି ।

ବଡ଼ପୁଅ ଶ୍ୱଶୁର ଘରର ହୋଇ ରହିଯାଇଥିଲା । ଏବେ ସାନଟା ବି ସେମାନଙ୍କର ହୋଇଯିବ । ଏ କଥାଭାବି ହରେକୃଷ୍ଣର ମା ଆରମ୍ଭରୁ କେବେ ଏ କଥାରେ ସମ୍ମତି ଦେଇ ନଥିଲେ । ହେଲେ ଯେତେବେଳେ ଛୋଟପୁଅ ହରେକୃଷ୍ଣ ମୁହଁ ଖୋଲି ବିବ୍‌ବୋକୁ ଭଲ ଲାଗୁଥିବା କଥା କହିଲା ସେତେବେଳେ ତା ମା ସାଧାରଣ ଭାବରେ ତାଙ୍କ ଅସମ୍ମତି ହେବା କଥା ମଧ୍ୟ ପ୍ରକାଶ କରି ନ ଥିଲେ ।

ହରେକୃଷ୍ଣ ଜାଣଥିଲା ଯେ ଆପତ୍ତି ଉଠାଉଥିବା ବିବ୍‌ବୋର ମା ତା ମାଠୁ ବେଶୀ ଶିକ୍ଷିତା କି ଅଭିଜ୍ଞା ନଥିଲେ । ହେଲେ ତାଙ୍କ ବାପାର ବାପଙ୍କୁ 'ରାୟସାହେବ' ଉପାଧି ମିଳିଥିଲା ବୋଲି ତାଙ୍କ ଗର୍ବ କହିଲେ ନସରେ ଏବଂ କୃଷ୍ଣ ଆରମ୍ଭରୁ ଠିକ୍ କରି ନେଇଥିଲା ଯେ ସେ ବଡ଼ଭାଇ ପରି କେବେହେଲେ ଶ୍ୱଶୁର ଘରେ ପଡ଼ି ରହିବ ନାହିଁ......ଏବଂ ଏ କଥାଟା ବିବ୍‌ବୋ ପାଖକୁ ମଧ୍ୟ ପହଞ୍ଚାଇ ଦେଇଥିଲା ।......

ନିଜର ପୂର୍ବ ଜନ୍ମ କଥା ମନେ ପଡ଼ିଲା ପରି ଏତେବେଳକୁ ହରେକୃଷ୍ଣର ସମସ୍ତ କଥା ମନେ ପଡ଼ିଗଲା ।

ସେଇଟା 1942 ମସିହା କଥା । ଭାରତ ଛାଡ଼ ଆନ୍ଦୋଳନର ସମୟ । ସେତେବେଳେ ସବୁଆଡ଼େ ବିକ୍ଷୋଭ, ଧାରଣା, ହରତାଳ ଚାଲିଥାଏ । ବମ୍ବେର କଲେଜ ମଧ୍ୟ କେଇ ମାସ ଲାଗି ବନ୍ଦ ହୋଇଯାଇଥାଏ ।

ସେ ନିଜଘର ଲୁଧିଆନାକୁ ଚାଲିଆସିଥିଲା· ହରତାଳ ଦିନଗୁଡ଼ିକ କଟେଇବାଲାଗି । ହେଲେ ବାପା ଆଦେଶ ଦେଇଦେଲେ-'ଏବେ ବମ୍ବେଯିବା ଦରକାର ନାହିଁ । ଚାକିରି ବାକିରୀ କରି ଚାହାସାହା ହେବାକୁ ପଡ଼ିବ ଏଣିକି ।'

ହରେକୃଷ୍ଣ ଏ ଆଦେଶରେ ଟିପଚିହ୍ନ ଦେବା ପରିବର୍ତ୍ତେ ସାଙ୍ଗସାଥୀଙ୍କ ସଙ୍ଗେ ଆନ୍ଦୋଳନ ସମୟତକ ବିତାଇବା ଲାଗି ଲାହୋର ଚାଲିଯାଇଥିଲା । ତା' ଲାହୋର ଯାତ୍ରା ପଛରେ ଆହୁରି ମଧ୍ୟ ଏକ ଉଦ୍ଦେଶ୍ୟ ଥିଲା । ସେ ବିବ୍‌ବୋ ମୁହଁରୁ ଶୁଣିବାକୁ ଚାହୁଁଥିଲା ଯେ ସେ କୃଷ୍ଣର ରୁକ୍ମିଣୀ ହେବାକୁ ପ୍ରସ୍ତୁତ ନୁହେଁ ।

ସେତେବେଳେ ବିବ୍‌ବୋ ପିତାଙ୍କର ଏକ ବିରାଟ କୋଠି ଲାହୋରର ମଡ଼େଲ ଟାଉନରେ ଥିଲା ।

ସେ କୋଠିରେ ପାଦଦେଲା ମାତ୍ରକେ ହରେକୃଷ୍ଣ ଜାଣିପାରିଲା ଯେ ବିବ୍‌ବୋର ମା ଛଡ଼ା

Digitized by PPRACHIN, SOA

ଘରେ ଆଉ କାହା ସଙ୍ଗେ କଥାବାର୍ତ୍ତା କରିପାରିବା ସମ୍ଭବପର ନଥିଲା । ବିବ୍‌ବୋର ବାପା ଅସହାୟ ଅବସ୍ଥାରେ ପ୍ରତ୍ୟେକ କଥାରେ ବିବ୍‌ବୋର ମା ଆଡ଼କୁ ହାତରେ ସଙ୍କେତ କରି ଦିଅନ୍ତି ।

'ପ୍ରଥମେ ଚାକିରୀ, ତା' ପରେ ଯାଇ ଝିଅ' ହୁକୁମନାମା ଶୁଣି ହରେକୃଷ୍ଣ କେବଳ ଥରେ ମାତ୍ର ବିବ୍‌ବୋକୁ ଏକଲାରେ ଭେଟିବାକୁ ଚାହିଁଥିଲା, ଥରଟିଏ ଲାଗି ତା ମୁହଁ ଦେଖିବାକୁ ଚାହିଁଥିଲା ଯେ ସେ ତାର ରାଧା ନା ରୁକ୍ମିଣୀ·····

ଭାଉଜଙ୍କ ମୁହଁରୁ ସେ ଶୁଣିଥିଲା ଯେ ସେତେବେଳେ ବିବ୍‌ବୋ ଠିକ୍ କଣ୍ଢେଇଟିଏ ପରି ଦେଖା ଯାଉଥିଲା । ଏବଂ ଯେତେବେଳେ ତମେ ବରଭାଇ ହୋଇଥିଲ, ସେ ସେହି ଦିନରୁ ତମରୂପକୁ ଗଣ୍ଠିଧନ କରି ବସିଛି ।

ହରେକୃଷ୍ଣକୁ କେତେବେଳେ ସେ ରାଧାରୂପରେ ଦେଖାଯାଉଥିଲା ତ କେତେବେଳେ ରୁକ୍ମିଣୀ ରୂପରେ ଦେଖାଯାଉଥିଲା ।

ହେଲେ ଏ କଥା ସେ ଭଲରକମ ଜାଣି ପାରିଲା ଯେ ବିବ୍‌ବୋ ଘରେ ତା' ସଙ୍ଗେ କଥାବାର୍ତ୍ତା କରିବାଟା ମାସ ମାସ ଧରି ମଧ୍ୟ ସମ୍ଭବପର ନୁହେଁ । ତେଣୁ ସେ ସବୁଦିନ ବସ୍‌ଷ୍ଟପକୁ ଯାଇ ଘଣ୍ଟା ଘଣ୍ଟା ଧରି ଠିଆ ହେବାକୁ ଲାଗିଲା । କାଳେ କେବେ ତ ଦିନେ ବିବ୍‌ବୋ ତା' କୌଣସି ବାନ୍ଧବୀ ଘରକୁ ଯିବାଲାଗି ସେଠିକି ଆସିବ···

ଦିନେ ବିବ୍‌ବୋ ସତକୁ ସତ ଆସିଥିଲା ଏବଂ ଯେଉଁ ବସ୍‌ରେ ଉଠିଥିଲା, ହରେକୃଷ୍ଣ ମଧ୍ୟ ସେ ବସ୍‌ରେ ଉଠିଯାଇଥିଲା ।

ବିବ୍‌ବୋ ପ୍ରତ୍ୟେକ ପ୍ରଶ୍ନର ଉତ୍ତରରେ ଏକ ନୀରବତା ଧାରଣ କରିଥିଲା । ଏବେ ସେ ହରଭାଇର ଛୋଟ ଛୋଟ ସ୍ନେହର ଫୁଲମାଳ ଭିତରେ ହସି ହସି ଖେଳୁଥିବା ଟିକି କଣ୍ଢେଇ ହୋଇ ନଥିଲା । ହରେକୃଷ୍ଣ ଦେଖିଲା ଯେ ଯୁବତୀ ରାଧିକା ବି ନଥିଲା । ଯାହା ମାଠିଆରୁ ସେ ଅକ୍ଳେଶରେ ଲହୁଣୀ ଚୋରି କରି ଖାଇ ପାରିବ ।

ତଥାପି ତା'ମନରେ ଆଶାର ଖିଅଟିଏ ଲାଗିରହିଲା ଯେ ହୁଏତ ସେ ଚୁପ୍‌ଚାପ ପାଲିଙ୍କିରେ ବସି ତା'ଘରକୁ ଆସିବାକୁ ଥିବା ରୁକ୍ମିଣୀ ହୋଇଥାଇପାରେ··········

ହେଲେ ରୁକ୍ମିଣୀମାନେ ହୁଏତ ନିଜ ପାଲିଙ୍କି ନିଜେ ବାଛି ପାରନ୍ତି ନାହିଁ········

ହରେକୃଷ୍ଣ ହସିଦେଇ ଝରକା କାଚ଼ ବାହାରର ସେ ଦୁନିଆକୁ ଦେଖିବାକୁ ଲାଗିଲା । ଯୋଉ ଦୁନିଆର କଥାପଦେ ସେତେବେଳେ ବସ୍ ଭିତରକୁ ଆସି ବିବ୍‌ବୋର ଓଠରେ ଲାଖି ଯାଇଥିଲା । ବୋଉ ଯୋଉଠି କହିବ ସେଠି ବାହା ହେବି । ଯଦି କହିବ ତ ଆପଣଙ୍କ ସଙ୍ଗେ ମଧ୍ୟ·······

ଏବଂ ତା'ମା କଣ କହିବ ସେ କଥା ହରେକୃଷ୍ଣକୁ ବେଶ୍ ଜଣାଥିଲା···· ଏବେ 1953ର ସେହି ବର୍ଷଟା ତା' ସାମନାରେ ଥିଲା । ଏୟାରପୋର୍ଟରେ ବିଦାୟ ଦେଉଥିବାର ସେ ସମୟ,

Digitized by PPRACHIN, SOA

ଯେତେବେଳେ ତା' ବାପା ଅତିକ୍ରାନ୍ତ ବର୍ଷ ସବୁକୁ ମୁଠାରେ ଦଳିଦେଇ ତା'କୁ ଛାତିରେ ଚାପି ଧରିଥିଲେ ଏବଂ କହିଥିଲେ -ମୋତେ କ୍ଷମା କରିଦେ କୃଷ୍ଣ......

ଏବଂ ସେ ସେହି ଭିଡ଼ ଭିତରେ ଆଉ ଏକ ହଜିଲା ମୁହଁ ଖୋଜୁଥିଲା- ବିବ୍‌ବୋଉ, ଯିଏ ଅନ୍ତତଃ ପକ୍ଷେ ସେଦିନ ତ ଥରେ ଆସି କହି ପାରିଥାନ୍ତା-ମୋତେ କ୍ଷମା କରିବ କୃଷ୍ଣ, ମୁଁ ତମର ରୁକ୍ମିଣୀ ହୋଇ ପାରିଲି ନାହିଁ......

ହେଲେ ରୁକ୍ମିଣୀ ମାନେ ହୁଏତ ଏମିତି କହିପାରିନ୍ତି ନାହିଁ......

ସେଦିନ ହରେକୃଷ୍ଣ ପାଖଆଖର ଭିଡ଼ରୁ ଅଲଗା ହୋଇ ଆଖି ତଳକୁ କରି ଦେଇଥିଲା ଏବଂ ଆଜି ମଧ୍ୟ ଦୀର୍ଘ ଚାଳିଶ ବର୍ଷ ପରେ ସମସ୍ତ ସ୍ମୃତିର ଭିଡ଼ରୁ ଅଲଗା ହୋଇ ଆଖି ତଳକୁ ନୁଆଁଇ ଆଣିଛି......

କେବଳ ଖିଆଲଟାଏ ମନକୁ ଆସିଲା, ଏବେ ତା ରୁମ୍‌ଟା ତା ଆଗରେ ଯେତେବେଳେ ଏକ ନିର୍ଜୀବ ପାହାଡ଼ ଭଳି ହୋଇଯାଇଥିଲା, ବର୍ଷ ବର୍ଷର ବୃକ୍ଷ ଓ ଲତା ଗହଳରେ ଲୁଚିଥିବା ବିବ୍‌ବୋଉ ମୁହଁଟା ତାକୁ ମୃତ୍ୟୁସଞ୍ଜିବନୀ ଲତା ପରି ଫୁଟିଲା ରୂପରେ ଦେଖାଦେଇଥିଲା, ସେ ମୁହଁଟା ତାର ମୃତ୍ୟୁ ସଞ୍ଜିବନୀ ଲତା ନ ଥିଲା...... ସେଇ ତାର ରାଧା ନ ଥିଲା କି ତାର ରୁକ୍ମିଣୀ ମଧ୍ୟ ନ ଥିଲା.........

ଛଅ

'ନା' ଶବ୍ଦଟା ତା' ଗଳାରେ ଅଟକିଗଲା ଯେମିତି, ଏବଂ ତା'ଓଠ ଶୁଖିବାକୁ ଲାଗିଲା........ ।

ହରେକୃଷ୍ଣ ନିଜ ରୁମ୍‌ରେ ନିଜ ହାତରେ ତିଆରି ଚା କେବେ ଖାଇ ନଥିଲା । ସେ ଦିନକୁ ଦିଥର ମାତ୍ର ଏ କୋଠରିରୁ ବାହାରକୁ ଯାଉଥିଲା । ଥରେ ଦିପହର ବେଳେ ହଇରାଣୀ ହୋଟଲକୁ ଚା' କି କଫି ଖାଇବାକୁ କେବେକେବେ ସେ ଯେତେବେଳେ ଦିଟା ଷ୍ଲାଇସ୍, ବଏଲ ଅଣ୍ଡା ବା ବଏଲ ଚଣା ଦିଟା ଖାଇଦିଏ । ଆଉ ଥରେ ସନ୍ଧ୍ୟା ବେଳେ ସେ ରୁମରୁ ବାହାରି ଗୋକୁଳ ରେଷ୍ଟୋରାଁକୁ ଖାଇବାକୁ ଯାଉଥିଲା ।

ଏ ଅଭ୍ୟାସଟା ତାର ଦୀର୍ଘ ଅନେକ ବର୍ଷର.......... ତା'ର ସକାଳୁଆ ଟିଫିନ୍ ବୋଇଲେ ଖାଲି ବିଅର୍, ଯାହାର ଦି ଚାରିଟା ବୋତଲ୍ ସବୁବେଳେ ତା' ରୁମ୍‌ରେ ପଡ଼ିଥାଏ । ପେଣ୍ଟ୍ କରୁ କରୁ ଯେତେବେଳେ ତା' ଗଳା ଶୁଖିଯାଏ, ସେତେବେଳେ ସେ କିଛି ବିଅର୍ ଢୋକି ନିଏ............

ଏତେବେଳକୁ ମଧ୍ୟ ତା' ଶୁଖି ଯାଇଥିବା ଗଳା ବିଅର୍ ଖୋଜୁଥିଲା.......... ରୁମ୍‌ରେ ଏବେ ବି ଗୋଟାକେତେ ବିଅର୍ ବୋତଲ ପଡ଼ିଥିବ ନିଶ୍ଚୟ । ସେ ଦରଅନ୍ଧାରୁଆ ରୁମ୍‌ରେ ତା ଶୋଇବା ପଟା ଖଟପାଖ ଟେବୁଲ ଅଣ୍ଡାଳି ବୋତଲଟାଏ କାଢ଼ି ଆଣିଲା ।

ଏବଂ ସେ ବାହାର ସମୁଦ୍ରକୁ ଛୁଉଁଥିବା ତିନିଫୁଟିଆ ପଥର କାନ୍ଥ ପାଖକୁ ଆସି ଠିଆହେଲା ।

Digitized by PPRACHIN, SOA

ବିଅର୍ ତା'ର ଶୁଖିଲା ଗଳାକୁ ଆଶ୍ୱସ୍ତ କଲା । ତା'ର ମନେ ପଡ଼ିଲା ଯେ ଏହି କାଛ ଉପରେ ବସି ତା' ବନ୍ଧୁମାନେ କେଇଥର ବିଅର-ଉତ୍ସବ ପାଳନ କରିଛନ୍ତି । ଅଧା ଅଧା ରାତିଯାଏ ଗୀତ ଗାଇ, ବିଅର୍ ପିଇ ସେମାନେ ସମୁଦ୍ର ଲହରୀପରି ହସିଛନ୍ତି ।

ସମୁଦ୍ରକୁ ସମ୍ବୋଧନ କରି ତା ମୁହଁରୁ ବାହାରିଲା-ଦେଖ, ପରିଶେଷରେ ତମେ ବି ଏକଲା ରହିଗଲ ଆଉ ମୁଁ ମଧ୍ୟ । ସମୁଦ୍ରର କେଇଟା ଲହରୀ ଖୁବ୍ ଜୋର୍‌ରେ ପଥର କାଛରେ ପିଟି ହେଲା, ସତେ ଯେପରି ସେମାନେ କହୁଛନ୍ତି- ତମେ କ'ଣ ଜାଣ, କେତେ ଦରିଆ, କେତେ ନଈ ଆସି ଏ ସମୁଦ୍ରରେ ବିଲୀନ ହୋଇଛି ?

ହରେକୃଷ୍ଣ ମଧ୍ୟ ହାଲୁକା ଭାବରେ ହସିଦଲା, ମଣିଷ ବି ତ ଏକ ସମୁଦ୍ର, କିଏ କ'ଣ ଜାଣିଛି ଯେ କେତେ ଘଟଣା, କେତେ ସ୍ମୃତି ସେଥିରେ ବିଲୀନ ହୋଇଥାଏ ?

ହଠାତ୍ ସମୁଦ୍ର ଲହରୀରେ ବଂଶୀଧ୍ୱନି ପହଁରିବାକୁ ଲାଗିଲା । ହରେକୃଷ୍ଣର ହାତରେ ବିଅର୍ ବୋତଲଟା ଥରି ଉଠିଲା । ମନେ ହଲା ଯେ, ଏ ବଂଶୀସ୍ୱନ ବର୍ଷ-ବର୍ଷ ତଳେ ସମୁଦ୍ର ଗର୍ଭରେ ଲୀନ ହୋଇ ଯାଇଥିଲା, ହେଲେ ଆଜି ହଠାତ୍ ସମୁଦ୍ର ଲହରୀରେ କେମିତ ଭାସିବାକୁ ଲାଗିଛି ।

ତା'ର ମନେ ହେଲା ଆଜି ଯେମିତି ଜହ୍ନ ତାର ଜୋଛନାର ଜାଲ ପକାଇ ତା'ବଂଶୀକୁ ସମୁଦ୍ର ଗର୍ଭରୁ ବାହାର କରିଆଣିଛି..... ।

ହରେକୃଷ୍ଣର ମନେ ପଡ଼ିଗଲା ତା'ର ପ୍ରଥମ ପ୍ରେମ, ବଂଶୀ ପ୍ରେମ କଥା । ସେହି ମୁହଁର ପ୍ରେମଟା ବି ତାକୁ ଚିତ୍ରକଳା ପ୍ରେମଭଳି ମନେ ହୋଇଥିଲା ଏବଂ ଯେତେବେଳେ କଲେଜ ପାଠ ଶେଷ କରି ରୋଜଗାରର କୌଣସି ସାଧନ ବାଛିବାର ସମୟ ଆସିଥିଲା, ସେତେବେଳେ ଏକା ସଙ୍ଗେ ମନ ଭିତରେ ଦୁଇଟା ଭାବନା ଉକୁଟି ଉଠିଥିଲା । ପେଟପାଟଣା ନିମନ୍ତେ ବଂଶୀକୁ ବାଛିବ ନା ଚିତ୍ରକଳାକୁ ?

ସେ ଜାଣିଥିଲା ଯେ, ତା' ସ୍ୱଭାବରେ ଏକରକମର ସଙ୍କୋଚଭାବ ପୂରି ରହିଛି । ତା'ର ମନେ ହେଲା ଯେ ଯଦି ସେ ଆଜୀବିକା ଭାବରେ ବଂଶୀକୁ ବାଛେ, ତା'ହେଲେ ତାକୁ ସବୁବେଳେ ଆଖପାଖ ଲୋକଙ୍କ ଏକ ଭିଡ଼ର ଆବଶ୍ୟକତା ବି ପଡ଼ିବ.......... ।

ଏବଂ ସେ ଭିତରୁ ଘାବରା ହୋଇ ଚିତ୍ରକୁ ବାଛି ନେଇଥିଲା । ଯାହାଲାଗି କେବେ କେମିତି କରାଯାଉଥିବା ପ୍ରଦର୍ଶନୀରେ ଭିନ୍ନ ଭିନ୍ନ ମାସ ମାସ ଧରି ଆଉ କାହାରି କୌଣସି ରକମ ଆବଶ୍ୟକତା ନ ଥିଲା ।

ତେବେ ସେ ସୌଖୀନ୍ ଭାବରେ ଅନେକ ବର୍ଷ ଧରି ବଂଶୀ ବଜେଇ ଥିଲା । ସେ ରୁଷ ଯାଇଥିଲାବେଳେ ମସ୍କୋ ରେଡ଼ିଓରେ ବି ବଂଶୀ ବଜାଇଥିଲା, ଲେନିନଗ୍ରାଡ୍ ରେଡ଼ିଓରେ ବି........

ହରେକୃଷ୍ଣର ମନେ ପଡ଼ିଲା, ଥରେ ଯେତେବେଳେ ସେ ପୋଲାଣ୍ଡ ଯାଇଥିଲା । ସେ ୱାର୍ସା ରେଡ଼ିଓରେ ବି ବଂଶୀ ବଜାଇଥଲା ଏବଂ ବାଟରେ କାବୁଲ୍‌ରେ ଅଟକିଲା ବେଳେ କାବୁଲ୍

Digitized by PPRACHIN, SOA

ରେଡ଼ିଓରେ ମଧ୍ୟ.........

ଏବଂ ଲାହୋର....

ସେତେବେଳେ ବମ୍ବେର ଆର୍ଟ କଲେଜ ବନ୍ଦ ଥିଲା, ବାପା ବମ୍ବେ ପଠାଇବାକୁ ପୂରାପୂରି ମନା କରିଦେଇଥିଲେ । ଖର୍ଚ୍ଚବାର୍ଚ୍ଚ ଦେବାକୁ ମଧ୍ୟ ବନ୍ଦ କରି ଦେଇଥିଲେ, ସେତେବେଳେ ସେ ଲାହୋର୍‌ରେ ରହିଲା ବେଳେ ଆଜୀବିକା ଲାଗି ବଂଶୀ ବଜାଇବାକୁ ଆରମ୍ଭ କରି ଦେଇଥିଲା......

ସେତେବେଳେ ଲାହୋର ରେଡ଼ିଓ ଷ୍ଟେସନ୍‌ରେ ରାଜିନ୍ଦର ସିଂହବେଦୀ କାମ କରୁଥଲେ, ହରେକୃଷ୍ଣର ବନ୍ଧୁ । ସେ ରେଡ଼ିଓ ଷ୍ଟେସନ୍ ତରଫରୁ ହରେକୃଷ୍ଣକୁ ବଂଶୀ ବଜେଇବା ଲାଗି କଣ୍ଟ୍ରାକ୍ଟ ଦେବାକୁ ଲାଗିଥିଲେ ।

ସେତେବେଳେ ଯେ କୌଣସି ସୌଖୀନ୍ କଳାକରକୁ ଗୀତ ବା ବାଦ୍ୟ ଲାଗି କେବଳ ଦଶଟଙ୍କା କରି ପାରିଶ୍ରମିକ ମିଳୁଥିଲା । ତେଣୁ ହରେକୃଷ୍ଣ ଯୋଉଦିନ ବଂଶୀ ବଜାଉଥିଲା, ତା'କୁ ଦଶ ଟଙ୍କା ମୁଳୁଥିଲା । ନିଷ୍ଚିନ୍ତରେ ପନ୍ଦର କୋଡ଼ିଏ ଦିନ ତନ୍ଦୁରୀ ରୁଟି ଖାଇବା ଲାଗି ସେତକ ଥିଲା ଯଥେଷ୍ଟ ।

ସେହି ବର୍ଷ .... ସେହି 1942ର ବର୍ଷ......

ଏବଂ ସେହିଦିନ, ଯେଉଁ ଦିନ ବିବ୍‌ବୋକୁ ଭେଟି ସେ ଜାଣିପାରିଥିଲା ଯେ ସେ ତାର ରୁକ୍ମିଣୀ ହୋଇ ପାରିବ ନାହିଁ..........

ସେଦିନ ସନ୍ଧ୍ୟାରେ ଲାହୋର ରେଡ଼ିଓରେ ତା'ର ବଂଶୀ ବଜାଇବାର କାର୍ଯ୍ୟକ୍ରମ ଥାଏ, ହେଲେ ତା'ର ମନେ ହୋଇଥିଲା ଯେ, ସେ ଦିନ ସବୁଯାକ ସ୍ୱର ବେଣ୍ୱୀ ଭିତରେ ଶୋଇଯାଇଛନ୍ତି ଏବଂ ସେ ଦିନ ସେମାନଙ୍କୁ ଆଉ ଉଠାଯାଇପାରିବ ନାହିଁ ।

ସେତେବେଳେ ସମସ୍ତ ସାହିତ୍ୟିକ ଓ କଳାକାରମାନଙ୍କ ସଙ୍ଗମେଳଣ ଲାଗି ଏକ ମାତ୍ର ସ୍ଥାନ ଥିଲା, ଆରବ୍ ହୋଟେଲ । ଗ୍ୱାଲ୍‌ମଣ୍ଡି ଛକରେ, ସହରର ନାଳକୁ ଲାଗିଥିଲା ସେ ଆରବ୍ ହୋଟେଲ୍ । କବି ଓ ଚିତ୍ରଶିଳ୍ପୀମାନଙ୍କ ପ୍ରତି ମାଲିକର କୋଉଜନ୍ମର ପ୍ରୀତି ଥିଲା କେଜାଣି ତା ହୋଟେଲ୍ ଦର୍ଜାଟା ସବୁବେଳେ ସେମାନଙ୍କ ଲାଗି ଖୋଲା ।

କବି ଲେଖକମାନଙ୍କ ସାପ୍ତାହିକ ବୈଠିକ ମଧ୍ୟ ସେଠି ହେଉଥିଲା । ବୈଠକରେ କେତେବେଳେ ଗୋଟାଏ ଗପ ପାଠକରାଯାଉଥିଲା । କବିତା ମଧ୍ୟ । ତା' ପରେ ପଠିତ ଗପ, କବିତା ଉପରେ ସାମୂହିକ ଆଲୋଚନା ହେଉଥିଲା । ସବୁଦିନିଆ ଭୋଜନ ଓ ଚା ଲାଗି ମଧ୍ୟ ସେ ହୋଟେଲ୍‌ର ଦର୍ଜା ଖୋଲା ଥିଲା, ସପ୍ତାହ- ସପ୍ତାହ, ମାସ-ମାସ ଧରି ଯେଉଁ ମାନେ ପଇସା ଦେଇ ପାରୁ ନଥିଲେ, ସେମାନଙ୍କ ଲାଗି ମଧ୍ୟ ତା' ଦର୍ଜାଟା କେବେ ବନ୍ଦ ହେଉ ନଥିଲା । ସେଠିକି କୃଷ୍ଣ ଚନ୍ଦର ବି ଆସୁଥିଲେ । ଅହମଦ୍ ନଦୀମ, କାସୀମ, ସିଆଦତ୍ ହସନ୍ ମଣ୍ଟୋ, ଅବଦୁଲ୍ ମଜିଦ୍ ଭଟ୍ଟି, ଅହସାନ୍ ଦାନିଶ୍ ମଧ୍ୟ ଆସୁଥିଲେ । ହରେକୃଷ୍ଣକୁ ସଞ୍ଜବେଳେ ତା' ବନ୍ଧୁ ସାହିର ମଧ୍ୟ ସେଠି ଭେଟୁଥିଲେ । ଏବଂ ରାଜିନ୍ଦରସିଂହ ବେଦୀ ମଧ୍ୟ......

Digitized by PPRACHIN, SOA

ଏବଂ ସେଦିନ ମଧ୍ୟ ହରେକୃଷ୍ଣ ନିଜର ଉଦାସ ସଞ୍ଜକୁ ବନ୍ଧୁମାନଙ୍କ ଆଶ୍ରୟକୁ ଘେନିଗଲା । ହୋଟେଲ୍‌ରେ ପହଞ୍ଚି ସେଠି ବସିଲା ମାତ୍ରକେ ରାଜିନ୍ଦର ସିଂହ ବେଦୀ ତା'ହାତ ଧରି ତାକୁ ଉଠାଇ ନେଲେ । — କୃଷ୍ଣ, ଆଜି ତୋର ବଂଶୀ ବଜାଇବାର ଦିନ । କଣ୍ଟ୍ରାକ୍ଟ ସାଇନ୍ ସିରିଛି । ଶୀଘ୍ର ଟାଙ୍ଗା ଧରି ଷ୍ଟୁଡ଼ିଓ ପଳା ।

ଏବଂ ସେଦିନ ସେ ରେଡ଼ିଓ ଲାହୋର୍‌ରେ ବଂଶୀ ବଜାଇଥଲା, ଏମିତି ବଜାଇଥିଲା ଯେ ସେମିତ ଆଉ କେବେ ବଜାଇ ନଥିଲା, ହରେକୃଷ୍ଣର ଏବେ ବି ମନେ ଅଛି ସେ ଦିନର ଅକୁଣ୍ଠିତ ପ୍ରଶଂସା । ଯେତେବେଳେ ସେ ବଂଶୀ ବଜାଇ ସାରି ଷ୍ଟୁଡ଼ିଓ ବହାରକୁ ଆସିଥିଲା । ସେତେବେଳେ କେତେ ପରିଚିତ ବନ୍ଧୁ ଓ ବାଦକମାନେ ତା'ସଙ୍ଗେ ହାତ ମିଳାଇ ତାକୁ ଭୂରି ଭୂରୁ ପ୍ରଶଂସା ଓ ଶୁଭେଚ୍ଛାରେ ପୋତି ପକାଇଥିଲେ ଯେମିତି ।

ସେଇଟା ଥିଲା ପ୍ରଥମ ଦିନ, ଯେତେବେଳେ ବଂଶୀ ବଜାଇଲା ସେତେବେଳେ ହରେକୃଷ୍ଣର ମନେ ହୋଇଥିଲା ଯେ, ବଂଶୀ ଶୁଣିବା ଲାଗି ସେ ଦିନ ନାହାନ୍ତି କୌଣସି ରାଧା କି ରୁକ୍ମିଣୀ ଏବଂ କେଜାଣି ତା'ସ୍ୱରରେ କେମିତି ଜ୍ୱଳନଟାଏ ଉକୁଟି ଉଠିଲା ଯେ ତାକୁ ଶୁଣି ଅପରିଚିତ ବାଟୋଇ ମଧ୍ୟ ଘଡ଼ିକ ଲାଗି ଥମକି ଠିଆ ହୋଇଯାଇଥିଲେ........... ।

ନିଜ ମନ ଭିତରେ ଉଠୁଥିବା ଲହରୀ ସଂଗେ ହରେକୃଷ୍ଣ କେଜାଣି କେତେ ବିଅର ଢୋକ ମିଳେଇ ସାରିଥିଲା । ଏବଂ ତାର ମନେ ହେଲା ସେଦିନର ସେହି ବଂଶୀସୁର ଆଜି ଦୀର୍ଘ ଚାଳିଶ ବର୍ଷ ପରେ ବି ସମୁଦ୍ର ଲହରୀ ଉପରେ ଭାସି ବୁଲୁଛି........

ଆଜିର ଜହ୍ନଟା କେମିତି ଥିଲା କେଜାଣି, ଯିଏ ଜୋଛନାର ଜାଲପାତି ଛାତି ଭିତରେ ବୁଡ଼ି ଯାଇଥିବା ତା' ବଂଶୀର ବର୍ଷ ବର୍ଷର ସମସ୍ତ ସ୍ୱରକୁ ଖୋଜିକି ତା'ସାମ୍ନାକୁ ନେଇ ଆସିଥିଲା.........

ସାତ

ଏବଂ ବଂଶୀସ୍ୱନ ସେମିତି ଲହରି ଉପରେ ଭାସି ବୁଲୁଥାଏ.........

ହରେକୃଷ୍ଣର ମନେ ପଡ଼ିଲା, ଯେଉଁଦିନ ସେ ବଂଶୀ ବଜାଇ ଥିଲା ତା'ପରଦିନ ଯେତେବେଳେ ସେ ହୋଟେଲ ଆରବ ସାହିରକୁ ଭେଟିବାକୁ ଯାଇଥିଲା । ସେତେବେଳ ଯାଏଁ ସାହିର ସେଠିକି ଆସି ନଥାଏ । ହେଲେ ବାକି ଯେତେ ସାହିତ୍ୟିକ ଆସିଥିଲେ, ସମସ୍ତେ ଉଠି ବିଶେଷ ଭାବରେ ତା'ସଙ୍ଗେ ହାତ ମିଳାଇଥିଲେ । ସମସ୍ତେ ରାତିରେ ତା ବଂଶୀ ଶୁଣିଥିଲେ........ରେଡ଼ିଓରେ...

ହୋଟେଲ ମାଲିକ ନିଜ ତରଫରୁ ଗୋଟାଏ ଚା ଓ ପ୍ଲେଟ୍ ଆମ୍‌ଲେଟ୍ ମଗାଇ ନିଜେ ଆସି ହାତ ମିଳାଇ ତାକୁ ଅଭିନନ୍ଦନ ଜଣାଇଥିଲା । ଲେଖକମାନଙ୍କ ଭିନ୍ନ ଭିନ୍ନ ଦୃଷ୍ଟି କୋଣ ଏଣିକି ସେମାନଙ୍କୁ ଦୁଇଟା ଗୋଷ୍ଠୀରେ ପରିଣତ କରିଥାଏ । ସେଥିମଧ୍ୟରୁ ଗୋଟାଏ ଥିଲା ତରକ୍କି ପସନ୍ଦ ମୁସନ୍ନିଫିନ୍ (ପ୍ରଗତିଶୀଳ ଲେଖକ ଗୋଷ୍ଠୀ) ଓ ଅନ୍ୟଟି ଥିଲା, ହଲକାଏ -

Digitized by PPRACHIN, SOA

ଅରବାବେଙ୍ଗୌକ (ପ୍ରତିଭାଶାଳୀ ଗଣ ସମାରୋହ) । ସେମାନେ ଅନେକ ଥର କେବଳ ବିବାଦ ଲାଗି ହିଁ ବିବାଦ ସୃଷ୍ଟି କରୁଥିଲେ । ହେଲେ, ହରେକୃଷ୍ଣଙ୍କୁ ତା' ବଂଶୀ ବାଦନ ଲାଗି ସମସ୍ତେ ସମାନ ଭାବରେ ଅଭିନନ୍ଦନ ଜଣାଇବାରେ କୁଣ୍ଠିତ ହୋଇ ନଥିଲେ । ତା'ପରେ କିଛିଟା ବ୍ୟତିବ୍ୟସ୍ତ ଭାବରେ ସାହିର ଆସି ପହଞ୍ଚି ଥିଲା । ସେ ଦିନ ହରେକୃଷ୍ଣଙ୍କୁ ସାହିର୍‌ର୍ ଉଚ୍ଛ୍ୱସିତ ଅଭିନନ୍ଦନ ସବୁଠୁ ବେଶୀ ଆବଶ୍ୟକ ଥିଲା । ହେଲେ ଯେତେବେଳେ ସେ ଦେଖିଲା ଯେ, ସାହିର ତା ପାଖରେ ବସିଥିଲେ ମଧ୍ୟ ତା କୋଟ୍ ଭିତରୁ ହାତ ବଢ଼ାଉ ନଥିଲା କି କୌଣସି ରକମ ଉଷ୍ମତା ପ୍ରକାଶ କରିନଥିଲା, ତାର ବିସ୍ମୟର ସୀମା ରହିଲା ନାହିଁ । ହୋଟେଲ ମାଲିକ ସାହିତ୍ୟିକ ମାନଙ୍କୁ ଆଉ ଏକ ସୁବିଧା ମଧ୍ୟ ଦେଇ ଥାଏ । ଯେଉଁମାନେ ଏକଲା ଓ ଏକାନ୍ତରେ ବସି କେଇ ଘଣ୍ଟା ବା ଦିନଯାକ ଲେଖିବାକୁ ଚାହୁଁଥିଲେ, ସେମାନଙ୍କ ଲାଗି ଅଲଗା ଅଲଗା ଜାଗାରେ ଟେବୁଲ ଚେୟାରର ବ୍ୟବସ୍ଥା କରାଇ ଦିଆଯାଉଥିଲା । ସାହିର ଏବେ ମଧ୍ୟ ଚୁପ୍ ଥିଲା........

ସେ ନୀରବତା ଭାଙ୍ଗି ହରେକୃଷ୍ଣଙ୍କୁ ପଚାରିଲା କାଲିରାତିରେ ମୋ ବଂଶୀ ଶୁଣିଥିଲୁ ? ସାହିର୍‌ର ବେପରୁଆ ଉପେକ୍ଷା ଭାବଟା ତେବେ ମଧ୍ୟ ଯାଇ ନଥିଲା । ତେଣୁ ହରେକୃଷ୍ଣର ବିସ୍ମୟଟା ବିସ୍ମୟ ହୋଇ ହିଁ ରହିଯାଇଥିଲା ।

ସାହିର କହିଲା- ଏଇ ଟିକିଏ ଶୁଣିଥିଲି । ତା'ପରେ ରେଡ଼ିଓ ବନ୍ଦ କରି ଦେଇଥିଲି......ମୁଁ ସେତେବେଳେ ଗୋଟାଏ କବିତା ଲେଖୁଥିଲି ।

କବିତା କଥା ଶୁଣି ସାହିର୍ ଭାଗର ଉଲ୍ଲାସଟା ମଧ୍ୟ ଯେମିତି ହରେକୃଷ୍ଣ ଭାଗରେ ପଡ଼ିଯାଇଥିଲା........

ମୁହୂର୍ତ୍ତକ ଲାଗି ହରେକୃଷ୍ଣ ଯେପରି ନିଜର ଉଦାସୀନତାକୁ ବି ଠକି ଦେଇ କହିଲା- ତା ହେଲେ କବିତାଟା ଶୁଣା.......

ଆଜି ଏତିକି ବେଳେ ଯେତେବେଳେ ବଂଶୀସ୍ୱନ ସମୁଦ୍ର ଲହରୀ ଉପରେ ଭାସି ବୁଲୁଛି; ସାହିର୍‌ର କବିତା ମଧ୍ୟ ତାହାରି ହିଁ ସ୍ୱରରେ ଲହରୀରେ ଭାସି ଉଠିଲା ।

କେଜାଣି ହରେକୃଷ୍ଣର କାନଟା ଚାଳିଶ ବର୍ଷ ଦୂରରେ ଠିଆ ହୋଇଥିବା ସ୍ୱର ପାଖକୁ ଚାଲିଗଲା ବା ସେ ସ୍ୱରଟା ଚାଳିଶ ବର୍ଷ ଏ ପଟକୁ ଆସି ତା' କର୍ଣ୍ଣରେ ଝଂକୃତ ହେବାକୁ ଲାଗିଲା ।

ଆପଣ ଅକାରଣରେ ଏତେ
ବ୍ୟସ୍ତ ବିବ୍ରତ ଭଳି କାହିଁକି
ଦେଖା ଯାଉଛନ୍ତି ମାତାମ୍ ?
ଲୋକେ କହୁଛନ୍ତି ଯେତେବେଳେ
ଠିକ୍ କହୁଥିବେ

Digitized by PPRACHIN, SOA

ମୋ ବନ୍ଧୁ ଶିଖି ନ ଥିବେ ଶିଷ୍ଟାଚାର
ମୋ ପରିବେଶରେ ହୁଏତ ରହୁ ନ ଥିବେ
ମଣିଷ
ପୁଞ୍ଜିର ଆଲୋକରେ ପ୍ରଦୀପ୍ତ
ସଂସ୍କୃତିର ଆତ୍ମା
ଆମେ ରହିବା ଜାଗାରେ ବଞ୍ଚେ ନାହିଁ
ସଭ୍ୟତା ସଂସ୍କୃତି
ଦାରିଦ୍ର୍ୟ ସମର୍ଥ. ଲିଭାଇବାକୁ ଯେତେକ ଉପଲବ୍ଧି
ଲୋକେ କହିଲେ ତ ବିସ୍ମୟ କ'ଣ ?
ସତ କହିଛନ୍ତି ଯେ ଗରିବ ଲୋକର
ମାନ ସନମାନ କଣ ?
ଲୋକେ କହନ୍ତି ହେଲେ ଆଜି ଏତେବେଳେ
ସେମାନେ ନୀରବ
ଆପଣ ହେଲେ କହିଲେ ଗରିବର ସଭ୍ୟତା ବା କଣ ?

ସାହିରର ସ୍ୱର କେଜାଣି କେତେବେଳ ଯାଏଁ ସମୁଦ୍ରରେ ବୁଡ଼ି ଉଠୁଥାଏ ଏବଂ ହରେକୃଷ୍ଣର ମନ ଭିତରେ ବି ସେହି ଚାଳିଶ ବର୍ଷ ଆଗକାର ସନ୍ଧ୍ୟାଟା କେଜାଣି କେତେବେଳ ଧରି ବୁଡୁଥାଏ, ଉଠୁଥାଏ । ସେଦିନର ଗୁଡ଼ିଏ କଥା ପୂରାପୂରି ଭାବରେ ପାଣି ଉପରେ ଭାସି ଆସିଲା ଯେପରି । ସେ କବିତାଟା ଶୁଣି ସାହିର୍‌କୁ ପଚାରିଥିଲା 'ସେ ମାଡ଼ାମ ଜଣକ କିଏକି ? ତୁ ଖୁବ୍ ରାଗିକି କବିତାଟି ଲେଖିଛୁ ତା ଉପରେ ?

ସାହିର ବୁଡ଼ିଯାଉଥିବା ସ୍ୱରରେ କହିଲା-ଗରିବ ଲୋକ ପାଖରେ କୌଣସି ତଥାକଥିତ ସଭ୍ୟତା ନଥାଏ କୃଷ୍ଣ । ତେଣୁ ତା ପାଖରେ କ୍ରୋଧ ଥାଏ । କ୍ରୋଧ...... କ୍ରୋଧ ହିଁ ଗରିବ ଲୋକର ସମ୍ବଳ । ସାହିର ତାର ପ୍ରତ୍ୟେକଟି ପ୍ରଶ୍ନକୁ ଏକ ଦର୍ଶନରେ ଗୁଡ଼େଇ ତୁଡ଼େଇ ଦେଇଥିଲା, ତେଣୁ ହରେକୃଷ୍ଣ ତା' କଥା ଛାଡ଼ି ନିଜ କଥା ବାଢ଼ି ବସିଲା । କହିଲା କାଲିର ବଂଶୀଟା ମଧ୍ୟ କୌଣସି ମାଡାମ୍ ଲାଗି ମୋତେ କ୍ରୋଧରେ ବଜାଇବାର ଥିଲା । ଠିକ୍ ତୋ କବିତା ପରି ସାହିର ।

ଏତେବେଳକୁ ଯାଇ ସାହିର୍‌ର ଭାବାନ୍ତର ହେଲା । ପଚାରିଲା ତୋର ସେ ମାଡ଼ାମ୍‌ଟା କିଏ କୃଷ୍ଣ ?

ହରେକୃଷ୍ଣ ତା ଆଡ଼କୁ ଦେଖି ହସି ଉଠିଥିଲା । ତୁ ଜାଣିଛୁ, ବିବ୍‌ବୋ ଯାହାକୁ ଭେଟିବା ଲାଗି ଲାହୋର ଆସିଥିଲି...... ସେଇ ।

ଆଉ ମାଡାମ୍ କଣ କହୁଛନ୍ତି ? ସାହିର ପଚାରିଥିଲା । ହରେକୃଷ୍ଣ କେବଳ ଗୋଟାଏ

Digitized by PPRACHIN, SOA

ବାକ୍ୟରେ ହିଁ ତା'ର ସମସ୍ତ ଦୁଃଖର ରହସ୍ୟ ଖୋଲିଦେଲା । କହୁଛନ୍ତି, 'ମା ଯାହା କହିବେ ତାହାହିଁ କରିବେ ମାତ୍ରାମ ।'

ଏବେ ଦେଖିଲୁତ ମାତାମ୍‌ଙ୍କ ଭଲ ପାଇବା ? ଯିଏ କହିଥିଲେ ଯେ 'ମୁଁ ଯେତେବେଳେ ବରଭାଇ ହୋଇ ଆସିଥିଲି ସେତେବେଳୁ ହିଁ ମୋତେ ମନେ ମନେ ବରଣ କରି ନେଇଥିଲେ' । ଆଉ ଏବେ କହୁଛନ୍ତି ଯେ ମା ଯାହା କହିବେ ତାହାହିଁ କରିବେ......

ସାହିର୍‌ର ସେ କବିତାର ତିକ୍ତତା ଏବେ କବିତାରୁ ବାହାରି ଆସି ତା'ଓଠରେ ଧସରି ଯାଇଥିଲା ।

ସେହି ତିକ୍ତତାକୁ ଢୋକି ସାହିର କହିଲା, ଏବେ ଆଉ କୌଣସି ମାତ୍ରାମ୍ ନାହାଁନ୍ତି । ନା ତୋ ଲାଗି ନା ମୋ ଲାଗି । ଆମେ ଆର୍ଟିଷ୍ଟ ହେବା, କୃଷ୍ଣ ତୁ ଦିନେ ପ୍ରସିଦ୍ଧ ଚିତ୍ରଶିଳ୍ପୀ ହେବୁ, ମୁଁ ମଧ୍ୟ କିଛିଟା କବି ହେବି ନିଶ୍ଚୟ । ବୁଢ଼ା ହେଲେ ଭଲମନ୍ଦ ଦି କଥା ବୁଝିବା ଲାଗି କେହି ଜଣେ ତ ପାଖେ ପାଖେ ଥିବ ବୋଲି ଲୋକେ ବାହା ହୁଅନ୍ତି । ହେଲେ ଆମେତ ଅନ୍ତତଃ ପକ୍ଷେ ଏତେଟା ପ୍ରସିଦ୍ଧ ହୋଇ ପାରିବା ଯେ ବୁଢ଼ା ଓ ରୋଗୀଣା ହୋଇ ପଡ଼ିଗଲେ ମଧ୍ୟ ଦଶମିନିଟ୍ ଭିତରେ କେହି ଜଣେ ଆମକୁ ଚିହ୍ନି ପକେଇବ ଏବଂ ଉଠେଇକି ହସ୍‌ପିଟାଲକୁ ନେଇଯିବ ।

ହରେକୃଷ୍ଣ ଆଉ ଢୋକେ ବିଅର୍ ପିଇନା । ପଥର କାନ୍ଥ ଉପରେ ବସି ପୁଣି ସମୁଦ୍ରକୁ ଅନାଇଲା । ତା'ର ମନେ ହେଲା ଯେପରି ଆଜିଠୁ ଚାଳିଶ ବର୍ଷ ତଳେ କହିଥିବା ସାହିର୍‌ର ଭବିଷ୍ୟତବାଣୀ ସମୁଦ୍ରରେ ବୁଡ଼ି, ସତ ହୋଇ ଆଜିସାଗର ଗର୍ଭରୁ ବାହାରି ଆସିଛି-

ସେଦିନ ସେ ସାହିର୍‌ର ଓ ନିଜର ଦୁଃଖକୁ ମୁଠେଇ ଯେମିତି କହିଥିଲା- ତୋର ମନେ ଅଛି ନା କୃଷ୍ଣ, ତୋ ଜନ୍ମ ଯେତେବେଳେ ହୋଇଥିଲା ମୋ ଜନ୍ମ ମଧ୍ୟ ଠିକ୍ ସେତିକି ବେଳେ ହିଁ ହୋଇଥିଲା ।

ହଁ ମୋର ବି ମାର୍ଚ୍ଚ, 8, 1921 ଆଉ ତୋର ବି ଜନ୍ମତାରିଖ ମାର୍ଚ୍ଚ 8, 1921 । ମୁଁ ମଧ୍ୟାହ୍ନ ତିନିଟା ବେଳେ ଜନ୍ମ ହୋଇଥିଲି ଏବଂ ତୋର ବୋଉ ମଧ୍ୟ କହୁଥିଲେ ଯେ ତୁ ମଧ୍ୟ ଠିକ୍ ମଧ୍ୟାହ୍ନ ତିନିଟା ବେଳେ ଜନ୍ମ ହୋଇଥିଲୁ । ଦୁଃଖରେ ମଧ୍ୟ ହସିବାଟା ଜଣାଥିଲା ସାହିରକୁ । ହରେକୃଷ୍ଣର ମନେ ପଡ଼ିଲା ଯେ ସେତେବେଳେ ସାହିର-ହୋ ହୋ ହୋଇ ହସି ଉଠିଥିଲା । କହିଥିଲା 'ହରେକୃଷ୍ଣ ! ଏଇଟା କେମିତି ହେଲା ଯେ ମୋ ଦ୍ୱାରା କାଗଜରେ ଚିତ୍ର ତିଆରି ହୁଏନା କି ତୋ ଦ୍ୱାରା କାଗଜରେ କବିତା ଲେଖା ଯାଏନା ?'

ସେତେବେଳେ ହରେକୃଷ୍ଣ ମଧ୍ୟ ହସି ଉଠିଥିଲା-ହେଲେ ଗୋଟାଏ କଲେଜରେ ଆମେ ପାଠ ପଢୁଥିଲେ ଓ ଗୋଟାଏ କଲେଜର ଝିଅଙ୍କୁ ଭଲ ପାଇଥିଲେ, ସେଇଟା ବି ପ୍ରଥମ ପ୍ରେମ ।'

ସେତେବେଳେ ସାହିର୍‌ର ମନେ ପଡ଼ିଥିଲା, କଲେଜ ହଲରୁ ସେ ଉଭୟ ଝିଅଙ୍କ ଫଟୋ ଚୋରେଇବା କଥା ଏବଂ ସେ ଅନେକ ବେଳଯାଏଁ ସେମିତି ହସି ଚାଲିଥିଲା- ତା'ପରେ ପୁଣି ସେହି ମୁଦ୍ରାରେ କହିଲା ଆଉ ହରେକୃଷ୍ଣ, ତା'ପରେ ଆମେ ଦୁହେଁ ଲାହୋରର ଦୁଇଟା

Digitized by PPRACHIN, SOA

ମାତାମ୍‌ଙ୍କୁ ଭଲ ପାଇ ବସିଲେ ନାଇଁ ।'

ସେତେବେଳେ ଯୋଉ ପ୍ରଶ୍ନର ଉତ୍ତରକୁ ସେ ଏଡ଼ାଇ ଦେଇଥିଲା, ହରେକୃଷ୍ଣ ସେହି କଥା ଦୋହରାଇ ଦେଲା- ଆଉ ତୁ ତୋ ମାତ୍ରାମ୍‌ର ନାଁ ଟା ତ କହିଲୁ ନାହିଁ ଜମା?'

ସାହିର ସେହି ମୁଦ୍ରାରେ ଥିଲା । କହିଲା-ଦିନେ ତୋତେ କହିଥିଲି ତ ଅମୃତା........ । ହରେକୃଷ୍ଣ ତା'ଠୁ ସେ ନାଁ ଟା ଶୁଣୁଥିଲା, ତଥାପି ଆଜିର କବିତା ସଙ୍ଗେ ତାକୁ କୌଣସି ପ୍ରକାରରେ ଯୋଡ଼ି ପାରିନଥିଲା । ପଚାରିଲା ହେଲେ ଏତେଟା ଆକ୍ରୋଶଭରା କବିତାଟି ତାକୁ ସଂବୋଧିତ କେମିତି ?

ସାହିର ଆଉଥରେ ବ୍ୟତିବ୍ୟସ୍ତ ହୋଇ ଉଠିଥିଲା । କହିଲା, କେହି ଜଣେ ଯାଇ ତାକୁ ମୋ ମା ବିଷୟରେ ଅନେକ କିଛି କହିଛି....କଣ କହିଛି ? ଏଇୟା କହିଥିବ ଯେ, ତୋ ମା ତୋ ବାପାଙ୍କ ଠାରୁ ଅଲଗା ରହୁଛନ୍ତି.......

ସାହିର କିଛିଟା ଚିଡ଼ିଯାଇ କହିଲା-କହିଛି ଯେ ମୁଁ ଖାନଦାନୀ ମାର ସନ୍ତାନ ନୁହେଁ.... ଏବଂ ହୁଏତ ଏଇଟା ମଧ୍ୟ କହିଛି ଯେ ମୋ ବାପା ମୋତେ ନିଜର ସନ୍ତାନ ବୋଲି ସ୍ୱୀକାର କରନ୍ତି ନାହିଁ । ହରେକୃଷ୍ଣ ଜାଣିଥିଲା ଯେ, ସାହିରର ମା ଯେତେବେଳେ ସାହିରକୁ ତା' ପୈତୃକ ସମ୍ପତ୍ତି ଦିଆଇବା ଲାଗି ମକଦ୍ଦମା କରିଥିଲେ, ସେତେବେଳେ ତା' ବାପା ତକୁ ନିଜର ସନ୍ତାନ ବୋଲି ସ୍ୱୀକାର କରିବାକୁ ମନା କରି ଦେଇଥିଲେ । ସମ୍ପତ୍ତିଟା ଥିଲା ପୈତୃକ । ସେଥିରେ ଯଦି ପୁଅର ଅଧିକାରକୁ ମାନ୍ୟତା ଦିଆଯାଇଥାନ୍ତା ତା'ହଲେ, ତା' ବାପା ସେଇଟା ବିକ୍ରୟ ଅଧିକାରରୁ ବଞ୍ଚିତ ହୋଇଥାନ୍ତେ । ଏବଂ ଏକଥା ସମସ୍ତେ ଜାଣିଥଲେ ଯେ, ବିଳାସୀ ପିତା କେବଳ ସମ୍ପତ୍ତି ବଳରେ ହିଁ ଗାୟିକା ନର୍ତ୍ତକୀମାନଙ୍କର ରାଜସୀ ମଜଲିସ୍ କରିବାଲାଗି ସମର୍ଥ ଥିଲେ ।

ତେଣୁ ସେ ନିଜର ଏକମାତ୍ର ପୁଅକୁ ନିଜର ପୁଅ ବୋଲି ଗ୍ରହଣ କରିବାକୁ ଅସ୍ୱୀକାର କରି ଦେଇଥିଲେ । ସେ ମଧ୍ୟ ମକଦ୍ଦମାରେ ପରାଜିତ ହେଲାପରେ ପୁଣି ତାକୁ ସନ୍ତାନ ଭାବରେ ଗ୍ରହଣ କରି ନେଇଥିଲେ ।

ହରେକୃଷ୍ଣ କିଛିଟା ଚକିତ ହୋଇ କହିଲା-ହେଲେ ଏ କଥା ତ ସମସ୍ତେ ଜାଣନ୍ତି । ତୋ ମାତ୍ରାମ ଏ କଥା ନେଇ ଏତେଟା ବ୍ୟସ୍ତ ବିବ୍ରତ କାହିଁକି ? ସେ ତୋତେ କଣ କହିଛି ? ସାହିର ସେମିତି ଚିଡ଼ିଲା ସ୍ୱରରେ କହିଲା- ସେ ?

ସେ କିଛି କହିନାହିଁ, କହିବ କଣ ?

ସେତେବେଳେ ହରେକୃଷ୍ଣକୁ ହସ ମାଡ଼ିଥିଲା । ସେ ହସି ପକାଇ କହିଥିଲା-ତେବେ ତୁ କେମିତି ଜାଣିଲୁ ଯେ, ସେ ତୋତେ ସମ୍ଭ୍ରାନ୍ତ ବୋଲି ସ୍ୱୀକାର କରେ ନାହିଁ ।

ହୁଏତ ମନେ ମନେ ଭାବୁଥାଇପାରେ.....

ତୁ ତାକୁ ପଚାରିଛୁ?

ନା' ।

Digitized by PPRACHIN, SOA

ପଚାରିବୁ?

କେବେ ନୁହେଁ ।

ଏବଂ ସେତେବେଳେ ସାହିର ନୁହଁ, ହରେକୃଷ୍ଣ ଭବିଷ୍ୟତ ବାଣୀ କଲାପରି କହିଥିଲା- ବୁଝିଲୁ ସାହିର ! ଅସଲ କଥା ହେଲା ଆମେ ଦୁହେଁଯାକ କାପୁରୁଷ । ଆମ ପ୍ରଥମ ପ୍ରେମ ବେଳେ ମଧ୍ୟ କାପୁରୁଷ ଥିଲେ ଏବଂ ଦ୍ୱିତୀୟ ପ୍ରେମବେଳେ ମଧ୍ୟ ସେଇୟା······· ଆମ ଦେଇ କିଛି ହେବାର ନୁହେଁ ।

ଏତିକିବେଳେ ହରେକୃଷ୍ଣ ପଥର କାନ୍ଥ ଉପରେ ଧକ୍କା ଖାଉଥିବା ସମୁଦ୍ର ଲହଡ଼ି ଆଡ଼କୁ ଗାର ଡ଼େଇଁ ଚାହିଁଲା । ତା'ର ମନେ ହେଲା ଯେ ଚାଳିଶ ବର୍ଷତଳେ କରିଥିବା ଭବିଷ୍ୟତ ବାଣୀଟା, ଯାହା ସମୟ ସାଗରରେ ବୁଡ଼ିଯାଇଥିଲା । ଆଜି ପୁଣି ସତ୍ୟ ହୋଇ ସମୁଦ୍ର ଗର୍ଭରୁ ବାହାରି ଏତେବେଳେ ପଥର କାନ୍ଥ ଉପରେ ଗୁମ୍ ମାରି ବସିଛି············

ଆଠ

ପଥର କାନ୍ଥ ଉପରେ ବସିଥିବା ହରେକୃଷ୍ଣ, କାନ୍ଥର ଖଣ୍ଡେ ପଥର ପରି ହୋଇଯାଇଥିଲା ।

ଗୋଟାଏ ବିରାଟ ମରୁଭୂମି ପରି ସମଗ୍ର ସମୁଦ୍ରଟା ତା' ଦୃଷ୍ଟି ସୀମାରେ ପ୍ରସରି ଯାଇଥିଲା ଯେମିତି ।

ଏବଂ ଉହୁ····· ପ୍ରବଳ ଖରା ଧାସ ହୋଇ ବର୍ଷିବାକୁ ଲାଗିଥିଲା । ହରେକୃଷ୍ଣର ପାଦ ଜୀବନ ସ୍ମୃତିର ଗୋଟାଏ ଗୋଟାଏ ପାହାଚ ଓହ୍ଲାଇ ଆଠ ବର୍ଷ ତଳର ଏକ ପାତାଳ ଭିତରକୁ ଆଗେଇଗଲା । ହେଲେ ଚେତନାର ତାର ଖଣ୍ଡେ ଏ ଯାଏଁ ତା' ସହିତ ଲାଖି ରହିଥିଲା, ଯାହା ତାକୁ ବାରମ୍ବାର ବୋଧ କରାଇ ଦେଉଥାଏ ଯେ ସେଇଟା ହେଉଛି ଫିରୋଜପୁର ଛାଉଣୀର ଏକ ମଇଦାନ । ଯେତେବେଳେ ତା' ମା ସେହି ଟିକି କୁନାକୁ କାଖେଇ ତା ବାପାଙ୍କ ପଛେ ପଛେ ଚାଲିଥିଲେ ଏବଂ ଅସହ୍ୟ ଖରା ତାତିରେ ଧଇଁେଇ ହୋଇ ଗୋଟାଏ ବରଗଛ ତଳେ ଥକା ହୋଇ ବସି ପଡ଼ିଥିଲେ ।

ତା'ବାପା ଆଗେ ଆଗେ ଦୌଡ଼ିକି, କେଜାଣି କୁଆଡ଼େ ଚାଲି ଯାଇଥିଲେ । ଚାରିଆଡ଼େ ଅନେକ ଦୂର ଯାଏଁ ଗୁଡ଼ାଏ ତମ୍ବୁ ଦେଖା ଯାଉଥିଲା ଏବଂ ତା ବାପା ହୁଏତ କୌଣସି ଏକ ତମ୍ବୁ ଭିତରକୁ ପଶି ଯାଇଥିଲେ ।

ତା'ପରେ ସେ ଏକ ତମ୍ବୁରୁ ବାହାରି ସେହି ବରଗଛ ତଳକୁ ଆସିଲେ । ତା' ମା କୁନାକୁ ପଣତ କାନିରେ ବିଞ୍ଚି ଦେଉଥାନ୍ତି । ବାପାଙ୍କ ହାତରେ ଗ୍ଲାସଟାଏ ଥିଲା । ସେ ବରଫ ମିଶା ପାଣିକୁ ମା ତା'ମୁହଁରେ ଲଗାଇ ଦେଇଥିଲେ ।

ତା'ପରେ କୁନାର ନାଲି ଜରିଲଗା ମଖମଲ ଟୋପିଟା କାଢ଼ି ମା ତା'ମୁଣ୍ଡରେ ଓଦା

Digitized by PPRACHIN, SOA

ହାତଟା ସାଉଁଳି ଆଣିଥିଲେ ।

ବିରକ୍ତିରେ ମା ବାପାଙ୍କୁ କହୁଥାନ୍ତି, ନର୍କକୁ ଯାଉ ତମର ସେ ଭାଇସ୍ ରାୟ... ସେ ହୁଏତ ଅପରାହ୍ନ ବେଳକୁ ଆସିବେ ଆଉ ତୁମେ ଏ ପ୍ରଚଣ୍ଡ ଖରାଟାରେ ସକାଳ ପହରୁ ଆଣି ଆମକୁ ଏଠି ବସେଇ ମାରୁଛ ।

ପଡ଼ିଆସାରା ଖାଲି ଲୋକ ଆଉ ଲୋକ ହାଉଯାଉ । ସମସ୍ତେ ଧୂଳିକଣା ପରି ଚାରିଆଡ଼େ ଚିକ୍‌ମିକ୍ କରୁଥାନ୍ତି । ତା'ପରେ ଉଠିକି ବାପା ପୁଣି କୁଆଡ଼େ ଚାଲିଯାଇଥିଲେ ।

ଚେତନାର ଯୋଉ ତାର ଖଣ୍ଡକ ଏବେ ବି ହରେକୃଷ୍ଣ ସହିତ ଲାଗିଥିଲା ଏବଂ ଷାଠିଏ ବର୍ଷ ତଳର ତାର ବାଲ୍ୟକାଳ ସଙ୍ଗେ ମଧ୍ୟ ତାକୁ ଯୋଡ଼ି ଥିଲା, ସେଇ ଖିଅ ଖଣ୍ଡକ ବୋଧ କରାଇ ଦେଲା ଯେ ସେ ସେତେବେଳେ ମା ପିନ୍ଧିଥିବା ରେଶମୀ ଲୁଗାର ଉତ୍ତାପ ସହି ନ ପାରି ତା' କୋଳରୁ ତଳକୁ ଓହ୍ଲାଇ ଯାଇଥିଲା......... ତା' ଛୋଟ ଛୋଟ, ନାଲି ଟୁକୁ ଟୁକୁ ପାଦରେ ପାଦେ ପାଦେ କରି ଆଗେଇ ଚାଲିଥିଲା କେଜାଣି କୁଆଡ଼କୁ ।

ହୁଏତ ସେଇ ଆଡ଼କୁ
ଯୋଉଠି ଥଣ୍ଡା ପବନ ବହୁଥିବ
ହୁଏତ ସେଠିକି
ଯୋଉଠି କୌଣସି ଏକ ଗଛର
ଗହଳ ଛାଇ ଥିବ
ଏବଂ ହୁଏତ ସେପଟେ ଯୋଉଠି
ଝରି ଝରି ଯାଉଥିବ ଝରଣାଟିଏ ।

ପାଦତଳର ମାଟି କ୍ରୀତଦାସର ଭାଗ୍ୟ ପରି, ଲୁହାପରି ଥିଲା ଉତ୍ତପ୍ତ, ଏବଂ ତା' ବାପାଥିଲେ ଜଣେ ସରକାରୀ ଚାକିରିଆ । ଯାହାକୁ ଆଜି ଭାଇସ ରାୟଙ୍କ ଆଗମନ ଉପଲକ୍ଷେ ସେଇ ଉତ୍ତପ୍ତ ପଡ଼ିଆରେ ହାଜିରି ଦେବାଟା ଥିଲା ଏକ ଅନିବାର୍ଯ୍ୟ କର୍ତ୍ତବ୍ୟ ।

ଟିକି ପୁଅ କୃଷ୍ଣର ଆଖି ଆଗରେ ରାଶି ରାଶି ଧୂଳି ଉଡ଼ିବାକୁ ଆରମ୍ଭ କରିଥିଲା.......

ଆଖ ପାଖରେ ବଡ଼ ବଡ଼ ସାମିୟାନା ସବୁ ମଧ୍ୟ ହୁଏତ ଧୂଳି ଝଡ଼ରେ ଉଡ଼ି ଯାଇଥିଲା ଏବଂ ହଜାର ହଜାର ଲୋକଙ୍କ ସେ ଭିଡ଼ଟା ମଧ୍ୟ କେଜାଣି କୁଆଡ଼େ ଉଡ଼ିଯାଇ ଅଦୃଶ୍ୟ ହୋଇ ଯାଇଥିଲା... ଜଣେ ହେଲେ କେହି ସେଠି ଦେଖା ଯାଉ ନଥାନ୍ତି ଏବେ । ତା'ବାପା ମଧ୍ୟ ସେଠି ନ ଥିଲେ...

ମାର ରେଶମୀ ପଣତ କାନିଟା ମଧ୍ୟ ଚିରାଫଟା ତମ୍ବୁପରି ବାଲିଝଡ଼ରେ ଉଡ଼ି ଯାଇଥିଲା..........

ଏବଂ ସେ ସେହି ବାଲି ଝଡ଼ ମଧ୍ୟରେ ଠିଆ ହୋଇ ସେମିତି ସକେଇ ସକେଇ କାନ୍ଦୁଥାଏ ।

Digitized by PPRACHIN, SOA

ସେ ଯେମିତି ଅଧା ସମ୍ବିତ୍ ଫେରି ପାଇଲା, ଯେତେବେଳେ କୁଆଡୁନା କୁଆଡୁ ଧୂଳି ଝଡ଼ରେ ଉଡ଼ିଆସି ଶୁଆଟାଏ ତାକୁ ଡ଼ାକିବାକୁ ଲାଗିଲା····ଲାଲ୍ ·········ଲାଲ୍·········ଲାଲ୍·············· ସେ ଦୁଇ ହାତ ମୁଠାରେ ଆଖି ମଳିଲା, ହେଲେ ଶୁଆଟା ତାକୁ ଭଲ ରକମ୍ ଦେଖା ଯାଉ ନଥାଏ······· ଆଖିରେ ମଧ୍ୟ ବାଲିଗରଡ଼ା ପଶିଯାଇ କାଟୁଥାଏ··············

ସେହି ଚେତନାର ଖିଅ ଯାହା ତାର ବର୍ତ୍ତମାନ ଓ ଷାଠିଏ ବର୍ଷ ତଳର ଅତୀତ ସଙ୍ଗେ ବି କୋଉଠି ଗୁନ୍ଥା ଥାଏ, ତା ମନରେ ଝଲସି ଉଠିଲା । ଏବଂ ତାର ଅଚାନକ ମନେ ପଡ଼ିଗଲା ଯେ ସେଇଟା ଗୁଲୁ ଚାଚାର ଶୁଆ··············

ତାର ମନେ ହେଲା ଯେମିତି ସେ ଘୋଷାରି ଘୋଷାରି ଠିଆ ହୋଇ ହୋଇ ତା ଝରକା ପାଖକୁ ପହଞ୍ଚିଯାଇଛି ଏବଂ ଗଳିର ସାମ୍ନାଘର ବାରଣ୍ଡାରେ ଠିଆ ହୋଇ ଗୁଲୁ ଚାଚା ସୈନୀ ଚାଚୀ ତାକୁ ଡ଼ାକୁଛନ୍ତି··········

ତା'ପରେ ସୈନୀଚାଚୀ କେଜାଣି ଝରକା ବାଟେ ହାତ ବଢ଼େଇ କି ପାହାଚ ତଳକୁ ଓହ୍ଲାଇ ଆସି ତାକୁ ଦୁଇ ବାହୁରେ ଛାତି ଉପରକୁ ଟାଣି ନେଉଛନ୍ତି ।

ମୋ କୁଣ୍ଡରେ ············ ମୋ ଲାଲଟା ପରା············ସୈନୀ ଚାଚୀ ତାକୁ ଛାତିରେ କୁଣ୍ଢେଇ କୋଳ ଦେଇ କହି ଯାଉଥାନ୍ତି ଏବଂ ତାଙ୍କର ପୋଷାଶୁଆ ତାଙ୍କର ଅନୁକରଣ କରି କହୁଥାଏ ଲାଲ୍-ଲାଲ୍-ଲାଲ୍-

ସେଠି ଗୋଟେ ଟୋକେଇ ତଳେ ଗୁଡ଼ିଏ ତିତ୍ତିର୍ ଓ ଆଉ ଏକ ଟୋକେଇ ତଳେ ଗୁଡ଼ିଏ କୁକୁଡ଼ା ଛୁଆ ଥାନ୍ତି ।

ସେ ଟୋକେଇ ଫାଙ୍କରେ ତା' ଛୋଟ ଛୋଟ ଆଙ୍ଗୁଠି ପୂରାଇ ଟୋକେଇ ଦିଟାକୁ ଟିକିଏ ଉପରକୁ ଟେକି ଦେଲା । ଭଡ଼ ଭାଡ଼୍ ହୋଇ ସବୁତକ ତିତ୍ତିର୍, କୁକୁଡ଼ା ଛୁଆ ଅଗଣାରେ ଦୌଡ଼ିବାକୁ ଲାଗିଲେ·········

'ଆରେ ହେ ସଇତାନ୍ ରହିଥା····' ସୈନୀଚାଚୀ ତିତ୍ତିର ଓ କୁକୁଡ଼ା ଛୁଆମାନଙ୍କୁ ଗୋଡ଼େଇ ଗୋଡ଼େଇ ତାକୁ ଉପାଲମ୍ଭ ଦେଇ କହିଚାଲି ଥାନ୍ତି ଆରେ, ଏ ସଇତାନ କୋଉଠିକାର ଏ କଣ କଲୁ ?

ସେ ହସି ହସି ଗଡ଼ି ଯାଉଥାଏ ଏବଂ ଅଗଣାରେ ଗୋଡ଼ଉଥିବା ସୈନୀଚାଚୀଙ୍କ ପଣତ କାନିରେ ମୁହଁ ଢ଼ାଙ୍କି କହୁଥାଏ- ଏଁ ଜାଣିଲୁ ଚାଚୀ··········

ତା' ଦୌଡ଼ିବାଟା ଶେଷ ହୁଏ ନାହିଁ, ସୈନୀ ଚାଚୀ ମଧ୍ୟ ସେମିତି ତାକୁ ଗୋଡ଼ଉ ଥାଏ । ସେ ହସି ହସି ଅଗଣାରେ ଖଟରେ ଶୋଇଥିବା ଗୁଲୁଚାଚାର ଛାତି ଉପରକୁ ଚଢ଼ି ବସି ପଡ଼େ······

ଗୁଲୁ ଚାଚାର ଖୋଲା ଛାତି ଉପରେ ନାଲି ରଙ୍ଗର ମଶାଟାଏ ଚକ୍ ଚକ୍ କରୁଥାଏ ଏବଂ ସେ ତା' ଛୋଟ ଛୋଟ ଆଙ୍ଗୁଳିରେ ସେ ଛୋଟ ମଶାଟିକୁ ଧରିବାକୁ ଚେଷ୍ଟା କରୁଥାଏ ।

Digitized by PPRACHIN, SOA

ସେ ନାଲି ମଶାଟା ତା' ହାତରେ ଧରାପଡ଼େ ନାହିଁ, ଗୁଲ୍ଲୁଚାଚାର ଛାତିରେ ସେଇଟା ଲଟକି ଯାଇଛି ।

ପୁଣି ହୁଏତ ସେ ନାଲି ମଶାକୁ ଧରୁ ଧରୁ ଟିକିଏ ବଡ଼ ହୋଇଗଲା ।

ସେ ଟିକିଏ ବଡ଼ ହେଲା ପରେ ଗୁଲ୍ଲୁଚାଚା ତାକୁ ପଚାରେ ତୁ ଏ ନାଲି ମଶାଟା ଓପାଡ଼ି କଣ କରିବୁ ? ସେତେବେଳେ ସେ ଉତ୍ତର ଦିଏ ମୁଁ ଏହାକୁ ମୁଦିରେ ଲଗାଇ ପିନ୍ଧିବି ।

ତା' ବେକର ଚାରିଆଡ଼େ ଗୁଡ଼ିଏ ରଙ୍ଗ ବେରଙ୍ଗ ସୂତା ଗୁଡ଼ା ହୋଇଥିଲା ଏବଂ ସେ ତା' ଛୋଟ ଛୋଟ ଅଙ୍ଗୁଳିରେ ସେଗୁଡ଼ିକ ଟାଣୁଥାଏ..........

ସୈନୀଚାଚୀ ତା' ହାତକୁ ଆଡ଼େଇ ଦେଇ କହେ କୃଷ୍ଣା ସାବୁନଗରୀର ମସ୍‌ଜିଦକୁ ଫକୀରଟାଏ ଆସିଥିଲେ ତାଙ୍କଠୁ ତାବିଜ୍‌ନେଇ ତୋତେ ପିନ୍ଧେଇଛିରେ । ଏଇଟା ତୋତେ ସବୁ ଆପଦ ବିପଦରୁ ରକ୍ଷା କରିବ, ବୁଝିଲୁ ?

ପଥର କାଛରେ ବସିଥିବା ହରେକୃଷ୍ଣ କେତେବେଳେ ନିଜ ବେକକୁ ଅଣ୍ଡାଳୁ ଥିଲାତ କେତେବେଳେ ହାତର ଅଙ୍ଗୁଳିମାନଙ୍କୁ । ସେ ଅଙ୍ଗୁଳି ମାନଙ୍କରେ ଗୋଟାଏ ହେଲେ ମୁଦି ନଥିଲା ।

ସମ୍ନାରେ ଆକାଶର ଉହ୍ନ, ଆକାଶର ଗଳାରେ ଏକ ଦୀର୍ଘଶ୍ୱାସ ପରି ଅଟକି ଯାଇଥିଲା ଯେମିତି । ହରେକୃଷ୍ଣର ସବୁ କିଛି ମନେ ପଡ଼ିଯାଇଛି ।

ଲୁଧିଆନାରେ ବସ୍ତି ଲକ୍ଷ୍ମୀନାରାୟଣବାଲା ସେମାନଙ୍କ ଘର ସାମ୍ନାରେ ଗୁଲାମ୍ ମହମ୍ମଦର ଘରଥିଲା, ଯାହାକୁ ସେ ଗୁଲ୍ଲୁ ଚାଚା ବୋଲି ଡ଼ାକୁଥିଲା ।

ତା' ନିଜ ଘରେ ବି କେବେ ମାଛ ମାଂସ ରନ୍ଧା ହେଉନଥିଲା, ତେଣୁ ଗୁଲ୍ଲୁଚାଚା ଓ ସୈନୀଚାଚୀ ସେମାନଙ୍କ ଘରେ ବି ତାକୁ ସବୁବେଳେ ଅଙ୍ଗୁର ଓ ଅନ୍ୟ ଫଳ ଖାଇବାକୁ ଦେଉଥିଲେ । ମାଛ ମାଂସ କେବେ ହେଲେ ତା'ମୁହଁରେ ଲାଗିବାକୁ ଦେଉନଥିଲେ ।

ସେମାନଙ୍କର କୌଣସି ସନ୍ତାନ ସନ୍ତତି ନଥିଲେ । ତେଣୁ ସେମାନଙ୍କ ଲାଗି ଉଦ୍ଦିଷ୍ଟ ମୀନାକରା ଥାଳିଟା ସବୁବେଳେ ରୋଷେଇ ଘରେ ସଜ୍ଜିତ ହୋଇ ରହୁଥିଲା, ସେଥିରେ କେହି ଖାଉ ନଥିଲେ । ହେଲେ ସେ ଯେତେବେଳେ ସେ ଥାଳିଆରେ ଖାଇବା ଲାଗି ଜିଦ୍ କରିବାକୁ ଲାଗେ । ସୈନୀଚାଚୀ ଥାଳିଟି କାଢ଼ି ସେଥିରେ ତାକୁ ଅଙ୍ଗୁର ଖାଇବାକୁ ଦେଉଥିଲେ ।

ଗୁଲ୍ଲୁଚାଚା ବଡ଼ ଉଚ୍ଚମନା ଲୋକ । ସବୁବେଳେ ବଡ଼ ଲୋକଙ୍କ ଭଳି ଜୀବନ ଯାପନ କରିବାକୁ ପସନ୍ଦ କରୁଥଲେ । ସେ ଦଡ଼ା (ଏକ ରକମ ଖେଳ) ଖେଳୁଥିଲା । ଦଡ଼ା ଖେଳିବା ଦିନ ଯଦି ତାକୁ କୌଣସି ଏକ ନମ୍ବର ଲଗାଇବାର ଥାଏ, ସେତେବେଳେ ସେ ବାଳୁତ କୃଷ୍ଣକୁ ନମ୍ବର ପଚାରେ ଏବଂ ଯୋଉ ନମ୍ବର ତା' ମୁହଁରୁ ବାହାରିଥାଏ, ସେହି ନମ୍ବରରେ ଖେଳିଆସେ । ବେଳେବେଳେ ନମ୍ବରଟା ଠିକ୍ ଲାଗି ଯାଏ ଏବଂ ଗୁଲ୍ଲୁଚାଚା ସେଦିନ ତାକୁ ଗୁଡ଼ାଏ ମିଠା ଖାଇବାକୁ ଦିଅନ୍ତି.........

Digitized by PPRACHIN, SOA

ତା'ଛଡ଼ା ସେ ଯେତେବେଳେ ବି ସୈନୀ ଚାଚୀଙ୍କ ଘରକୁ ଆସେ, ଚାଚୀ ତାକୁ କୋଳେଇ, କାଖେଇ ଆନନ୍ଦରେ ଯେପରି ନାଚିବାକୁ ଲାଗେ ଏବଂ ପାଟି କରି କରି କହେ- ହେଇ ଦେଖ ମୋ ଘରକୁ ମୟୂର ଆଇଛି, କେମିତି ବଢ଼ିଆ ନାଚୁଛି ଛମ୍ ଛମ୍.........

ଏବଂ ସେ ଯେମିତି ମୟୂର ହୋଇ ପ୍ରତିଦିନ ସୈନୀଚାଚୀର ଅଗଣାରେ ନାଚୁ ଥିଲା.....

ମୟୂର ଚନ୍ଦ୍ରିକା ପରି ହରେକୃଷ୍ଣର ସ୍ମୃତିରେ ମଧ୍ୟ ନାନା ରକମ ରଙ୍ଗ ଭରିବାକୁ ଲାଗିଥିଲା........

ମନେ ପଡ଼ିଯାଉଥିଲା, ଯେତେବେଳେ ସେ ଟିକିଏ ବଡ଼ ହେଲା, ସ୍କୁଲରେ ପଢ଼ିବାକୁ ଲାଗିଲା, ସେତେବେଳେ ଗୁଲ୍ଲୁଚାଚାର ଅମଳରେ ଯେତେବେଳେ ବି ସହରରେ କୌଣସି ମେଳା ମଉଛବ ହେଉଥିଲା, ଦୂର ଦୂରାନ୍ତରୁ କୱାଲୀ ଗାୟକ ଆସୁଥିଲେ, ନାଟ ତାମସା, ଯାତ୍ରା ସୁଆଙ୍ଗ ହେଉଥିଲା । ବାଇସ୍କୋପ ଆସୁଥିଲା । ତେବେ ସେ ସବୁ ଦେଖିବା ଲାଗି ତା'ପାଇଁ ଓ ତା'ସ୍କୁଲର ସାଙ୍ଗମାନଙ୍କ ପାଇଁ ସବୁବେଳେ ସ୍ଥାନ ସଂରକ୍ଷିତ ହୋଇ ରଖାଯାଉଥିଲା ବହୁ ପୂର୍ବରୁ ।

ହରେକୃଷ୍ଣର ମନେପଡ଼ିଲା ଦେଶ ବିଭାଜନ ବେଳେ, ଯେତେବେଳେ ସେ ବମ୍ବେରୁ ଲୁଧିଆନା ଚାଲି ଆସିଥିଲା, ସେତେବେଳେ ସେ ଜାଣିବାକୁ ପାଇଥିଲା ଯେ ଗୁଲ୍ଲୁଚାଚା ଓ ସୈନୀଚାଚୀ ଦେଶାନ୍ତରିତ ହୋଇ ଚାଲି ଯାଇଥିଲେ । ଏକଥା ମନେ ପଡ଼ିଲା ମାତ୍ରକେ ତା'ସ୍ମୃତି ରଙ୍ଗ ଉପରେ ଅଚାନକ ଘନ କୁହୁଡ଼ି ଘୋଟିଗଲା । ସେମାନଙ୍କର ଆଗ ଆଗର କେଇଟା ବର୍ଷ ମୋଟେ ସୁଖକର ନଥିଲା । ଗୁଲ୍ଲୁଚାଚା ସବୁ କିଛି ଦଙ୍ଗାରେ ହାରି ଦେଇଥିଲା । ମୀନାକରା ବାସନ କୁଶନ ବିକି ବିକି କିଛି ଦିନ ଘର ଖର୍ଚ୍ଚ ତୁଲାଇ ମାନ ମର୍ଯ୍ୟାଦା ରଖିଥିଲେ । ତା'ପରେ ପୁଣି ଘରଦ୍ୱାର ବିକି ଧୋବା ସାହିରେ ତମ୍ବୁ ଲଗାଇ ସେମାନଙ୍କୁ ରହିବାକୁ ପଡ଼ିଲା ।

ହରେକୃଷ୍ଣକୁ ଯେତେବେଳେ କଲେଜରେ ଫିଜ୍ ମିଳୁଥିଲା, ସେଥିରୁ କିଛି ପଇସା ସଞ୍ଚୟ କରି ସେ ଧୋବା ସାହିରେ ରହୁଥିବା ସୈନୀ ଚାଚୀକୁ ଦେଇ ଆସୁଥିଲା । ତଥାପି ସେମାନେ ନିଜର ଓ ଗୁଲ୍ଲୁଚାଚାଙ୍କ ସୁଖର ଦିନର ଆଶା ଛାଡ଼ି ପାରି ନଥିଲେ ।

ହେଲେ, ଦେଶ ବିଭାଜନଟା ସବୁ 'ସୁଖର ଦିନ' ଉପରେ କରକା ଘାତ କରି ଦେଉଥିଲା ।

ଅନେକ ଦିନପରେ, କିଏ ଜଣେ ଯା, ଆସ କରୁଥିବା ଲୋକଠାରୁ ହରେକୃଷ୍ଣ ଶୁଣିଥିଲା ଯେ, ଲାହୋରରେ ରହୁଥିବା ଗୁଲ୍ଲୁଚାଚା ମୌଜଂଗ ଛକରେ, ଏକ ଟାଙ୍ଗା ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଛକରେ ପଡ଼ିଥିବା ତାଙ୍କ ଶବ ପାଖରେ ଠିଆ ହୋଇଥିବା ସୈନୀଚାଚୀ ମଧ୍ୟ ପାଗଳ ପ୍ରାୟ ହୋଇ କିଛି ଦିନ ଭିତରେ ମୃତ୍ୟୁ ବରଣ କରିଥିଲେ..............

ଦୀର୍ଘ ତିରିଶ ବର୍ଷ ଧରି ହରେକୃଷ୍ଣର ଆଖିରେ ଜମାଟ ବାନ୍ଧିଥିବା ଲୁହଧାର ବନ୍ଧଭାଙ୍ଗି ଧାର ଧାର, ହୋଇ ବହି ଆସିଥିଲା.....

କୌଣସି ଏକ ଛକରେ ରକ୍ତ ଜୁଡୁବୁଡୁ ହୋଇ ଅସାଡ଼ ଅବସ୍ଥାରେ ପଡ଼ି ରହିଥିବା ଗୁଲ୍ଲୁ

Digitized by PPRACHIN, SOA

ଚାଚାର ସେ କେବେ ଦେଖି ନଥିବା ଶବଟା ତା ଆଖି ଆଗରେ ଭାସି ଉଠିଲା ବାରମ୍ବାର.................

ସଡ଼କରେ ଅନାଥ ହୋଇ ପଡ଼ିଥିବା ଲୁଙ୍ଗି ଖଣ୍ଡକ ସେ ଉଠାଇ ଗୁଲୁଚାଚାଙ୍କ ଅଣ୍ଟାରେ ଗୁଡ଼େଇବାକୁ ଲାଗିଲା..........

ତାଙ୍କର ନାଗରା ଜୋତା ହଳକ ବି ସଡ଼କରେ ଓଲଟା ହୋଇ ପଡ଼ିଥିଲା । ସେ ଜୋତା ହଳକ ହାତରେ ସିଧା କରି ଦେଲା । ଆଉ ତା'ପରେ ସେ ପାଗଳ ପ୍ରାୟ ହୋଇ ସଡ଼କରେ ଦୌଡୁଥିବା ସୈନୀଚାଚୀଙ୍କ ମୁଣ୍ଡର ପଣତକୁ ହାତରେ ଧରି ପକାଇଲା, ଯାହାର ଗୋଟାଏ କାନିକୁ ଧରି ସେ କେବେ, 'ଏଇ ଜାଣିଲୁ ଚାଚୀ' ବୋଲି କହିଥିଲା । ତା'ପରେ ସେ ପଥର କାନ୍ଥରେ ମୁଣ୍ଡ ପିଟୁଥିବା ସମୁଦ୍ରର ଲହଡ଼ି ପରି ଚିତ୍କାର କରି କହିବାକୁ ଲାଗିଲା-'ଚାଚୀ ତମେ ଯେପରି ଫକୀର ମାନଙ୍କଠାରୁ ରକ୍ଷା କବଚ ଆଣି ମୋ ବେକରେ ପିନ୍ଧାଇ ଥିଲ, ସେପରି ନିଜର ସୁରକ୍ଷା ଲାଗି ତମେ ମୋତେ କବଚ ପରି ତମ ଗଳାରେ ପିନ୍ଧିଥିଲ......... ହେଲେ, ହେଲେ ଏ ଦେଶର ଲୋକମାନେ ଆମ ବେକର କବଚକୁ କାହିଁକି କାଢ଼ି ଫିଙ୍ଗି ଦେଲେ ଚାଚୀ ?'

'ଦେଖ ଗୁଲୁଚାଚା ଯୋଉ ନାଲି ମୋତିଟା ତମ ଛାତିରେ ଲାଗି ଥିଲା, ମୁଁ ସେଇଟାକୁ ତ ରତ୍ନ ପରି ମୋ ମୁଦିରେ ପିନ୍ଧିବାକୁ ଚାହିଁ ଥିଲି....... ତମେ ମୋ ନାଲି ମୋତିଟା ତମ ସଙ୍ଗରେ ନେଇଗଲ, ଆଉ ସେଥିଲାଗି ମୁଁ ଏ ଯାଏଁ ହାତରେ କୌଣସି ମୁଦି ପିନ୍ଧି ନାହିଁ ଚାଚା !'

ହରେକୃଷ୍ଣର ମନେ ପଡ଼ିଲା -ଯେତେବେଳେ ସେ ଖୁବ୍ ଛୋଟ ଥିଲା, ସେତେବେଳେ ଗୁଲୁ ଚାଚା ତାକୁ ପଚାରୁଥିଲେ-କିରେ, ବଡ଼ ହୋଇ ତୁ କଣ ହେବୁ?

ଏବଂ ନିଜେ ଉତ୍ତର ଦେବାକୁ ଯାଇ ପଚାରୁଥିଲେ-ଆରେ ସବୁଠୁ ବଡ଼ ଅଫିସର କୋଉଟାକି ? କହିଲୁ ମୋତେ । ପୁଣି ସେ ନିଜେ ଭାବିଚିନ୍ତି କହୁଥଲେ-ଡିପୋଟି କମିଶନର । ତାକୁ ଖୁବ୍ ଟଙ୍କା ଦରମା ମିଳେ, ଶହ ଶହ ଟଙ୍କା ।

ଆଉ ମୁଁ ହାତ ମେଲେଇ କହୁଥିଲି-'ଏତେ ଟଙ୍କା ଚାଚା-ଏତେ' ସେ ହସି ହସି କହୁଥିଲେ-ହଁ ପୁଅ, ଏତେ । ହେଲେ ତୁ ଏତେ ଟଙ୍କା ନେଇ କଣ କରିବୁ ? କହିଲୁ ?

ସେତେବେଳେ ମୁଁ ସେ ଟଙ୍କାକୁ ମନେ ମନେ ବଣ୍ଟୁଆର କରିବାକୁ ଲାଗେ-ଦି ଶହଟଙ୍କା ସୈନୀଚାଚୀଙ୍କୁ, ଦି ଶହଟଙ୍କା ଗୁଲୁଚାଚାକୁ ଏବଂ ସେତେବେଳେ ବଗ୍‌ଘା ମୋର ମନେ ପଡ଼ିଯାଉଥଲା । ବଗ୍‌ଘା ଗୁଲୁଚାଚାଙ୍କର ବାକର ଏବଂ ରାତିରେ ମୋତେ ଶୋଇଲା ଅବସ୍ଥାରେ ସେ ଘରେ ଛାଡ଼ିକି ଯାଉଥିଲା । ଏବଂ ମୁଁ କହୁଥଲି- ଆଉ ଦି ଶହଟଙ୍କା ବଗ୍‌ଘାକୁ ବି ଦେବି ।

ଟଙ୍କା ଭାଗବଣ୍ଟା ହିସାବରେ ବାପାଙ୍କୁ ମଧ୍ୟ ସାମିଲ କରୁଥିଲି, ମା କୁ ଓ ମୋ ଭଉଣୀକୁ ମଧ୍ୟ ବାଦ୍ ଦେଉ ନଥଲି । ଗୁଲୁଚାଚା ଖୁବ୍ ହସୁଥିଲା । ହସି ହସି ବେଦମ୍ ହୋଇ କହୁଥିଲା-ଆରେ ତୁଟା ତ ସବୁଯାକ ଟଙ୍କା ଭାଗବଣ୍ଟା କରିଦେଲୁ । ଏବେ ତୁ ଖାଇବୁ କଣ?

ତାଙ୍କର ପ୍ରଶ୍ନଗୁଣି ମୋ ବିସ୍ମୟର ସୀମା ରହୁନଥିଲା, କହୁଥିଲି- କାହିଁକି, ମୋତେ ତ

Digitized by PPRACHIN, SOA

ଖାଇବାକୁ ତମେ ଦେବ ଚାଚା ।

ସେତେବେଳେ ସୈନୀଚାଚୀ ମୋତେ ବାହୁରେ ଭିଡ଼ି ଧରୁଥିଲେ, କହୁଥିଲେ ଆରେ ଏଇଟା ତ ମୋ ମୟୂରରେ, ଇଏ ମୋ ଅଗଣାରେ ନାଚ କରିବ ଥେଇ ଥେଇ........

ହରେକୃଷ୍ଣ ହାତରେ ଧରିଥିବା ବିଅର୍‌ର ଖାଲି ବୋତଲ୍‌ଟା କାଛକୁ ଲାଗି ଲହରାୟିତ ସମୁଦ୍ର ଭିତରକୁ ଫିଙ୍ଗି ଏକ ଶୂନ୍ୟ ଦୃଷ୍ଟିରେ ସମୁଦ୍ରକୁ ଅନେଇବାକୁ ଲାଗିଲା ।

ଅତିକ୍ରାନ୍ତ ବର୍ଷ ସବୁ ଲହଡ଼ି ପରି କେତେବେଳେ ମୁଣ୍ଡ ଉପରକୁ ଟେକୁଥିଲେ ତ କେତେବେଳେ ଗହୀର ପାଣିରେ ବୁଡ଼ିଯାଉଥିଲେ । ସେଇ ଉଠ-ବୁଡ଼ ହେଉଥିବା ସ୍ୱରରେ ହରେକୃଷ୍ଣର ମୁହଁରୁ ବାହାରିଲା ସୈନୀଚାଚୀ, ନା ମୋ ପାଖରେ ତମର ଅଗଣା ଅଛି ନା ମୋ ଅଗଣା ଅଛି, ହେଲେ ମୁଁ ତମର ମୟୂର୍ ଥିଲି, ତେଣୁ ମୟୂର ଚନ୍ଦ୍ରିକାର ସବୁଯାକ ରଙ୍ଗ ମୁଁ କାନ୍‌ଭାସକୁ ଦେଇ ଦେଇଛି ।

ନଅ

ଭାରତ ଓ ପାକିସ୍ଥାନର ରାଜନୈତିକ ସମୁଦ୍ରରେ ଏକ ଦ୍ୱୀପ ପରି ଜଳମଗ୍ନ ହୋଇଥିବା ଗୁଲୁଚାଚାର ସେ ଅଗଣା କଥା ଅନେକ ସମୟ ଧରି ହରେକୃଷ୍ଣର ମନେ ପଡ଼ିଥିଲା ।

ବାପା ମାଙ୍କ ପରେ ତା'ପାଦ ଲାଗି ପର ହୋଇଯାଇଥିବା ତା'ନିଜ ଘର ଅଗଣା ମଧ୍ୟ ତା' ଆଖିରେ ଅନେକ ବେଳ ଧରି ଭାସି ଉଠିଲା..........

ନା' ସେ ହସି ପକାଇଲା ସେ ତ ସାଂସାରିକତା ସମୁଦ୍ରରେ ଏକ ଦ୍ୱୀପ ଭଳି ବୁଡ଼ି ଯାଇଛି ଅତଳାତଳ ।

ସାଂସାରିକ ଓ ରାଜନୈତିକଙ୍କ ମଧ୍ୟରେ ହୁଏତ ବେଶୀ ତଫାତ୍ ନଥାଏ..... ଏକଥା ତା'ର ଖିଆଲକୁ ଆସିଲା ମାତ୍ରକେ ତାର ମନେ ପଡ଼ିଗଲା ଯେ ତା'ବାପା ନିଜ ଘର ଛଡ଼ା ଆଉ ଘର ଖଣ୍ଡେ ମଧ୍ୟ କିଣିଥିଲେ ଏବଂ ବାପାଙ୍କ ମୃତ୍ୟୁପରେ ସେତେବେଳକାର ଭାଇ ଦିନେ କହିଥିଲେ ମୋ ଲାଗି ତ ଘର ଖଣ୍ଡେ ଅଛି କୃଷ୍ଣ । ଆଉ ଏ ଅନ୍ୟ ଘର ଖଣ୍ଡକ ତୁ ମୋ ନାଁରେ କରିଦେ । ତୋ ଭାଗଟା ବି ମତେ ଦେଇ ଦେ । ମୁଁ ଘର ଦୁଆରୀ ଲୋକ । ତୁ ତ ଏକଲା, ଠେଙ୍ଗା ଭୂତ ତୋତେ ବେଶୀ ଜାଗା ବା ଦରକାର କଣ? ଏବଂ ସେ, ସେ ଘର ଖଣ୍ଡିକ ମଧ୍ୟ ତା'ଭାଇ ନାମରେ କରି ଦେଇଥିଲା ।

ସେତେବେଳେ ବାପାଙ୍କ ମୃତ୍ୟୁରେ ମା ଯେମିତି ଗୋଟାଏ ରାତିରେ ହିଁ ବୁଢ଼ୀ ହୋଇ ଯାଇଥିଲା । କମ୍ପିତ ହାତରେ ହରେକୃଷ୍ଣର କାନ୍ଧ ଧରି କହିଲେ ଏଇଟା ତୁ କିଛି ଭଲ କଲୁ ନାହିଁ କୃଷ୍ଣ । ମୁଁ ଆଖି ବୁଜିଲା ପରେ ତୋତେ ଏ ଘରେ କେହି ପାଦ ପକାଇବାକୁ ବି ଦେବେ ନାହିଁ ।

Digitized by PPRACHIN, SOA

ସେତେବେଳେ ଭାଇର ମୋହରେ ହରେକୃଷ୍ଣ ହସି ଦେଇଥିଲା ନାଇଁ ମା, ଏଇଟା ତୋ ଘର ଏବଂ ତୋ ଘରେ ମୋତେ ପାଦ ଦେବାକୁ କିଏ ମନା କରି ପାରିବ ଭଲା?

ମା ଭିତରେ ଭିତରେ କ୍ଷୋଭରେ ଝାଉଁଳି ପଡ଼ି କହିଲେ-ତା'ହେଲେ ଠାକୁରଙ୍କଠାରୁ ମୋ ଆୟୁଷର ପଞ୍ଝା ଲେଖେଇ ନେ, ନ ହେଲେ ଆଜି ମଲେ କାଲିକି ଦୁତୀଅ ଦିନ............

ଏବଂ ମାଙ୍କ ମୃତ୍ୟୁର ଦ୍ୱିତୀୟ ଦିନ ହିଁ ହରେକୃଷ୍ଣ ଦେଖିଲା ଯେ ମାଙ୍କ ବାକ୍ସ ପେଟରା ସବୁରେ ତାଲା ଝୁଲୁଛି । ସେ ସମୟଟା କିଛି କୁହାବୋଲା କରିବାର ନଥିଲା । ହେଲେ ବରଷେ ଖଣ୍ଡେ ପରେ ହରେକୃଷ୍ଣ ଯେତେବେଳେ ଭାଇଙ୍କି କହିଲା- ଏ ଘରଟା ଆମେ ବିକି ଦେବା ଭଲ ହେବ, ତମେ ଅଧା ପଇସା ନେଇ ନୂଆ ଘର ଖଣ୍ଡେ କିଣି ପକାଅ ଏବଂ ଅଧା ପଇସାରେ ମୁଁ ବମ୍ବେରେ ଦୁଇ ବଖୁରିଆ ଘର ଖଣ୍ଡେ ଯୋଗାଡ଼ କରି ନେବି । ସେତେବେଳେ ଭାଇ କଥାଟାକୁ ବାଆଁରେଇ ଦେଇଥିଲା ।

ବର୍ଷକରେ ମାତ୍ର ଥରେ ଅଧେ ହିଁ ହରେକୃଷ୍ଣ ବମ୍ବେରୁ ଗାଁକୁ ଆସି ପାରୁଥିଲା । ଆରବର୍ଷ ହରେକୃଷ୍ଣ ଯେତେବେଳେ ସେଇ କଥା ପୁଣି ଉଠାଇଲା, ସେତେବେଳେ ଭାଇ ଦି ମହଲା ମଝିର ବାଲକନିରେ ତା' ଖଟଟା ପାରି ଦେଲା ଏବଂ କହିଲା-'ମୁଁ ତ ସଂସାରୀ ଲୋକ, ନୂଆ ଘର ଖଣ୍ଡେ ନ କଲା ଯାଏ, ସାରା ପରିବାର ନେଇ କୋଉଠି ରହିବି? ତୁ ବରଂ ଏ ଘରଟା ମୋ ପାଖରେ ଛାଡ଼ିଦେ । ତୁ ତ ବର୍ଷକରେ ଥରେ ଅଧେ ଦି ଚାରି ଦିନ ଲାଗି ଆସୁ, ଏ ବାଲ୍‌କନିଟା ମୁଁ ତୋ ଲାଗି ଛାଡ଼ି ଦେବି ।'

ଘର ଅଗଣା ତା' ଲାଗି ପର ହୋଇ ସାରିଥିଲା । ହରେକୃଷ୍ଣ ଚିହିଁକି ଉଠି କହିଲା-'ଯଦି ବିକିବାର ନାହିଁ, ତା'ହେଲେ ଘରଟା ଅଧା ଅଧା ବଣ୍ଟୁଆରା ହୋଇଯାଉ । ଅଗଣାରେ କାଛଟାଏ ଉଠାଇ ଦେବା । ଅଧା ଅଗଣା ତମର, ଅଧା ଅଗଣା ମୋର ।

ଭାଇ ରାଜି ହୋଇ ନଥିଲା ।

ଲୁଧିଆନାର କେଇଜଣ ବନ୍ଧୁ ହରେକୃଷ୍ଣକୁ କହିଲେ ତୁ କୋର୍ଟରେ ଅର୍ଜିଟାଏ ଦେଉନୁ କାହିଁକି? ହେଲେ, ସେତେବେଳେ ହରେକୃଷ୍ଣକୁ ସାହିରର ସେ ଦୁର୍ଦ୍ଦିନ କଥା ମନେ ପଡ଼ିଗଲା, ଯେତେବେଳେ କଚେରୀରେ ଠିଆ ହୋଇ ହୋଇ ସାହିର୍‌ର ବାଲ୍ୟକାଳ ଓ ଯୌବନ ବିତି ଯାଇଥିଲା । ସାହିର୍ କଚେରୀରେ ଠିଆ ହୋଇ ହୋଇ ନିଜ ଯୌବନକୁ ଦେଖୁଥିଲା ।

ନା.....ମୁଁ କୋର୍ଟ କଚେରୀର ଦର୍ଜା କେବେହେଲେ ମାଡ଼ିବି ନାହିଁ । ହରେକୃଷ୍ଣ ସଂକ୍ଷିପ୍ତ ଉତ୍ତରଟାଏ ଦେଇ ଗୁମ୍ ମାରି ଯାଇଥିଲା ।

କେତେ ଜଣ ବନ୍ଧୁ ଯେତେବେଳେ ସେମାନଙ୍କ ଭିତରେ ହସ୍ତକ୍ଷେପ କଲେ, ସେତେବେଳେ ଭାଇ ଘର ବାହାରେ ଥିବା ତିନୋଟି ଯାକ ଦୋକାନ ତା' ନାଁରେ କରିଦେବାକୁ କଷ୍ଟେ ମଷ୍ଟେ ରାଜି ହୋଇଥିଲା । ତା' ପରେ ସେ ଉଣେ ଅର୍ଜୀନ୍‌ବୀସଠାରୁ ଭାଗପତ୍ର ଖଣ୍ଡେ ଲେଖାଇ ଆଣିଥିଲା ।

Digitized by PPRACHIN, SOA

ସେ ଦୋକାନ ତିନିଟାଯାକ ଗତ କୋଡ଼ିଏ ବର୍ଷ ହେଲା ନାମକୁ ମାତ୍ର ଭଡ଼ାରେ ଉଠିଥାଏ ଏବଂ ସମସ୍ତେ ଜାଣିଥାନ୍ତି ଯେ ସେ ସବୁ ଆଉ କେବେହେଲେ ଖାଲି ହେବ ନାହିଁ । ସେତେବେଳେ ମଧ୍ୟ ହରେକୃଷ୍ଣ ସେ ଭାଗପତ୍ରକୁ ଗ୍ରହଣ କରି ନେଇଥିଲା ଚୁପ୍‌ଚାପ୍ । ତା ପରେ ଖିଆଲ ହେଲା ଯେ ଦୋକାନ ଛାତ ଉପରକୁ ଯିବାଲାଗି ପାହାଚ ନାହିଁ । ପାହାଚ୍ ଖଣ୍ଡେ କରିଦେଲେ ଛାତ ଉପରେ ଲମ୍ବା ରୁମ୍‌ଟାଏ କରାଯାଇ ପାରିବ ।

ହେଲେ ଦୋକାନ ଉପରକୁ ପାହାଚ୍ ବନାଇବା ଲାଗି ଘର ଅଗଣାରୁ ତିନି ଫୁଟ ଜାଗା ଆବଶ୍ୟକ । ଏ କଥା ପଡ଼ିବାରୁ ହରେକୃଷ୍ଣ ଭାଇକୁ କହିଲା- ଦେଖ୍ ମୁଁ ଅଦାଲତର ଆଶ୍ରୟ ନେଲେ ବାକାୟଦା ଘରର ଅଧା ଭାଗ ହାସଲ କରିପାରିବି । ହେଲେ ମୁଁ ସେ ସବୁ କରିବାକୁ ଚାହୁଁନି । ତମେ ଖାଲି ଏ ଭାଗପତ୍ରରେ ଏତିକି ପରିବର୍ତ୍ତନ କରି ଦିଅ, ଯେମିତିକି ମୋତେ ତିନି ଫୁଟ ଜାଗା ମିଳି ପାରିବ ଅଗଣା ଭିତରୁ ।

ଭାଇ ଏ ପ୍ରସ୍ତାବଟା ମାନନେଲା ଏବଂ ଭାଗପତ୍ରରେ ମଧ୍ୟ ଯଥାବିଧି ପରିବର୍ତ୍ତନ କରି ଦିଆଗଲା । ତା ସହିତ ଘରର ନମ୍ବର ମଧ୍ୟ ଉଲ୍ଲେଖ କରାଇ ଲେଖାଇ ନେଲା ଯେ, ସେ ନମ୍ବର ଘରେ ହରେକୃଷ୍ଣର କୌଣସି ରକମର ଅଧିକାର ନାହିଁ କି ସେ ଘରର କୌଣସି ଅଂଶ କାହାକୁ ବିକ୍ରୟ କରି ପାରିବ ନାହିଁ । କଲେ ବା ହେଲେ ତାହା ଅସିଦ୍ଧ ଘୋଷିତ ହେବ ।

ତା' ଆରଦିନ ହରେକୃଷ୍ଣକୁ ବମ୍ବେ ଫେରିଯିବାର ଥାଏ । ସେଦିନ ରାତିରେ ତା'ବନ୍ଧୁ ସଉରବାଲ୍ ତାକୁ ଖାଇବାକୁ ଡାକିଥାଏ । ଖାଇଲା ବେଳେ ହରେକୃଷ୍ଣ ଦି ଢୋକ ବିଅର୍ ପିଇଛି କି ନାହିଁ ସଉରବାଲ୍ ଘରର ଭାଗବଣ୍ଟା ବିଷୟରେ ପଚାରିଲା । ହରେକୃଷ୍ଣ ସନ୍ତୁଷ୍ଟ ହୋଇ କହିଲା- 'ଯାହା ହୋଇଯାଇଛି ଠିକ୍ ହୋଇଛି । ଭାଗ୍ୟର କଥା ଯେ କୋର୍ଟ କଚେରୀକୁ ଯିବାକୁ ପଡ଼ିନାହିଁ । ଅଗଣାରୁ ତିନିଫୁଟ ଜାଗା ଦରକାର ଥିଲା ଦୋକାନ ଛାତକୁ ପାହାଚ୍ ତିଆରିକରିବା ଲାଗି, ସେ ସର୍ତ୍ତଟା ମଧ୍ୟ ଭାଗପତ୍ରରେ ଦରଜ ହୋଇଯାଇଛି.......

ହେଲେ ସଉରବାଲ୍ ଏତିକିରେ ସନ୍ତୁଷ୍ଟ ହୋଇ ପାରିଲା ନାହିଁ । ସେ ପୁଣି ପଚାରିଲା - ତମେ ଏ ସର୍ତ୍ତାବଳୀ ଓ ଅନ୍ୟ କଥା ଠିକ୍ ଠାକ୍ ପଢ଼ିକି ଦସ୍ତଖତ କରିଛ ତ?

ହରେକୃଷ୍ଣ ସନ୍ତୁଷ୍ଟ ହୋଇ କହିଲା- ହଁ, ମୁଁ ପଢ଼ି ନେଇଛି । ଭାଇ ଘର ନମ୍ବର ଦରଜ କରାଇ ଲେଖେଇ ନେଇଛି ଯେ, ମୁଁ ଏ ଘରର କୌଣସି ଅଂଶ ତା' ଅନୁମତି ବିନା ବିକି ପାରିବି ନାହିଁ । ହେଲେ, ଯେତେବେଳେ ଘରଟା ହିଁ ମୋର ହେଇନି ସେତେବେଳେ ଘରର କୌଣସି ଅଂଶ ବିକିବାର ପ୍ରଶ୍ନ ଉଠୁଛି କୋଉଠୁ? ତେଣୁ ଚିନ୍ତା କରିବାର କଣ ଅଛି?

ଅଚାନକ ସଉରବାଲ ମୁହଁରୁ ଘାବରା ହୋଇ ବାହାରିଲା- ସରିଗଲା, ସବୁ ସରିଗଲା । ହରେକୃଷ୍ଣ ହାତର ବିଅର ଗ୍ଲାସଟା ସେମିତି ରହିଗଲା, ସେ ସଉରବାଲ୍‌ର ଘାବରା ହେବା ଦେଖି ହତଚକିତ୍ ରହି ଯାଇଥିଲା ।.......

ସଉରବାଲ୍, ହରେକୃଷ୍ଣର କାନ୍ଧରେ ହାତଥୋଇ କହିଲା କୃଷ୍ଣ, ତୁ ଭାରି ସରଳ ବିଶ୍ୱାସୀ ।

Digitized by PPRACHIN, SOA

ଆରେ ଘରର ନମ୍ବରଟା ହେଉଛି ଦୋକାନର ବି ନମ୍ବର । ସେ ତୋଠୁ ଲେଖେଇ ନେଇଛି ଯେ ତୁ, ସେ ଦୋକାନଗୁଡ଼ିକ କେବେହେଲେ ବିକି ପାରିବୁ ନାହିଁ । ତୁ ଜାଣିଛୁ ଯେ ଦୋକାନ କେବେ ହେଲେ ଖାଲି ହେବ ନାହିଁ । ଗୋଟାକର ଭଡ଼ା ଦେଢ଼ଶହ ଟଙ୍କା, ଗୋଟାକର ନବେ ଓ ଅନ୍ୟଟିର ଭଡ଼ା ମାସକୁ ମାତ୍ର ସତର ଟଙ୍କା····· ତୁ ଜୀବନ ସାରା ଏଇ ଅଢ଼େଇଶ ଖଣ୍ଡେ ଟଙ୍କା ପାଉଥିବୁ, ଆଉ ତୋ' ଅଧିକାରରେ କିଛି ହେଲେ ବି ନଥିବ··········

ହରେକୃଷ୍ଣର ଖାଦ୍ୟ ସାମଗ୍ରୀ ସେମିତି ଟେବୁଲରେ ପଡ଼ି ରହିଥିଲା । ତା'ପରେ ସଉରବାଲ ନିଜେ ହିଁ ଅନେକ ଭାବିଚିନ୍ତି ବାଟଟାଏ ଖୋଜି ବାହାର କଲା ଯେ ଭାଇଠାରୁ ସେ ଫଟୋଷ୍ଟେଟ୍ କରିବା ବାହାନାରେ ଅଧଘଣ୍ଟା ପାଇଁ ଭାଗପତ୍ରଟା ମାଗି ଆଣୁ । ତୋର ଆର ମାସ ଇଉରୋପ ଯିବାର ଅଛି, ଇନକମ୍‌ଟେକସ କ୍ଲିୟରିଂ ଲାଗି ଏ କାଗଜଟା ଦରକାର ହେବ, ତେଣୁ ଫଟୋ କପି ଆବଶ୍ୟକ ବୋଲି ବାହାନା କରିବୁ । ଏବଂ ଯେତେବେଳେ ସେ କାଗଜଟା ଦେବ, ସେତେବେଳେ ତିନୋଟି ଯାକ ଦୋକାନ ଘରର ନମ୍ବର, ସର୍ତ୍ତର ଅର୍ନ୍ତଭୁକ୍ତ ନୁହେଁ, ଏତକ ଲେଖି ଫେରାଇ ଦେବୁ ।

ସେଦିନ ରାତିରେ ହରେକୃଷ୍ଣ ଲାଗି, ନରମ। ବିଛଣାଟା ବି କଣ୍ଟା ଶେଯ ପରି ମନେ ହୋଇଥିଲା । ସକାଳ ହେଲା ମାତ୍ରକେ ହରେକୃଷ୍ଣ ଭାଇଠାରୁ ଅଧ ଘଣ୍ଟା ଲାଗି ଭାଗପତ୍ରଟି ମାଗି ଆଣି ସଉରବାଲ୍ ବତେଇ ଥିବା ଅନୁସାରେ ସେଥିରେ ପରିବର୍ତ୍ତନ କରି ଫଟୋ କପି ଉଠାଇ କାଗଜଟା ଭାଇକୁ ଫେରାଇ ଦେଇଥିଲା ।

ୀାଇ ସେ କାଗଜ ଖଣ୍ଡକ ଧରି ଯେତେବେଳେ ହରେକୃଷ୍ଣ କରିଥିବା ପରିବର୍ତ୍ତନଟା ଦେଖିଲା, ସେତେବେଳେ ସେ ହରେକୃଷ୍ଣକୁ ଆଗ୍ନେୟ ଦୃଷ୍ଟିରେ ଅନାଇଥିଲା । ହେଲେ ହରେକୃଷ୍ଣ ଆଉ ଭାଇ ଆଡ଼କୁ ଚାହିଁ ନଥିଲା । ନିଜ ବିଛଣା ପତ୍ର ଗୁଡ଼େଇ ଥୋଇ ଦେଇଥିଲା ଏବଂ ନିଜ ସୁଟକେଶ ଖଣ୍ଡକ ଧରି ବମ୍ବେ ଚାଲି ଯାଇଥିଲା······

ତା'ପରେ ନା ସେ କେବେ ଦୋକାନ ଛାତକୁ ଯିବା ଲାଗି ପାହାଚ ଡିଆଁରିଛି, ନା କେବେ, ସେ ସହରକୁ ଫେରିବା ଲାଗି ତା'ମନ ହୋଇଛି, ଯାହା ତା'ଆଖି ଆଗରେ ଦେଖୁ ଦେଖୁ ପର ହୋଇ ଯାଇଥିଲା ।

ପରେ ତା' ବନ୍ଧୁମାନେ ଦୋକାନ ବିକିବା ଲାଗି କିଛିଟା ଚେଷ୍ଟା କରିଥିଲେ, ହେଲେ ତା' ଭାଇ କୁହାବୋଲା କରି ଷାଠିଏ ହଜାର ଟଙ୍କାରେ ନିଜେ ହିଁ କିଣି ନେଇଥିଲା । ଏବଂ ସେ ଷାଠିଏ ହଜାର ଟଙ୍କାକୁ ହରେକୃଷ୍ଣ ବିଷପାତ୍ର ପରି କିଛିଟା ପିଇ ଯାଇଥିଲା ଓ କିଛି ଉଡ଼େଇ ଦେଇଥିଲା·······

ଏ ଭଡ଼ାଘରର ପଥର କାଛ ଉପରଟା ବି ଏତେବେଳେ ହରେକୃଷ୍ଣକୁ ଖୁବ୍ ପର ମନେ ହେଲା ଏବଂ ସେ କାଛକୁ ଲାଗି ଉଜୁଡ଼ା ବଗିଚା ଭିତରେ ଟଳମଳ ପାଦରେ ଚାଲିବାକୁ ଲାଗିଲା ।

Digitized by PPRACHIN, SOA

ସୈନୀଚାଚୀ ଏବେ ବି ହୁଏତ କୋଉଠି ତା' ନିକଟତର ହୋଇ ରହିଥିଲେ । ସେ ତାଙ୍କୁ କହିବାକୁ ଲାଗିଲା, ଦେଖିଲ ସୈନୀଚାଚୀ ଆଜି ତମର ମୟୂର କେମିତି ନାଚ୍ କରୁଛି ?

ହୁଏତ କେବେଠୁ ମରିହଜି ଯାଇଥିବା ସୈନୀଚାଚୀର ମାହାତ୍ମ୍ୟ ନା କଣ, ଯେ ହରେକୃଷ୍ଣର ଟଳମଳ ପାଦ ଦିଟା ଅଚାନକ ସ୍ଥିର ହୋଇ ଯାଇଥିଲା ଏବଂ ତାର ଖିଆଲ ଆସିଲା ଯେ କେତେ କେତେ ଦେଶର ଅଗଣା ନ ରହିଛି, ଯୋଉଠି ତା'ର ଚିତ୍ରକଳାର ରଙ୍ଗ ସବୁ ନାଚ୍ କରି ସାରିଛନ୍ତି..............

ପ୍ରଥମେ 1947ରେ ପୁଣି 1974ରେ, ତା' ପରେ ପୁଣି 1978ରେ ଇଂଲଣ୍ଡରେ ତାର ଚିତ୍ର କଳା ପ୍ରଦର୍ଶନୀ ହୋଇଥଲା........

1949 ଓ 1050ରେ ଆଫଗାନିସ୍ଥାନ,........1967 ଓ 1979ର ଫ୍ରାନସ 1951 ଓ 1972ରେ ଆମେରିକା ଓ କାନାଡ଼ା...... 1967 ଓ 1979ରେ ଇଜିପଟ୍ ଓ ସାଉଦୀ ଆରବ, 1951ର ତୁର୍କୀ........ ସେହି ବର୍ଷ ପୁଣି ଚୀନ, ଜାପାନ ଓ ଅଷ୍ଟ୍ରେଲିଆରେ, 1953ରେ ସୋଭିଏତ ରୁଷିଆ, ପୋଲାଣ୍ଡ ଓ ପଶ୍ଚିମ ଜର୍ମାନୀ...... 1958ର ଯୁଗୋସ୍ଲୋଭିଆ, ଚେକୋସ୍ଲୋଭିଆ ଓ ବୁଲଗେରିଆ........

1953ରେ ଭେନିସ ଓ 1963ରେ ଟୋକିଓ ଉଜୁଡ଼ା ବଗିଚା ଭିତରେ ହରେକୃଷ୍ଣର ପାଦ ଦିଟା ନୃତ୍ୟ କରିବାକୁ ଲାଗିଲା, ଦେଖ ସୈନୀଚାଚୀ ! ଏ ତମର ମୟୂରଟା କୋଉଠି, କୋଉଠି ନାଚ୍ ନ କରିଛି..........

ଦଶ

ପୃଥିବୀର ଗୁଡ଼ିଏ ଦେଶର ଅଗଣା ଯେମିତି ହରେକୃଷ୍ଣର ପାଦ ଆଗରେ ବିଛେଇ ହୋଇଗଲା ।

ଏହି ତନ୍ଦ୍ରାଛନ୍ନତା ଭିତରେ ନିଜ ରୁମକୁ ଫେରି କେତେବେଳେ ସେ ବିଛଣାର ଉଷ୍ଣତା ଭିତରେ ଅଳସ ଭାବରେ ନିଜକୁ ହଜେଇ ଦେଇଥିଲା କେଜାଣି ?

ଏବଂ କେଜାଣି କେତେବେଳେ ତା' ବିଛଣାର ଉଷ୍ଣତା ତା' ଆଲିଙ୍ଗନ ଭିତରେ ଗ୍ରଥିତ ହୋଇ ତା'ସହିତ ଶୋଇ ଯାଇଥିଲା.......

ହେଲେ ସେଇଟା ସୁପ୍ତ ଉଷ୍ଣତା ନଥିଲା । ସେଇଟା ଥିଲା-ଖୁବ୍ ସଚେତନ, ଖୁବ୍ ଜାଗ୍ରତ ଉତ୍ତାପ, ଯାହା ବେଳେ ବେଳେ ଜର୍ମାନ ଝିଅ ପରି ତା'ଛାତି ଉପରେ ବାହୁ ରଖୁଥିଲା ତ ବେଳେ ବେଳେ ଲଣ୍ଡନର ଝିଅ ପରି, ଆଉ କେବେ ଫ୍ରାନସର ଝିଅ ପରି । ଏବଂ ଆଉ ପୁଣି କେବେ........

ସେ ନିଜର ଦେହସାରା ଏକ ରକମ ସୁଖ ଅନୁଭବ କରି ଚାଲିଥଲା । ତା'ର ଅଳସ ଓଠ, କେତେବେଳେ କୌଣସି ନରମା ମାଂସର ବେକ ସ୍ପର୍ଶ କରୁଥାଏ ତ କେତେବେଳେ କୌଣସି

Digitized by PPRACHIN, SOA

କାନ୍ଧ, ବାହାକୁ ଛୁଉଁଥାଏ ।

ସେ ଅଲଗା ଅଲଗା ଦେଶର ଭିନ୍ନ ଭିନ୍ନ ଜାତିର ଝିଅମାନଙ୍କର ନାଁ ମନେ ପକାଇବାର ଚେ଼ଷ୍ଟା କରିବାକୁ ଲାଗିଲା, ହେଲେ ସବୁଯାକ ନାଁ ସେ ଭୁଲି ସାରିଥାଏ ।

ହୁଏତ ସେ ଝିଅମାନେ ନିଜ୍ର ଦେହରୁ ଗୋଟି ଗୋଟି କରି ଲୁଗା କାଢ଼ିଲା ବେଳେ ନିଜ ଦେହରୁ ନିଜ ନିଜ ନାଁ କୁ ବି କାଢ଼ି କୋଉଠି ଥୋଇଦେଇଥିଲେ ।

ହଠାତ୍ ତା ସ୍ମୃତିରେ ନାଁ ଟାଏ ଯେମିତି ଝଲସି ଉଠିଲା........ଅଲ୍ଲାରକ୍ଖୀ.....

ଅଲ୍ଲାରକ୍ଖୀର ଦେହକୁ ସେ କେବେ ଜଣେ ଯୁବକ ପରି ଛୁଇଁ ନଥିଲା । କେବଳ ଜଣେ ଅଜଣା ଅବୋଧ ବାଳକ ପରି ଛୁଇଁଥିଲା, ହେଲେ ତା'ର ଦେହର ଗନ୍ଧ ଏବେ ମଧ୍ୟ ଏକ ଅମାନତ ପରି ତା' ଶ୍ୱାସ-ପ୍ରଶ୍ୱାସରେ ଘର କରି ରହିଥାଏ ।........

ମାତୃ ସ୍ତନ୍ୟର ମହକ ଭଳି..............

ମନ୍ଦିରର ଧୂପ-ଆଳତୀର ସୁଗନ୍ଧ ପରି.......

ହଠାତ୍ ତାଁ ବିଛଣାରୁ ସବୁ ଦେଶର ଯୁବତୀ ଓ ସୁନ୍ଦରୀ ଝିଅମାନେ ଅର୍ନ୍ତହିତ ହୋଇଗଲେ ଏବଂ ସେ ଅଲ୍ଲାରକ୍ଖୀ ଛାତିର ଆପ୍ରାଣ ମମତାରେ ପୁଲକିତ ହୋଇ ଉଠିଲା..........

ଆଜିଠୁ ଷାଠିଏ ବର୍ଷ ତଳର ମୁହୂର୍ତ୍ତଟାଏ ଯେମିତି ପୁନର୍ଜୀବିତ ହୋଇ ଉଠିଲା..........

ସେତେବେଳକୁ ତାକୁ ଇଏ ମୋଟେ ତିନିବର୍ଷ ଖଣ୍ଡେ ବୟସ ହୋଇଥିବ, ଯେତେବେଳେ ତା'ଅଲ୍ଲାରକ୍ଖୀ କୋଉଠି ନିରୁଦ୍ଦିଷ୍ଟ ହୋଇ ଯାଇଥିଲା.......

ଲୁଧିଆନାରେ ତା' ସାମ୍ନା ଘରଟା ଥିଲା ଗୁଲ୍ଲୁଚାଚାଙ୍କ ଘର । ତାକୁ ଲାଗି ତୁତ୍ତୁ ଦର୍ଜୀର ଘର । ଅଲ୍ଲାରକ୍ଖୀ ସେଇ ତୁତ୍ତୁର ଝିଅ........ ବୟସ ପନ୍ଦର ବର୍ଷ ପାଖାପାଖି ହେବ । ଗଜଲ୍ ଓ ନାଦ୍ (ମୁସଲିମ୍ମାନଙ୍କ ଆଖ୍ୟାୟିକା ପ୍ରଧାନ ଧାର୍ମିକ ସ୍ତୋତ୍ର-ଅନୁ) ଗାଇବାର ଐଶ୍ୱରୀକ ଆଶୀର୍ବାଦ ନେଇ ଯେପରି ତାର ଜନ୍ମ ।

ବରଷକର ପିଲା ହରେକୃଷ୍ଣକୁ ଛାତିରେ ଜାବୁଡ଼ି ଧରି ସେ ଯେତେବେଳେ କୌଣସି ନାଦ୍ର ସୁର୍ ଧରୁଥିଲା, ସେତେବେଳେ ସାଇ ପଡ଼ିଶା ଲୋକେ କହୁଥିଲେ ଯେ, ଉଡୁଥିବା ପକ୍ଷୀ ଘଡ଼ିକ ଲାଗି ଥମକି ଅଟକି ଯାଉଥିଲେ । ପୁଣି ଯେତେବେଳେ ହରେକୃଷ୍ଣକୁ ତିନି ଓ ରକ୍ଖୀକୁ ସତର ବର୍ଷ, ସେତେବେଳେ ଦିନେ ଆକାଶକୁ ଉଠୁଥିବା ସୂର୍ଯ୍ୟ ନିଜ ମୁହଁଟା କଳାବାଦଲ ପଛରେ ଲୁଚେଇ ନେଇଥିଲା । ରକ୍ଖୀର ଘର ଲୋକେ ଓ ସାଇପଡ଼ିଶା ସ୍ୱଜନ ସହର ସାରା ଟିକି ନିଖି କରି ଖୋଜୁଥିଲେ, କୋଉଠି ହେଲେ ତାର ଟେର୍ ପାଇନଥିଲେ......... ରକ୍ଖୀ କେଉଁଠି ମିଳୁ ନଥାଏ...........

କୃଷ୍ଣ ଲାଗି ସୂର୍ଯ୍ୟଟା ଯେମିତି ପ୍ରତିଦିନ ଉଠିଲା ମାତ୍ରକେ ବୁଡ଼ି ଯାଉଥିଲା.........

ପୁଣି ପ୍ରାୟ କୋଡ଼ିଏ ଦିନ ଖଣ୍ଡେ ଗଲାପରେ ତା'ଲାଗି ଏମିତି ସୂର୍ଯ୍ୟଟାଏ ଉଦୟ ହେଲା, ଯେପରି ସୂର୍ଯ୍ୟ ଆଉ କେବେ ଉଦିତ ହୋଇ ନିଥିଲା ।

Digitized by PPRACHIN, SOA

ରକ୍‌ଖୀ ବାପା ହାତରେ ନହକା ଲମ୍ବା ଚାବୁକ୍‌ଟାଏ ଏବଂ ତା'ର ଚାରିଆଡ଼େ କେତେ ନା କେତେ ଲୋକ ଜମା ହୋଇ ଯାଇଥିଲେ । ହେଲେ କୃଷ୍ଣ ଲୋକଙ୍କ ଗୋଡ଼ ଭିତରେ ପଶିକି ବାଟ ତିଆରି କରି ଘକେଇ ଘକେଇ କାନ୍ଦୁଥିବା ରକ୍‌ଖୀର ବେକରେ ଯାଇ ଓହଳି ପଡ଼ିଥିଲା ।

ଠିକ୍ ସେତିକି ବେଳେ ତା ବାପା ହାତରୁ ଚାବୁକଟା ଖସି ପଡ଼ିଥିଲା ଏବଂ ଜମା ହୋଇ ଗାଳି ଗୁଲଜ କରୁଥିବା ଲୋକମାନଙ୍କ ମୁହଁ ପକ୍ଷାଘାତଗ୍ରସ୍ତ ହେଲା ପରି ଚୁପ୍ ହୋଇ ଯାଇଥିଲା ।

'ମୋ କୃଷ୍ଣ....... ମୋ କୃଷ୍ଣରେ.....' କହିକି ରକ୍‌ଖୀ ତାକୁ ପଣତ କାନିରେ ଢ଼ାଙ୍କି ପକାଇଥିଲା ।

ହରେକୃଷ୍ଣ ଅନେକ ଦିନ ପରେ ଜାଣିବାକୁ ପାଇଲା ଯେ ଅଲ୍ଲାରକ୍‌ଖୀ ଜଣେ ପୋଲିସ-ଇନ୍‌ସପେକ୍‌ଟର ସଙ୍ଗେ କୁଆଡ଼େ ଚାଲି ଯାଇଥିଲା, ଯୋଉଠୁ ତା'ବାପା ମା ତାକୁ ଧରିକି ଆଣି ଥିଲେ.......

ଆଉ ତା'ପରେ ତା' ଜାତିବନ୍ଧୁ, ଆତ୍ମୀୟ ସ୍ୱଜନମାନଙ୍କ ଦର୍ଜା ହୁଏତ ତା' ଲାଗି ବନ୍ଦ ହୋଇ ଯାଇଥିଲା । ଚିରକାଳ ଲାଗି ସେ ସହର ଉପକଣ୍ଠର ଏକ ବାହାରିଆ ବସ୍ତିରେ ଘର ଖଣ୍ଡେ ନେଇ ଏକଲା ରହିବାକୁ ଲାଗିଥିଲା.......

କେବେ କେମିତି ସେ ବୁର୍ଖା ପିନ୍ଧି ନିଜ ଗଳିକୁ ବି ଆସୁଥିଲା । ଥରେ ସେ କୃଷ୍ଣକୁ ନିଜ ସହିତ ତାଜିଆ ଦେଖେଇବାକୁ ନେଇ ଯାଇଁଥିଲା ।

ତା'ର ଏବେ ବି ସ୍ପଷ୍ଟ ଭାବରେ ମନେ ଅଛି ଯେ, ସେହି ଦିନର ନାହିଁ ନଥିବା ଭିଡ଼କୁ ଅତିକ୍ରମ କରି କୃଷ୍ଣକୁ କାଖେଇ ତାଜିଆ ତଳୁ ତାକୁ ହସନ୍‌ଙ୍କ ଧଳା ଘୋଡା ଦୁଲ୍‌ଦୁଲ ପାଖକୁ ମଧ୍ୟ ସେ ପହଞ୍ଚି ଯାଇଥିଲା । କହିଥିଲା-ହସନଙ୍କ ଏହି ପବିତ୍ର ଘୋଡ଼ାକୁ ସ୍ପର୍ଶ କଲେ ଈଶ୍ୱର ଦୟା କରନ୍ତି ।.............

ସହର ସାରା ରକ୍‌ଖୀ ଗୀତର ଧୂମ୍ ଉଡୁଥାଏ...... ହେଲେ ଏବେ ସେ ବୁର୍ଖା ପିନ୍ଧି ଛ'ମାସ ବର୍ଷକରେ ଥରେ ନିଜ ଗଳିକୁ ଆସୁଥିଲା........ଏବେ ସେ ନିଜ ଗଳି ଲାଗି ମଧ୍ୟ ଏକ ଅପରିଚିତା ହୋଇ ଯାଇଥିଲା ।

ହରେକୃଷ୍ଣ ବଡ଼ ହୋଇ ଚାଲିଲା ଓ ରକ୍‌ଖୀ ସହରର ଏକ କିମ୍ବଦନ୍ତୀରେ ପରିଣତ ହୋଇଗଲା.............

ପରେ ଶୁଣିବାକୁ ମିଳିଲା ଯେ ସହରର ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ରକ୍‌ଖୀ ପଛରେ ସର୍ବସ୍ୱାନ୍ତ ହୋଇ ଏବେ ରକ୍‌ଖୀର ଘରେ ରହି ତା'ଲାଗି ହୁକ୍‌କା ସଜାଡୁଥିଲା ।

ଲୋକଟା ବଜାର ସଉଦାପତ୍ର କରୁଥିଲା, ତେଣୁ ହରେକୃଷ୍ଣ ତା' ସଙ୍ଗେ ସମ୍ପର୍କ ବଢ଼େଇ ଦିନେ ତାକୁ ତା' ସଙ୍ଗେ ରକ୍‌ଖୀ ପାଖକୁ ନେଇ ଯିବା ଲାଗି ରାଜି କରି ନେଇଥିଲା........

ଏବଂ ଲୋକଟା ହୁଏତ ରକ୍‌ଖୀ ମୁହଁରୁ ତା'ପିଲା କୃଷ୍ଣର କଥା ଶୁଣିଥିଲା । ତେଣୁ ସେ ଖୁବ୍ ଆଗ୍ରହ ସହକାରେ କୃଷ୍ଣକୁ ରକ୍‌ଖୀ ଘରକୁ ନେଇ ଯାଇଥିଲା.......

Digitized by PPRACHIN, SOA

କୋଠାର ମେହେଫିଲ୍ ବୋଇଲେ କଣ, ଅବୋଧ କୃଷ୍ଣ ସେ ଦିନ ପ୍ରଥମ କରି ଦେଖିବାର ସୁଯୋଗ ପାଇଥିଲା । ହେଲେ କେବଳ ଝଲକଟାଏ ମାତ୍ର । ଧଳା ଚ଼ଦର ଉପରେ ମଖମଲର ଗୋଲାକାର ତକିଆକୁ ଆଉଜି ଅତ୍ୟନ୍ତ ସମ୍ଭ୍ରାନ୍ତ ଦେଖାଯାଉଥିବା କେତେକ ବ୍ୟକ୍ତି ବସିଥିଲେ ଏବଂ ତାରା ଭଳି ଚ଼କ୍‌ଚକିଆ ଲୁଗା ପିନ୍ଧି ରକ୍‌ଖୀ ସେମାନଙ୍କ ଆଗରେ ଗୀତ ଗାଉଥିଲା ।

ହେଲେ ହରେକୃଷ୍ଣର ପାଦଟା ଯେମିତି ଦର୍ଜା ଭିତରକୁ ପଡ଼ିଛି, ରକ୍‌ଖୀର ସ୍ୱରଟା ସେମିତି ତା' ଓଠ ଭିତରେ ବନ୍ଦ ହୋଇଗଲା ।

ସେ ହଡ଼ବଡ଼େଇକି ଉଠି ଦର୍ଜା ପାଖକୁ ଆସି ଠିଆ ହୋଇଥିବା ହରେକୃଷ୍ଣର ହାତ ଧରି ତାକୁ ପାହାଚ଼ ତଳକୁ ଫେରାଇ ନେଇ, ସେଠାରେ ତାକୁ ଗାଢ଼ ଆଲିଙ୍ଗନ କରି କହିଲା- ତୁ ଆଉ କେବେହେଲେ ଏଠିକି ଆସିବୁ ନାହିଁ କୃଷ୍ଣ, ତୋତେ, ମୋ ରାଣ, ତୋ ରକ୍‌ଖୀର ରାଣ । ଏବଂ ହରେକୃଷ୍ଣ ସାରାଜୀବନ ଧରି କୌଣସି ବି କୋଠାର ପାହାଚ କେବେ ବି ଉଠି ପାରିଲା ନାହିଁ ।

ଶାରୀରିକ ଆବଶ୍ୟକତା ବେଳେ, ଯେତେବେଳେ ବି ତାକୁ କୌଣସି କୌଣିସି କୋଠାର ଖିଆଲ ଆସିଛି, ତା'ର ମନେ ହେଉଛି, ଯେମିତି ସେଇଟା ବି ରକ୍‌ଖୀର କୋଠା.........

ଦେହର ଭୋକକୁ ଅସ୍ୱୀକାର କରାଯାଇ ପାରେନା । ହରେକୃଷ୍ଣ ଗୁଡ଼ିଏ ଦେଶର ଝିଅଙ୍କ ମଧ୍ୟରେ ତା'ର ଏ ଆବଶ୍ୟକତା, ପୂରଣ କରିଛି, ହେଲେ ନିଜ ଦେଶର କୌଣସି ଝିଅର କୋଠାକୁ ସେ କେବେହେଲେ ଯାଇପାରି ନଥିଲା........

ଏତେବେଳକୁ କେଜାଣି ରାତିର କେଉ ପହର, ରୁମ୍‌ର ଗୋଟାଏ କୋଣରେ ନିଜ ବିଛଣା ଚ଼ଦରରେ ନିଜକୁ ଗୁଡ଼ାଇ ନେଉ ନେଉ ପ୍ରଥମ ଥର ଲାଗି, ଏ ଖିଆଲଟା ଆସିଲା ଯେ, ବାହାର ଦେଶର ଝିଅମାନେ ବି ତ କାହାରି ନା କାହାରି ଅଲ୍ଲାରକ୍‌ଖୀ ହୋଇଥିବେ, ହେଲେ ସେମାନଙ୍କ କୌଣସି ରୁମ୍‌ରେ ପାଦ ଥୋଇଲା ବେଳେ ରକ୍‌ଖୀର ଘର ପାହାଚ କଥା ସେ କାହିଁକି ଅନୁଭବ କରିପାରିନାହିଁ.......ଏବଂ ନିଜ ଦେଶର ପ୍ରତିଟି କୋଠାର ପାହାଚ଼ କାହିଁକି ତାକୁ ରକ୍‌ଖୀର କୋଠାର ପାହାଚ଼ ପରି ମନେ ହୋଇଛି ?

ପୁଣି ଖୋଦ୍ ହରେକୃଷ୍ଣର ଖିଆଲ୍ ଆସିଲା -ହୁଏତ ସେଇଟା ରକ୍‌ଖୀର ସ୍ୱରର କିମିଆ ? ଗଜଲ୍ ଓ ନାଦ୍‌ର ବୋଲ୍‌ର ଜାଦୁ ଯାହା ନିଜ ଦେଶର ପ୍ରତିଟି କୋଠାର ପାହାଚ଼ ସହିତ ଯୋଡ଼ି ହୋଇ ରହିଛି.........

ସେ ଆଶ୍ୱସ୍ତ ହେଲା ଯେ, ରକ୍‌ଖୀର ଦେହର ଗନ୍ଧ ଏବେ ମଧ୍ୟ ତା' ଶ୍ୱାସ ପ୍ରଶ୍ୱାସରେ ସେହିପରି ପବିତ୍ର ହୋଇ ରହିଛି-ମା'ର ଦୁଧ ପରି, ମନ୍ଦିରର ଧୂପ ଆଳତୀର ମହକ ପରି ସେ ଗନ୍ଧ............

Digitized by PPRACHIN, SOA

ଏଗାର

ହରେକୃଷ୍ଣର ସ୍ମୃତିରେ ଅଲ୍ଲାରକ୍‌ଖୀ କେଜାଣି କେତେ ବର୍ଷ ଯାଏ ମନ୍ଦିରର ଧୂପ ପରି ଛାଇ ରହିଲା ଏବଂ କେଜାଣି ପୁଣି କେବେ ସେ ମନ୍ଦିରରେ ଛୋଟ୍ ଛୋଟ ଘଣ୍ଟି ସବୁ ବାଜିବାକୁ ଲାଗିଥିଲା.......

ମନେ ପଡ଼ିଲା ଯେତେବେଳେ ରକ୍‌ଖୀ ଖୁବ୍ ଛୋଟ ଥିଲା, ଗଳିର ଦୁଇଟି ଝିଅ ତା' ସଙ୍ଗେ ଖେଳୁଥିଲେ-ଜଣକର ନାଁ ଗୌରାଁ ଓ ଅନ୍ୟ ଜଣକ ସୁଗରାଁ...........

ସୁଗରାଁ ଖୁବ୍ ଗୋରୀ ଓ ପାତଳୀ ଏବଂ ଗୌରାଁ ଥିଲା ସାମାନ୍ୟ ମୋଟୀ ଓ ସାବ୍‌ନା ରଙ୍ଗର । ହେଲେ ଉଭୟଙ୍କର ଆଖି ଥିଲା ଖୁବ୍ ସୁନ୍ଦର ।

ସୁଗରାଁର ବାପା ତାଙ୍କ ଘରରେ କାମ କରୁଥିଲେ ଏବଂ ଗୌରାଁର ବାପା ଫଳ ଓ ପନିପରିବା ବିକୁଥିଲେ....... ତା'ର ମନେ ପଡ଼ିଲା-ସେ ଦୁହେଁ ସବୁବେଳେ ଏକାଠି ମିଶିକି ଖେଳୁଥିଲେ । ଗଳିର ମାଇପିମାନେ ଅନେକ ଥର ସେମାନଙ୍କୁ ସ୍ନେହ ବିଗଳିତ ହୋଇ ବାରଣ କରି କହନ୍ତି-'ହଇଲୋ ପୋଡ଼ାମୁହିଁମାନେ, ଭିତରକୁ ଯାଇ ଖେଳ, ତଟ୍‌ଠି ତାଆଣୀର ନଜର ଲାଗିଯିବ.......ଭଗବାନ ବି ହୁଏତ ଆମ୍ବ ଫଡ଼ାକାଟି ଦି ଜଣଙ୍କ ଆଖି ଗଢ଼ିଛି ।'

ସାମ୍ନା ଗଳିରେ ତଟ୍‌ଠି ନାମକ ଜଣେ କୁଜୀ ସ୍ତ୍ରୀ ରହୁଥିଲା, ଯିଏ ନିଜର ବାଡ଼ି ଖଣ୍ଡିକ ଠୁକୁ ଠୁକୁ କରି ସହରଯାକର ଖବର ଟବର ରଖୁଥିଲା ତା' ଜିଭରେ ମଧ୍ୟ ଏମିତି କଣ୍ଟା ଥିଲା ଯେ ଶୁଣିବା ଲୋକର ହୃଦୟ ଛିଣ୍ଡି ଯାଉଥିଲା । ମାଇପିମାନେ ତା' ଦୃଷ୍ଟିରୁ ନିଜ ପିଲାମାନଙ୍କୁ ଲୁଚାଇ ରଖୁଥିଲେ । ତାକୁ ଡ଼ାହାଣୀ ବୋଲି ଡରୁଥିଲେ । ସେମାନଙ୍କ ମଧ୍ୟରେ ଯୋଉ ଗୌରାଁ, ଯାହାର ବାପା ଫଳ ଓ ପନିପରିବା ବିକୁଥିଲେ, ସେ ହସି ହସି ଗଡ଼ିଯାଇ କହୁଥିଲା-ଚାଚୀ, ଭଗବାନ ଆମ୍ବ କାଟି ଆଖି ବନେଇ ନଥିଲା ଯେ ଦିନେ ମୁଁ ବାପାଙ୍କ ଟୋକେଇର ବଡ଼ ଆମ୍ବଟାଏ ଚୋରେଇ ନେଇ, ତାକୁ କାଟି ମୋ ଆଖିରେ ଲଗେଇ ଦେଇଥିଲି । ଆମେ ଯେତେବେଳେ ଆମ୍ବ ଟାକୁଆଟା ଫିଙ୍ଗି ଦେଇଥିଲୁ । କେହି ଜଣେ ସେ ଟାକୁଆରେ ତଟ୍‌ଠିର ମୁହଁ ତିଆରି କରି ଦେଇଥିଲା ।

ସେ ତଟ୍‌ଠିର ଦୃଷ୍ଟି ପଡ଼ିବା କଥା ମଧ୍ୟ ହରେକୃଷ୍ଣର ମନେପଡ଼ିଲା ଯେତେବେଳେ ସେ ଗଳି ଦାଣ୍ଡରେ ଖେଳିବା ବୟସର ହୋଇ ନଥିଲା, ତା'ମା ତାକୁ ନେଇ ଦିନେ ମନ୍ଦିରକୁ ଯାଉଥିଲାବେଳେ ବାଟରେ ତଟ୍‌ଠି ସଙ୍ଗେ ଦେଖା ହୋଇଗଲା ଅକସ୍ମାତ, ତାକୁ ଦେଖିଲା ମାତ୍ରକେ ତା'ମା ତାକୁ ପୂରାପୂରି ଭାବରେ ଓଢ଼ଣା ଭିତରେ ଲୁଚାଇ ଦେଇଥିଲେ, ହେଲେ ତଟ୍‌ଠି ତା' ପାଖ ଦେଇ ଗଲାବେଳେ ଖୁବ୍ ଧୀରେ ଧୀରେ କୃଷ୍ଣର ପିଠିକୁ ଥାପୁଡ଼େଇ ଦେଇଥିଲା....... ଆଉ ସେଦିନ ସନ୍ଧ୍ୟାରେ ଟିକି ପୁଅ କୃଷ୍ଣକୁ ଭୟଙ୍କର ଜ୍ୱର ଆକ୍ରମଣ କରିଥିଲା ।

Digitized by PPRACHIN, SOA

ତା'ଆର ଦିନ ସୈନୀଚାଚୀ ତାକୁ ସାବୁନଗର ମସଜିଦ୍‌କୁ ନେଇ ଯାଇଥିଲେ ଏବଂ ଜଣେ ଫକିରଠାରୁ ତା ଲାଗି କବଚ୍‌ଟାଏ ତିଆରି ଆଣିଥିଲେ ।

ସେ ଯେତେବେଳେ କିଛି ବଡ଼ ହେଲା, ଗଳିରେ ଗୌରାଁ ଓ ସୁଗରାଁ ସହିତ ଖେଳିବାକୁ ଲାଗିଲା, ସେତେବେଳେ ସେମାନେ ଆମ୍ବ ଟାକୁଆ କଥା ଶୁଣେଇ ଖୁବ୍ ହସୁଥିଲେ ।

ଆଉ ତା' ପରେ ସେମାନେ କୋଉଠୁ ନା କୋଉଠୁ ପଦୁଅଁ ଫୁଲ ନେଇ ଆସୁଥିଲେ । ତାକୁ ଗୁଛି ମାଳ ତିଆରି କରୁଥିଲେ ଏବଂ ସେ ମାଳଟା କୃଷ୍ଣର ଗଳାରେ ପିନ୍ଧାଇ ଉଭୟେ ତା' ଆଗରେ ବସି, ଆଖି ବୁଜି, ତନ୍ମୟ ହୋଇ ଗାଉଥିଲେ·····ହରେକୃଷ୍ଣ, ହରେକୃଷ୍ଣ··········ହରେକୃଷ୍ଣ ହରେହରେ·······

ଅଲ୍ଲାରକ୍ଖୀ ତାର ସ୍ମୃତିର ମନ୍ଦିରରେ ଧୂପ ପରି କୁହୁଳିବାକୁ ଲାଗିଥାଏ ଏବଂ ଗୌରାଁ ଓ ସୁଗରାଁ ସେ ମନ୍ଦିରର ଛୋଟ ଛୋଟ ଘଣ୍ଟି ପରି ବାଜିବାକୁ ଲାଗିଥିଲେ । ହରେକୃଷ୍ଣ ଅର୍ଦ୍ଧସୁପ୍ତ-ଜାଗ୍ରତ୍ ଅବସ୍ଥାରେ ରୁମ୍‌ର ଅନ୍ଧାର ଭିତରେ ବାହୁ ଦିଟା ଏମିତି ମେଲେଇ ଦେଲା, ସତେ ଯେପରି ସେ ମନ୍ଦିର କାନ୍ଥକୁ ହାତରେ ଛୁଇଁବାକୁ ଚାହୁଁଛି···········

ହେଲେ ତା'ର ପ୍ରସାରିତ ବାହୁ ଦୁଇଟା ଗଭୀର ଶୂନ୍ୟତା ଭିତରେ ଝୁଲି ରହିଲା । ଅତିକ୍ରାନ୍ତ ବର୍ଷ ଗୁଡ଼ିକୁ ଆଜି ହାତ ବଢ଼େଇବି ମଧ୍ୟ ଛୁଆଁ ଯାଇପାରୁ ନଥିଲା ।

ତାର ମନେହେଲା ଯେ ଆଜି ଯେଉଁ ଅନୁଭୂତି ସେ ଜାଗ୍ରତ ଅବସ୍ଥାରେ ଅନୁଭବ କରିପାରୁଛି । ଠିକ୍ ଏଭଳି ଅନୁଭୂତି ସେ ଅନେକ ଦିନ ତଳେ ଏକ ସ୍ୱପ୍ନ ଦେଖି ପାଇଥିଲା········

ସେ ସ୍ୱପ୍ନଟି ସମ୍ପୂର୍ଣ୍ଣ ଭାବରେ ତାର ମନେ ପଡ଼ିଗଲା । ସେ ସ୍ୱପ୍ନ ଦେଖିଥିଲା ଯେ ସେ ଏକ ପାହାଡ଼ିଆ ରାସ୍ତାରେ ଚାଲୁଛି । ସମ୍ପୂର୍ଣ୍ଣ ନିର୍ଜନ ନିଶୂନ୍ ରାସ୍ତା । ତଥାପି ତା'ର ମନେ ହେଉଥାଏ ଯେପରି ଗୁଡ଼ାଏ ଲୋକ ତା' ସଙ୍ଗେ ସଙ୍ଗେ ଚାଲିଛନ୍ତି । ହେଲେ ସେ ସମସ୍ତେ କୁଆଡ଼େ ଚାଲିଗଲେ । ତାର କୌଣସି ପତ୍ତା ମିଳୁ ନଥାଏ ।

ତା' ପରେ ସେ ହଠାତ୍ ଦେଖିବାକୁ ପାଇଲା ଯେ ନଈଟିଏ ଯେପରି ବହୁଛି । ନଈ ପାଖରେ ଦିଟା ବଡ଼ ବଡ଼ ଘର କୌଣସି ଏକ ସରାଇର ହଲ ପରି·············

ସେ ଆହୁରି ପାଖେଇ ଯାଇ ଦେଖିଲା ଯେ ସେ ସରାଇଭଳି ଘରର ଗୋଟାଏ ହଲ୍ ଭିତରେ ଗୁଡ଼ିଏ ଦୀପ ଜଳୁଛି । ସେ ଦୀପ ଗୁଡ଼ିକରେ ରଙ୍ଗ ବେରଙ୍ଗ ଚିମ୍‌ନୀ ଖଞ୍ଜା ହୋଇଛି । ହଲ୍‌ର ଛାତରୁ ବି ଗୁଡ଼ିଏ ଦୀପ ଝାଡ଼ଣ ଝୁଲୁଛି ।

ସେ ଛାତର କାନ୍ଥ ଆଡ଼କୁ ଅନେଇଲା । କାନ୍ଥକୁ ଆଉଜି ଗୁଡ଼ିଏ ଲୋକ ବସିଛନ୍ତି । ସେମାନଙ୍କ ଆଗରେ ଗୁଡ଼ିଏ ପେଡ଼ି ଥୁଆ ହୋଇଛି । ରୁମଟା ସାମନା ଦିଗକୁ ଖୋଲା । ସେପଟେ ଅନେଇଲେ ଖୁବ୍ ଦୂରରେ ଗୁରୁଦ୍ୱାରଟାଏ, ଯାହାର ଧଳା ଗୁମ୍ବଜ ନୀଳ ଆକାଶରେ ଉଡୁଥିବା ଧଳା ହଂସ ପରି ଦେଖାଯାଉଛି···········

ସବୁ ମିଶିକି ଏମିତି ଯେମିତି କି ନୀଳ ନୀଳ ଝୀନ କୁହୁଡ଼ି ଭିତରେ ଧଳା ଦୁଧ ପରି

Digitized by PPRACHIN, SOA

ସ୍ୱପ୍ନଟାଏ ପହଁରୁଛି ।

ସେ ରୁମ୍‌ର ସେହି ଖୋଲା ଜାଗାଟା ଅତିକ୍ରମ କରି ଦୂର ପାରିର ସେ ସ୍ୱପ୍ନ ଆଡ଼କୁ ଆଗେଇବାକୁ ଲାଗିଲା । ଠିକ୍ ସେତିକି ବେଳେ କାଛକୁ ଆଉଜି ବସିଥିବା ଲୋକଙ୍କ ମଧ୍ୟରୁ ଦୁଇଜଣ ଉଠି ପଡ଼ି ପଇସା ପକାଇ ଟିକେଟ କିଣି ସେଠିକି ଯିବା ଲାଗି.......

ଏବଂ ସେ କହିଲା- ମୋ ପାଖରେ ତ ପଇସା ନାହିଁ.....ସେ ଦୁହେଁ ତା' ବାହା ନଛାଡ଼ି କହିଲେ-ତା'ହେଲେ ଆମେ ତୋତେ ଏଠୁ ଆଉ ଆଗକୁ ପାହେ ଯିବାକୁ ଦେବୁ ନାହିଁ ।

ସେ ପଛକୁ ଘୁଞ୍ଚି ଆସିଲା ମାତ୍ରକେ ସେ ଦୁହେଁ ତା' ହାତ ଛାଡ଼ି ଦେଲେ ।

ସରାଇ ଭଳି ଦେଖାଯାଉଥିବା ସେ ରଙ୍ଗୀନ ଚିମ୍‌ନୀ ଓ ପେଡ଼ିବାଲା ରୁମର ବାହାରକୁ ଆସି ସେ ଦେଖିଲା ଯେ ଆଖପାଖରେ ଖାତ ଖାଲ ରାସ୍ତା ସବୁ ଖାଲି । ସେଠି ତାକୁ ଅଟେକେଇବା ଲାଗି କେହି ହେଲେ ନାହାନ୍ତି । ଏବଂ ଠିକ୍ ସାମ୍ନାରେ ଏକ ପାହାଡ଼ ଉପରେ ସେ ଧଳା ଗମ୍ବୁଜ ଥିବା ଗୁରୁଦ୍ୱାରଟା ଦେଖାଯାଉଛି ।

ସେ ଆବଡ଼ା-ଖାବଡ଼ା ଖାଲ ଢିପ ପାହାଡ଼ିଆ ରାସ୍ତାରେ ଆଗେଇ ଚାଲିଲା.......

ବେଳେ ବେଳେ ସେ ପଛକୁ ଓଲଟି ଦେଖି ନେଉଥିଲା ପେଡ଼ିବାଲା ଲୋକମାନେ ତାର ପିଛା କରୁଛନ୍ତି ନାଁ ନାହିଁ ବୋଲି । ହେଲେ ତା ପଛରେ କେହି ହେଲେ ଆସୁ ନଥିଲେ, ଆଗରେ ଥିବା ଖାଲରେ ଆଣ୍ଠୁଏ ଆଣ୍ଠୁଏ ପାଣିର ସୁଅ ଛୁଟିଛି । ସାମ୍ନାରେ କେଜାଣି କେମିତି କୁହୁଡ଼ିଟାଏ ଛାଇଗଲା ଯେ ସବୁ ଧୂଆଁଳିଆ ଧୂଆଁଳିଆ ଦେଖାଗଲା । ସାମ୍ନାରେ ଗୁରୁଦ୍ୱାରଟା ବି ଅଦୃଶ୍ୟ ହୋଇଗଲା । ପାଣିକୁ ଅତିକ୍ରମ କରି ସେ ଯେତେବେଳେ ଉପରକୁ ଉଠିଥିବା ଏକ ପାହାଡ଼ିଆ ଚଲା ବାଟରେ ଚାଲିଲା । ସେତେବେଳେ ସେଠି କେତେକ ଛେଳି ଚରାଉଥିବା ଲୋକଙ୍କୁ ଦେଖି ସେମାନଙ୍କୁ ଗୁରୁଦ୍ୱାର ଯିବାର ବାଟ ପଚାରିଲା । ସେମାନେ ତାକୁ କହିଲେ ଯେ ଆଉ ଚାରି ମାଇଲ ଖଣ୍ଡେ ବାଟ ଚାଲିବାକୁ ହେବ, ତା'ପରେ ଯାଇ ସେ ଗୁରୁଦ୍ୱାର ପାଖରେ ପହଞ୍ଚିପାରିବ ।

ସେ ଖାଲ ଉପରକୁ ଉଠିଲା ପରେ ଦେଖିଲା ଯେ ପାଖ ଆଖରେ ଗୁଡ଼ାଏ ଛୋଟ ଛୋଟ ଗାଁ । ଗୁରୁଦ୍ୱାର ଥିବା ପାହାଡ଼ ଆଡ଼କୁ ଦେଖାଯାଉଥିବା ଏକ ଗାଁ ଦିଗରେ ସେ ଚାଲିବାକୁ ଲାଗିଲା, ପୁଣି ଭୟ ହେଲା ଯେ କାଳେ ପହଞ୍ଚିବାରେ ବିଳମ୍ବ ହୋଇଯିବ । ହେଲେ ଏ କଥା ଭାବିଲା ମାତ୍ରକେ ତା' ଅଙ୍ଗ ପ୍ରତ୍ୟଙ୍ଗରେ ଯେମିତି ହୁଜିବାର ଶକ୍ତି ଠୁଳ ହୋଇଗଲା ।

ସେ ଗୁରୁଦ୍ୱାର ପାଖକୁ ଯେତେ ଆଗେଇ ଯାଉଥାଏ; ତା ମନରେ ଭୟଟାଏ ଜମାଟ ବାନ୍ଧୁଥାଏ ଯେ ରାତି ହେବା ଉପରେ । ରାତି ହୋଇଗଲେ ସେ ପାହାଡ଼ରୁ କେମିତି ଫେରିବ ?

ଗୁରୁଦ୍ୱାରଟା ଗୋଟାଏ ଧଳା ମୋତିପରି ତା ଆଖି ଆଗରେ ଭାସି ଯାଉଥାଏ । ଯେଉଁ ଲୋକମାନେ ସେ ପେଡ଼ି ପେଟରାବାଲାଙ୍କଠାରୁ ଟିକେଟ୍ କିଣିଥିଲେ । ସେମାନେ ସବୁ କୁଆଡ଼େ ଗଲେ । ଏ କଥା ଭାବି ତା ବିସ୍ମୟର ସୀମା ରହିଲା ନାହିଁ ।

Digitized by PPRACHIN, SOA

ସେଠି ପାଖଆଖରେ ବି ପାହାଡ଼ିଆ ବାଟରେ କେହି ଜଣେ ହେଲେ ଲୋକ ତାକୁ ଦେଖାଯାଉ ନଥାନ୍ତି·······ସେ ଘାବରା ହୋଇ ଯାଇଥିଲେ ମଧ୍ୟ ଆଶ୍ୱସ୍ତ ପ୍ରାୟ ହେଲା ତାକୁ ବା ଚିନ୍ତା କରିବାର କଣ ଅଛି ? ସେ ତ ଉଡ଼ି ଜାଣେ । ସେ ଉଡ଼ିକି ଫେରିଯାଇ ପାରିବ ଆରାମରେ । ଏବଂ ସେ ଗୁରୁଦ୍ୱାର ପାଖରେ ପହଞ୍ଚି ସମାଧି ପ୍ରାୟ ଅବସ୍ଥାରେ ଅନେକ ସମୟ ଧରି ଠିଆ ହୋଇ ରହିଲା, ତାପରେ ଫେରିବା ଉଡ଼ାଣ ଲାଗି ତାର ଅଙ୍ଗ ପ୍ରତ୍ୟଙ୍ଗକୁ ସଚଳ କରିବାର ଉଦ୍ୟମ କଲା, ଏବଂ ଠିକ୍ ସେତିକି ବେଳେ ଦେଖିଲା ଯେ ତଳେ ଚାରିଆଡ଼େ ଖାଲି ପାଣି ଓ ପାଣିର ବିପୁଳ ବିସ୍ତୃତି ।

ହରେକୃଷ୍ଣ ତା' ନିଜ ସ୍ୱପ୍ନରେ ହିଁ ଗୁଡ଼େଇ ତୁଡ଼େଇ ହୋଇ ଭାବିବାକୁ ଲାଗିଲା । ଦୂର ପାରିର ସ୍ୱପ୍ନରେ ଯୌଉ ମନ୍ଦିର ଓ ଗୁରୁଦ୍ୱାର ଅନେକ ଥର ସବୁ ଦେଖାଯାଉଛି । ସେଇଟା କୋଉଥିର ଡ଼ାକରା ?

ଏବଂ ତାର ଆଉ ଗୋଟାଏ ସ୍ୱପ୍ନ କଥା ମନେ ପଡ଼ିଗଲା ସେ ଗୋଟାଏ ନଈରେ ଗୋଧୋଉଛି, ସେ ଜାଗାଟା ତାର ପିରଚିତ ନଥିଲା । ତଥାପି ତାର ମନେ ହେଉଥିଲା ଯେ ସେଇଟା ଗଙ୍ଗାନଦୀ । ସେ ନଈରୁ ବାହାରି ଯେତେବେଳେ କୂଳେ କୂଳେ ଚାଲିବାକୁ ଲାଗିଲା; ଦେଖିଲା ଯେ ନଈର ଦୁଇ କୂଳରେ ଖୁବ୍ ଘାସ ଉଠିଛି । ମଝି ମଝିରେ ଗଛ କେତେଗୋଟା ।

ସେ ଚାଲି ଚାଲି ପ୍ରାୟ ଅଢ଼େଇ ମାଇଲ୍ ଖଣ୍ଡେ ଆସିଲା ପରେ ଅଚାନକ ଚିହ୍ନି ପାରିଲା ଯେ ସେହିଟା ତା'ଘର ।

ସେଠି ଲାଲ ଇଟାରେ ତିଆରି ଘରଟାଏ ଅଛି । ସେ ଘରେ ପାଞ୍ଚଟା ବଖରା ।

ତା' ପାଦ ଏକ ଖାଲ ବଖରା ଆଡ଼କୁ ବଢ଼ିଗଲା । ହେଲେ ସେଠିକି ଗଲା ପରେ ସେ ଅନୁଭବ କଲା ଯେ ସେଠି ତାର ଖଣ୍ଡେ ହେଲେ ଜିନିଷପତ୍ର ନାହିଁ ।

ସାମ୍ନା ବଖରାରେ ଯେଉଁମାନେ ରହୁଥିଲେ । ସେମାନଙ୍କୁ ପଚାରିଲା । ତା'ବଖରାରୁ ତା' ଜିନିଷ ପତ୍ର କୁଆଡ଼େ ଗଲା ବୋଲି ।

ସେ ଲୋକଗୁଡ଼ାକ ତାକୁ ସେମିତି ଅନାଇ ଥାନ୍ତି, ହେଲେ ତାକୁ ଚିହ୍ନି ପାରନ୍ତି ନାହିଁ । କହନ୍ତି ଏ ବଖରାଟା ତ ଅନେକ ଦିନ ହେଲା ସେମିତି ଖାଲି ପଡ଼ିଛି । ଏଥିରେ ହରେକୃଷ୍ଣ ନାମକ ଜଣେ ଶିଳ୍ପୀ ରହୁଥିଲା । ହେଲେ ସେ ଅନ୍ୟ କୋଉ ଗାଁକୁ ଚାଲିଯାଇଛି ଅନେକ ଦିନରୁ ।

ସେ ଭାବିଲା ହୁଏତ ମୁଁ ଘର ଖଣ୍ଡକ ବଦଳାଇ ଦେଇ ପାରିଥାଏ ।

ଏବଂ ସେ ଲାଲଇଟା ତାଆରି ଘରୁ ବାହାରି ଖୁବ୍ ନିକଟରେ ଥିବା ଜନବସତିକୁ ଗଲା ଏବଂ ସେଠି ଜଣେ ଟାଙ୍ଗାବାଲାକୁ ପଚାରିଲା – ମୁଁ ଖୁବ୍ କ୍ଳାନ୍ତ ହୋଇ ପଡ଼ିଛି । ତମେ ମୋତେ ଟାଙ୍ଗାରେ ବସାଇ ନିଅ ।

ଠିକ୍ ସେତିକି ବେଳେ ଗୁଡ଼ାଏ ଲୋକ ଜମାହୋଇ ତା ପିଛାରେ ଲାଗି ଗଲେ-

Digitized by PPRACHIN, SOA

ଟାଙ୍ଗା ବାଲା କହିଲା- ବାବୁ ତେମେ ଆପଣ ଏଠୁ ଚାଲିଯାଅ । ଏଠି ହିନ୍ଦୁ ମୁସଲମାନ ହାଣକାଟ ଚାଲିଛି । ମାହାଲିଆରେ କେହି ଆପଣଙ୍କୁ ମାରି ପକାଇବ ।

ସେ କ୍ଷିପ୍ର ଗତିରେ ଗୋଟାଏ ସଡ଼କ ଉପରେ ଆଗେଇ ଗଲା । ସଡ଼କଟା ଗୋଟିଏ ଦୁର୍ଗ ଆଡ଼କୁ ଯାଇଥିଲା । ସେ ଚିହ୍ନିପାରିଲା ଦୁର୍ଗକୁ । ଦୁର୍ଗ ଭିତରୁ ସୁଡ଼ଙ୍ଗଟାଏ ବାହାରିଥିଲା । ଯଦି ସେ କୌଣସି ପ୍ରକାରେ ସେ ସୁଡ଼ଙ୍ଗରେ ପଶିଯାଇପାରେ ତା'ହେଲେ ତା'ପିଛା ଧରିଥିବା ଲୋକଙ୍କଠାରୁ ଅକ୍ଳେଶରେ ଖସି ଯାଇପାରିବ ।

ସେ ସୁଡ଼ଙ୍ଗ ଭିତରକୁ ପଶିଗଲା । ହେଲେ ସୁଡ଼ଙ୍ଗ ଭିତରଟା ଖୁବ୍ ଅସନା । ଅଳିଆ ଆବର୍ଜନା ଭର୍ତ୍ତି । ସେ ଆବର୍ଜନା ଉପରୁ ପାଦ ଉଠାଇ ସୁଡ଼ଙ୍ଗ ଛାତ ପାଖାପାଖି ଲାଗି ଉଡ଼ିବାକୁ ଲାଗିଲା ।

ସୁଡ଼ଙ୍ଗଟା ଶେଷ ହେଲା ପରେ ସେ ବାହାରକୁ ଆସି ଦେଖିଲା ଯେ ସାମ୍ନାରେ ଗୋଟିଏ ଗାଁ, ହେଲେ ଗାଁ ସାରା ଖାଲି କାଦୁଅ ଓ କାଦୁଅ ।

ଦାଣ୍ଡରେ କାଦୁଅରେ ପାଦ ଦେଲା ମାତ୍ରକେ ଜୋତା ଖରାପ ହୋଇଯିବା ଭୟରେ ସେ ଘଡ଼ିକ ଲାଗି ଚମକି ଠିଆ ହୋଇଗଲା ।

ପୁଣି ସେ ଦେଖିଲା ଯେ ସାମ୍ନାରେ ଗୁଡ଼ିଏ ଲୋକ ଆସି ଠିଆ ହୋଇଯାଇଛନ୍ତି । ଖୁବ୍ ଭଲ ପୋଷାକ ପତ୍ର ପିନ୍ଧିଥାନ୍ତି ସେମାନେ । ଯିତେ ଯେପରି ସେଠି କିଛି ମେଳା ମଉଛବ ଚାଲିଛି ।

ସେମାନଙ୍କ ଭିତରେ କେତେକ ଗୁଜରାଟୀ ମହିଳା ମଧ୍ୟ ଥିଲେ । ସେମାନେ ତାକୁ ଦେଖିଲା ମାତ୍ରକେ ଧମକ୍ ଦେଲା ପରି କହିଲେ ଆଡ଼େଇକି ଠିଆ ହୋ ।

ତାପରେ ତାକୁ ଗୋଟାଏ ମନ୍ଦିର ପରି ଦେଖାଗଲା । ମନ୍ଦିର ପ୍ରାଙ୍ଗଣରେ ନନ୍ଦୀଙ୍କ ମୂର୍ତ୍ତି । ଲୋକେ କହୁଥାନ୍ତି- 'ଜୈନ ମୁନିଙ୍କ ପାଲିଙ୍କି ଏଇ ଆସିବା ଉପରେ ।'

ସେ ଭିଡ଼ରେ ସାମିଲ ହୋଇଗଲା । ଯେଉଁଆଡ଼େ ସମସ୍ତେ ଦେଖୁଥିଲେ, ସେ ମଧ୍ୟ ସେଆଡ଼କୁ ଅନାଇଲା । ତାପରେ ଦେଖାଗଲା, ସାମ୍ନାରେ ଜୈନ ମୁନିଙ୍କ ପାଲିଙ୍କି ଆସୁଛି-

ଗୁଜରାଟୀ ମହିଳାମାନେ ଆଗେଇ ଗଲେ । ହେଲେ ସେ ସେମାନଙ୍କ ଧମକରେ ଭୟଭୀତ ହୋଇ ଯୋଉଠିକି ସେଇଠି ଠିଆ ହୋଇ ରହିଲା । ସେମାନଙ୍କ ସଙ୍ଗେ ଆଗକୁ ଗଲା ନାହିଁ ।

ପାଲିଙ୍କିଟା ଅତି ପାଖକୁ ଆସିଲା-ସେ ଦେଖିଲା ଯେ ଜୈନ ମୁନି ତାକୁ ହାତର ଇଶାରା ଦେଇ ଡ଼ାକୁଛନ୍ତି ।

ସେ ପାଲିଙ୍କି ପାଖକୁ ଆଗେଇ ଗଲା । ଜୈନ ମୁନି ତା'ହାତରେ ଗୁଡ଼ିଏ ପ୍ରସାଦ ଗୁଞ୍ଜି ଦେଲେ ।

ପ୍ରସାଦରେ ହାଲୁଆ, ବତାଶା, କଟା ଫଳ ସବୁ ମିଶି ଥିଲା । ପାଲିଙ୍କି ଆଗେଇ ଗଲା । ଆଖପାଖର ଲୋକେ ତାକୁ ପ୍ରସାଦ ମାଗିବାକୁ ଲାଗିଲେ ।

Digitized by PPRACHIN, SOA

ଏଣିକି ସମସ୍ତେ ଆନନ୍ଦ ଓ ହତଚକିତ ହୋଇ ତାକୁ ଏମିତି ଅନାଉଥାନ୍ତି । ଯେମିତି ସେ ଜୈନ ମୁନିଙ୍କ ଦ୍ୱାରା ଦୀକ୍ଷା ପାଇଥିବା ଜଣେ ମୁନି.........

ହରେକୃଷ୍ଣର ସେ ସ୍ୱପ୍ନର ମନ୍ଦିରରେ ତା'ମନର ମନ୍ଦିରଟା ମଧ୍ୟ ସାମିଲ ହେଲା ପରି ଲାଗିଲା, ଯୋଉଠି ଅଲ୍ଲାରକ୍‌ଖୀ ଧୂପପରି କୁହୁଳୁ ଥିଲା ଏବଂ ଯୋଉଠି ଗୌରାଁ ଓ ସୁଗଁରା ମନ୍ଦିରର ପବିତ୍ର ଘଣ୍ଟି ପରି ବାଜୁଥିଲେ ।.........

ସେ ଏକ ଭୟଙ୍କର ନିଃସଂଗତା ଅନୁଭବ କଲା । ତାର ମନେହେଲା ଯେ ସବୁଯାକ ମନ୍ଦିର ତା'ଜୀବନର ଘାଟିରୁ ବାହାରି କେଉଁ ଦୂର ପର୍ବତ ଉପରେ ଯାଇ ଲାଖି ଯାଇଛନ୍ତି ଏବଂ ଜୀବନର ଘାଟିଟା ପୂରାପୂରି ଭାବରେ ନିର୍ଜନ ନିଶୂନ ହୋଇଯାଇଛି ।

ସାହିର୍ ମଧ୍ୟ ଚାଲିଗଲା-

ଯେତେବେଳେ ସେ ଶୁଣିବାକୁ ପାଇଥିଲା ସେ ସାହିର ଆଉ ଏ ପୃଥିବୀରେ ନାହିଁ, ସେ ଇହଧାମ ତ୍ୟାଗ କରି ଚାଲିଯାଇଛି, ସେତେବେଳେ ସେ ବମ୍ବେରେ ନଥିଲା ।

ଏବଂ ଖବରଟା ଶୁଣିଲା ମାତ୍ରକେ ଯୋଉ କଥା ସେତେବେଳେ ପ୍ରଥମେ ତାର ମନେ ପଡ଼ିଥିଲା, ସେସବୁ ଏବେ ମଧ୍ୟ ତା ମାନସ ପଟରେ ଭାସି ଉଠିଲା; ଦିନେ ସାହିର ଓ ମୋ ମଧ୍ୟରେ ଖୁବ୍ ଲମ୍ବା ଆଲୋଚନା ଚଳିଥାଏ ।

— ତୋ' ଓ ମୋ ଜୀବନରେ ଏକ ଅଦ୍‌ଭୁତ ସାମଞ୍ଜସ୍ୟ ରହିଛି କୃଷ୍ଣ— ହୁଇସ୍କି ପିଉ ପିଉ ସାହିର କହିଥିଲା ।

— ସତରେ ଏକଥା ଭାବିଲେ ମୁଁ ମଧ୍ୟ ବେଳେ ବେଳେ ଚକିତ ହୁଏ । ହରେକୃଷ୍ଣ ବିଅର ଢୋକୁ ଢୋକୁ କହିଥିଲା ।

— ଦେଖ୍ । ଆମେ ଏକା ବର୍ଷ । ଏକାବାର, ଏକା ତାରିଖ ଏବଂ ଏକା ସମୟରେ ଜନ୍ମ ହେଇଛୁ-

— ଏକା କଲେଜରେ ପଢ଼ିଛୁ । ଏକା କଲେଜର ଝିଅଙ୍କୁ ଭଲ ପାଇଛୁ । ସେଇଟା ବି ପ୍ରଥମ ପ୍ରେମ ।

— ତା' ପରେ ଲାହୋର, ଏକ ସହରର ଝିଅମାନଙ୍କୁ ଭଲ ପାଇ ବସିଲେ ଏବଂ ଏକା ଭଳି ଜୀବନସାରା ନିଃସଙ୍ଗତାର ବିଷ ପାନ କଲେ ।

— ମୋ ନାଁରେ କେତେ ଗୁଜବ, ତୋ ନାଁରେ ବି କେତେ ଅପବାଦ....ହେଲେ ତଫାତଟା ଗୋଟାଏ କଥାରେ । ମୋ ଜମିଦାର ବାପା ତେର ତେରଟା ବିବାହ କରିଥିଲେ; ପ୍ରତିବର୍ଷ ଗୀତନୃତ୍ୟର ମେହେଫିଲ ଜମାଉଥିଲେ । କେତେ ଯେ ନାଚଗୀତବାଲୀମାନେ ଆସୁଥିଲେ, କେତେ ରକ୍ଷିତା ଥିଲେ ତାଙ୍କର । ହେଲେ ତୋ ବାପା ଥିଲେ ନିହାତି ଭଦ୍ରଲୋକଟାଏ । ଗଙ୍ଗା ପରି ସରଳ ।

-ହଁ, ବାପା ଥିଲେ ଖୁବ୍ ଭଦ୍ର ଓ ସରଳ ମଣିଷ, ହେଲେ ମୋ ଜେଜେ ଥିଲେ ଠିକ୍

Digitized by PPRACHIN, SOA

ତୋ ବାପା ପରି ଖୁବ୍ ବିଳାସପ୍ରିୟ । ମୋର ମନେ ଅଛି ଯେତେବେଳେ ମୁଁ ମୋ ମାମୁ ଘର ଫିରୋଜପୁର ଛାଉଣିକୁ ଯାଉଥିଲି ସେତେବେଳେ କବାଟ କଣରେ ଲୁଚି ଫାଙ୍କ ବାଟେ ସବୁଦିନ ସେ ମେହେଫିଲ ଆଡ଼କୁ ଉଙ୍କି ମାରୁଥିଲି । ସେଠି ସବୁ ଦିନ ରାତିରେ ମୁଜରା ହେଉଥିଲା ।

— ଆରେ ତୋ ଜେଜେଙ୍କ ନାଁଟା କଣ କହିଲୁ ଭଲା ।

— ଆଶାରାମ ଜୀ । ସେ ଇଂରେଜ ସରକାର ଅମଳର ଦୁର୍ଗ ଠିକାଦାର । ଯେଉଁଠି ତାଙ୍କର କ୍ଷେତବାଡ଼ି ଥିଲା, ସେଠି ଠିକା କାମ ତୁଲାଇବା ନିମନ୍ତେ ମଧ୍ୟ କାରଖାନାଟାଏ ଥିଲା । କ୍ଷେତରେ ହିଁ ମୁଜରାବାଲୀଙ୍କ ନିମନ୍ତେ ଘର ତୋଳି ଦିଆଯାଇଥିଲା । ତିନି ଚାରିଜଣ ତ ସେଠି ସବୁବେଳେ ରହୁଥିଲେ । ସହରରେ ଯେଉଁଠି ଘର ଥିଲା । ସେଇଟା ଆମ ମାମୁଘର ପଡ଼ା ବୋଲି ବିଖ୍ୟାତ ଥିଲା । ସେ ଗଳିର ଅଧାଅଧି ଆମ ମାମୁମାନଙ୍କ ଘରରେ ଭର୍ତ୍ତି । ବେଳେବେଳେ ମାଇଁମାନେ ମଧ୍ୟ ସଞ୍ଜବେଳେ ବୁଲିବାକୁ ଯାଇ କ୍ଷେତରେ ପହଞ୍ଚନ୍ତି ଓ ମୁଜରାବାଲୀଙ୍କ ସଙ୍ଗେ ଦେଖାଚାହାଁ ହୋଇ ଘରକୁ ଫେରି ଆସନ୍ତି । ଗଳିରେ ମଧ୍ୟ ଜେଜେ ମୁଜାରାବାଲୀଙ୍କୁ ଘର ଖଣ୍ଡେ ଦେଇଥାନ୍ତି । ଯେଉଁମାନେ ତାଙ୍କର ସ୍ଥାୟୀ ରକ୍ଷିତାଭାବରେ ରହିଥିଲେ । ସେମାନଙ୍କ ଲାଗି ଥିଲା ସେ ଘର ଖଣ୍ଡିକ ।

-ତୁ ମୋ ବାପାଙ୍କୁ କେବେ ଦେଖିଥିଲୁ?

-ହଁ ହଁ ଜରୁର ଦେଖିଛି-ଶେରୱାନୀ ପିନ୍ଧୁଥିଲେ । ଟା'ସାଙ୍ଗକୁ ଟାଇ୍ ମଧ୍ୟ ବାନ୍ଧୁଥିଲେ······ ଏବଂ ଏ କଥା ଶୁଣି ସେ ଦିନ ତାକୁ ଜୋରରେ ହସ ମାଡ଼ିଥିଲା ଏବଂ ତାର ମନେ ପଡ଼ିଥିଲା ଅନେକ କଥା ।

ସେ କହିଲା-

-ତୋ ବାପାଙ୍କ ସଙ୍ଗେ ମଧ୍ୟ ମୋର ଏକା ରକମ ସଂପର୍କ ରହିଥିଲା । ତୋ ମାଧ୍ୟମରେ ନୁହେଁ । ବୁଝିଲୁ । ସିଧା ସଳଖ ସମ୍ପର୍କ ।

-ଆରେ ସେଇଟା ପୁଣି କେମିତି?

-ସେ ମୋ ଗୁଲ୍ଲୁ ଚାଚାଙ୍କ ପଗଡ଼ି ବଦଳ ଭାଇ ଥିଲେ······

ତା' ମାନେ ମୋ ବାପା ସମ୍ପର୍କରେ ତୋର କକା

-ଏବଂ ଆଉ ଏକ ପକ୍ଷରୁ ମଧ୍ୟ ସେ ମୋ ସମ୍ପର୍କୀୟ ଥିଲେ ସେ ଯୋଉ ମୋର ଅଲ୍ଲାରକ୍ଖୀ ନା, ଯେତେବେଳେ ସେ କୋଠାରେ ବସିଲା, ସେତେବେଳେ ଫଜଲେର ରକ୍ଷିତା ବୋଲାଉଥିଲା············

-ଏଇଟା ତା'ହେଲେ ସିଧା ସଳଖ ସମ୍ପର୍କ, ସେ ତୋତେ ତୋ ମା ଭଳି ମନେ ହେଉଥିଲା, ଏବଂ ମୋର ସାବତ ମା ମାନଙ୍କ ପରି ସେ ମଧ୍ୟ ମୋର ଜଣେ ମା ତ?

ସେଦିନ ସାହିରଙ୍କ ମା ସରଦାର ବେଗମ୍ ଦି ଜଣଙ୍କୁ ଖାଇବାକୁ ଦେଲାବେଳେ ଆଉ

Digitized by PPRACHIN, SOA

ଏକ ଗୁମର କଥା ଫିଟାଇ କହିଥିଲା ଯେ ବେଲଦାର ଫଜଲଙ୍କ ସଙ୍ଗେ ତାଙ୍କର ଯେତେବେଳେ ବିବାହ ହେଲା, ସେତେବେଳେ ତାଙ୍କର ଆଗର ପତ୍ନୀ ମାନଙ୍କ ପକ୍ଷରୁ କେବଳ ଝିଅଟାଏ ଥିଲା । ସେମାନଙ୍କ ପୁତ୍ର ସନ୍ତାନ କେହି ନଥିଲେ ଏବଂ ସେ ପୀର କଲିୟାରଙ୍କ ଆସ୍ଥାନକୁ ଯାଇ ପୀରଙ୍କୁ ପୁତ୍ର ଭିକ୍ଷା କଲା ପରେ ଯାଇ ସାହିର୍‌ର ଜନ୍‌ମ ହୋଇଥିଲା । ଠିକ୍ ସେତିକି ବେଳେ ହରେକୃଷ୍ଣର ସ୍ମୃତି ପଟଳରେ ପୀର କଲିୟାରଙ୍କ ଆସ୍ଥାନଟା ଚମକି ଉଠିଲା । ତା' ହାତର ଗ୍ଲାସଟା ତା' ହାତରେ ହିଁ ରହିଗଲା । ସେ କହି ଉଠିଲା- ପୀର କଲିୟାରଙ୍କ ଆସ୍ଥାନ ସେଇଟା ତ ଯୋଉଟା ରୁଇକି ପାଖରେ ଅଛି ?

ସାହିର୍‌ର ମା଼ ସମ୍ମତିରେ ମୁଣ୍ଡ ହଲେଇ ପୁଣି କହିଲେ ଯେ ସାହିର ଯେତେବେଳେ ବି ବେମାର ହେଉଥିଲା, ସେ ତାକୁ ପୀରଙ୍କ ଆସ୍ଥାନକୁ ନେଇ ପ୍ରାର୍ଥନା କରୁଥିଲେ । ଏକଥା ଶୁଣି ସେତେବେଳେ ହରେକୃଷ୍ଣର ଆଖିଟା ଉଜ୍ଜ୍ୱଳି ଉଠିଲା । ସେ କହିଲା ଦେଖ ସାହିର, ତୋର ମୋର ପୀର୍ ମଧ୍ୟ ଏକା । ମୁଁ ଯେତେବେଳେ ବେମାର ଥିଲି, ସେତେରବେଳେ ମୋତେ ଅଲ୍ଲାରକ୍ଖୀ ସେହି ଆସ୍ଥାନକୁ ନେଇକି ଯାଇଥିଲା । ସେଠାରେ ହେଉଥିବା ମଉଛବରେ ତୋ ବାପାଙ୍କର ମଧ୍ୟ ତମ୍ବୁ ପଡ଼ିଥିଲା । ସେଠିକି ଆଲ୍ଲାରକ୍ଖୀକୁ ଗାଇବା ଲାଗି ଯିବାର ଥିଲା । ଗଲାବେଳେ ସେ ମୋତେ ମା'ଠୁ ନେଇ ଯାଇଥିଲା ରାତିକ ଲାଗି- ମୋର ଏଯାଏଁ ମନେ ଅଛି ଯେ ସେ ରାତିରେ ତମ୍ବୁରେ ମୁଜରା କଲାବେଳକୁ ମୋତେ ତା ଖାନସମା ସଙ୍ଗେ ତମ୍ବୁ ଚାହାରକୁ ପଠାଇ ଦେଇଥିଲା ଯେମିତି ମଜୁରା ଚାଲିଥିଲା ବେଳେ ମୁଁ ତମ୍ବୁରେ ନଥାଏ.......

ଏବଂ ଏତେଟା ସାମଞ୍ଜସ୍ୟ ଓ ସମ୍ପର୍କ ଥିବା ସାହିର ଓ ହରେକୃଷ୍ଣ ଅଚାନକ ଉଦାସ ହୋଇଯାଇଥିଲେ-

ସାହିର କହିଥିଲା-ଦେଖ, ଆମେ ଦୁହେଁ ଏକା ସଙ୍ଗେ ଏ ପୃଥିବୀରୁ ଯିବା, ତୁ ମୋତେ ଏକଲା ଛାଡ଼ିକି ଯିବୁ ନାହିଁ । ପ୍ରମିଶ୍ !

ହରେକୃଷ୍ଣ କହିଲା- ପ୍ରମିଶ୍ । ହେଲେ ଏ କଥା ତୁ ମଧ୍ୟ ମନେ ରଖିବୁ । ମୋତେ ଏ ପୃଥିବୀରେ ଏକଲା କରିକି ଯିବୁ ନାହିଁ ।

ହରେକୃଷ୍ଣର ଅଙ୍ଗ ପ୍ରତ୍ୟଙ୍ଗରେ ପ୍ରବାହିତ ରକ୍ତ ଯେମିତି ଜମାଟ ବାନ୍ଧିଗଲା ଦେଖ ସାହିର୍ । ମୁଁ ତ ମୋ ପ୍ରତିଶ୍ରୁତି କଥା ମନେ ରଖିଥିଲି । ହେଲେ ତୁ କାହିଁକି ଭୁଲିଗଲୁ ?

ତାର ମନେ ହେଲା, ସେ ଯେମିତି ଖୁବ୍ ନିଃସଙ୍ଗ ହୋଇଯାଇଛି, ତାର ବଂଧୁମାନେ ଜଣ-ଜଣ କରି ତାଠୁ ବିଦାୟ ନେଇ ଚାଲିଯାଇଛନ୍ତି ଠିକ୍ ସେ ମନ୍ଦିରସବୁ ପରି, ଯାହା ତାର ଜୀବନର ଘାଟିରୁ ବାହାରି ଖୁବ୍ ଦୂର ପର୍ବତ ଉପରକୁ ଚାଲିଯାଇଛି ।

Digitized by PPRACHIN, SOA

ବାର

ହଠାତ୍ ଧଡ଼ାସ୍ କରି କଣ ଗୋଟାଏ ଓଜନିଆ ଜିନିଷ ଛାତରୁ ଚଟାଣ ଉପରେ କାଟାଡ଼ି ପଡ଼ିଗଲା ।

ହରେକୃଷ୍ଣର ସର୍ବାଙ୍ଗ ଯେମିତି ସ୍ତବ୍ଧ ହୋଇ ଜମାଟ ବାନ୍ଧିଗଲା ଭୟରେ !

ସେ ଘାବରା ହୋଇ ଚଟାଣକୁ ଚାହିଁଲା । ଚଟାଣ ଉପରେ ପଡ଼ିଥିବା ଲୋକର ମୁହଁଟା ଚିହ୍ନା ଯାଉଥିଲା ଜହ୍ନ ଆଲୁଅରେ ।

ସେ ପଟାଖଟର ଦୁଇପଟକୁ ଖୁବ୍ ଜୋରରେ ଜାବୁଡ଼ି ଧରିଲା...... ବିମଳ କୁମାର ଜୈନ-

ତାପରେ ଚଟାଣ ଆଡ଼କୁ ଦେଖିବା ଲାଗି ହରେକୃଷ୍ଣର ସାହସ କୁଳାଇଲା ନାହିଁ ।

ସେ ବିମଳର ହସ ହସ ମୁହଁକୁ ମନେ ପକେଇବାକୁ ଲାଗିଲା । ବିମଳ ଯେତେବେଳେ ଲୁଧିଆନାର ସରକାରୀ କଲେଜରେ ନାମ ଲେଖାଇବାକୁ ଆସିଥିଲା । ସେତେବେଳେ ତା' ଥନ୍ତଲ ଦେହରେ ପିନ୍ଧିଥାଏ ମଲମଲର କୁର୍ତ୍ତା ଖଣ୍ଡେ । ତା ସାଙ୍ଗକୁ ଡ଼ୋରିଆ ପାଇଜାମା । ଚାଲିଲା ବେଳେ ହାତୀଟାଏ ଝୁଲି ଝୁଲି ଚାଲିଲା ପରି ଦେଖାଯାଉଥାଏ ବିମଳ ।

ହରେକୃଷ୍ଣ ତା' ପାଖ ଦେଇ ଚାଲିଯାଉଯାଉ ରହସ୍ୟ କରି କହିଥିଲା, ଭାଇ, କେବେ ହାତୀ ପିଠିରେ ସବାରି କରିବାର ସୁଯୋଗ ଟିକେ ମିଳୁ !

ଏବଂ ସେ ଅପରିଚିତ ପିଲାଟା ଏକଥା ଶୁଣି ହସି ଦେଇଥିଲା ଏବଂ ହରେକୃଷ୍ଣର ହାତ ଟାଣି ତାକୁ ପିଠି ଉପରେ ଲାଉ କରିଥିଲା, ଏବଂ ସେହି ମୂହୁର୍ତ୍ତରୁ ଘନିଷ୍ଠ ବନ୍ଧୁତା ପାଶରେ ଆବଦ୍ଧ ହୋଇ ଯାଇଥିଲେ ।

ବିମଳର ମୋଟାରୋଟା ପଣିଆକୁ କେନ୍ଦ୍ର କରି, ତାହି କରିବା ଆଳରେ କଲେଜର ସମସ୍ତ ଛାତ୍ର କିଛି ନା କିଛି କହିଥିଲେ : ହେଲେ ବିମଳର ହସ ସେସବୁ ଟାପରାକୁ ବାଏଁ ବାଏଁ ଉଡ଼ାଇ ଦେଉଥିଲା ।

ଦିନେ ସେ ନିଜେ କଲେଜ ଷ୍ଟେଜ୍‌ରେ ଠିଆ ହୋଇ କହିଥିଲା–ଏକ ଶେର୍ ଅର୍ଜ କରତା ହୁଁ(କବିତାଟିଏ ନିବେଦନ କରୁଛି ଶୁଣିବା ହୁଅନ୍ତୁ ।)

'କାଟିଙ୍ଗ କେ ବରାମଦେ ମେଁ
କେଲେ କେ ନ ଫେଁକୋ ଛିଲ୍‌କେ
ଏକ୍ ବାର୍ ଗିର ଗୟାତୋ
ଉଠାୟା ନ ଯାଉଂଗା...........'

(ହତ୍ୟାକାରୀର ବାରଣ୍ଡାରେ କଦଳୀ ଚୋପା ଫିଙ୍ଗ ନାହିଁ, ଥରେ ପାଦ ଖସି ପଡ଼ିଗଲେ ଆଉ ଉଠାଯାଇ ପାରିବି ନାହିଁ ।) ଏବଂ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇଯାଇଥିଲା ।

ହରେକୃଷ୍ଣର ସେ କଥା ମଧ୍ୟ ମନେ ପଡ଼ିଲା, ଯେତେବେଳେ ଥରେ ସେମାନେ ପ୍ରିନସିପାଲଙ୍କ

Digitized by PPRACHIN, SOA

ବଗିଚାରେ ବସିଥିଲେ । ସେତେବେଳେ ବିମଳ ଗଛରୁ ପାଚିଲା କମଳା ଲେମ୍ବୁଟାଏ ତୋଳି ଆଣିଥିଲା । ସାମ୍ନାରେ ପ୍ରିନସିପାଲଙ୍କ ଅତ୍ୟାଧୁନିକ କାଚଲଗା ରୁମ୍ ଥଲା । ଭିତରୁ ପ୍ରନ୍‌ସିପାଲ ଦେଖିପକାଇ ଥିଲେ । ବାହାରକୁ ଆସି ସେତେବେଳେ ସେ ତାକୁ ତୀକ୍ଷଣ ଦୃଷ୍ଟିରେ ଅନେଇଲେ ସେତେବେଳେ ସେ କମଳାକୁ ଗୋଟାଏ ହାତରେ ଧରି ଡ଼ାଳରେ ଝୁଲିବାକୁ ଲାଗିଥିଲା-ସାର୍ ସତ କହୁଛି ଏ କମଳାଟା ଡ଼ାଳରୁ ଖସିପଡ଼ିଥିଲା, ମୁଁ ପୁଣି ତାକୁ ଡ଼ାଳରେ ଖଞ୍ଜି ଦେଉଛି । ସେତେବେଳେ ପ୍ରିନସିପାଲ ବଡ଼କଷ୍ଟରେ ନିଜର ହସ ସମ୍ଭାଳି ପାରିଥିଲେ ।

ବିମଳ ସେତେବେଳେ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେବାକୁ ଚାହିଁଲା, ସେତେବେଳେ ହରେକୃଷ୍ଣ ଓ ମଦନ ଦିଦିଙ୍କ ସମେତ ସମସ୍ତେ କହୁଥିଲେ— 'ଏ ବଣିଆ ଟୋକାଟା ପୋଲିସର ଗୋଟାଏ ବି ଧମକ୍ ସହି ପାରିବ ନାହିଁ । ହେଲେ ବିମଳ ନିଜ କଥାରେ ଥିଲା ଅବିଚଳ । ତା'ପରେ ଛାତ୍ର ସଂଘର ସବୁଠୁ ପ୍ରସିଦ୍ଧ କର୍ମକର୍ତ୍ତା ମଦନ ଦିଦିଙ୍କ ଯେତିକି ବିଶ୍ୱାସୀ ଥିଲା, ବିମଳ ମଧ୍ୟ ତାଙ୍କର ସେତିକି ବିଶ୍ୱାସୀ ହୋଇ ପାରିଥିଲା........

ପାର୍ଟିଟା 1947ରେ ଅଣ୍ଡରଗ୍ରାଉଣ୍ଡ ହୋଇଯାଇଥିଲା ତା'ଆଗରୁ ଦେଶ ବିଭାଜନ ବେଳେ ସେ ସବୁ ବଂଧୁ ଓ ସମସ୍ତ କର୍ମକର୍ତ୍ତା ଶରଣାର୍ଥୀମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ସ୍ୱେଚ୍ଛାସେବୀ ହୋଇ ଯାଇଥିଲେ । ସେମାନେ ଗ୍ରାଜୁଏଟ୍ ସ୍ୱେଚ୍ଛାସେବୀମାନଙ୍କୁ ଏକ ଦଳ ଗଠନ କରିଥିଲେ । ବିସ୍ଥାପିତ ଶରଣାର୍ଥୀ ମାନଙ୍କୁ ସଙ୍ଗେ ସଙ୍ଗେ ରାଶନକାର୍ଡ ଯୋଗାଇ ଦେବା ଥିଲା ସେମାନଙ୍କ ମୁଖ୍ୟ କାର୍ଯ୍ୟ ।

ସେମାନେ ଶିବିର ଗୁଡ଼ିକରେ ଚଦର, ରେଜେଇ ଓ ଔଷଧ ପତ୍ର ମଧ୍ୟ ବଣ୍ଟନ କରୁଥିଲେ..........

ଯେତେବେଳେ ବାଟରେ ଶରଣାର୍ଥୀମାନଙ୍କ ଗାଡ଼ି ଲୁଟ୍ ହେବାକୁ ଲାଗିଲା, ଶରଣାର୍ଥୀମାନଙ୍କ ହତ୍ୟା କରାଯିବାକୁ ଲାଗିଲା, ସେତେବେଳେ ପଞ୍ଜାବର କୌଣସି ଡ୍ରାଇଭର ଗାଡ଼ି ଚଲାଇବା ଲାଗି ପ୍ରସ୍ତୁତ ହୋଇ ନଥିଲେ । ସେତେବେଳେ ସେହି ସ୍ୱେଚ୍ଛାସେବୀମାନେ ତାମିଲନାଡୁରୁ କିଛି ଡ୍ରାଇଭର ଅଣେଇ ଥିଲେ । ସେ ଡ୍ରାଇଭରମାନେ ଗାଡ଼ି ନେଇ ଯାଉଥିଲେ ଓ ଶରଣାର୍ଥୀମାନଙ୍କୁ କୌଣସି ପ୍ରକାରେ ବାହାର କରି ଆଣୁଥିଲେ । ସେତେବେଳେ ତାମିଲନାଡୁର ଡ୍ରାଇଭରମାନଙ୍କ ସହିତ ଅନେକ ସ୍ୱେଚ୍ଛାସେବୀ ଫଟୋ ଉଠେଇ ଥିଲେ । ସେଥିମଧ୍ୟରୁ ଗୋଟାଏ ଚିତ୍ର ସାହିର୍‌ର ସେ ଘରେ ଲାଗିଥିଲା । ଯାହାକୁ କେଂପକୁ ଗଲାବେଳେ ସାହିରର ମା ପାର୍ଟି ହାତରେ ସମର୍ପି ଦେଇ ଯାଇଥିଲେ । ହେଲେ ଯେତେବେଳେ କଂଗ୍ରେସ ସହିତ କମ୍ୟୁନିଷ୍ଟ ପାର୍ଟିର ମତାନ୍ତର ହେଲା, ସେତେବେଳେ ପାର୍ଟିଟା ଅଣ୍ଡର ଗ୍ରାଉଣ୍ଡ ହୋଇଗଲା । ପୋଲିସ୍‌ର ଅତର୍କିତ ଚଢ଼ଉରେ ସାହିର ଘରୁ ସେ ଫଟୋଟା ମଧ୍ୟ ଧରା ପଡ଼ିଥିଲା । ଯେଉଁଥିରୁ ଅନେକ ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ କରିବା ଥିଲା ପୋଲିସ ପକ୍ଷରେ ଅତ୍ୟନ୍ତ ସହଜ କାର୍ଯ୍ୟ । ସେତେବେଳେ ବିମଳ ଓ ମଦନ ଦିଦି ପୋଲିସ ଆଖିରେ ଧୂଳି ଦେଇ କେବେ କୋଉଠିତ ଆଉ କେବେ କୋଉଠି ରାତ୍ରି

Digitized by PPRACHIN, SOA

ଯାପନ କରି ବୁଲୁଥାନ୍ତି ।

ଦିନେ ରାତିରେ ବିମଳ ରାତ୍ରି ଯାପନ କରିବା ନିମନ୍ତେ ହରେକୃଷ୍ଣ ଘରକୁ ମଧ୍ୟ ଆସିଥିଲା । ସେତେବେଳେ ବିମଳ ଦାଢ଼ି ରଖିଥାଏ । ମୁଣ୍ଡରେ ଭିଡ଼ିଥାଏ ଗୋଟାଏ ପଗଡ଼ି । ଆଗ ଆଗ ପ୍ରତି ପଂଚମୀ ଦିନ ହରେକୃଷ୍ଣର ସବୁଯାକ ବନ୍ଧୁ ତା' ଘରକୁ ମଧ୍ୟ ଆସୁଥିଲେ । ମାସକରେ ସେଇଟା ଏମିତି ଏକ ଦିନ ଯୋଉଦିନ ମା'ଙ୍କୁ ଗୋରସ ବସାଇବାକୁ ପଡୁ ନ ଥିଲା । ସେ ଦିନ ସବୁ କ୍ଷୀର ନେଇ ଖିରୀ ତିଆରି ହେଉଥିଲା । ଖିରୀରେ କାଜୁ, ବାଦାମ୍, ପିସ୍ତା, ସବୁ ପକା ଯାଉଥିଲା । ସେଦିନ ହରେକୃଷ୍ଣର ବନ୍ଧୁମାନେ ଖିରୀ ଭୋଜି ଖାଉଥିଲେ । ତାର ସବୁଯାକ ବନ୍ଧୁ ମା'ଙ୍କ ଚିହ୍ନା । ସେମିତି ବି ସେ କଦବା କେମିତି ଶୀତ ଦିନରେ ସୋରିଷ ଶାଗ ଓ ମକା ରୁଟିରେ ଲହୁଣୀ ଦେଇ ସେମାନଙ୍କୁ ଖାଇବାକୁ ଦେଇଥାନ୍ତି । ପୁଣି ଯେତେବେଳେ ବନ୍ଧୁମାନଙ୍କୁ ଭୋଜି ଦିଆଯାଇଥାଏ । ଯେତେବେଳେ ମାଟିରେ ନିଆଁ ଜାଳି ସେ ଗରମ ମାଟିରେ ମା'ଙ୍କୁ ମିଠା ରୋଟ୍ ରାନ୍ଧିବାକୁ ପଡୁଥିଲା ।

ହେଲେ ଯେଉଁ ଦିନ ଦାଢ଼ି ଓ ପଗଡ଼ିଧାରୀ ବିମଳ ଆସିଥିଲା ମା ମଧ୍ୟ ତାକୁ ଚିହ୍ନି ପାରି ନଥିଲେ । ସେ ଡରି ଡରି ଘରର ଦର୍ଜା ଖୋଲିଥିଲେ । ଏବଂ ବିମଳ ସେତେବେଳେ ଯାଇ ମା'ଙ୍କୁ କୁଣ୍ଢାଇ ପକାଇଥିଲା, ମା ତା ମଥାରେ ଚୁମ୍ବନ ଦେଇ ତାକୁ ଘର ଭିତରକୁ ନେଇ ରେଜେଇ ତଳେ ଲୁଚାଇ ଦେଇଥିଲେ ।

ସେମାନଙ୍କ ଏହି ଅଣ୍ଡର ଗ୍ରାଉଣ୍ଡ ପାର୍ଟିରେ ଆର୍ଯ୍ୟ ସ୍କୁଲର ଜନୈକ ସହକାରୀ ଶିକ୍ଷୟିତ୍ରୀ ମଧ୍ୟ ଥିଲେ । ଖବର ଟବର ଦେବାଲାଗି ବିମଳକୁ ତା' ସଙ୍ଗେ ବରାବର ଭେଟ ହେବାକୁ ପଡୁଥାଏ । ଏବଂ ଦିନେ ସେ ତା' ଘରୁ ଧରା ପଡ଼ିଥିଲା ।

ଏ କଥାଟା ଅବଶ୍ୟ ଅନେକ ଦିନ ପରେ ଜଣା ପଡ଼ିଥିଲା ଯେ ସେ ଶିକ୍ଷୟିତ୍ରୀ ଜଣକ ପୋଲିସର ଗୁପ୍ତଚର ଭାବେ କାର୍ଯ୍ୟ କରୁଥିଲେ । ହେଲେ ବିମଳ ଧରା ପଡ଼ିସାରିଥିଲା ।

ପୋଲିସ ତାକୁ ଯେତେ ନାରକୀୟ ନିର୍ଯ୍ୟାତନା ଦେଲେ ମଧ୍ୟ ସେ ବଣିଆ ପିଲାଟା ସେସବୁ ଚୁପ୍‌ଚାପ୍ ସହିଗଲା । ପାର୍ଟିର କୌଣସି କଥା କି କାହାରି ଠିକଣା ପୋଲିସ ଆଗରେ ପ୍ରକାଶ କଲା ନାହିଁ ।

ଲୁଧିଆନା ଆଗରେ ଗୁଜ୍‌ଜରାଁବାଲା ଗାଁ, ଯୋଉଠି ତା' ବାପା ସେତେବେଳେ ବି ଜେଲରେ ଥିବା ପୁଅକୁ ଭେଟିବା ଲାଗି ବରାବର ଆସୁଥିଲେ ଓ ରାତିରେ ହରେକୃଷ୍ଣର ଘରେ ରହୁଥିଲେ ।

ତା'ର ମନେଅଛି, ଥରେ ସେ ମଧ୍ୟ ବିମଳର ବାପା ସଙ୍ଗେ ତାକୁ ଭେଟିବା ଲାଗି ଜେଲକୁ ଯାଇଥିଲା । ସେତେବେଳେ ବିମଳ ଚାପା ଗଳାରେ ତାକୁ ଖୁବ୍ ଧମକେଇଥିଲା ଯେ ସେ ଫଟୋଟା ଏବେ ବି ଭିତରେ ପୋଲିସ୍ ରୁମରେ ଟଙ୍ଗା ହୋଇଛି । ସେଥିରେ ତା' ଫଟୋ ମଧ୍ୟ ଅଛି ଏବଂ ପୋଲିସ ତାକୁ ଅକ୍ଳେଶରେ ଚିହ୍ନଟା କରି ନେଇ ପାରିବ ।

ତା'ପରେ ସେ ଖବର ପାଇଲା ଯେ ପୋଲିସ ତାର ଅତ୍ୟାଚାର ଖୁବ୍ ବଢ଼େଇ ଦେଇଛି ।

Digitized by PPRACHIN, SOA

ଦିନେ ରାତିରେ ଛାତ ପଙ୍ଖାରେ ବିମଳର ହାତ ଦିଟାକୁ ବାନ୍ଧି ଝୁଲାଇ ତା'ଆଖିରେ ସର୍ଚ୍ଚ ଲାଇଟ ପକା ଯାଇଥିଲା ।

କେଜାଣି ରାତିର କେଉଁ ପହର ପଙ୍ଖାରେ ବନ୍ଧା ଯାଇଥିବା ବିମଳର ହାତର ରଶି ଛିଣ୍ଡି ଯାଇଥିଲା ଏବଂ ସେ ଧଡ଼ାସ୍ କରି ଚଟାଣ ଉପରେ କଟାଡ଼ି ପଡ଼ିଥିଲା ।

ହରେକୃଷ୍ଣର ମନେହେଲା, ସେ ଏତେବେଳକୁ ତା ନିଜ ରୁମ୍‌ର ଚଟାଣକୁ ଅନଉ ନାହିଁ । ବରଂ ପୋଲିସ ଭୟରେ ଆତଙ୍କିତ କୌଣସି ଏକ ଥାନା କୋଠାରିର ଚଟାଣକୁ ଅନଉଛି ।

ତେର

ଅଚାନକ ହରେକୃଷ୍ଣର ମନେହେଲା ଯେ ସେ ଯେମିତି ପେରିସ୍‌ର ଶାଂଜ୍‌ଲିଜ ଛକର ଫୁଆର ପାଖରେ ପଡ଼ିଥିବା ଏକ ବେଞ୍ଚ ନିକଟରେ ଠିଆ ହୋଇଛି ।

ସେ ଏଇଠି ବିମଳକୁ ବସାଇ ଦୋକାନରୁ ପନୀର, ରୁଟି ଓ ଧଳା ୱାଇନ ଆଣିବାକୁ ଯାଇଥିଲା । ହେଲେ ଯେତେବେଳେ ସେ ଫେରିଆସିଲା, ସେଠି ବିମଳ ନଥିଲା ।

ତାର ସେଦିନର କଥାମାନ ମଧ୍ୟ ମନେ ପଡ଼ିଲା ଯେତେବେଳେ ନିର୍ବାଚନରେ ମଦନ ଦିଦି ଓ ଶୀଳା ଦିଦି ପ୍ରାର୍ଥୀ ହୋଇ ଠିଆ ହୋଇଥିଲେ ଏବଂ ଭୋଟ ଦେବା ଲାଗି ସେ ମା'କୁ ସାଂଗରେ ନେଇଯିବା ଲାଗି ଚାହିଁଥିଲା । ମା କେବେ କାହାକୁ ଭୋଟ ଦେବାକୁ ଯାଇ ନଥିଲେ । ହେଲେ ସେତେବେଳକୁ ବିମଳ ଜେଲରେ ଥାଏ ! ସେ ମା'କୁ କହିଥିଲା-ଯଦି ତମେ ଦା' ହାତୁଡ଼ି ଚିହ୍ନରେ ମୋହର ମାରି ଭୋଟ ଦେବ, ତେବେ ବିମଳ ଜେଲରୁ ଛାଡ଼ ପାଇବ ମା ।

ହରେକୃଷ୍ଣର ଭାବନା ବଗୁଲୀ ପରି ଉଠିବାକୁ ଓ ଉଡ଼ିବାକୁ ଲାଗଲା । ସେ ଯେପରି ବିମଳକୁ ସଂବୋଧନ କରି କହିବାକୁ ଲାଗିଲା । ବିମଳ, ତୁ କହୁଥିଲୁ ନା ଚଟାଣରେ କଦଳୀ ଚୋପା ନ ପକାଇବାକୁ । ଯେ ଥରେ ଖସି ଗଲେ ତୋତେ ଆଉ ଉଠାଯାଇ ପାରିବ ନାହିଁ-ହେଲେ ତୋ ହାତ୍‌ଟା କାହିଁରେ ତିଆରି ଯେ ନା ପୋଲିସ୍ ମାଡ଼ରେ ଭାଙ୍ଗିଲା ନା ଛାତରେ ବଂଧା ଯିବାରେ କି ପୋଲିସ୍ ଥାନାରେ ପଡ଼ିଲା ପରେ ବି ଭାଙ୍ଗିଲା ନାହିଁ ତୋ ହାତ୍ ?

ଏବଂ ଭାବୁ ଭାବୁ ତା'ଆଗରେ ଆସି ଠିଆ ହୋଇଗଲା ସେ ମୁହୂର୍ତ୍ତଟା, ଯେତେବେଳେ ଭାରତର ପାଞ୍ଚ ଜଣ ଚିତ୍ରକରଙ୍କ ସହିତ ସେ ଋଷିଆ ଯାଇଥିଲା ପ୍ରଥମ କରି ତ ସେତେବେଳେ ତତ୍କାଳୀନ ରାଷ୍ଟ୍ରପତି ବୋରୋସ୍ଲିଓଭଙ୍କ ସଙ୍ଗେ ସେମାନଙ୍କ ଦେଖା ହୋଇଥିଲା । ସେମାନଙ୍କ ଗହଣରେ ଚିତ୍ରକର କେ· କେ· ହେବବର ମଧ୍ୟ ଥିଲେ । ସେ ଥିଲେ ଖୁବ୍ ଶୀର୍ଣ୍ଣକାୟ । ବୋରୋଶ୍ଳିଓଭ ତାଙ୍କ କାନ୍ଧରେ ହାତ ଦେଇ କହିଥିଲେ, ମିଷ୍ଟର ହବ୍‌ବର ! ଆପଣ କଣ କିଛି ଖାଆନ୍ତି ନାହିଁ ? ମୁଁ ଆପଣଙ୍କ ହାତ୍ ଗଣିକି କହି ଦେଇ ପାରିବି । ଏ କଥା ଶୁଣି ହେବ୍‌ବର କହିଥିଲେ-ମହାମହୀମ, ଏଇଟା ହେଉଛି ଲୁହାର ହାତ୍, ଗଣା ଯାଇ ପାରିବ, ହେଲେ ଭଙ୍ଗା

Digitized by PPRACHIN, SOA

ଯାଇ ପାରିବ ନାହିଁ ।

ହରେକୃଷ୍ଣର ମନେ ହେଲା ଯେ ବିମଳଠାରେ ମଧ୍ୟ ନିଶ୍ଚିତ ଭାବରେ ଏଭଳି ଲୁହାର ହାତ୍ ଥିଲା-

ବିମଳ ଦେଢ଼ ବର୍ଷର କାରାବାସ ପରେ ଯେତେବେଳେ ବାହାରକୁ ଆସିଲା, ମାଲେଟ କୋଟଲା ଓ ଅଂବାଲାର ସ୍କୁଲରେ କିଛି ଦିନଲାଗି ଶିକ୍ଷକତା କରିଥିଲା । ତା'ପରେ ବିବାହ କରି ଇଂଲଣ୍ଡ ଚାଲି ଯାଇଥିଲା, ଯେଉଁଠି ସେ ଆଗ ଆଗ ଏକ ଫେକ୍ଟ୍ରିରେ କାମ କରିଥିଲା ଓ ତା'ପରେ ଶିକ୍ଷକତା ।

ଦୁହେଁ ଯାକ 1961 ଓ 1964ରେ ମିଶିକି ଇଂଲଣ୍ଡର ଐତିହାସିକ ସ୍ମାରକମାନ ବୁଲି ବୁଲି ଦେଖିଥିଲେ । କବି ମିଲଟନଙ୍କ ଘର ଦେଖିବା ଲାଗି ମଧ୍ୟ ସେ ଦୁହେଁ ଏକା ସଂଗେ ଯାଇଥିଲେ । ଗ୍ରେଙ୍କ କବର ପଥରର ଓ ବ୍ରାଉନିଙ୍ଗଙ୍କ କବର ମଧ୍ୟ ସେମାନେ ଦେଖିଥିଲେ ।

ତା'ପରେ ଅଚାନକ ଡ଼ାକ୍ତରମାନେ ଦିନେ କହିଥିଲେ ଯେ ବିମଳକୁ କ୍ୟାନ୍‌ସର ଏବଂ ସେ ଆଉ ବଂଚିବ ନାହିଁ । ତା ପରେ ଦିଜଣ ଯାକ ମିଶି ପେରିସ୍ ଦେଖିବାକୁ ଯାଇଥିଲେ । ହରେକୃଷ୍ଣ ବିମଳର ଶେଷ ମୁହୂର୍ତ୍ତଟା ଦେଖି ନଥିଲା ତେଣୁ ବିମଳର ହସ ହସ ମୁହଁଟା ସବୁବେଳେ ତା ଆଖିରେ ଭାସି ଯାଉଥିଲା......... ତାର, ମନେ ହୋଇଥିଲା ଯେ ବିମଳକୁ ଶାଂଜଲିଜ ଛକର ଫୁଆରା ପାଖ ଗୋଟାଏ ବେଂଚରେ ବସେଇ ଦେଇ ସେ ଦୋକାନରୁ ରୁଟି, ପନୀର ଓ ଧଳା ୱାଇନ୍ ନେବାକୁ ଚାଲି ଆସିଛି ।

ନା- ସେ ରୁଟି ଓ ପନୀର ନେଇ ଫେରି ଆସିଛି । ତାର ଗୋଟିଏ ହାତରେ ଧଳା ୱାଇନର ବୋତଲ, ହେଲେ ଯେଉଁ ବେଂଚରେ ସେ ବିମଳକୁ ବସେଇକି ଯାଇଥିଲା, ସେ ବେଂଚ୍‌ଟା ଖାଲି ।

ଚଉଦ

ହରେକୃଷ୍ଣର ରୁମ୍‌ଟା ତା' ମସ୍ତିଷ୍କରେ ପୋଲିସ ଥାନାର କୋଠରୀ ଭାବରେ ଅନେକ ବେଳ ଯାଏଁ ଯେତେବେଳେ ଜଡ଼ିତ ହୋଇ ରହିଲା, ସେତେବେଳେ ସେ ବିଛଣାରୁ ଉଠି ରୁମ୍ ବାହାରକୁ ସମୁଦ୍ରକୁ ଲାଗିଥିବା ପଥର କାନ୍ଥ ନିକଟକୁ ଆସି ଠିଆ ହୋଇଗଲା ।

ସମୁଦ୍ର ଲହରୀ ଭିତରୁ ଯେମିତି ସ୍ୱରଟାଏ ଭାସି ଆସିଲା— 'ଏ କବିତାଟିଏ ଶୁଣ' ।

ସେ ସମୁଦ୍ର ଆଡୁ ମନ ଫେରାଇ ଆଣିଲା । ସେତେବେଳେ ଉଜୁଡ଼ା ବଗିଚାର ଗୋଟିଏ ଶୁଖିଲା ଗଛ ଆଡୁ ସ୍ୱରଟିଏ ଭାସିଆସିଲା, କବିତାଟେ ଶୁଣ........

ସେ ସ୍ୱରକୁ ଚିହ୍ନିଲା, ସେଇଟା ଥିଲା ଆଫତାବର ସ୍ୱର ସେ ନିଜ ରୁମ୍ ଆଡକୁ ଅନାଇଲା । ତାର ମନେ ହେଲା ଯେ ଖୋଲା ଥିବା ତା ରୁମ ଦର୍ଜାଟା ବନ୍ଦ ହୋଇଯାଇଛି ଏବଂ

Digitized by PPRACHIN, SOA

ତାଲାରେ ଅଟକି ଥିବା କାଗଜ ଖଣ୍ଡିକ ତାକୁ ଦୂରରୁ ମଧ୍ୟ ଦେଖାଯାଉଛି ସ୍ପଷ୍ଟ ।

ତା' ପାଦଟା ରୁମ୍ ଆଡ଼କୁ ମୁହାଁଇଲା ହେଲେ ପାଖକୁ ଗଲାପରେ ଲାଗିଲା ଯେ ଦର୍ଜାଟା ଖୋଲା ଅଛି । ଠିକ୍ ଯେପରି ଭାବରେ ସେ ବାହାରିଲା ବେଳେ ଛାଡ଼ି ଦେଇ ଯାଇଥିଲା ।

ତା' ଶ୍ୱାସ-ପ୍ରଶ୍ୱାସଟା ଛାତି ଭିତରେ ରୁନ୍ଧି ହେଲା ଯେମିତି । କେଜାଣି ଆଜିର ରାତିଟା କେମିତି ରାତିଟେ ଯେ ତା'ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ସ୍ଫଟିକ ପରି ସ୍ୱଚ୍ଛ ହୋଇ ଉଠୁଛି ?

ଏତେବେଳେ ସେ ଅର୍ଦ୍ଧ ଚୈତନ୍ୟ ଅବସ୍ଥାରେ ନଥିଲା । ସଂପୂର୍ଣ୍ଣ ହୋସ୍‌ରେ ତାର ମନେ ପଡ଼ିଥିଲା ଆଫତାବ କଥା । ତା' କଲେଜ ଜୀବନର ଆଫତାବ.........

ଆଫତାବର ଚାପା ୟାମିନ୍ ଜଣେ ଜାତୀୟତାବାଦୀ ଥିଲେ । ଇଂରେଜ ଅମଳରେ ସେ ଲମ୍ବା କାରାଦଣ୍ଡ ଭୋଗିଥିଲେ । ଜେଲରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ପରେ ଅଫତାବର ଜଣେ ଭଉଣୀର ଟି.ବିରେ ମୃତ୍ୟୁ ହୋଇଥିଲା ଏବଂ ଯେତେବେଳେ ଦେଶ ବିଭାଜନ ହେଲା, ସେତେବେଳେ ତାର ଅନ୍ୟ ଭଉଣୀ ମା ଓ ତାକୁ ପଞ୍ଜାବରୁ ଜବରଦସ୍ତ ପାକିସ୍ଥାନକୁ ପଠେଇଦିଆଯାଇଥିଲା............

ସେମାନେ ଥିଲେ ଏ ଦେଶର ହୀତାକାଂକ୍ଷୀମାନଙ୍କ ମଧ୍ୟରୁ ଜଣେ......ତା' ଚାଚା ଏ ଦେଶରେ ରହିଯାଇଥିଲେ - ଅବଦୁଲ ଗନୀ ତାର । ଏବଂ ସେ ଥିଲେ ଜଣେ ରାଜନୀତିକ, ପାର୍ଲିଆମେଣ୍ଟ ସଭ୍ୟ । ହେଲେ ଯେତେବେଳେ ପଞ୍ଜାବ୍‌ରେ ଆଫତାବ ଓ ତା'ପରିବାର ଉପରେ ବିପଦ ପଡ଼ିଥିଲା, ଦିଲ୍ଲୀର ସେ କିଛି ଖବର ଅନ୍ତର ପର୍ଯ୍ୟନ୍ତ ଯାଇ ପାରି ନଥିଲେ........

ତାପରେ ଅଫତାବ ପ୍ରତି ବର୍ଷ ଆସୁଥିଲା । ସେ ଦିଲ୍ଲୀରେ ତା ଚାଚା ଘରେ ପହଞ୍ଚିଲା! ମାତ୍ରକେ ହରେକୃଷ୍ଣକୁ ଆସିବାଲାଗି ବମ୍ବେ ଟେଲିଗ୍ରାମ କରୁଥିଲା । ଦିନ ଯାକର ଗୀତ-କବିତା ଆସର ପରେ ସନ୍ଧ୍ୟାରେ ଯେତେବେଳେ ହରେକୃଷ୍ଣ ତା' ଭଉଣୀ ଘରକୁ ଯିବା ଲାଗି ସମୟ ପାଉଥିଲା, ସେତେବେଳେ ମଧ୍ୟ ସେ ଦର୍ଜାରେ ତା' ହାତ ଧରି ପକାଇ କହିଥିଲା ହେଇ ଆଉ ଗୋଟିଏ ମାତ୍ର କବିତା ଶୁଣିଯା ।

ହରେକୃଷ୍ଣ ତା' କବିତା ଭିତରୁ ଗୋଟିଏ ହେଲେ କବିତା ମନେପକାଇବାକୁ ଚେଷ୍ଟା କଲା, ହେଲେ ପ୍ରେତ୍ୟେକଟି କବିତା ଜମାଟ ବାନ୍ଧି ଆଫତାବର ଚେହେରାରେ ରୂପାନ୍ତରିତ ହୋଇ ଯାଇଥିଲା, ସେତେବେଳକୁ । କେବଳ ଗୋଟାଏ ବୋଲି ଚେହେରା ତା' ଆଖି ଆଗରେ ଠିଆ ହୋଇ ରହିଲା-

ଥରେ ଆଫତାବ ଦିଲ୍ଲୀକୁ ଆସିଥିଲା ବେଳେ ଖୁବ୍ ଉଦାସ ଥିଲା । କହିଲା ଏଥରକ ଗଣତାନ୍ତ୍ରିକ ବ୍ୟବସ୍ଥା ଲାଗି ଆମକୁ ସ୍ୱର ଉତ୍ତୋଳନ କରିବାକୁ ହିଁ ହେବ କୃଷ୍ଣ । ନହେଲେ ଆଉ ଗତି ନାହିଁ ।

ପୁଣି ଉଦାସ ହୋଇ କହିଥିଲା, ଦିନେ ମୁଁ ଓ ସଫଦର ଗୋଟାଏ ମଜାର (ମହାପୁରୁଷଙ୍କ ସମାଧି ପୀଠ - ଅନୁ)କୁ ଫାତେହା (ପ୍ରାର୍ଥନା) ପଢ଼ିବାଲାଗି ଯାଇଥିଲୁ । ସେଠାରେ ସଫଦର

Digitized by PPRACHIN, SOA

କହିଲା, ଆଫତାବ, କେବେ କଣ ଆମର ମଜାର ବି ତୋଳା ହେବ ? ହେଲେ କିଏ ଜାଣିଛି ସେଠିକି କେହି ଫାତେହା ପଢ଼ିବାକୁ ଆସିବେ କି ନାହିଁ ? ସେତେବେଳେ ମୁଁ ତାକୁ କହିଥିଲି-ସାମରିକ ପ୍ରଶାସନ ବିରୁଦ୍ଧରେ ଯେତେବେଳେ ବିଦ୍ରୋହ ହେବ, ସେତେବେଳେ ଚାରିଆଡ଼େ ଶବ କୁଢ଼େଇ ପଡ଼ିବ, ସେତେବେଳେ କାହାର କବର ତିଆରି ହେବନାହିଁ କେବଳ ଶାଗୁଣା ମାନେ ଉଡ଼ି ଉଡ଼ି ଆସିବେ ଆମ ଶବକୁ ଖାଇଯିବେ । ବାସ୍ ଏତିକି ?

ସେ କହୁ କହୁ ଖୁବ୍ ଉଦାସ ହୋଇ ଯାଇଥିଲା- କଣ ହରେକୃଷ୍ଣ ତୋର କଣ ମନେ ହେଉଛି ? ଆମେ କେତେ ଦିନ ଆଉ ଗଣତନ୍ତ୍ର ଲାଗି ସ୍ୱର ଉଠାଇବା ନାହିଁ ?

ଆଗ ଆଗ ସେ ସବୁଥର ଦିଲ୍ଲୀ ପହଞ୍ଚିଲା ମାତ୍ରକେ ଟେଲିଗ୍ରାମ କରୁଥିଲା । ହେଲେ ଏଥର୍‌କ କୌଣସି କାର୍ଯ୍ୟ ବଶତଃ ସେ ସିଧା ସଳଖ ବମ୍ବେ ଚାଲି ଆସିଥିଲା । ହରେକୃଷ୍ଣ ଆଫତାବର ଚିଠିରେ ଲେଖା ଘର ଠିକଣା ପଢ଼ିକି ପକେଟରେ ରଖିନେଲା । ଶୋଇଲା ବେଳେ ନିଜକୁ ବାରମ୍ବାର ତାଗିଦ୍ କରିଥିଲା ଯେ ଯେମିତି ହେଲେ ବି ସକାଳ ସାତଟା ଆଗରୁ ତାକୁ ଉଠିବାକୁ ପଡ଼ିବ ।

ସେ ସକାଳ ନ'ଟା ଆଗରୁ ଖାର୍ ପହଞ୍ଚି ଯାଇଥିଲା । ବାଟରେ ଇରାନୀର ହୋଟେଲରେ ଚା' କପେ ଖାଇବାକୁ ମଧ୍ୟ ଅଟକି ନଥିଲା । ସେ ଦର୍ଜାରେ ନକ୍ କଲା ମାତ୍ରକେ ଆଫତାବ ହିଁ ଦର୍ଜା ଖୋଲିଥିଲା । ତାକୁ ନାଇଟ୍ ଡ୍ରେସରେ ଦେଖି ଆଲିଙ୍ଗନ କରି କୃଷ୍ଣ କହିଥିଲା-'ତୁ ଏ ଯାଏ ପ୍ରସ୍ତୁତ ହୋଇନୁ -ଚାଲ ଲୁଗା ପିନ୍ଧି ପକା । ବୁଲିବାକୁ ଯିବା ।'

ଆଫତାବ ଖୁବ୍ ନରମା ଭାବରେ ଉତ୍ତର ଦେଇଥିଲା-ମୁଁ କୁଆଡ଼େ ଯାଇ ପାରିବି ନାହିଁ । ଏବଂ ଟାଟା ହସପିଟେଲକୁ ଯିବାର ଅଛି-ମୋତେ କ୍ୟାନ୍‌ସର । ହରେକୃଷ୍ଣ ପ୍ରକୃତରେ ତା'କଥାରେ ବିଶ୍ୱାସ କରି ପାରି ନଥିଲା । କହିଥିଲା-ଭଲା ସୂର୍ଯ୍ୟକୁ କେନ୍‌ସର ହୋଇପାରେ ? ଅଫତାବ୍ ହସି ଦେଇ କହିଥିଲା-ନାଁଟା ଆଫତାବ୍, ସୂର୍ଯ୍ୟ ହେଲେ କ'ଣ ହେବ ? ଭାଇ ମୁଁ ତ ମାଟିର ସୂର୍ଯ୍ୟ ସେଇଥିଲାଗିତ............

ଏବଂ ସେ ତା ବେକ ପାଖର ଗୋଟାଏ ଚିହ୍ନକୁ ଦେଖାଇଥିଲା । କହିଥିଲା-ଏଇଟା ହୃତପିଣ୍ଡଠୁ ଆରମ୍ଭକରି ଏବେ ବେକର ବାୟୁନଳୀ ପର୍ଯ୍ୟନ୍ତ ଆସି ଗଲାଣି । ବାସ ତୋତେ ଥରେ ଦେଖିବାର ଥିଲା, ତେଣୁ କାଲି ରାତିରେ ଖବର ଦେଇ ଆସିଥିଲି..........

କେତେଦିନ ରହିବୁ ଏଠି ? ହରେକୃଷ୍ଣ ପଚାରିଥିଲା ବେଳେ ସେ କହିଲା-ବାସ୍ ଜୀବନର ଫାଶଟା ବେକରେ ଲାଗିଛି । ସେଇଟା ଯାହା ଖୋଲିବାର ଅଛି । ଯେତେବେଳେ ବି ଖୋଲୁ-ତୁ କାଲି ପୁଣି ଆସିବୁ କୃଷ୍ଣ । ମୋତେ ଭେଟି ଯିବୁ ।

ହରେକୃଷ୍ଣ ଯେତେବେଳେ ଉଠିକି ଆସିବାକୁ ଲାଗିଥିଲା,ଆଫତାବ୍ ଦର୍ଜା ପାଖକୁ ଆସି କହିଥିଲା-ଆରେ କବିତାଟିଏ ଶୁଣିଯା ।

Digitized by PPRACHIN, SOA

ତା'ଆରଦିନ ଆଫତାବ ଦିଲ୍ଲୀ ଯିବା ଲାଗି ପ୍ରସ୍ତୁତ ହୋଇ ଯାଇଥିଲା । କେଜାଣି ଟାଟା ହସ୍‌ପିଟାଲବାଲେ ତାକୁ କଣ କହିଥିଲେ? ଆଫାତାବ ନିଜେ ଜାଣି ନଥିଲା । ତେଣୁ ହେରେକୃଷ୍ଣ ମଧ୍ୟ ଜାଣି ନଥିଲା ସେ କଥା ।

— ମୁଁ ପରଦିନ ଦିଲ୍ଲୀ ଯିବି । ସେ ଦିନ ହରେକୃଷ୍ଣ ତାକୁ ବିଶ୍ୱାସ ଦେଇ କହିଥିଲା, ତା'ପରେ ଆମେ ଦିଲ୍ଲୀରେ କାବ୍ୟ କବିତା ଆସର କରିବା ।

ସେ ପରଦିନଟା ବି ଆସିଗଲା । ହରେକୃଷ୍ଣ ଦିଲ୍ଲୀ ମଧ୍ୟ ପହଞ୍ଚିଗଲା । ସେଠି ୱିଲିଗଡ଼ନ ହସ୍ପିଟାଲରେ ଆଫତାବର ଚେକିଂ ଚାଲିଥିଲେ ମଧ୍ୟ ସେ ଓ ଆଫତାବ୍ ଦିପହରବେଳେ କନାଟ୍‌ପ୍ଲେସରେ ଘୁରି ବୁଲୁଥିଲେ ଏବଂ ସନ୍ଧ୍ୟାବେଳେ କାବ୍ୟ କବିତା ଆସର ମଧ୍ୟ କରୁଥିଲେ ।

ଦିନେ ଶେବଲର୍‌ରେ ଚା ଖାଉଁ ଖାଉଁ ଆଫତାବ କହିଲା କୃଷ୍ଣ ଏ ପୃଥିବୀଟା ଖୁବ୍ ସୁନ୍ଦର । ଏବେ ମୋର ମରିଯିବାର ଅଛି ତ ତେଣୁ ପୃଥିବୀଟା ଆହୁରି ସୁନ୍ଦର ମନେ ହେଉଛି ।

ସେ ପୁଣି କହିଲା, ମୁଁ ଯେତେଥର ବି ଏଠିକି ଆସିଛି । ତୁ କିଛି କିଣିକି ମୋତେ ପ୍ରେଜେଣ୍ଟ କରିଛୁ । ହେଲେ କିଛି କିଣିକି ତୋତେ ପ୍ରେଜେଣ୍ଟେ କିରବାକୁ ଖୁବ୍ ଇଛା ହେଉଛି ।

ଘରୁ ଆସିଲାବେଳେ ଅଫ୍‌ତାବର ବାବା ହରେକୃଷ୍ଣକୁ ତାଗିଦ୍ କରି ଦେଇଥିଲେ ଯେ ତାକୁ କ୍ଳାନ୍ତି ହେବାକୁ ମୋଟେ ଦେବୁ ନାହିଁ । ବାସ୍ କେଉଁଠି ବସି ଚା କି କୋକା କୋଲା ଖାଇ ଫେରି ଆସିବ ।

ହରେକୃଷ୍ଣ ସେ ଦିନ ଆଫତାବକୁ ଉପହାର କିଣିବାର ଘୂରା ଫେରା କଷ୍ଟରୁ ରକ୍ଷା କରିବାକୁ ଚାହିଁଥିଲା ହେଲେ ଇଂପୋରିୟମଟା ବେଶୀ ଦୂର ନଥିଲା । ଆଫତାବ ତାକୁ ଟାଣି ଟାଣି ଇଂପୋରିୟମ ଭିତରକୁ ନେଇଗଲା ଓ ହରେକୃଷ୍ଣ ଲାଗି ର' ସିଲକର ଦି ଖଣ୍ଡ କୁର୍ତ୍ତା କିଣିଦେଲା ।

ଘରେ ପହଞ୍ଚିଲା ମାତ୍ରକେ ବାବା କହିଥିଲେ ଯେ ତା'ପରଦିନ ହରେକୃଷ୍ଣକୁ ଘରକୁ ପିଠାଇବାକୁ ହେଉଛି । ସାଙ୍ଗରେ ଯିବା ଲାଗି ଜଣେ ନର୍ସର ବନ୍ଦୋବସ୍ତ ମଧ୍ୟ କରି ଦିଆଯାଇଛି ।

ହସ୍‌ପିଟାଲ ରିପୋର୍ଟ କଣ ଆସିଲାଣି ? ସେ ଓ ଆଫତାବ୍ ଯେମିତି ଏକା ସାଙ୍ଗରେ ପଚାରି ଉଠିଥିଲେ । ଉତ୍ତର ମିଳିଥିଲା-'ରିପୋର୍ଟ ଠିକ୍ ଅଛି । ହେଲ ସେ ପଟୁ ମା'ଙ୍କ ଟେଲିଗ୍ରାମ ଆସିଛି ତାକୁ ଶୀଘ୍ର ପଠାଇବାଲାଗି ।' ହେଲେ ଏକଥା ପରେ ଜଣା ପଡ଼ିଲା ଯେ କୌଣସି ଟେଲିଗ୍ରାମ ଆସି ନଥିଲା । ହସପିଟାଲ୍‌ବାଲେ କହିଥିଲେ ଯେ ସେ ଆଉ ଚାରିପାଞ୍ଚ ଦିନର ଅତିଥି । ଏବଂ ତା ମା ଶେଷ ଥର ଲାଗି ଅନ୍ତତଃ ତା' ମୁହଁ ଥରେ ଦେଖନ୍ତୁ ବୋଲି ତା-ବ୍ବାବା ବାଆଁରେଇ ଦେଇ ପାରି ନଥିଲେ । ଏବଂ ଯିବା ଦିନ ତାକୁ ବିଦାୟ ଦେବାକୁ ଆସିଥିବା ହରେକୃଷ୍ଣକୁ ସେ ବାରମ୍ବାର କହୁଥିଲା, କୃଷ୍ଣ ଆଜି ଗୁଡ଼ାଏ କବିତା ଶୁଣିଯା' । ହରେକୃଷ୍ଣର ମନେ ହେଲା-ର ସିଲ୍‌କର ସେଇ ଦି'ଖଣ୍ଡ ଜାମା ତା' ଜୀବନରେ ଯେମିତି ସବୁଦିନ ରହିଥିବ । କେବେ ହେଲେ ଅଲଗା ହେବ ନାହିଁ ।

Digitized by PPRACHIN, SOA

ପନ୍ଦର

କେଜାଣି ଆଜି ରାତିଟା କେମିତି ପ୍ରଳୟଂକାରୀ-

ହରେକୃଷ୍ଣର ମନେହେଲା-ଯେ ଯେତେ ଆଉଟି ପାଉଟିଲେ ମଧ୍ୟ କଥାଟାକୁ ସେ ଯେମିତି ଧରି ପାରୁ ନାହିଁ ଆଉ ଗୋଟିଏ କବିତା ଶୁଣ । ହେଲେ ହଠାତ୍ ତା' ମୁହଁରୁ ବାହାରି ପଡ଼ିଲା- ଆଫତାବ୍ ତୁ କୁଆଡ଼େ ଚାଲିଗଲୁ ? ମୋତେ ଶୁଣେଇବା ଲାଗି ପାଖରେ କେତେ କେତେ କବିତା ଥିଲା ।

ଆଜି ସେ ଇଲାର ସ୍ମୃତିକୁ ଆଫତାବ୍ ଓ ସାହିରର ସ୍ମୃତି ସଙ୍ଗେ ମିଶାଇ ଦେବାକୁ ଚାହୁଁ ନଥିଲା । ହେଲେ ଆଫତାବ୍‌ର ଏ କାବ୍ୟ କବିତା କଥାଟା ଏକ ବାଟଗଲା କଥାକୁ ତା' ସହିତ ଯୋଖି ନେଇଥିଲା । ହରେକୃଷ୍ଣର ମନେ ପଡ଼ିଲା ତା' ଜୀବନର ସେଇ ସମୟ କଥା, ଯେତେବେଳେ ଇଲା ତା'ଠୁ ଚିତ୍ରକଳା ଶିଖିଲାବେଳେ କହିଥିଲା- 'ଆମେ ଯେତେବେଳେ ବାହାହେବା ଆମ ଘରେ ସଙ୍ଗୀତ ଓ କବିତା ଆସର ମଧ୍ୟ ନିୟମିତ ହେବ ମୁଁ ସଙ୍ଗୀତକୁ ଖୁବ୍ ଭଲପାଏ, କାବ୍ୟ କବିତାକୁ ମଧ୍ୟ.......'

ସେ ଗୁଜରାଟୀ ଝିଅଟା ଦିନେ ଜଣେ କାହା ମାଧ୍ୟମରେ ତାକୁ ଭେଟିବାକୁ ଭୁଲାଭାଇ ଇନ୍‌ଷ୍ଟିଚ୍ୟୁଟକୁ ଆସିଥିଲା । ତା ଚିତ୍ରକଳା ସପକ ଜଣେ ଅଭିଜ୍ଞ ଦିଗଦର୍ଶକ ଆବଶ୍ୟକ କରିଥିବା କଥା ପ୍ରକାଶ କରିଥିଲା..... ଏକଥା ଶୁଣି ହରେକୃଷ୍ଣ କହିଥିଲା— ଆଛା ବେଳେ ବେଳେ ତମେ ମୋ ଷ୍ଟୁଡ଼ିଓକୁ ଚାହିଁଲେ ଆସିପାର ।

ଏବଂ ସେ ବେଳେ ବେଳେଟା ଖୁବ୍ ଶୀଘ୍ର ବରାବରରେ ପରିଣତ ହୋଇଥିଲା ।

ତା'ପରେ ବରାବରଟା ବି ନିତ୍ୟପ୍ରତିରେ ପରିଣତ ହୋଇଥିଲା । ଇଲାର ମା ହରେକୃଷ୍ଣର ଔପଚାରିତାକୁ ଖୁବ୍ କମ୍ ଦିନରେ ଅନୌପଚାରିକତାରେ ପରିଣତ କରିଦେଇଥଲେ । ଇଲା ଖୁବ୍ ସ୍ୱପ୍ନବିଭୋର ଝିଅ । ସବୁବେଳେ ଭରପୁର । ସେ ତା ଚିତ୍ରକଳା ପ୍ରଦର୍ଶନୀ ନିମନ୍ତେ-ଏତେଟା ବ୍ୟାକୁଳ ଥିଲା ଯେ ହରେକୃଷ୍ଣ ଗୁଡ଼ିଏ ଚିତ୍ର ତା ନାଁରେ ନିଜେ ତିଆରି କରି ଦେଇଥିଲା ।

ପ୍ରଦର୍ଶନୀ ପ୍ରସିଦ୍ଧିର ସ୍ୱପ୍ନ ପୂର୍ଣ୍ଣ ହେଲା ପରେ ସେ ସଂଗୀତ ଓ କବିତାର ସ୍ୱପ୍ନରେ ବୁଡ଼ି ଗଲା ।

ଇଲା ମୁହେଁ ମୁହେଁ କିଛି ପଦ ଯୋଡ଼ି ଦେଇପାରୁଥିଲା । ହେଲେ ହରେକୃଷ୍ଣ ତା' କବିତା ଖାତାଟା ସାହିର୍ ଆଗରେ ଥୋଇ କହିଥିଲା ଭାଇ, ଏ ଧାଡ଼ିଗୁଡ଼ିକ କବିତା କରି ଦେ ।

ସେ କାଗଜ ସବୁକୁ ସାହିରର କଲମ ଛୁଇଁ ଦେଲା ପରେ ହରେକୃଷ୍ଣ ସେ ସବୁ ଜୟଦେବ ସାମ୍ନାରେ ଥୋଇ କହିଥିଲା ଭାଇ, ଏ ଗୀତମାନଙ୍କୁ ସୁର ଦେଇ ଦେ ।

ହରେକୃଷ୍ଣର ମନେ ପଡ଼ିଲା ଯେ ଜୟଦେବ ଯେତେବେଳେ ଲୁଧିଆନାରେ ପଢୁଥିଲା,

Digitized by PPRACHIN, SOA

ସେତେବେଳେ ପ୍ରାରମ୍ଭିକ ପ୍ରେମାବେଶରେ ସେ ଯୋଉ ଚିଠି ନିଜର ପ୍ରିୟତମାକୁ ଲେଖିବାକୁ ଚାହୁଁଥିଲା । ସେଇଟା ହରେକୃଷ୍ଣ ଠାରୁ ଲେଖଉଥିଲା । ଯା ପଛରେ ବି ଏକ କାରଣ ଥିଲା- ଯଦି ଝିଅର ବାପା ଦ୍ୱାରା ସେ ସବୁ ଧରାପଡ଼େ, ତେବେ ଅକ୍ଷର ଚିହ୍ନଟ କରାଯାଇ ପାରିବ ନାହିଁ ଏବଂ ତା'ର ତା' ଘରକୁ ଯିବା ଆସିବା ବନ୍ଦ ହୋଇ ପାରିବ ନାହିଁ ।

ସେ ଯେତେବେଳେ ଇଲାର ଗୀତ ଖାତା ନେଇ ଜୟଦେବ ପାଖକୁ ଗଲା, ସେତେବେଳେ ସେ ଚିଠି ଲେଖାଇବା କଥା ତା'ର ମନେ ନଥିଲା । ହେଲ ଜୟଦେବର ମନେ ପଡ଼ିଗଲା ସେ କଥା । ସେ କହିଲା, 'କେବେ ଗୋଟାଏ ସମୟ ଥିଲା, ଯେତେବେଳେ ମୁଁ ତୋତେ କହୁଥିଲି' ଦେନୁ ଦେନି ଆଁ ଫଜ୍‌ ପତାସେ ୱେ ମୁନ୍‌ସି ଖତ୍‌ ଲିଖ୍‌ ଦେ (ହେ ମୁନ୍‌ସୀ, ମୁଁ ତୋତେ ପାଞ୍ଚଟା ବାତାସା ଦେବି, ମୋ ଚିଠିଟେ ଲେଖି ଦେ' — ଅନୁ) ଆଉ ଆଜି ତୋ ସମୟ ଆସିଛି ମୋତେ ପାଞ୍ଚଟା ବତାସା ଦେବାର ।

ଜୟଦେବ ପଂକ୍ତି ସବୁକୁ ସୁରରେ ଢାଳୁଥାଏ ଏବଂ ଇଲା ହରେକୃଷ୍ଣ ସଙ୍ଗେ ଯାଇ ସେ ସୁରକୁ ନିଜ ସ୍ୱରରେ ମିଳାଇବାକୁ ଚେଷ୍ଟା କରୁଥାଏ ।

ଥରେ ଜୟଦେବ ଘରକୁ ବର୍ମନ ଦା ଆସିଥାନ୍ତି । ହରେକୃଷ୍ଣ ସଙ୍ଗେ ଇଲାକୁ ଦେଖି ଯେତେବେଳେ ଜୟଦେବେ ତା' ଆର ଦିନର ଗୀତଟା ଅଭ୍ୟାସ କରାଇବା ଲାଗି ହାରମୋନିୟମ୍‌ଟା ଆଗେଇ ଦେଲା, ସେତେବେଳେ ହରେକୃଷ୍ଣ ମନେ ମନେ ଯେମିତି ସଙ୍କୁଚିତ ହୋଇ ପଡ଼ିଥିଲା ।

ତାର ମନେ ପଡ଼ିଲା ଯେଉଁ ସମୟରେ ପ୍ୟାସା ଫିଲ୍ମର ନିର୍ମାଣ ଚାଲିଥିଲା, ସାହିରର ଗୀତମାନଙ୍କର ଧୂନ୍‌ ତିଆରି କରି ବର୍ମନ ଦା ଯେତେବେଳେ ତା'ର ରିହର୍ସାଲ କରାଉଥିଲେ, ସେତେବେଳେ ହରେକୃଷ୍ଣ ମଧ୍ୟ ଅନେକ ଥର ସେଠି ଥିଲା । ଏବଂ ଧୀରେ ଧୀରେ ବର୍ମନ ଦା' ହରେକୃଷ୍ଣ ପ୍ରତି ଏମିତି ଆକର୍ଷିତ ହେଲେ ଯେ ସେ ନିଜ ରୂପାର ପାନ ବଟୁଆ କାଢ଼ି ଯେତେବେଳେ ପାନ ଖାଆନ୍ତି; ହରେକୃଷ୍ଣକୁ ମଧ୍ୟ ନିଶ୍ଚିତ ଭାବରେ ପାନ ଖଣ୍ଡେ ବଢ଼େଇ ଦିଅନ୍ତି । କହନ୍ତି, ହୋରୀ କୃଷ୍ଣ ପାନ୍‌ ଖାଓ । ତା ସାଙ୍ଗକୁ ବିଭିନ୍ନ ପାନର କିସମ ସମ୍ପର୍କରେ ମଧ୍ୟ ବଖାଣି ଚାଲିଥାନ୍ତି ଯେ ମଘୟ ପାନର ପତ୍ର ଖୁବ୍‌ ଛୋଟ ମହୋୟାପାନ ଖୁବ୍‌ ବଡ଼ କିନ୍ତୁ କୁରମୁରିଆ.........

ହରେକୃଷ୍ଣର ପାନଖିଆ ଅଭ୍ୟାସ ନଥିଲା । ହେଲେ ଜୟଦେବ ତାକୁ କାନେ କାନେ କହି ଦେଇଥାଏ ଯେ ବର୍ମନ ଦା' ପାନ ଦେଲେ କେବେ ହେଲେ ମନା କରିବୁ ନାହିଁ । ସେ ଯାହାକୁ ଭଲ ପାଆନ୍ତି; କେବଳ ତାକୁ ହିଁ ପାନ ଦେଇଥାନ୍ତି ।

ଥରେ ତ ବର୍ମ ଦା' ଗୋଟାଏ ଗୀତର ଧୂନ୍‌ ତିଆରିଲା ବେଳେ ପାଖ ଆଖରେ ବସିଥିବା ସମସ୍ତଙ୍କ ଆଡୁ ଧ୍ୟାନ ହଟେଇ ହରେକୃଷ୍ଣକୁ ପଚାରିଥିଲେ, କହ ଚିତ୍ରକର, କେମିତି ଲାଗୁଛି ? କେମିତି ଇମେଜ୍‌ ତିଆରି ହେଉଛି ଧୂନର ?

ହରେକୃଷ୍ଣ ପକୃତରେ ସେ ଧୂନ ଭିତରେ ହଜି ଯାଇଥିଲା । ତନ୍ଦ୍ରାଛନ୍ନ କଣ୍ଠରେ କହିଲା-

Digitized by PPRACHIN, SOA

ମନେ ହେଉଛି ଯେମିତି ଜହ୍ନରାତି । ପାଖ ଆଖରେ ନଡ଼ିଆର ବଡ଼ ବଡ଼ ଗଛ ସବୁ । ତା ପାଖକୁ ଲାଗି ଏକ ବଡ଼ ହ୍ରଦ । କାଚ୍‌କେନ୍ଦୁପରି ପାଣି । ହ୍ରଦରେ ନାଆ ଖଣ୍ଡେ ଭାସୁଛି ଏବଂ ସେ ନାଆରେ ମୁଁ ଯେମିତ ମୋ ପ୍ରିୟତମା ସଙ୍ଗେ ଜଳକେଳି କରୁଛି ।

ସେଦିନ ବର୍ମନ ଦା ସେଠାରେ ବସିଥିବା ସମସ୍ତଙ୍କୁ ସମ୍ବୋଧନ କରି ଗଦ୍ ଗଦ୍ କଣ୍ଠରେ କହିଥିଲେ- ଦେଖିଲ ଇଏ ଜଣେ ଚିତ୍ରକର ତ ସେଥିଲାଗି ବୁଝିପାରିଛି । ଗୀତର ଦୃଶ୍ୟ ଭାବ ।

ଏବଂ ଦିନେ ଯେତେବେଳେ ସେ ଏକଲା ଥିଲେ ଖୁବ୍ ଭାବପ୍ରବଣ ହୋଇ କହିଥିଲେ, ହୋରୀକୃଷ୍ଣ, କାମିନୀ କୋଞ୍ଚନ ପଛରେ କେବେହେଲେ ଗୋଡ଼ାଇବୁ ନାହିଁ । ତୁ ଜଣେ ଭୋଲ ଆର୍ଟିଷ୍ଟ । ତେଣୁ ତୋତେ କହୁଛି ।

ବର୍ମନ ଦା'ଙ୍କ ବଙ୍ଗାଳୀ ଉଚ୍ଚାରଣ ବେଳେବେଳେ ବୁଝିବାକୁ କଠିନ ହୋଇଥାଏ । ତେଣୁ ଭୋଲ ଓ କୋଞ୍ଚନ ଶବ୍ଦଟା ବୁଝିବାରେ ଡେରି ହେଲା । ହେଲେ ହରେକୃଷ୍ଣ ଯେତେବେଳେ ବୁଝିପାରିଲା ଯେ ସେ କାମିନୀ, କାଞ୍ଚନ ମାୟାରୁ ପଥ୍ୟ କରିବା ଲାଗି କହୁଛନ୍ତି । ସେ ସଙ୍ଗେ ସଙ୍ଗେ ତତ୍ପରତା ସହକାରେ ରାଜି ହୋଇଗଲା । ଏ କଥାଟା ତା' ଚିନ୍ତାଧାରା ଲାଗି ମଧ୍ୟ ଥିଲା ଅନୁକୂଳ ।

ଏବେ ଯେତେବେଳେ ସେ ଇଲା ସହିତ ସାମ୍ନାରେ ଆସି ବସିଥିଲା । ହରେକୃଷ୍ଣର ସେଦିନର କାମିନୀ-କାଞ୍ଚନ କଥା ମନେ ପଡ଼ିଗଲା । ଆଉ ସେ କଥା ମନେ ପଡ଼ିଲା ମାତ୍ରକେ ସେ ଯେମିତି ଅପ୍ରତିଭ ହୋଇ ପଡ଼ିଲା ।

ଜୟଦେବ ବର୍ମନ ଦା'ଙ୍କ ସଙ୍ଗେ ଅନେକ ବର୍ଷ ଧରି କାମ କରି ଆସୁଥାଏ । ତେଣୁ ସେ ସେହି ଆଦର ସହକାରେ ବର୍ମନ ଦା'ଙ୍କୁ କହିଲା-'ଦାଦା ଆପଣ ଏ ଝିଅଟିକୁ ସ୍ୱରଜ୍ଞାନ ଦିଅନ୍ତୁ । ଇଏ ଖୁବ୍ ଭଲ ଗାଉ ବୋଲି ହରେକୃଷ୍ଣ ଚାହାନ୍ତି ।'

ଏ କଥା ଶୁଣିଲା ମାତ୍ରକେ ହରେକୃଷ୍ଣର ସଙ୍କୋଚ୍ ଭାବ କିଛିଟା କଟିଗଲା । ଯେତେବେଳେ ଖୋଦ୍ ବର୍ମନ ଦା ଇଲାକୁ ସ୍ୱରର ଆରୋହ ଅବରୋହ ବତେଇବାକୁ ଲାଗିଲେ ସେତେବେଳେ ତାର ସେ ଅପ୍ରତିଭ ଭାବଟା ଆହୁରି କମିଗଲା ।

ପ୍ରକୃତରେ ହରେକୃଷ୍ଣ ସେ ରାଧାର ସ୍ୱପ୍ନଟାବି ଅନେକ ଦିନ ହେଲା ଛାଡ଼ି ସାରିଥିଲା । ରୁକ୍ମିଣୀ ବାଲା ସ୍ୱପ୍ନବି । ହେଲେ ଇଲା ସେ ସ୍ୱପ୍ନର ଭଙ୍ଗା ତାରକୁ ପୁଣି ଥରେ କୋଉଠି ଯୋଡ଼ି ଦେଇ ଥିଲା ଏବଂ କହିଥିଲା- 'ଆମେ ଦୁହେଁ ମିଶିକି ଘର କରିବା । ତେବେ ଘରର ଖର୍ଚ୍ଚ କେମିତି ତୁଲାଇବା ?'

ମୋ କଳା ମୋତେ ଖାଇବା ଯୋଗ୍ୟ ପଇସା ଯୋଗାଇ ଦେଇ ପାରିବ । ହରେକୃଷ୍ଣ ତାକୁ ବିଶ୍ୱାସ ଦେଇଥିଲା । ଅବଶ୍ୟ ଏ କଥା ସେ ପରେ ଜାଣିଲା ଯେ ଇଲାର ସ୍ୱପ୍ନ ଗୁଜରାଣ ମେଣ୍ଟାଇବା ଭଳି ଜିନିଷରୁ ଥିଲା ଖୁବ୍ ବଡ଼ । ସେ କହୁଥିଲା, ବେଳେ ବେଳେ ଅନେକ ଦିନ ଧରି କୌଣସି କାନ୍‌ଭାସ ବିକ୍ରି ହୁଏ ନାହିଁ । ଘରର ଗୁଜରାଣ ନିମନ୍ତେ ତ ନିୟମିତ ଟଙ୍କା

Digitized by PPRACHIN, SOA

ଦରକାର । ତମେ ଏମିତି କର ଯେ ଦିନ ବେଳେ କୋଉଠି ଚାକିରୀ ଖଣ୍ଡେ କରିନିଅ । ତା'ପରେ ଆମ ରାତିଟା ନିଦଙ୍କ ହୋଇଯିବ ।

ହରେକୃଷ୍ଣ ବାଣିଜ୍ୟ ମନ୍ତ୍ରାଳୟର ବୁଣାକାର ସେବା କେନ୍ଦ୍ରରେ ଡେପୁଟି ଡାଇରେକ୍ଟରର ଚାକିରୀ ସ୍ୱୀକାର କରି ନେଇଥିଲା ।

କୌଣସି ରକମ ବାକିରୀ ବାକିରୀ କେବେହେଲେ ହରେକୃଷ୍ଣର ସ୍ୱପ୍ନରେ ସାମିଲ ହୋଇ ପାରି ନଥିଲା । ହେଲେ ସେ ଇଲାର କଥା ଆଗ୍ରାହ୍ୟ କରି ପାରି ନଥିଲା ।

ଇଲା ମାସେ ଦି ମାସ କିଛି କହିଲା ନାହିଁ । ତା ପରେ କହିଥିଲା-ଯାବତୀୟ ଖର୍ଚ୍ଚ ବାର୍ଚ୍ଚର ହିସାବ ମୁଁ ରଖିବି । ତମେ ତମର ଦରମାଟା ପାଇଲା ମାତ୍ରକେ ମୋ ହାତରେ ଦେଇଦେବ ।

ଦରମାଟା ସେହିପରି ପ୍ରତିଦିନ ସନ୍ଧ୍ୟାରେ ଚା ଓ ମହଙ୍ଗା ହୋଟେଲର ଖାନାରେ ଖର୍ଚ୍ଚ ହେଉଥିଲା । ହେଲେ ଠିକ୍ ସେତିକିବେଳେ ହରେକୃଷ୍ଣର ଖିଆଲ ଆସିଲା ଯେ ସେ ଗତ କେତେ ମାସ ହେଲା କିଛି ହେଲେ ପେଣ୍ଟ କରି ନାହିଁ । ଦିନ ସାରାତ ଚାକିରୀରେ କଟିଯାଏ ଏବଂ ଦରମାଟା ସନ୍ଧ୍ୟାର ଚା ଖାଇବାରେ.........

ଦିନକର ସେ ଖୁବ୍ ଉଦାସ ଥିଲା । ନିଜର ଉଦାସି ଭାବକୁ ସେ ଇଲା ସହ ସେୟାର କଲା । ଯେତେବେଳେ ଇଲା ତା ଉଦାସିଆ ଭାବକୁ ବୁଝି ପାରିଲା ନାହିଁ; ସେତେବେଳେ ହରେକୃଷ୍ଣର ବିସ୍ମୟର ସୀମା ରହିଲା ନାହିଁ । କହିଲା ମୁଁ ଦିନ ସାରା ଘରେ ରହି ପେଣ୍ଟ କରିବି ।

ହେ ଭଗବାନ ! ହରେକୃଷ୍ଣର ଟେବୁଲ ଉପରେ ଥିବା ସବୁଯାକ ରଙ୍ଗ ଯେମିତି ଥରି ଉଠିଲେ ।

ସେତେବେଳେ ହରେକୃଷ୍ଣ କପାଳର ରେଖାପରି ସ୍ପଷ୍ଟ ଭାବରେ ବୁଝିବାକୁ ପାଇଲା ଯେ ସେ ଦିନସାରା ମନ ମାରି କେବଳ ଟଙ୍କା ରୋଜଗାର କରିବ ଏବଂ ଇଲା ଦିନସାର ଘରେ ବସି ଚିତ୍ର ଆଙ୍କିବ ଯାହାକୁ ରାତିରେ ପୁଣି ହରେକୃଷ୍ଣକୁ ହିଁ ସୁଧାରିବାକୁ ପଡ଼ିବ । ଏବଂ ଇଲା ଏମିତ ସବୁ ଗୀତ ଲେଖିବ, ଯାହାକୁ ସାହିର୍ ପାଖକୁ ନେଇ କବିତାରେ ପରିଣତ କରାଇବାକୁ ପଡ଼ିବ ଏବଂ ଏମିତି ହିଁ ସ୍ୱର-ଯାହାକୁ ପରେ ଜୟଦେବ.........

ଏବଂ ତା ଆରଦିନ ହରେକୃଷ୍ଣ ସାତ, ଆଠ ମାସର ଚାକିରୀରୁ ଇସ୍ତଫା ଦେଇ ଦେଇଥିଲା ।

ତା' ଆରଦିନ ତା' ଟେବୁଲରେ ରଖାଯାଇଥିବା ବ୍ରସ୍‌ରେ ହାତ ଲଗାଇଲା ମାତ୍ରକେ ତା'ହାତଟା ଆନନ୍ଦରେ କୁରୁକି ଉଠିଲା ।

ଆଫତାବର ସ୍ୱରଟା ଏବେ ମଧ୍ୟ ବାତାବରଣରେ ପ୍ରତିଧ୍ୱନିତ ହେଉଥିଲା । 'ହରେକୃଷ୍ଣ ଆଉ ଗୋଟାଏ କବିତା ଶୁଣି ଯା' ।

Digitized by PPRACHIN, SOA

ହେଲେ ହରେକୃଷ୍ଣ ଏକ ଅସହାୟ ବିବଶତାରେ ବୁଡ଼ିଗଲା ଯେ ସେ ଆଫତାବ୍‌କୁ ରଙ୍ଗ ଓ କବିତାର କାହାଣୀ ଆଉ ଶୁଣାଇ ପାରିବ ନାହିଁ ।

ତା' ହାତଟା ସହଜ ଭାବରେ ସେ ପିନ୍ଧିଥିବା ସାର୍ଟ ଗଳାରେ ବାଜିଗଲା ଏକ କୋମଳତାର ଅନୁଭୂତିରେ ହାତଟା ତାର ଶିହରି ଉଠିଲା । ସତେ ଯେପରି ସେତେବେଳେ ମଧ୍ୟ ଆଫତାବ୍ ଉପହାର ଦେଇଥିବା ର' ସିଲ୍‌କର ସାର୍ଟ ଖଣ୍ଡକ ସେ ପିନ୍ଧିଚି ।

ଷୋହଳ

ହରେକୃଷ୍ଣ, ସହଜ ମନରେ ପଥର କାଛ କଡ଼େ କଡ଼େ ଚାଲି, ପାଣି ଲହଡ଼ିରେ ଓଦା ହୋଇଯାଇଥିବା ପଥର ସବୁକୁ ହାତରେ ଆଉଁସିବାକୁ ଲାଗିଲା ।

ମନେହେଲା-କେତେକ ସ୍ମୃତିର ମହକ କେବେ ହେଲେ ମରେ ନାହିଁ ଆଉ ମଧ୍ୟ ଏମିତି କେତେକ ସ୍ମୃତି ରହିଛି, ଯାହା ଭିତରେ ଭାଙ୍ଗି ଯାଇଥିବା କଣ୍ଟା ପରି ଭିତରେ ଭିତରେ ବର୍ଷ-ବର୍ଷ ଧରି ଟପ୍ ଟପ୍ କରୁଥାଏ ।

ମନେ ପଡ଼ିଲା ଏଇ କାଳ ଖଣ୍ଡ ଭିତରୁ ବାହାରିବା ଲାଗି ସେ ଦେବ ପ୍ରୟାଗ ଭଳି କୌଣସି ଏକ ଦୀର୍ଘ ଯାତ୍ରା କରିବାକୁ ଚାହିଁଥିଲା-

ଇଲା ପ୍ରତି ତା' ମନରେ କୌଣସି ରକମ ପ୍ରେମଭାବ ଜାଗ୍ରତ ହୋଇ ନଥିଲା । କିନ୍ତୁ ଇଲାର ନିତ୍ୟ ପ୍ରତି ଯିବା ଆସିବା ସେ ଭାବନାକୁ ଜାଗ୍ରତ କରି ଦେଇଥିଲା । ସେତେବେଳେ ଘର ଅବସ୍ଥା ଏମିତି ହେଲା ଯେ ଅଧରାତିରେ ଅଚାନକ ତା' ନିଦ ଭାଙ୍ଗିଯାଉଥିଲା । ସେତେବେଳେ ତା' ଶ୍ୱାସଟା ଯେମିତି ରୁନ୍ଧି ରୁନ୍ଧି ହୁଏ । ସେ ଚେଇଁ ଉଠେ । ଭାବେ ଯେ ଇଲାକୁ ମଧ୍ୟ ସେହି ପରି ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହେଉଥିବ ।

ଇଲାର ଏ କଷ୍ଟ, ଏଇଟା ଥିଲା ଏକ ପୁରୁଣା ରୋଗ । ହେଲେ ହରେକୃଷ୍ଣ ନିଜ ପ୍ରତି ତାର ମାନସିକ ସଙ୍କ୍ରମଣ କରାଇ ନେଇପାରିଥିଲା ।

ସେ ପ୍ରତି ଦିନ ଖବର ନିଏ ଯେ ଗତ ରାତିରେ ଇଲାର କେତେବେଳେ ଶ୍ୱାସ କଷ୍ଟ ହୋଇଥିଲା । ଏବଂ ସବୁଦିନ ସେ ଏକା ସମୟରେ ଶ୍ୱାସଟା ଉଠେ, ସେତେବେଳେ ହରେକୃଷ୍ଣ ନିଜେ ସେ କଷ୍ଟ ଅନୁଭବ କରିଥାଏ ଏବଂ ସେତେବେଳେ ଇଲା ତାର ପୁରାପୁରି ଇଲା ହୋଇଯାଇଥାଏ ।

ହେଲେ ସେ କଷ୍ଟପ୍ରଦ ମୁହୂର୍ତ୍ତରୁ ମୁକୁଳି ଇଲା ଯେତେବେଳେ ରୋଗମୁକ୍ତ ହେଲା, ସେତେବେଳର ସେ ଇଲା ଥିଲା ତାର ସମ୍ପୂର୍ଣ୍ଣ ଅପରିଚିତ । ତା ଲାଗି ସମ୍ପୂର୍ଣ୍ଣ ଭାବରେ ଅଜଣା ଇଲାର ଜୀବନରେ ଆହୁରି ମଧ୍ୟ ଅନେକ ବନ୍ଧୁ ଥିଲେ ହରେକୃଷ୍ଣଠୁ ଅଧିକ ଧନୀ ମାନୀ । ସେ ସେମାନଙ୍କୁ ମଧ୍ୟ ନିଜ ଜୀବନର ଅଙ୍ଗ କରି ରଖିବାକୁ ଚାହୁଁଥିଲା, ଯୋଉଥିଲାଗି

Digitized by PPRACHIN, SOA

ହରେକୃଷ୍ଣର ଅସ୍ୱୀକୃତିକୁ ସେ ମୋଟେ ଗ୍ରହଣ କରି ପାରି ନଥିଲା ।

ସେ ଅଧା ଆପଣାର, ଅଧା ପର ଇଲାକୁ ସେ 'ଇଲାଯୁଗ' ବୋଲି ମନେ କରୁଥିଲା ଏବଂ ସେ ଯୁଗରୁ ବାହାରି ଆସିବା ଲାଗି ସେ 1962ର ଦେବ ପ୍ରୟାଗ ଯାତ୍ରା ଭଳି କୌଣସି ଏକ ଯାତ୍ରା କରିବାକୁ ଚାହୁଁଥିଲା.........

ଦେବପ୍ରୟାଗ ଯାତ୍ରା ସମୟରେ ସେ ଛ'ଟା ପେଣ୍ଟିଙ୍ଗ କରିଥିଲା । ସେଠି ବନଗଙ୍ଗାର ସୌନ୍ଦର୍ଯ୍ୟ କାନଭାସରେ ଉତ୍ତାରି ସାରିଲା ପରେ ସେ ଯେତେବେଳେ ବଦ୍ରିନାଥ ପହଞ୍ଚି ଥିଲା, ସେତେବେଳେ ସେଠି କାନଭାସ ଆଗରେ ବସିଥିବା ହରେକୃଷ୍ଣକୁ ସେଠାକାର ପୂଜାରୀ ପ୍ରତିଦିନ ମୂର୍ତ୍ତିର ଚରଣ ଫୁଲ ଦେଉଥିଲା । ମନେ ପଡ଼ିଲା ସେ ଯେ ଜଣେ ସାଧୁଙ୍କୁ ଭେଟିଥିଲା, ସାଧୁ ଜଣକ ଥିଲେ ଯୁବକ ଓ ଖୁବ୍ ସୁନ୍ଦର । ଦିନେ ସେ ହସି ହସି ସାଧୁଙ୍କୁ ପଚାରିଥିଲା ଆପଣ ଦୁନିଆକୁ କେମିତି ଭୁଲାଇ ଦେଇ ପାରିଲେ ? ଦୁନିଆର କୌଣସି ଜିନିଷ କଣ ଗେରୁଆ ବେଶରେ ବି ଦେହର ଗନ୍ଧ ପରି ଦେହ ସଙ୍ଗେ ଲାଖି ରହେ ନାହିଁ ?

ସାଧୁ ଜଣକ କହିଥିଲେ, ପ୍ରାରମ୍ଭିକ ସମୟରେ ସେମିତି ଘଟି ଥିଲା ସେତେବେଳେ ଦୁନିଆର ଆଉ କିଛି ମନେ ପଡୁନଥିଲା । ହେଲେ ବୋଉ ଖୁବ୍ ମନେ ପଡୁଥିଲା । ମୋ ଗୁରୁ ପଚାରିଲା ବେଳେ ତାଙ୍କୁ ଯେତେବେଳେ ଏ କଥା କହିଥିଲି, ସେତେବେଳେ ସେ ଧଳା ଭଷ୍ମଟାଏ ମୋତେ ଖାଇବାକୁ ଦେଇଥିଲେ । ଆଉ ତା'ପରେ କୋଉ କଥା ମଧ୍ୟ ମନେ ପଡ଼ିଲା ନାହିଁ ।

ଏବଂ ଇଲାଯୁଗରୁ ମୁକ୍ତି ପାଇବା ଲାଗି କୌଣସି ସାଧୁ ମହାତ୍ମାଙ୍କ ଠାରୁ ସେମିତି ଭଷ୍ମଟାଏ ମିଳି ଯାଉ ବୋଲି ହରେକୃଷ୍ଣ କେତେ ଚାହିଁ ନଥିଲା ସେତେବେଳେ ।

ଏବଂ ସେ ଭଷ୍ମ ସେ ଗୋଆର ନାଲିମାଟିରୁ; ଗିର୍ଜା ଓ ମନ୍ଦିରଗୁଡ଼ିକର ସୌନ୍ଦର୍ଯ୍ୟ ଓ ବିଲପ୍ରାନ୍ତରର 'ଲଶ୍' ସବୁଜିମା ରୂପରେ ପାଇଥିଲା-

ଗୋଟାଏ ସଂଯୋଗ ସେମିତି ତା ମନ କଥାଟା ବୁଝିପାରିଥିଲା । ଇଲ୍ଷ୍ଟେଟେଡ୍‌ଉଇକ୍ଲି ପକ୍ଷରୁ ସେ ଏସାଇନ୍‌ମେଣ୍ଟ ଭଳି ଏକ ଅନୁବନ୍ଧ ପାଇଥିଲା ଯେ ସେ ଗୋଆରେ ଥାଇ ଯାହା କିଛି ବି ପେଣ୍ଟ କରିବ, ସେଇଟା ଉଇକ୍ଲିରେ ପ୍ରକାଶ ପାଇବ ।

ସେତେବେଳେ ସେଠାକୁ ଯିବା ଲାଗି ଦୁଇ ସପ୍ତାହର ପର୍ମିଟ୍ ମିଳୁଥିଲା, ହେଲେ ଗୋଆର ମାଟି ତାକୁ ଏପରି ଭାବରେ ମୋହିତ କରି ନେଇଥିଲା ଯେ ସେ ପୁରା ତିନିଟା ସପ୍ତାହ ସେଠାରେ ବିତାଇ ଥିଲା । ହୋଟେଲରୁ ସେ ପ୍ରତିଦିନ ବସ୍‌ରେ ଦୂର-ଦୂରାନ୍ତ ଅଞ୍ଚଳକୁ ଯାଇ ପ୍ରକୃତିର ସୌନ୍ଦର୍ଯ୍ୟକୁ ଆଖି ଭରି ପିଇ ଆସୁଥିଲା ।

ସେଠାରେ ଦେଖିବା ଲାଗି ଥିଲା କେବଳ ଦୁଇଟି ରଙ୍ଗ ଲାଲ୍ ଲାଲ୍ ମାଟି ଓ ସବୁଜ କଚୁର ଗଛ । ହେଲେ ସେଠାକାର ଜୀବନରେ ସବୁପାକ ରଙ୍ଗର ସମାବେଶ ଘଟିଥିଲା । ସେ ଦେଖିଲା, ମନ୍ଦିରର ଚାରିଆଡ଼େ ସେ ପରିବାର ଆନୁବଂଶିକ ଭାବରେ ଯୁଗ ଯୁଗ ଧରି ରହିଆସୁଥିଲେ । ଯୋଉ ପରିବାରର ସ୍ତ୍ରୀମାନେ କେବଳ ଗୀତ ନୃତ୍ୟ କରିଥାନ୍ତି ଏବଂ ବିଭିନ୍ନ

Digitized by PPRACHIN, SOA

ବାଦ୍ୟଯନ୍ତ୍ର ବଜାଇବା ଥିଲା ପୁରୁଷମାନଙ୍କର ଏକ ମାତ୍ର କାମ । ଏ ସବୁ ଆନୁବଂଶିକ ଭାବରେ କାଳ କାଳ ଧରି ଚ଼ଳି ଆସୁଥିଲା ।

ପ୍ରତ୍ୟହ ରାତ୍ରୀରେ ମନ୍ଦିର ମାନଙ୍କରେ ହେଉଥିଲା ପରିକ୍ରମା ନୃତ୍ୟ । ଏବଂ ସେମାନଙ୍କ ଦିନ ମନ୍ଦିରର ଦୀପମାନଙ୍କୁ ସଫାକରି ଚକ୍ ଚକ୍ କିରବାରେ ଅତିକ୍ରାନ୍ତ ହେଉଥିଲା ।

ଘରସବୁ ମଧ୍ୟ ଯେମିତି ଥିଲା ମନ୍ଦିରଗୁଡ଼ିକର ପ୍ରତିଛବି । ଯୋଉଠି ଦିନସାରା ଆରତୀ ଦୀପ ମଜାଘଷା କରାଯାଉଥିଲା, ଏବଂ ତା'ପରେ ତୈଳ ଭର୍ତ୍ତି କରାଯାଉଥିଲା । ଝିଅମାନଙ୍କର କୌଣସି ବ୍ରାହ୍ମଣ ସଙ୍ଗେ ଔପଚାରିକ ବିବାହ କରି ଦିଆଯାଉଥିଲା । ହେଲେ ଝିଅକୁ ନିଜ ଘରେ ଏକାକୀ ଜୀବନଯାପନ କରିବାକୁ ପଡୁଥିଲା ।

ସେ ଦେବଦାସୀମାନଙ୍କ ଘରେ ଯେତେ ପିଲା ଜନ୍ମ ହେଲେ ମଧ୍ୟ ସେମାନଙ୍କୁ ସେ ଔପଚାରିକ ପିତାର ସନ୍ତାନ ବୋଲି ଧରି ନିଆ ଯାଉଥିଲା ।

ସେ ଜାଣିବାକୁ ପାଇଲା ଯେ, ଯେ କୌଣସି ଘରେ ସପ୍ତାହକ ଲାଗି ଅତିଥି ହୋଇ ବସବାସ କରାଯାଇ ପାରିବ-ହେଲେ କୌଣସି ଘରର ବାତାବରଣ କୌଣସି ଅତିଥିର ଆଗମନରେ ଆଦୌ ବଦଳୁ ନଥିଲା । ସାଦାଧୋତିପିନ୍ଧି ରହୁଥିବା ଘରର ସବୁଯାକ ସ୍ତ୍ରୀ ଘରର ଝିଅ ଭଉଣୀ ପରି ଅତିଥିକୁ ଖାଇବାକୁ ଦିଅନ୍ତି । ଏବଂ ରାତିରେ ଅତିଥିର ବିଛଣାକୁ ଆସିଥିବା ସ୍ତ୍ରୀ, ଘରର ଗୃହିଣୀ ପରି ରାନ୍ଧାବଢ଼ା ଆଦି ଯାବତୀୟ ଘରକାମ ବଢ଼େଇ ଦେଇ ଆସିଥାନ୍ତି । କାଜୁ ଓ ନଡ଼ିଆରେ ତିଆରି ଫେନି ମଦ ହରେକୃଷ୍ଣ ମନ ଭରି ପିଇଥିଲା ଏବଂ ବୁଲି ବୁଲି ମନ୍ଦିର ଗୀର୍ଜାଗୁଡ଼ିକର ସ୍କେଚ୍ ତିଆରି ଥିଲା ।

ସେ ସବୁ ସ୍କେଚ୍ ଓ ତାର ସ୍ମୃତି ସେଠୁ ଫେରିଲା ପରେ ତା ଲାଗି ଏକ ଅମୂଲ୍ୟ ସମ୍ପଦ ହୋଇ ରହିଥିଲା । ଯାହାକୁ ସମ୍ବଳ କରି ସେ ଷୋହଳ ଖଣ୍ଡ ପେଣ୍ଟିଙ୍ଗ୍ କରିଥିଲା ।

ଏବଂ ହରେକୃଷ୍ଣ ଆଫତାବ୍‌ର ହସ ହସ ଚେହରାକୁ ସମ୍ବୋଧନ କରି କହିଲା, 'ତୁ କହିଥିଲୁ ନା ଦୁନିଆଟା ଖୁବ୍ ସୁନ୍ଦର । ମୁଁ ଗୋଆରେ ସେ ଦୁନିଆଟା ଦେଖିଥିଲି । ସେଇଟା ହିଁ ମୋତେ ଜଣେ ସାଧୁ ପରି ସେ ଭିକ୍ଷା ଦେଇଥିଲା ଯାହା ଫଳରେ ମୁଁ 'ଇଲାପୁଗ'ରୁ ମୁକ୍ତ ହୋଇ ପାରିଥିଲି ।'

ସତର

ସମୁଦ୍ରର ଲହଡ଼ି ଭିତରୁ ଏବେ ମଧ୍ୟ ଆଫତାବ୍‌ର ସ୍ୱରଟା ଭାସି ଆସୁଥିଲା 'କୃଷ୍ଣ ଆଉ ଗୋଟେ କବିତା ଶୁଣିଯା' । ଲହଡ଼ିଟା ଯେମିତି ଏକ ଧରାବନ୍ଧା ଲୟରେ ଥିଲା, ସେହି ପରି ସ୍ୱରଟା ମଧ୍ୟ ଏକ ଧରାବନ୍ଧା ଲୟ ଭୁକ୍ତ ଥିଲା-ହୁଏତ ଉଠି ଆସିଥିବା ଲହଡ଼ି ସଙ୍ଗେ ଉପରକୁ ଉଠି ହରେକୃଷ୍ଣର କର୍ଣ୍ଣ ଗହ୍ୱରରେ ପିଟି ହେଉଥିଲା ଏବଂ ଭଙ୍ଗା ସଙ୍ଗେ ଅବରୋହଣ କରି

Digitized by PPRACHIN, SOA

ସମୁଦ୍ରର ଛାତି ଭିତରକୁ ଓହ୍ଲାଇ ଯାଉଥିଲା ।

ସେ ନିଜ ରୁମକୁ ଫେରିଆସିଲା । ଟେବୁଲ୍‌ରୁ ଆଉ ବୋତଲେ ବିଅର ପାଇଲା ଏବଂ ଏଥରକ ସେ ନିଜ ସାମ୍ନାରେ ଦିଟା ଗ୍ଲାସ ଥୋଇଦେଲା ।

ଆକାଶର ଛାତିରେ ଜହ୍ନର ଦୀପଟା ଜଳୁଥିଲା, ହେଲେ ତା'ର ଆଲୋକ ତା'ରୁମ୍‌ର ଅନ୍ଧାରି କୋଣ ଯାକେ ପହଞ୍ଚିପାରୁ ନଥିଲା ।

ସେହି ଝାପ୍‌ସାଆଲୋକରେ ସେ ଦି'ଟା ଯାକ ଗ୍ଲାସରେ ବିଅର ଢାଳିଲା । ଦି'ହାତରେ ଗ୍ଲାସ ଉଠାଇ ପରସ୍ପର ଟୁନକେଇ ଚିୟର୍ସ କଲା । ତା ପରେ ଗୋଟାଏ ଗ୍ଲାସରେ ଗୋଟାଏ ଆଙ୍ଗୁଠି ଟିପ ବୁଡ଼ାଇ ଶୂନ୍ୟରେ ଛିଞ୍ଚି ଦେଲା । ମୁହଁରୁବାହାରିଲା ଆଫତାବ୍ ଏଇଟା ତୋ ପାଇଁ ।

ମନେ ପଡ଼ିଲା ସେ ଋଷିଆରେ ଥିଲାବେଳେ ଚମତ୍କାର କାହାଣୀଟେ ଶୁଣିଥିଲା ଯେ ଜଣେ ଲୋକ ପ୍ରତିଦିନ ସନ୍ଧ୍ୟାରେ ବାର୍‌କୁ ଯାଇ ଭୋଦ୍‌କା ପିଉଥିଲା । ସେ ସବୁ ବେଳେ ଏକଲା ଥାଏ । ହେଲେ ଟେବୁଲ୍‌ରେ ସବୁବେଳେ ଦି'ଟା ଗ୍ଲାସ ରଖାଉଥିଲା । ଦିନେ ବାର୍‌ର ଜଣେ ବେହେରା ନିଜ ଉତ୍ସୁକତା ସମ୍ବରଣ କରି ନପାରି ଖୁବ୍ ବିନମ୍ର ଭାବରେ ତାକୁ ପଚାରିଲା ସାର୍, ଆପଣ ଏକଲା ଥାଇ ମଧ୍ୟ ଦି'ଟା ଗ୍ଲାସ ରଖିବାର କାରଣ କ'ଣ, ଦୟାକରି କହିବେକି ? ଉତ୍ତରରେ ଲୋକଟା କହିଲା, 'ମୋର ଜଣେ ନିହାତି ଆତ୍ମୀୟ ବନ୍ଧୁ ଅଛି । ହେଲେ ସେ ଅନେକ ଦୂରରେ, ସବୁବେଳେ ଏକା ସଙ୍ଗେ ପିଉଥିଲୁ । ମୁଁ ଏବେ ମଧ୍ୟ ସେ ମୋ ପାଖରେ ଥିବା କଥା ଅନୁଭବ କରିବାକୁ ଚାହୁଁଛି । ସେଥିଲାଗି ଢୋକେ ମୁଁ ମୋ ଗ୍ଲାସରୁ ପିଉଛି ଓ ଅନ୍ୟ ଢୋକଟା ତା'ଗ୍ଲାସରୁ ପିଉଛି ।'

ସେ ଲୋକଟା ପ୍ରତି ବେହେରା ମନରେ ଅନୁରାଗ ଜାତ ହେଲା । ସେ ତାକୁ ଖୁବ୍ ସ୍ନେହ କରିବାକୁ ଲାଗିଲା । ତାକୁ ଦେଖିଲା ମାତ୍ରକେ ଦି'ଟା ବଢ଼ିଆ ଗ୍ଲାସ ଆଣି ତା ' ଟେବୁଲରେ ସଜେଇ ଦିଏ ସେ ।

ହରେକୃଷ୍ଣ ନିଜ ଗ୍ଲାସରୁ ପିଇଲା ମାତ୍ରକେ ବିଅରର ଆଚ୍ଛନ୍ନତା ଅନୁଭବ କଲା ଓ ଅନ୍ୟ ଗ୍ଲାସ-ଆଫତାବ୍‌ର ଗ୍ଲାସରୁ ପିଇଲା ବେଳକୁ ବିଅରର୍ ନିଶା ମଧ୍ୟ— ନିଶାଟା ଯେମିତି ଦ୍ୱିଗୁଣିତ ହୋଇଗଲା ।

ସେ ଆଚ୍ଛନ୍ନ-କଣ୍ଠରେ କହିଲା- 'ମୁଁ ଗୋଆରେ ହେମ୍ବର୍ଗର ସେମ୍ପାଓଲି ବିଅର ବି ଏମିତି ଦିଟା ଗ୍ଲାସରେ ପିଇଥିଲି, ସେ ରାତ୍ରେୟର ବ୍ରାଣ୍ଡି ଓ ପର୍ତ୍ତୁଗୀଜ ଲାଗୋଷ୍ଟା ୱାଇନ ମଧ୍ୟ ଏମିତି ପିଇଥିଲି ।

ଏବଂ ରାସ୍ତାକଡ଼ରେ କାଜୁର ଫେନୀମଦ ବିକୁଥିବା ସ୍ତ୍ରୀମାନଙ୍କଠାରୁ ସେ ପନ୍ଦର ଟଙ୍କା ଦେଇ ପୁରା ମାଠିଆଟାଏ କିଣିଥିଲା, ଏବଂ ହୋଟେଲ୍ ରୁମ୍‌କୁ ଫେରି ମାଠିଆରୁ ଦି ଦି ଗ୍ଲାସ୍ ଫେନୀ କାଢ଼ି ପିଇ ଚାଲିଥିଲା ।

Digitized by PPRACHIN, SOA

ଶୁଣ ! ସେ ଋଷିୟ ଗପଟା ଆଗକୁ ଏମିତି ଯେ କେଇ ମାସ ପରେ ବେହେରା ଦେଖିଲା ଯେ ସବୁଦିନ ଦି'ଟା ଗ୍ଲାସ୍‌ରେ ବୋଦ୍‌କା ପିଉଥିବା ସେ ଲୋକଟା ସେ ଦିନ ଗୋଟାଏ ଗ୍ଲାସରେ ପିଉଛି ।

ବେହେରାର ମନେ ହେଲା ଯେ, ଲୋକଟାର ବନ୍ଧୁ ଜଣକ ଯେପରି ମରି ଯାଇଛି । ତେଣୁ ସେ ଅସହାୟ ଭାବରେ ଗୋଟାଏ ଗ୍ଲାସରେ ହିଁ ପିଉଛି ।

ବେହେରା ତା' ଟେବୁଲ୍ ପାଖକୁ ଆସି ବନ୍ଧୁତା ସୁଲଭ ଭାବରେ ତା' ଦୁଃଖରେ ସହାନୁଭୂତି ପ୍ରକାଶ କରିବାକୁ ଚାହିଁଲା । ସେତେବେଳେ ସେ କହିଲା- 'ମୋ ବନ୍ଧୁ ବଞ୍ଚିଛି ।' ପରଦିନ ତା' ଚିଠି ଆସିଛି । ସେଇ ତ ଅବିକା ବୋଦ୍‌କା ପିଉଛି ।

ବେହେରା ଚକିତ ହୋଇ ତା'ମୁହଁକୁ ଦେଖିବାକୁ ଲାଗିଲା । ଏଥରକ ଲୋକଟା କହିଲା- ଡ଼ାକ୍ତରମାନେ ମୋତେ ବୋଦ୍‌କା ପିଇବାକୁ ମନା କରିଦେଇଛନ୍ତି, ତେଣୁ ତ ମୁଁ ପିଉଁ ନାହିଁ, ସେ କେବଳ ପିଉଛି ।'

ହରେକୃଷ୍ଣକୁ ଆଫ୍‌ତାବ୍‌ବାଲାର ଗ୍ଲାସରୁ ବିଅର ପିଉ ପିଉ ହସ ମାଡ଼ିଲା- ଦେଖ, ଆଫ୍‌ତାବ୍ ମୋତେ ଏ ଯାଏଁ ବିଅର ପିଇବାକୁ ଡାକ୍ତରମାନେ ମନା କରି ନାହାନ୍ତି, ତେଣୁ ଆମେ ଦୁହେଁ ମିଶିକି ପିଉଛନ୍ତି । ହେଲେ କେବେ ଯଦି ସେମାନେ ମନା କରି ବସନ୍ତି । ତେବେ ତୁ ମୋ ପାଖେ ବସି ଏମିତି ପିଉଥିବୁ । ସେତେବେଳେ ମୁଁ ଆଉ ପିଇବି ନାହିଁ ।

'କବିତାଟେ ଶୁଣିଯା ।'

ଆଫ୍‌ତାବ୍‌ର ଖୁବ୍ ଧିମାସ୍ୱର ସମୁଦ୍ର ଆତୁ ତା ରୁମ୍‌ରେ ଶୁଭିଲା । ଠିକ୍ ସେତିକି ବେଳେ ହରେକୃଷ୍ଣର ମନେପଡ଼ିଲା ଯେ, ଦେଶ ଭିଭାଜନ ବେଳେ ଯେତେବେଳେ ଆଫ୍‌ତାବ୍ ତା' ମାଆ ଓ ଭଉଣୀମାନଙ୍କୁ ଜୋର୍‌ଜବରଦସ୍ତ ଲୁଧିଆନାରେ ଗୋଟାଏ ଟ୍ରକ୍‌ରେ ବସାଇ ସୀମାପାରିକୁ ପଠାଯାଉଥିଲା । ସେତେବେଳେ ଆଫ୍‌ତାବ୍ ଦି'ଥର୍ ଟ୍ରକରୁ ତଳକୁ ଡ଼େଇଁ ପଡ଼ିଥିଲା ଏବଂ ହାତରେ ପିସ୍ତଲ ଧରି ସେଠାରେ ଠିଆ ହୋଇଥିବା ମେଜରକୁ କହିଥିଲା-ଗୁଳି ମାରି ଦିଅ ପଛକେ, ହେଲେ ମୁଁ ଏଠୁ ଯିବି ନାହିଁ ।

ପୋଲିସ୍ ଅତ୍ୟାଚାର ଆହୁରି ବଢ଼ିଯାଇଥିଲା । ସେମାନେ ଆଫ୍‌ତାବ୍‌ର ହାତ ଗୋଡ଼ ଧରି ଟେକିକି ତାକୁ ଟ୍ରକ୍‌ରେ ଲଦି ଦେଇଥିଲେ ।

ସ୍‌ଜଳ ଆଖିରେ ହରେକୃଷ୍ଣ ତାକୁ ବିଦାୟ ଦେବାକୁ ଆସିଥିଲା । ସେ ଟ୍ରକ୍ ନିକଟରେ ଠିଆ ହୋଇଥିଲା । ଆଉ ନା [illegible]ାବ୍ ତାକୁ ଇଶାରାରେ ନିଜ ପାଖକୁ ଡ଼ାକି କହିଥିଲା । କୃଷ୍ଣ ଆଜିର ଶେଷ [illegible] ଶୁଣିଯା ।

କଥାଟା କେବଳ ଗୋଟାଏ କବିତା ଶୁଣାଇବାର [illegible] ହେଲେ ଟ୍ରକର ସୁରକ୍ଷା ନିମନ୍ତେ ସେଠି ଠିଆ ହୋଇଥିବା ମେଜର ଟ୍ରକର ସମସ୍ତ ଲୋକଙ୍କ [illegible]ଳକୁ ଓହ୍ଲାଇ ସେମାନଙ୍କ ତଲାସୀ କରିବାକୁ ସିପାହୀମାନଙ୍କୁ ନିର୍ଦ୍ଦେଶ ଦେଇ ଥିଲେ [illegible] ଟ୍ରକ [illegible]ଙ୍କୁ ଯାଇ କେହି ଜଣେ

Digitized by PPRACHIN, SOA

ଟ୍ରକବାଲାଙ୍କ ମଧ୍ୟରୁ ଜଣେ କାହାକୁ ପିସ୍ତଲଟେ ଦେଇଛି ବୋଲି ତାଙ୍କର ବଦ୍ଧମୂଳ ଧାରଣା ହୋଇ ଯାଇଥିଲା । ତାପରେ ସମସ୍ତଙ୍କ ଖାନତଲାସ କରାଯାଇଥିଲା । ହରେକୃଷ୍ଣକୁ ହସ ମାଡ଼ିଲା ଦେଖ ଆଫ୍‌ତାବ୍ ଅନେକଥର ନିରୀହ କବିତା ମଧ୍ୟ ପିସ୍ତଲ୍ ଗୁଳିର ଭ୍ରମ ସୃଷ୍ଟି କରିଥାଏ । ଆଉ ତା'ପରେ ହରେକୃଷ୍ଣର ଓଠରେ ଖେଳି ଯାଇଥିବା ହସଟା ଖୁବ୍ ଗମ୍ଭୀର ହୋଇଗଲା । ସେ କହିଥିଲା ଅନେକ ଥର ବାଟ ଚାଲୁ ଚାଲୁ ଘଟିଥିବା ଘଟଣା ମଧ୍ୟ ଛାତିରେ ବାଜିଥିବା ଗୁଳି ପରି ଲାଗିଥାଏ ।

ତା'ସାଙ୍ଗକୁ ଖିଆଲ୍ ଆସିଲା, ସେଦିନ ଜବରଦସ୍ତି ଆଫ୍‌ତାବ୍‌ର ଖାନ ତଲାସ କରାଯାଇଥିଲା । ହେଲେ ଆଜି ଏ ରାତିର କେମିତି ତାଗଦା ଯେ, ମୁଁ ନିଜର ତଲାସୀ ଖୋଦ୍ ନେଉଛି ନିଜେ ।

କେହି ଜଣେ ଦେଖିବା ଲୋକ ପାଖରେ ରହିବା ଉଚିତ୍ ତ, ସେଇଥି ଲାଗି ଆଫ୍‌ତାବ୍ ଏତେବେଳେ ମୁଁ ତୋତେ ପାଖରେ ବସେଇ ରଖିଛି । ତୁ ମୋର ସାକ୍ଷୀ ।

ତୋ' ଆତ୍ମାଟା ଚମତ୍କାର ଥିଲା ଭାଇ, ତୋ ହୃଦୟଟା କେତେ ନିର୍ମଳ..........

ମୋର ମନେ ଅଛି ଯେ ଦିନେ ତୁ ମୋ ହାତରେ ରନ୍ଧା ଖାଇବା ଲାଗି ଘରକୁ ଆସିଥିଲୁ ଓ ମୋ କୋଠରୀରେ ଶୋଇ ଯାଇଥିଲୁ । ଏବଂ ଖଟ ପାରିଲା ବେଳେ ମୋ ପାଦ ଆଡ଼କୁ ତୋ ଖଟଟା ମୁହାଁଇ ଦେଇଥିଲୁ । ମୁଁ ପଚାରିଥିଲି ଆରେ ଆଫ୍‌ତାବ୍, ଏ କଣ ? ମୋ ପାଦ ଆଡ଼େ ତୋ ମୁଣ୍ଡଟା କରିଛୁ କାହିଁକି ?

ତୁ କହିଥିଲୁ ଏପଟେ କାବା ଅଛି ତ, ତେଣୁ ମୁଣ୍ଡଟା ସେ ଆଡ଼କୁ କରିବାକୁ ପଡ଼ିବ । ତୁ ମଧ୍ୟ ତୋ ମୁଣ୍ଡଟା ଏ ପଟକୁ କରିନେ । ମୁସଲମାନ୍ ମାନେ କାବା ଆଡ଼କୁ ମୁହଁ କରି ଶୁଅନ୍ତି ।

ଏବଂ ମୁଁ କହିଥିଲି, ସେ ପଟକୁ ମୁଣ୍ଡ କଲେ ସୂର୍ଯ୍ୟ ଆଡ଼କୁ ମୋ ପାଦ ହୋଇଯିବ । ବୋଉ ସେଥିଲାଗି ମୋ ଖଟଟା ପୂର୍ବ ଦିଗକୁ ଏମିତି କରି ପାରିଛି ଯେମିତି ସୂର୍ଯ୍ୟ ଆଡ଼କୁ ମୋ ପାଦଟା ନ ରହେ ।

ତୁ ମଧୁର ଭାବରେ ହସି ଦେଇ କହିଥିଲୁ, ହଉ ମୁଁ ମୋ କାବାର ଅଧା ପୁଣ୍ୟ ତୋତେ ଦେଇ ଦେବି; ଆଉ ତୁ ତୋ ସୂର୍ଯ୍ୟର ଅଧା ପୁଣ୍ୟ ମୋତେ ଦେଇ ଦେବୁ ।

ହରେକୃଷ୍ଣ ଆଫ୍‌ତାବ୍‌ବାଲା ଗ୍ଲାସରୁ ଢୋକେ ବିଅର ପିଇ କହିଲା, ସାତଟା ସୁରର ବହନ୍ତା ନଦୀ ତୋତେ ସମର୍ପଣ କରୁଛି ଆଫତାବ୍ । ଏବଂ ଖାନତଲାସୀ କଥା ତାର ମନେ ପଡ଼ିଗଲା । କହିଲା ମୁଁ ତୋତେ ମୋ ଗୋଆ ଭ୍ରମଣ କଥା ଶୁଣଉଥିଲି ନା? ସେଠିକି ରାତିରେ ବିବେକାନନ୍ଦଙ୍କୁ ପଢୁଥିଲି ଏବଂ ଦିନବେଳେ ପାଖଆଖର ମନ୍ଦିର ଗିର୍ଜା ବୁଲି ଦେଖୁଥିଲି । ପୁରୁଣା ଗୋଆରେ ଖୁବ୍ ବଡ଼ ବଡ଼ ଗୀର୍ଜା ରହିଛି । ଅପୂର୍ବ ସୌନ୍ଦର୍ଯ୍ୟରେ ଭରପୂର ଗିର୍ଜା ସବୁ ।

Digitized by PPRACHIN, SOA

ଏବଂ ମୁଁ ବିଶେଷ ଭାବରେ ମଙ୍ଗେସ୍ ମନ୍ଦିରକୁ ଦେଖିବାକୁ ଯାଇଥିଲି । ଶୁଣିଥିଲି ଯେ ଆମ ସଙ୍ଗୀତର ଅନୁପମ କଣ୍ଠଶିଳ୍ପୀ ଲତା ମଙ୍ଗେଶକର ସେ ମନ୍ଦିର ସହ ଶତାବ୍ଦୀ ଶତାବ୍ଦୀ ଧରି ସଂପୃକ୍ତ ମଙ୍ଗେଶ ପରିବାରର ଝିଅ ।

ସେ ମନ୍ଦିରରେ ମୁଁ ରାତିର ପରିକ୍ରମା ମଧ୍ୟ ଦେଖିଥିଲି । ଯୋଉଟା ଝିଅମାନଙ୍କ ଗୀତ ଓ ନୃତ୍ୟ ସଙ୍ଗେ ସମ୍ପାଦିତ ହୋଇଥାଏ ।

ତା'ପରେ ବମ୍ବେ ଆସି ମଙ୍ଗେଶ ମନ୍ଦିରର ପେଣ୍ଟିଙ୍ଗ୍ ତିଆରି କରିଥିଲି । ଯୋଉଟା ସୁନୀଲ ଦତ୍ତ ମୋଠୁ କିଣି ନେଇଥିଲେ ।

ସେଇଟା ଥିଲା ଗୋଆର ସେଇ ନାଲି ମାଟି । ଯାହାର ପ୍ରକୃତି ଏକ ସାଧୁ ରୂପ ଧରି ମୋତେ ଭକ୍ଷ୍ମ ରୂପରେ ଦେଇଥିଲା । ଏବଂ ମୁଁ ଇଲା ସମ୍ପର୍କୀୟ ଅବସାଦକୁ ଭୁଲି ଯାଇଥିଲି......ଇଲା ମୁକ୍ତ ହୋଇଥିଲି ।

ଏ ମୁକ୍ତିଟା ମୋ କଳାର ଶୈଳୀ ବଦଳାଇ ଦେଇଥିଲା । ଫ୍ଲଟ୍ ପେଣ୍ଟିଙ୍ଗ୍ ମୋତେ କନଷ୍ଟ୍ରକ୍‌ଟିଭିଷ୍ଟ କରିଥିଲା । ହେଲେ ମୁଁ ଗୋଆକୁ ଖଣ୍ଡେ ହେଲ କାନଭାଁଧି ନେଇକି ଯାଇ ନଥିଲି । ସେଠାରେ କେବଳ ସ୍କେଚ୍ କରିଥିଲି । ବମ୍ବେ ଫେରିଲା ପରେ ଯାଇ ମୁଁ ସବୁ ପେଣ୍ଟିଙ୍ଗ୍ କରିଥିଲି, ସେଠାରୁ ଗ୍ରହଣ କରି ଆଣିଥିବା ପ୍ରଭାବ ମାଧ୍ୟମରେ । ଏବଂ ସେହି ଅନୁଭୂତି ମୋତେ ଏକ୍ସପ୍ରେସନିଷ୍ଟରେ ପରିଣତ କରିଥିଲା ।

-ତୁ' ଜାଣିଛୁନା ଫରାସୀ ଚିତ୍ରକର ମାତିସ୍ ଉପରେ ପର୍ସିଆନ ପେଣ୍ଟିଙ୍ଗ୍‌ସର ଗଭୀର ପ୍ରଭାବ ପଡ଼ିଛି । ବିଶେଷତଃ ସେଠିକାର ଗାଲିଚା ଚିତ୍ରକଳାର ।

ଏବଂ ସଜାନ୍ ଚୀନର ପ୍ରାଚୀନ ଚିତ୍ରକଳା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ।

ପଲ୍ ଗୋଗଁ ଫରାସୀ ଚିତ୍ରଶିଳ୍ପୀ ଥିଲେ । ତାଙ୍କ ଉପରେ ଇଜିପ୍‌ଟିଆନ୍ କଳାର ଗଭୀର ପ୍ରଭାବ । ମୁଖ୍ୟତଃ ଜାଭା ମନ୍ଦିରର ରିଲିଫଜର୍..............

ପଲ୍ କଲି ଜଣେ ଜର୍ମାନ । ହେଲେ ସେ ବଗିଚା ଫୁଲକାରୀ ପେଣ୍ଟର୍ସଙ୍କ ପ୍ରଭାବ ସ୍ୱୀକାର କରିଛନ୍ତି । ଏବଂ ବୋମିସ୍ତ୍ର ଗଣେଷ ମୂର୍ତ୍ତିକଳାର, ସେ ମଧ୍ୟ ଜଣେ ଜର୍ମାନ--

ଫାନ୍ ଗୋଗାଁ ଡ଼ଚ୍ ଶିଳ୍ପୀ । ହେଲେ ସେ ଜାପାନୀ କାଠ-ଖୋଦେଇର ପ୍ରଭାବ ଗ୍ରହଣ କରିଛନ୍ତି ।

ଆଉ ପିକାସୋ, ସେ ସ୍ପେନିସ ଶିଳ୍ପୀ । ହେଲେ ତାଙ୍କ ଅଂକନରେ ଗ୍ରୀକ୍‌ର ପ୍ରଭାବ ପଡ଼ିଛି । ଆଫ୍ରିକୀୟ ମୂର୍ତ୍ତିକଳାର ମଧ୍ୟ ।

ଏବଂ ଏ ପ୍ରଭାବଟା କେଜାଣି କେତେବେଳେ କେମିତି ଭାବରେ ପବନ କଣିକା ପରି ଆମ ଶ୍ୱାସ ବାଟେ ଯାଇ ଆମ ରକ୍ତ ସ୍ରୋତରେ ମିଶି ଯାଇଛି ।

ମୁଁ ମଧ୍ୟ କହିପାରିବି ଯେ ଗୋଆର ସୌନ୍ଦର୍ଯ୍ୟ ମୋତେ ଏକ୍ସପ୍ରେସନିଷ୍ଟ କରି ଗଢ଼ି ତୋଳିଛି ।

Digitized by PPRACHIN, SOA

ଏବଂ ନିଜ ଜୀବନର ପକେଟ୍ ଅଣ୍ଡାଳୁ ଅଣ୍ଡାଳୁ ହରେକୃଷ୍ଣର ହାତରେ ଗୋଟିଏ ମୁଦ୍ରାପରି କଣଟାଏ ଅଟକି ଗଲା ଯାହାକୁ ରୁମ୍ ଦର୍ଜା ପାଖକୁ ଯାଇ ହାତକୁ ଜହ୍ନାଲୋକରେ ରଖି ସେ ଦେଖିବାକୁ ଲାଗିଲା ।

ଏକ ଗଭୀର ଶ୍ୱାସ ପରି ତା' ମୁହଁରୁ ନିର୍ଗତ ହେଲା– ହଁ ମିନ୍ନି ତମେ ଏକ ମୁଦ୍ରା ହିଁ ତ ଥିଲ । ମୋ ଲାଗି କେଜାଣି ସୁନା, ପିତ୍ତଳ କି ତମ୍ବାର ମୁଦ୍ରା ଯାହା ମୋ ଦୁନିଆରେ ଅଚଳ ଥିଲା ।

ମନେ ପଡ଼ିଲା– ଯେତେବେଳେ ସେ ତାଜ ଓରିଗଲ୍ ମଝିରେ ଥିବା ଲେନ୍‌ସିଡ଼ାଉନ୍ ହାଉସରେ ଜଣେ ପାରସୀ ମହିଳାଙ୍କ ଘରେ ତାଙ୍କ ପେଇଁଂଗେଷ୍ଟ ହୋଇ ରହୁଥିଲା । ସେଠାରେ ଟେଲିଫୋନର ସୁବିଧା ମଧ୍ୟ ଥାଏ ।

ଏବଂ ଦିନେ କୋଉ ଗୋଟେ ମିନ୍ନିର ଟେଲିଫୋନ୍ ଆସିଥିଲା–ଏବେ ଥରେ ତା ଷ୍ଟୁଡ଼ିଓକୁ ଆସି ତା' ପେଣ୍ଟିଙ୍ଗ୍ ସବୁକୁ ମନଭରି ଦେଖିବାକୁ ଚାହୁଁଛି.........

ସେ ଆସିଥିଲା ଏବଂ ତା'ପରେ କେତେ-କେତେବେଳେ ଆସୁଥିଲା । ସେହି କେତେ– କେତେବେଳେର ଆସିବାଟା ହରେକୃଷ୍ଣର ମନରେ ଏକ ସମ୍ବେଦନା ସୃଷ୍ଟି କରିଥିଲା । ସେ ଏକ ସହାନୁଭୂତି ଦାବି କରିଥିଲା । ସେ କହିଥିଲା ଯେ ତାର ବିବାହ ଓ ଛାଡ ପତ୍ର ତାକୁ ଗଭୀର ଭାବରେ ଉଦାସ କରି ଦେଇଛି । ତାର ଛୋଟ ଝିଅଟିଏ ଥିଲା । ହେଲେ ପଞ୍ଜାବରେ ତା ଜେଜେମା ପାଖରେ ରହୁଛି । ଏବଂ ସେ ନିଜେ ତା ଜୀବିକା ଲାଗି ଏକାକୀ ବମ୍ବେରେ ବସବାସ କରୁଛି ।

ଅନେକ ଥର ହରେକୃଷ୍ଣ କୌଣସି ଏକ କାନ୍‌ଭାସ ଆଗରେ ବସି କୌଣସି କଳ୍ପନାକୁ କୌଣସି ରୂପ ଦେଉଥିଲା ବେଳେ ସେ ଅଚାନକ ଆସି ପହଞ୍ଚି ଯାଉଥିଲା । ଆଉ ଭଙ୍ଗା କଳ୍ପନା ଭ୍ରୂ-କୁଞ୍ଚନ କରି ମିନି ଆଡକୁ ତରାଟି ଚାହୁଁଥିଲା । ହେଲେ ହରେକୃଷ୍ଣ ନିଜ ମୁହଁରୁ ତା'ଲାଗି କୌଣସି ରକମ କଠୋର କି ତିକ୍ତ ଶବ୍ଦ ବାହାରିବାକୁ ଦେଉ ନଥିଲା ।

ହରେକୃଷ୍ଣ ଏବେ ହାତରେ ତା' ସ୍ମୃତିର ମୁଦ୍ରାଟା ଧରି ଠିଆ ହୋଇଥିଲା । ସେ ମୁଦ୍ରାଟିକୁ ଦେଖୁ ଦେଖୁ ତାର ମନେ ପଡ଼ିଲା ସେ ଇଲା ସଙ୍ଗେ ତାର କୌଣସି ରକମ ଶାରୀରିକ ସମ୍ପର୍କକୁ ସେ ବିବାହ ପ୍ରଥାର ଅମାନତ୍ ମନେ କରି ସୁରକ୍ଷିତ ରଖିଥିଲା । ସେ ଅନେକ ଥର ତା' ରୁମ୍‌କୁ ଆସୁଥିଲା । ହେଲେ ଥରେ ଅଧେ ତାକୁ ହାଲୁକା ଆଲିଙ୍ଗନ କରିବା ଛଡ଼ା ସେ ଆଉ କେବେ ଅଧିକା କିଛି ତା ଦେହକୁ ସ୍ପର୍ଶ କରି ନଥିଲା । ହେଲେ ମିନ୍ନି ଦିନେ ପିନ୍ଧିଥିବା ସାର୍ଟର ଭଙ୍ଗା ବୋତାମଟା ସିଲେଇ କଲାବେଳେ ଅଚାନକ ତା ସାର୍ଟରୁ ସମସ୍ତ ବୋତାମ ଖୋଲି ଦେଇଥିଲା ।

ଏବଂ ଦିନେ ତା' ବିଛଣାରୁ ଉଠି ଲୁଗା ପିନ୍ଧୁ ପିନ୍ଧୁ ପଚାରିଥିଲା ହରେକୃଷ୍ଣ ତୁମେ ମୋତେ ବାହା ହେବ ? ମନା କରିଦେବା ଲାଗି କୌଣସି ତର୍କ ମିନ୍ନିକୁ ଧକ୍କା ଦେଇ ନଥିଲା । ହେଲେ ଗୋଟିଏ ଅଜଣା ଅନୁଭବ ତା ଭିତରେ ମୁଣ୍ଡ ଟେକି ଥିଲା ଯେ ମିନିର ଏ ପଚରାଟା

Digitized by PPRACHIN, SOA

ତା'ଜୀବନରେ ଚଳି ପାରିବ ନାହିଁ ଅଚଳ ।

ସେ କେବଳେ ହସି ଦେଇଥିଲା ।

ସେତେବେଳେ ଜୁହୁର ସଡ଼କ କଡ଼େକଡ଼େ ଦୁଇ ବଖୁରିଆ କ୍ୱାର୍ଟର ସବୁ ତିଆରି ହୋଇଥିଲା । ସେ କ୍ୱାର୍ଟର ସବୁଲାଗି ଦିଆ ଯାଇଥିବା ଅଗଣିତ ଦରଖାସ୍ତ ଭିତରେ ମିନ୍ନି ମଧ୍ୟ ଦରଖାସ୍ତଟାଏ ଦେଇ କେଜାଣି କିପରି ଭାବରେ କ୍ୱାର୍ଟରଟାଏ ପାଇବାରେ ସଫଳ ହୋଇ ଯାଇଥିଲା ।

ମିନ୍ନି ସେ କ୍ୱାର୍ଟରରେ ରହିଥିଲା ବେଳେ ଦିନେ ରାତିରେ ହରେକୃଷ୍ଣର ରୁମ୍‌ରେ ତାର ଅନେକ ଡ଼େରି ହୋଇଯାଇଥିଲା । ଜୁହୁ ଇଲାକାଟା ସେତେବେଳେ ଏତେ ଭିଡ଼ ଭାଡ଼ ଭରା ନଥିଲା । ତେଣୁ ହରେକୃଷ୍ଣ ଟେକ୍‌ସିରେ ତାକୁ ଛାଡ଼ିବା ଲାଗି ଯାଇଥିଲା.............

କ୍ୱାର୍ଟରଠାରୁ ଅନେକ ଆଗରେ ଟେକ୍‌ସିଟା ଏକ ଲେମ୍ପ ପୋଷ୍ଟ ପାଖରେ ପହଞ୍ଚିଲା ମାତ୍ରକେ ମିନ୍ନି ଟେକ୍‌ସି ଅଟକାଇ ଦେଇଥିଲା ।

ହରେକୃଷ୍ଣର ଖିଆଲ ଥିଲା ଯେ ବେଶୀ ରାତି ହୋଇନି, ଏଇ ଦଶଟା ହୋଇଛି । ତେଣୁ ମିନ୍ନି କିଛି ସମୟ ନିଶ୍ଚୟ ତାକୁ ତା'ରୁମ୍‌ରେ ବସିବାକୁ କହିବ । ତେଣୁ ସେ କହିଲା- ଚାଲ, ତମକୁ ଘରଯାକେ ଛାଡ଼ିଦେଇ ଆସିବି । ଘରଟା ବି ଦେଖିନେବି । ତମ ଘର ମୁଁ ଦେଖିନି ଏଯାଏଁ.......

ମିନ୍ନି ଟେକ୍‌ସିରୁ ଓହ୍ଲାଉ ଓହ୍ଲାଉ କହିଲା-ନୂଆ ନୂଆ କ୍ୱାର୍ଟର ମିଳିଛି ତ ସାଇ ପଡିଶା ଲୋକେ କେଜାଣି କଣ ଭାବିବେ, ତେଣୁ ଏଠୁ ଚାଲି ଚାଲି କି ଯିବି.........

ହରେକୃଷ୍ଣ ଟେକ୍‌ସିଟା ଫେରାଇଲା, ହେଲେ ତା'ମନଟା ଖଟା ଧରିଗଲା । ପାଖରେହିଁ ସାହିର୍‌ର ଘର । ସେ ନିଜ ଘରକୁ ନ ଯାଇ ସାହିର୍ ଘରେ ପହଞ୍ଚିଗଲା ।

ସେଠାରେ ଖାଇଲା, ବିୟର ପିଇଲା ଏବଂ ସାହିର୍ ଯେତେବେଳେ ତାର ଉଦାସୀର କାରଣ ପଚାରିଲା ସେ ମିନ୍ନି ଘର ପାଖରୁ ଫେରି ଆସୁଥିବା କଥା ପ୍ରକାଶ କରିଦେଲା ।

ସାହିର୍ କିଛି ବେଳେ ଯାଏଁ କିଛି କହିଲା ନାହିଁ । ତାପରେ କେବଳ ଏତିକି ମାତ୍ର କହିଲା- ସେ ଝିଅକୁ ମୁଁ ଅନେକ କବି ଓ ଫିଲ୍ମୀଲୋକଙ୍କ ସଙ୍ଗେ ବୁଲିବାର ଦେଖିଛି - ତୁ ଯାହା କରୁଛୁ ଟିକିଏ ଭାବିଚିନ୍ତି କରିବା ଉଚିତ୍ ହେବ ।

ହରେକୃଷ୍ଣ ସେ ରାତିରେ ଘରକୁ ଫେରି ନିର୍ଧୁମ ଶୋଇଲା । ସେ ସବୁଦିନ ସକାଳେ ଡେରିରେ ଉଠେ- ସେଇଟା ତା' ଅଭ୍ୟାସ ହେଲେବି ସେଦିନ ଭୋର୍ ହେବା ଆହରୁ ସେ ଉଠି ପଡ଼ିଥିଲା ।

କେଜାଣି କଣ ଖିଆଲଟେ ଆସିଲା ତା' ମନକୁ ଯେ ସେ ମୁହଁ ଅନ୍ଧାରରୁ ଟେକ୍ସି ଖଣ୍ଡେ ଧରି ଜୁହୁ, ମିନ୍ନି ଘରକୁ ଚାଲିଲା ।

ମିନ୍ନିର କ୍ୱାର୍ଟରଟା ସେ ଦେଖି ନଥିଲା, ହେଲେ ତା' ନମ୍ବରଟା ସେ ଅନେକ ଥର ମିନ୍ନିଠାରୁ ଶୁଣିଥିଲା ।

Digitized by PPRACHIN, SOA

ସେ ଦର୍ଜାରେ ନକ୍ କଲା ବେଳେ ଜଣେ ଯୁବକ କବାଟ ଖୋଲିଲା । ଯୁବକ ଜଣକ ମିନ୍ନିର ଶାଢ଼ୀଟିଏକୁ ଲୁଙ୍ଗି ପରି ଅଣ୍ଟାରେ ବେଢ଼େଇ ଥାଏ । ତା' ଆଖିରେ ଏବେ ମଧ୍ୟ ନିଦ ଭରିଥାଏ ।

ସେତେବେଳକୁ ତଥାପି ହରେକୃଷ୍ଣର କାହିଁକି କେଜାଣି ମନେହେଲା ଯେ ସେ ଯେମିତି ଅନ୍ୟ କୋଉ ନମ୍ବରର ଦର୍ଜାରେ ନକ୍ କରିଛି । ମିନ୍ନିର ଶାଢ଼ୀ ପରି ତ ଅନ୍ୟ କାହାର ମଧ୍ୟ ଶାଢ଼ୀ ଥାଇପାରେ ।

ହେଲେ ସେ ଦର୍ଜା ଖୋଲିଥିବା ଯୁବକକୁ କହିଥିଲା ଯେ ସେ ମିନ୍ନିକୁ ଦେଖା କରିବାକୁ ଆସିଛି । ସେତେବେଳେ ଯୁବକଟି ପଛକୁ ଫେରିକରି ଡ଼ାକିଥିଲା-ମିନ୍ନି, ତମକୁ କେହି ଦେଖାକରିବାକୁ ଆସିଛନ୍ତି । ଏ କଥା ଶୁଣି ତାର ବିସ୍ମୟର ସୀମା ରହିଲା ନାହିଁ ।

ମିନ୍ନି ଦର୍ଜା ପାଖକୁ ଆସିଲା........ ତା'ଆଖିରେ ଖୁବ୍ ବ୍ୟସ୍ତତା ଭାବ ଫୁଟି ଉଠୁଥାଏ ।

ସେତେବେଳେ ହରେକୃଷ୍ଣ ମୁହଁ ବୁଲେଇ ନେଇ ଏତିକି କହିଲା ପରି, ମୁଁ ରାତିରେ ସ୍ବାହିର ଘରେ ରହିଯାଇଥିଲି, ତେଣୁ ସକାଳୁ ସକାଳୁ ସମୁଦ୍ର ଦେଖିବାକୁ ଚାଲି ଆସିଥିଲି...... ଭାବିଲି ତୁମେ ବି ସମୁଦ୍ର ଆଡ଼କୁ ବୁଲିବାକୁ ଯିବ କି କଣ ସେଇଥିଲାଗି.......

ଏବଂ ହରେକୃଷ୍ଣ ଦ୍ରୁତ ଗତିରେ ଫେରି ଆସିଥିଲା ।

ମିନ୍ନି ତା' ପରେ ଦି ତିନି ଦିନ ପରେ ତା'ଘରକୁ ଆସିଥିଲା । ସେ କହିଥିଲା-ବାସ, ଏ ଥରକ ଲାଗି ମୋତେ କ୍ଷମା କରିଦିଅ । ଏ ଲୋକଟା ମୋତେ କ୍ୱାର୍ଟର ଦିଆଇଥିଲା, ମୁଁ ତାକୁ ମନା କରି ପାରି ନଥିଲି............

ଆଜି ଏତିକିବେଳେ ମଧ୍ୟ ନିଜ ରୁମ୍‌ର ଦରଜା ପାଖରେ ଛିଡ଼ା ହୋଇଥିଲା ବେଳେ ହରେକୃଷ୍ଣର ମନେ ହେଲା ଯେ ପ୍ରକୃତରେ ମିନ୍ନି ଏକ ମୁଦ୍ରା ଥିଲା, ସେ ମୁଦ୍ରାଟା ଚାକିରୀ ମଧ୍ୟ କିଣିପାରେ, କ୍ୱାର୍ଟର ମଧ୍ୟ....ହେଲେ ସେଇଟା ତା'ଦୁନିଆରେ ଚଳି ପାରିବିନି, ଅଚଳ..........

ଏବଂ ସେ ଦିନର ସେଇ ଘଟଣା ପରେ ସେ ଜଣେ ଦର୍ଶକ ପରି ମିନ୍ନିକୁ ଦେଖିବାକୁ ଲାଗିଥିଲା ।

ମିନ୍ନି ତା ସହ ଦେଖାକରିବାକୁ ଆସୁଥାଏ । କେତେବେଳେ କେମିତି ପଚାରୁଥାଏ ତମେ ସେ ଦିନର କଥାକୁ ପାସୋରି ଦେଇଛନା ହରେକୃଷ୍ଣ?

ସେ ହସି ଦିଏ । କହେ, ହଁ ହଁ ପାସୋରି ଦେଇଛି । ସେ ପୁଣି କହେ ଦେଖ ଆଉ କେବେ ଏମିତି କିଛି ହେବ ନାହିଁ ବାସ୍ ଆଉ ଗୋଟାଏ ସୁଯୋଗ ମୋତେ ଦିଅ । ଦେବ ନା ?

ସେ ପୁଣି ହସି ଦିଏ । କହେ ହଁ ଦେଲି ।

ଏବଂ ସେ ଦ୍ୱିତୀୟ ଅବସରଟା ମଧ୍ୟ ଖୁବ୍ ଶୀଘ୍ର ଆସିଗଲା ।

ହରେକୃଷ୍ଣର ପଞ୍ଜାବ ଯିବାର ଥାଏ । ନିଜ ଭାଗର ତିନୋଟି ଯାକ ଦୋକାନ ସେ ଭାଇକୁ ବିକି ଦେଇଥିଲା । ବିକ୍ରିନାମା କାଗଜରେ ଦସ୍ତଖତ କରି ତା'ବଦଳରେ ଷାଠିଏ ହଜାର

Digitized by PPRACHIN, SOA

ଟଙ୍କା ଆଣିବାଲାଗି ତାକୁ ପଞ୍ଜାବ ଯିବାର ଥାଏ-

ମିନ୍ନି ତାକୁ ଏୟାର୍ ପୋର୍ଟକୁ ଯାଇ ବିଦାୟ ଦେବା ଲାଗି ମଧ୍ୟ ତିଆର ହୋଇଗଲା ।

ହରେକୃଷ୍ଣର ଜଣେ ଖୁବ୍ ସହୃଦୟ ବନ୍ଧୁଥିଲେ ଚୌଧୁରୀ, ସେ ଖବର ପଠାଇଲେ ଯେ ସେ ସକାଳେ ନିଜ କାର୍‌ରେ ହରେକୃଷ୍ଣକୁ ଏୟାର ପୋର୍ଟରେ ଛାଡ଼ି ଦେଇ ଆସିବେ ।

ଏବଂ ମିନ୍ନି ମଧ୍ୟ ସେ କାର୍‌ରେ ଏୟାରପୋର୍ଟ ଯାଏଁ ଆସିଥିଲା ।

ହରେକୃଷ୍ଣକୁ ଆଜି ଜହ୍ନ ରାତିଟା ଏକ ନୂଆ ଅନୁଭୂତି ହେଲା । ସେ ଭାବିଲା, ମୁଁ ମୁଦ୍ରାର ଗୋଟାଏ ପାଖକୁ ହିଁ କେବଳ ଦେଖିଛି । ଆର ପାଖକୁ ନୁହେଁ । ସେ ଦିନ ମିନ୍ନି ଏୟାରପୋର୍ଟ ଯାଏଁ ମୋ ସହିତ ଆସିଥିଲା । ହେଲେ ଫେରିଲା ବେଳେ ସେ ଚୌଧୁରୀ ସଙ୍ଗେ ଯାଇଥିଲା । ଆସିଲା ବେଳେ ତା'ର ଧ୍ୟାନର କେନ୍ଦ୍ରଥିଲା ହରେକୃଷ୍ଣ । କିନ୍ତୁ ଗଲାବେଳେ ତା କେନ୍ଦ୍ରରେ ଥିଲା ମିଷ୍ଟର ଚୌଧୁରୀ ସେ ନୁହେଁ ।

ହରେକୃଷ୍ଣ ରୁମ୍ ଆଡ଼କୁ ମୁହାଁଇଲା । ଦିଟାଯାକ ଗ୍ଲାସ୍‌ରେ ଆହୁରି ବିୟର ଢାଳୁ ଢାଳୁ କହିଲା-ଦେଖ୍ ଆଫ୍‌ତାବ୍ ତୁ କହିଥିଲୁ ନା ପୃଥିବୀ ଖୁବ୍ ସୁନ୍ଦର ମୁଁ ସେ ପୃଥିବୀକୁ ମଧ୍ୟ ଦେଖିଛି ଯାହା ଅତ୍ୟନ୍ତ ସୁନ୍ଦର ଏବଂ ସେ ପୃଥିବୀକୁ ମଧ୍ୟ ଦେଖିଛି ଯାହା ତ ମୋଟେ ଦେଖିନାହୁଁ । ......

ବମ୍ବେ ଏୟାରପୋର୍ଟରୁ ବିଦାୟ ନେଇ ଆସିଲା ବେଳେ ଦି ଜଣ ମୋର ବାମ-ଡାହାଣ ପଟେ ଚାଲୁଥିଲେ ଏବ ସେହି ଏୟାରପୋର୍ଟକୁ ଫେରିଲା ବେଳେ ମୁଁ ଏକଲା ଥିଲି ସମ୍ପୂର୍ଣ୍ଣ ଏକଲା......

ବଦ୍ରିନାଥରୁ ଆଠ ମାଇଲ ଏପଟେ ହନୁମାନ ଚଟାଣରେ ଭେଟି ଥିବା ଜଣେ ଯୋଗୀର କଥା ହରେକୃଷ୍ଣର ମନେ ପଡିଗଲା ।

ସେ ଉଭୟ ଗ୍ଲାସ୍‌ରୁ ଢୋକେ ଲେଖାଏଁ ବିୟର ପିଇ ଆଫତାବ୍‌କୁ ସମ୍ବୋଧନ କରି କହିଲା–ସେ ଯୋଗୀ ପାଖରେ କେବଳେ ଚଇମଟାଏ ଏବଂ ନିଆ ଧରାଇବାଲାଗି ଖଣ୍ଡେ ଚକ୍‌ମକି ପଥର, ତା' ଦେହରେ ଖଣ୍ଡେ କୌପିନିକୁ ଛାଡ଼ି ଆଉ କିଛି ନଥାଏ, ହେଲେ ଯୋଉଥିରେ ଖଣ୍ଡେ ଗଞ୍ଜିଆ ବନ୍ଧା ହୋଇଥାଏ ।

ମୁଁ ମଧ୍ୟ ରାତିରେ ଏ ହନୁମାନ ଚଟ୍‌ଟୀରେ ଅଖା ପାରି ଶୋଇଥିଲି । ସେଦିନ ରାତରେ କଥା ହେଉ ହେଉ ସେ ମୋତେ ସେ ଗଞ୍ଜିୟା ଖଣ୍ଡିକ ଦେଖାଇଥିଲା ଏବଂ କହିଥିଲା ଯେ ଯେତେବେଳେ ଖୁବ୍ ଥଣ୍ଡା ଲାଗେ, ଯେତେବେଳେ କିଛି ଖାଇବାକୁ ମିଳେ ନାହିଁ ସେତେବେଳେ ମୁଁ ଖଣ୍ଡେ ଗଞ୍ଜିୟା ଏଥିରୁ ଭାଙ୍ଗି ଚିଲମ୍‌ରେ ଟାଣେ । ଗଞ୍ଜିୟା ଚିଲମ ଟାଣିଲା ପରେ ନା ଥଣ୍ଡା ଲାଗେ ନା ଭୋକ............

ଏବଂ ଦେଖ ଆଫତାବ । ଯେତେବେଳେ ମୋ ସଙ୍ଗେ ଇଲା ଓ ମିନ୍ନିବାଲା ଘଟଣା ହୋଇଥିଲା, ଜୀବନର ଥଣ୍ଡା ମୋ ହାଡ଼ରେ ଚଢିବାକୁ ଲାଗିଥିଲା, ଦେହ ଓ ମନର ଭୋକ

Digitized by PPRACHIN, SOA

ମୋତେ ବ୍ୟତିବ୍ୟସ୍ତ କରି ପକଉଥିଲା, ମୁଁ ସେତେବେଳେ ମଧ୍ୟ ଶଙ୍ଖିୟାର କୌଣସି ଖଣ୍ଡକୁ ଚିଲମରେ ଭରି ପିଇ ନାହିଁ ।

ନା ଯେତେବେଳେ ମୋ ନିଜ ଭାଇ ଦିଟା ଯାକ ଘରର କାଗଜ-ପତ୍ରରେ ମୋର କଳା ଟିପ ଚିହ୍ନ ଲଗାଇ ନେଲା ସେତେବେଳେ ବି ନୁହେଁ ।

ଅଠର

ହରେକୃଷ୍ଣର-ଅଚେତନ ଧ୍ୟାନଟା ତା'ବୁଢା ଆଙ୍ଗୁଠି ଆଡ଼କୁ ଆକର୍ଷିତ ହୋଇଗଲା । ଅନ୍ୟାନ୍ୟ ଆଙ୍ଗୁଠି ପରି ସେଇଟା ମଧ୍ୟ ଥିଲା ଗୋରା ଓ ନିଷ୍କଳଙ୍କ ।

ତା' ଓଠରେ ଧୀରେ ହସ ଖେଳିଗଲା । ସେ ଆଙ୍ଗୁଠିଟା ଯେମିତିକୁ ସେମିତି ଗୋରା ହୋଇ ରହିଲା । ହେଲେ ତା' ଭାଇର କାଗଜ ଖଣ୍ଡକ ଯାହା କଳା ହୋଇ ଯାଇଥିଲା । ପୁଣି ଏକ ଦାର୍ଶନିକ ଚିନ୍ତା ତା' ମୁଣ୍ଡ ଭିତରକୁ ଢୁକିଲା ଧନ ସମ୍ପଦର ଛାଇ ଆଲୁଅ ମୋ ଭାଇଙ୍କୁ ଶୁଭ ହେଉ । ଖରାର ଛାଇ ଆଲୁଅ, ସୂର୍ଯ୍ୟର ଛାଇ ଆଲୁଅ ମୋ ଲାଗି ଶୁଭହେଉ ।

ମନେ ପଡ଼ିଲା, ସେ ଯେତେବେଳେ ଦ୍ୱିତୀୟ ଥର ଲାଗି ଦେବପ୍ରୟାଗ ଯାଇଥିଲା । ସେତେବେଳେ ସେ ଦିନର ଅଲଗା ଅଲଗା ଆଲୋକ ଓ ରାତିର ଅଲଗା ଅଲଗା ଅନ୍ଧାରକୁ ନିରେଖି ନିରେଖି ଦେଖିଥିଲା ।

ଏବଂ ପାଙ୍ଗୀ ଘାଟୀ-

ସେ ବାର ବର୍ଷ ଧରି ନିଜ ଦେଶର ଜଙ୍ଗଲ ଓ ପାହାଡ଼ ପର୍ବତମାନଙ୍କୁ ସୂର୍ଯ୍ୟର ଛାଇ ଆଲୁଅରେ ଦେଖି ଆସିଛି ।

ମନ୍ଦିରଗୁଡ଼ିକର ଅଲୌକିକତାକୁ ସେ ନିଜର ରଙ୍ଗରେ ଉତାରି ସାରିଥିଲା ଏବଂ ପ୍ରତ୍ୟେକଟି ଆରାଧନା ପୀଠର ଯାବତୀୟ ଦୃଶ୍ୟକୁ ସେ ନିଜ ମା'ଙ୍କ ନାମରେ ଅର୍ପଣ କରି ସାରିଥିଲା ।

ତା' ବାପା 1954ରେ ଓ ମା 25 ଫେବୃୟାରୀ 1954ରେ ଇହ ଧାମରୁ ବିଦାୟ ନେଇ ଚାଲି ଯାଇଥିଲେ । ବାପାଙ୍କ ଦେହବସାନ ପରେ ମା ଯେମିତି ଘରର ଅଭ୍ୟନ୍ତର କୋଣରେ ନିଜକୁ ବନ୍ଦିନୀ କରି ରଖିଥିଲେ । ହେଲେ ଯୋଉସବୁ ତୀର୍ଥକୁ ସେ ଯାଉଥିଲା, ଯୋଉ ପବିତ୍ର ନଦୀରେ ସେ ବୁଡ଼ ପକାଉଥିଲା, ତା ପୁଣ୍ୟ ତା ବୋଉଙ୍କ ନାଁରେ ଅର୍ପଣ କରି ଦେଉଥିଲା ।

ବିୟର ଓ ହ୍ୱିସ୍କିର ଗ୍ଲାସ ସେ କେତେବେଳେ ଆଫତାବ୍ ତ କେତେବେଳେ ସାହିର ନାଁରେ ଉତ୍ସର୍ଗ କରୁଥିଲା । ଏବଂ ତୀର୍ଥର ପୁଣ୍ୟ ବୋଉ ନାଁରେ ।

ଏବଂ ସେମାନେ ସମସ୍ତେ ହୁଏତ ନିଜ ନିଜ ଭାଗର ପୁଣ୍ୟରୁ କିଛି କିଛି ତା' ନାମରେ କରି ଦେଇଥିଲେ ଯେ ପ୍ରାୟ ବର୍ଷେ ଖଣ୍ଡେ ହେବ ଗଣେଷର ମୂର୍ତ୍ତିଟା ତା' ସଙ୍ଗେ ରହିବାକୁ

Digitized by PPRACHIN, SOA

ଲାଗିଥିଲା ।

ସେ ଯୁଆଡ଼େ ବି ଦେଖେ ତାକୁ ଗଣେଷ ଦେଖା ଯାଉଥାନ୍ତି......

ସମୁଦ୍ର ଲହରୀରେ, ...

ଗଛ ବୃକ୍ଷର ପତ୍ରରେ ....

ଏବଂ ରାତିର ସ୍ୱପ୍ନରେ ....

ହରେକୃଷ୍ଣର ସେ ସ୍ୱପ୍ନ କଥାଟା ମନେ ପଡ଼ିଗଲା ଯେ ସେ ଗୋଟାଏ କଚା ରାସ୍ତାରେ ଠିଆ ହୋଇଛି, କେଜାଣି କୋଉଠୁ ଆସି କୁଆଡ଼େ ଯାଉଥିଲା – ସେ ରାସ୍ତା?

ସେ ରାସ୍ତାରେ ଆହୁରି ମଧ୍ୟ ଗୁଡ଼ାଏ ଲୋକ ଠିଆ ହୋଇଥାନ୍ତି । ଅଚାନକ ଗୋଟାଏ ପଟୁ ଗୁଡ଼ିଏ ହାତୀ ଆସୁଥିବାର ଦେଖାଗଲା......... ଧାଡ଼ିବାନ୍ଧି ଗୋଟାଏ ପଂକ୍ତିରେ ଆସୁଥାନ୍ତି ସେମାନେ । ସେ ଦେଖିଲା ଯେ ସତକୁ ଆଗରେ ଯୋଉ ହାତୀ ସେଇଟା ଖୁବ୍ ଯୁଆନ ଓ ଅତ୍ୟନ୍ତ ସୁନ୍ଦର ।

ସେ ଚକିତ ହୋଇ ଦେଖିଲା ଯେ ମଦମତ୍ତ ସେ ହାତୀଟା ଢଳିଢଳି ନାଚି ନାଚିକି ଆସୁଛି.....

ସେ ଆହୁରି ନିକଟତର ହେଲା ପରେ ଦେଖାଗଲା ଯେ ହାତୀଟା ଖୁବ୍ ସୁସଜ୍ଜିତ ହେଲେ ମଧ୍ୟ ତା ଉପରେ ଝିଅର ହାଉଦା ପଡ଼ି ନଥିଲା ବା ରୁପାର ଝାଡ଼ରେ ତାର ଶୃଙ୍ଗାର କରାଯାଇ ନଥିଲା । ହେଲେ ରୁପାର ସୂକ୍ଷ୍ମ ତାରକସୀର ମଣିମାଣିକ୍ୟ ଜଡ଼ଉ ଯେମିତି ତା' ଦେହରେ ଚିତାକୁଟା ହୋଇଥିଲା.....

ତା'ପରେ ସେ ଦେଖିଲା ଯେ କଚା ରାସ୍ତାର କଡ଼େ କଡ଼େ ଉଠିଥିବା ଫୁଲଫୁଟା ଲତାରୁ ହାତୀଟା ତା ଶୁଣ୍ଢରେ କିଛି ଫୁଲ ତୋଳି କଚା ରାସ୍ତାରେ ବିଛେଇ ଚାଲିଛି ।

ଠିକ୍ ସେତିକିବେଳେ ତା'ପାଖରେ ଠିଆ ହୋଇଥିବା କେହି ଜଣେ ଲୋକ କହି ଉଠିଲା ଆମ ମନ୍ଦିରର ହାତୀଟା ସବୁଠୁ ବେଶୀ ସୁନ୍ଦର... ଚମତ୍କାର । ଏବଂ ସେ ଦେଖିଲା, ଅଦୂରରେ ନଈଟିଏ କୁଳୁକୁଳୁ ବହି ଯାଉଛି । ପୂର୍ଣ୍ଣଗର୍ଭା ନଈଟିର ପାଣି ଉପରକୁ ଉଠି ଆସି ପଡ଼ିଆରେ ବୋହୁଛି । ସେ ପାଣିର ମଇଦାନରେ କାଠରେ ଛୋଟ ଛୋଟ ଅସଂଖ୍ୟ ମନ୍ଦିର ତୋଳା ହୋଇଛି ।

ଏବଂ ସେ ହାତୀଟା ତା ଶୁଣ୍ଢ ଉଠାଇ ମନ୍ଦିରର ଘଣ୍ଟ ବଜାଉଛି ।

ସାମ୍ନାପାଖ କିଛି ଦୂରରେ କାଠ ବାଉଁଶରେ ତିଆରି ପ୍ରାୟ ଯାତଟା ଖଣ୍ଡେ ମନ୍ଦିର । ହେଲେ ହାତୀଟା ଯୋଉ ମନ୍ଦିରର ଘଣ୍ଟା ବଜେଇ ଥିଲା । ହରେକୃଷ୍ଣ ସେଇ ମନ୍ଦିର ଦିଗକୁ ଆଗେଇ ଚାଲିଲା ।

ଗୋଟାଏ ମନ୍ଦିରରୁ ଆଉ ଏକ ମନ୍ଦିରକୁ ଯାଉ ଯାଉ ସେ ଦେଖିଲା ଯେ ସେ ମନ୍ଦିରରେ ଯଜ୍ଞ ଚାଲିଛି । ସେଠାରେ ପୂଜାରୀ ଭଳି ଦେଖାଯାଉଥିବା ପାଞ୍ଚ ଛ ଜଣ ଲୋକ କଣ ମନ୍ତ୍ର

Digitized by PPRACHIN, SOA

ପାଠ କରୁଛନ୍ତି ।

ଦେଖାଗଲା ଯେ ତା' ମଧ୍ୟରେ ଅଟାର ପିତୁଳି ପରି କଣ ଗୋଟେ ପଡ଼ିଛି, ତା ଚାରି ଆଡ଼େ ଧନୁଶର, ଖଣ୍ଡା ପରି ଗୁଡ଼ିଏ ଅସ୍ତ୍ରଶସ୍ତ୍ର । ଭୟର ରେଖାଟିଏ ଯେମିତି ହରେକୃଷ୍ଣର ସର୍ବାଙ୍ଗରେ ଚହଟି ଗଲା, ସେ ଦେଖିଲା ଯେ ସେ ଅଟାର ପିତୁଳିଟା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି.........

ପୂଜାରୀ ସେଇ ଭଳି ଭାବରେ ଜୋର ଜୋର କୌଣସ ମନ୍ତ୍ରପାଠ କରୁଛନ୍ତି । ହରେକୃଷ୍ଣ କିଛି ହେଲେ ବୁଝି ପାରିଲା ନାହିଁ । ହେଲେ ତା' ସର୍ବାଙ୍ଗରେ ବହଟି ଯାଇଥିବା ଭୟର ରେଖାଟା ଯେମିତି ତା ମସ୍ତକରେ ଗଭୀରତର ହୋଇ ଚାଲିଥିଲା ।

ତାର ମନେ ହେଲା ଯେ ଅଟାର ପିତୁଳିଟି ଯେତେବେଳେ ଏମିତି ଭାବରେ ପ୍ରତି ମୁହୂର୍ତ୍ତରେ ବଢ଼ି ବଢ଼ି ଅତ୍ୟନ୍ତ ବଡ଼ ହୋଇଯିବ । ସେତେବେଳେ କିଛି ନା କିଛି ଗୋଟେ ଭୟଙ୍କର ଘଟଣା ନିଶ୍ଚୟ ହିଁ ଘଟିବ ।

ଏ କଥା ଭାବିଲା ମାତ୍ରକେ ତା'ର ଗୋଟାଏ ହାତ ବିଜୁଳି ବେଗରେ ଉଠିଲା । ସେ ପାଖରେ ପଡ଼ିଥିବା ଖଣ୍ଡାଟା ଉଠାଇ ପିତୁଳି ଉପରେ ପ୍ରଚଣ୍ଡ ପ୍ରହାର କଲା, ହେଲେ ସେ ପୁତୁଳିର କୋଉଠି ହେଲେ ଖଣ୍ଡାର ଆଘତଟା କ୍ଷତ ସୃଷ୍ଟି କଲା ନାହିଁ । ସେଇଟା ପ୍ରତି ମୁହୂର୍ତ୍ତରେ ସେମିତି ବଢ଼ି ବଢ଼ି ଚାଲିଥାଏ......ହରେକୃଷ୍ଣ ଘାବରା ହୋଇ ସେଠୁ ଛୁଟି ପଳାଇଲା ।

ସାମ୍ନାରେ ତା'ର ଗୋଲଟାଏ ଯୋଉଠି ଧଳା ଲୁଗା ପିନ୍ଧି ଓ ହାତ ବାନ୍ଧି ଗୁଡ଼ିଏ ଲୋକ ଠିଆ ହୋଇଛନ୍ତି । ହେଲେ ସେମାନଙ୍କ ଅତି ପାଖକୁ ଲାଗି ଚାରିଆଡ଼େ ଗୁଡ଼ିଏ ସିପାହି ଠିଆ ହୋଇଥାନ୍ତି । ସେମାନଙ୍କ ହାତରେ ଖୋଲା ଖଣ୍ଡା ଚକ୍‌ଚକ୍ କରୁଥାଏ ।

ହରେକୃଷ୍ଣ ଆହୁରି ଭୟଭୀତ ହୋଇ ଉଠିଲା । ତାର ମନେ ହେଲା ଯେ, ପିତୁଳି ବଡ଼ ହେଉଥିବା ଯଜ୍ଞ ସ୍ଥଳକୁ ଏ ଧଳା ଲୁଗାଧାରୀ ଲୋକମାନଙ୍କୁ ଜୋର ଜବରଦସ୍ତ କରି ନିଆ ଯାଉଛି ଏବଂ ଯେତେବେଳେ ସେ ପିତୁଳି ସମ୍ପୂର୍ଣ୍ଣ ବୃଦ୍ଧିପ୍ରାପ୍ତ ହେବ ସେତେବେଳେ ଏ ସମସ୍ତଙ୍କୁ ସେଠି ତା ଆଗରେ ବଳି ଦିଆଯିବ ।

ତା'କୁ ଦେଖିଲା ମାତ୍ରକେ ପୋଲର ସବୁଯାକ ସିପାହି ତା' ପଛରେ ଗୋଡ଼ାଇବାକୁ ଲାଗିଲେ । ତାର ଖିଆଲ୍ ହେଲା ଯେ' ତାକୁ ମଧ୍ୟ ବଳି ଦିଆଯିବ-

ସେ ପୋଲ ତଳେ ବୋହୁଥିବା ନଦୀଗର୍ଭକୁ ଅକାତରରେ ଲମ୍ଫ ଦେଲା ହେଲେ ପାଣିରେ ପହଁରି ପହଁରି ଆଗକୁ ଗଲା ମାତ୍ରକେ ତା'ଆଗରେ ମୁଖ ବ୍ୟାଦାନ କରି ରହିଥିବା ଏକ ବିରାଟ ଭଉଁରୀ ତାର ଦୃଷ୍ଟି ଗୋଚର ହେଲା । ତା'ଆଗକୁ ପୁଣି ଆଉ ଏକ ଭଉଁରୀ, ଏବଂ ସେ ସେମିତି ଭାସି ଭାସି ଯାଉଥାଏ । ହେଲେ ସେ ଭଉଁରୀ ଅନେକଥର ଘୁରେଇ ପରିଶେଷରେ ତାକୁ ନଈ ଧାରକୁ ଫିଙ୍ଗି ଦେଲା ଏବଂ–ସେ ଦେଖିଲା-ଏ ନଈଟା ସେ ନଈ ନୁହେଁ ଯୋଉଥିରେ ସେ ଲମ୍ଫ ଦେଇଥିଲା । ଏଇଟା ଅନ୍ୟ ଏକ ନଈ, ଏ କୂଳଟା ଅନ୍ୟ ଏକ

Digitized by PPRACHIN, SOA

ନଈକୂଳ । ଯୋଉଠି ଗୁଡ଼ିଏ ଭଉଁରୀ ଦେଖାଯାଇଥିଲା ସେ ନଈ ଓ ନଈଟା ହୁଏତ ସେଇଠି ମିଶିଛନ୍ତି ।

ସେ ଅନ୍ୟ ନଈର କୂଳରେ କେଇ ଜଣ ଧୋବାତୁଠରେ ଲୁଗା କାଚୁ ଥିଲେ । ଏବଂ ସାମ୍ନାରେ, ଅନତିଦୂରରେ ଏକ ଉଚ୍ଚ ଜାଗାରେ ଗୋଟିଏ ସହର ଥିବାର ଦେଖାଯାଉଥିଲା । ସେ ସମ୍ପୂର୍ଣ୍ଣ ଆଶ୍ୱସ୍ତ ହେଲା ଯେ ଯାହା ହେଉ ପରିଶେଷରେ ସେ ରକ୍ଷା ପାଇ ଯାଇଛି ।

ହରେକୃଷ୍ଣ ଏ ସ୍ୱପ୍ନ ବିଷୟରେ ଚିନ୍ତା କରୁ କରୁ ଦର୍ଜାର ଚୌକାଠ ପାଖରୁ ଫେରି ଆସିଲା । ନିଜ ବିଛଣାରେ ଗଡ଼ି ଆରାମରେ ମନେ ପକାଇବାକୁ ଲାଗିଲା ଯେ ଏ ସ୍ୱପ୍ନ ଦେଖିଲା ପରେ ପରେ ସେ ହାତୀ ଓ ବିଭିନ୍ନ ଭାବଭଙ୍ଗୀମାରେ ଠିଆ ହୋଇଥିବା ଓ ବସିଥିବା ଗଣେଶଙ୍କର ଗୁଡ଼ାଏ ପେଣ୍ଟିଙ୍ଗସ୍ କରି ଥିଲା ।

ହେଲେ ସେ କେବେହେଲେ ଏ ସ୍ୱପ୍ନର ବିଶ୍ଳେଷଣ କରି ନଥିଲା । ଯେତେବେଳେ ସେ ବିଭିନ୍ନ କାନଭାସରେ ଗଣେଷଙ୍କୁ ଚିତ୍ରଣ୍ କରି ଚାଲିଥିଲା । ସେତେବେଳେ ମଧ୍ୟ କରି ନଥିଲା । ଆଜି ଏତିକି ବେଳେ ତାର ମନେ ହେଲା ଯେ ସବୁଯାକ ସ୍ୱପ୍ନ ତା' ସମଗ୍ର ଜୀବନର ରହସ୍ୟକୁ ଉନ୍ମୋଚିତ କରୁଥିବା ଖୁବ୍ ପ୍ରତୀକାତ୍ମକ ସ୍ୱପ୍ନ ଥିଲା । ସମାଜର ଯଜ୍ଞରେ ସମାଜ ବାଲାଏ କେଜାଣି କେମିତି ନିଜ ନିଜ ଜାତି, ଧର୍ମ, ରକ୍ଷଣଶୀଳତା, ସାମାଜିକ ପରମ୍ପରା ଓ ରାଜନୈତିକର ଚାଲ୍‌ର ଯେମିତି ମନ୍ତ୍ର ପାଠ କରିଥାନ୍ତି ଯେ ସେ ଯଜ୍ଞରେ ପ୍ରତ୍ୟେକ ମଣିଷକୁ ବଳି ଦେବାକୁ ପଡ଼େ ।

ଦେଶ ବିଭାଜନ ବେଳର କଥା ମନେ ପଡ଼ିଲା ତାର ହଜାର ହଜାର ଲୋକ, ନିରୀହ, ନିରପରାଧ ଝିଅ ଯାହାକୁ ରାଜନୀତିର ମନ୍ତ୍ର ବଳି ଦେଇଥିଲା ଏବଂ ପ୍ରତ୍ୟେକଟି ଧର୍ମର ମନ୍ତ୍ର ସିଧା ସରଳ ଘରଦୁଆରିଆ ଲୋକଙ୍କ ହାତରେ ରକ୍ତାକ୍ତ ଖଣ୍ଡା ଧରାଇ ଦେଇଥିଲା ।

ଏବଂ ସାମାଜିକ ପରମ୍ପରା?......କେଜାଣି କେତେଯେ ଅଲ୍ଲାରକ୍‌ଖୀମାନଙ୍କୁ ସମାଜର ଘର ଅଗଣାରୁ ନେଇ ବଜାର, କୋଠାରେ ବସାଇ ଦେଇଥିଲା ।

ହରେକୃଷ୍ଣଙ୍କୁ ଆଜି ତାହାର ହିଁ ସ୍ୱପ୍ନ ବିଚଳିତ କରିଥିଲା । ନଈର ଭଉଁରୀ କଥା ଖିଆଲ ଆସିଲା ମାତ୍ରକେ କେତେ ନାଁ ତା ମସ୍ତିଷ୍କରେ ଘୂରିବାକୁ ଲାଗିଲି...ବିବ୍‌ବୋ.....ତାର ଭାଉଜ.............ଇଲା... ମିନ୍ନି ଏବଂ ମନେ ହେଲା, ଏଇଟା, ନିଶ୍ଚିତ ଭାବରେ ଆଫତାବ ଓ ସାହିର ସଙ୍ଗେ ତା ବନ୍ଧୁତା ଓ ତା'ବୋଉଙ୍କ ମମତାର କୌଣସି ମହିମା ଥିଲା ଯାହା ତାକୁ ଯାବତୀୟ ଜଳାବର୍ତ୍ତ ଭିତରୁ ସୁରକ୍ଷିତ ଭାବରେ ରକ୍ଷା କରି ଆସିଛି.......

ଆଉ ମନ୍ଦିରର ହାତୀ ?

ତାର ବିଶ୍ୱାସଟା ବଳବତ୍ତର ହୋଇ ଉଠିଲା ଯେ ସେଇଟା ଥିଲା ତା ଚିତ୍ର କଳାର ପ୍ରତୀକ ।

Digitized by PPRACHIN, SOA

ଉଣେଇଶ

ଆଜି ରାତିରେ ଏଇ ଘଡ଼ିକ ଆଗରୁ ପିନ୍ଧିଥିବା ସାର୍ଟଟା ର' ସିଲକର ବୋଲି ମନେ ହୋଇଥିଲା, ଯାହା ତାକୁ ଆଫତାବ୍ ଉପହାର ଦେଇଥିଲା । ଏବଂ ଏବେ ସେଇ ସିଲ୍କେନ୍ ସାର୍ଟ ଖଣ୍ଡିକ ତା'ଗଳାରେ ଗୁଡ଼ା ହୋଇଥିବା ଜାପାନୀ ସିଲକର ଖଣ୍ଡେ ନିହାତି ନରମ ମଫଲରରେ ପରିଣତ ହୋଇ ଯାଇଛି...........

କେଜାଣି କେତେବେଳେ ଯାଏ ତା' ହାତଟା ଗଳାରେ ଓ ସେ ରେଶମୀ ମଫଲର ଉପରେ ଘୂରି ବୁଲିଲା ।

ସେ ଏଇ ଛବିଶ୍ କି ସତେଇଶ ଥର ପେରିସ୍ ଯାଇଥିବ । ସେଠି ସେ 1969ରେ ବି ତା ଚିତ୍ରର ପ୍ରଦର୍ଶନୀ କରିଥିଲା ଓ 1966ରେ ମଧ୍ୟ । ଦି ଥରଯାକ ସେଇଟା ତ ପ୍ରାୟ 'ୱାନ ମେନ୍ ଶୋ' ଥିଲା । ହେଲେ 1979ରେ ଅଠେଇଶ ଅଣତିରିଶ ଜଣ ଫରାସୀ ଚିତ୍ରକରଙ୍କ ସଙ୍ଗେ ମିଶି ସେ ଯୋଉ ଚିତ୍ରକଳା ପ୍ରଦର୍ଶନୀ କରିଥିଲା, ସେଇଟା ଥିଲା ଦୁଇଟା କାରଣରୁ ତା'ଲାଗି ଅତ୍ୟନ୍ତ ସ୍ମରଣୀୟ । ପ୍ରଥମତଃ ସେ ପ୍ରଦର୍ଶନୀରେ ଫ୍ରାନ୍ସର ବର୍ଣ୍ଣାଢ଼ ବୁଫେ, କ୍ଲାୱେ, ଫନ୍ତାନାରୋଜା, ଓ ମୈକାୱେ ଭଳି ସିଦ୍ଧ ହସ୍ତ ପ୍ରଖ୍ୟାତ ଶିଳ୍ପୀମାନେ ଥିଲେ ତାର ସମସାମୟିକ । ତାଛଡା ଫ୍ରାନ୍ସରେ ବସବାସକାରୀ ଜାପାନୀ ଚିତ୍ରକର ମୁରାୟାମାଙ୍କ ସଙ୍ଗେ ତା'ର ଅତ୍ୟନ୍ତ ବନ୍ଧୁତା ।

ଦିନେ ହରେକୃଷ୍ଣ ଚମ୍ପେର ଚମତ୍କାର ସୂତାକାମକରା ମଫଲର ବେକରେ ପକାଇଥାଏ । ମୁରାୟାମା ଜାପାନୀ ସିଲ୍କର ମଫଲର ଖଣ୍ଡେ ପକାଇଥାନ୍ତି । ଯେତେବେଳେ ସେମାନେ ଚିତ୍ରକଳାର ତିନି ଡାଇମେନ୍ସନ, ଚାରି ଡାଇମେନ୍ସନ୍ ଉପରେ କଥାବାର୍ତ୍ତା ହେଉ ହେଉ ପାରସ୍ପରିକ ପ୍ରଶଂସାରେ ଏମିତି ବିଗଳିତ ହୋଇ ଉଠିଲେ ଯେ ମୁରାୟାମା ନିଜ ବେକରୁ ମଫଲରଟା କାଢ଼ି ତା'ବେକରେ ଝୁଲାଇ ଦେଲେ । ଏବଂ ଏ ସହୃଦୟତାର ଉତ୍ତର ଦେବାକୁ ଯାଇ ହରେକୃଷ୍ଣ ଚମ୍ପେର ଜରିକାମ କରା ନିଜ ମଫଲରଟା କାଢ଼ି ମୁରାୟାମାଙ୍କ ଗଳାରେ ପକାଇ ଦେଇଥିଲା ଏବଂ ନିଜ ଦେଶର ପ୍ରଥା ସମ୍ପର୍କରେ ମଧ୍ୟ ତାଙ୍କୁ ଅବଗତ କରାଇ ଥିଲା ଯେ, ଯେତେବେଳେ ଦୁଇଜଣ ପୁରୁଷଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ସୃଷ୍ଟି ହୁଏ, ସେମାନେ ପରସ୍ପର ସହିତ ନିଜର ପଗଡ଼ି ବିନିମୟ କରିଥାନ୍ତି ।

ମୁରାୟାମାଙ୍କ ମଫଲରର କୋମଳ ସ୍ପର୍ଶକୁ ନିଜ ବେକରେ ଅନୁଭବ କଲାବେଳେ ହରେକୃଷ୍ଣର ପାଦତଳେ ଯେମିତି ପେରିସ୍ର ରାସ୍ତାଘାଟ ବିଛେଇ ହୋଇଗଲା-କେଇ କେଇ ରାତିରେ ସେ ମଧୁର ସମୟ ମଧ୍ୟ— ଯେତେବେଳେ ଫରାସୀ ମଦପିଇ ସେ ଅଧା ଅଧା ରାତି ଯାଏ କେତେକ ଚିତ୍ରଶିଳ୍ପୀଙ୍କ ସଙ୍ଗେ ମିଶି ପେରିସ୍ର ରାସ୍ତାଘାଟରେ ଗୀତ ଗାଇ ନାଚି ବୁଲୁଥିଲା ।

Digitized by PPRACHIN, SOA

ସେତେବେଳେ ସେ ପେରିସ୍‌ର ଆଚାର ବ୍ୟବହାର ସମ୍ପର୍କରେ ସମ୍ପୂର୍ଣ୍ଣ ପରିଚିତ ନଥିଲା । ସେତେବେଳେ ସେ ଭାବୁଥିଲା ଯେ, ରାତି ବାରଟା ପରେ ପହଞ୍ଚିଲେ ଦର୍ଜା ଖୋଲିବା ବେଳେ ହୋଟେଲ୍‌ବାଲାମାନଙ୍କୁ କଷ୍ଟ ହେଉଥିବ । ଏକଥା ଚିନ୍ତା କରି ସେ ଯେତେଶୀଘ୍ର ସମ୍ଭବ ହୋଟେଲ୍‌କୁ ଫେରି ଆସୁଥିଲା । ହେଲେ ଯେତେବେଳେ ହୋଟେଲବାଲାମାନେ ତାକୁ କହିଲେ ଯେ, ପେରିସ୍‌ର ରାତି ଶୋଇବାଲାଗି ହୋଇ ନଥାଏ । ସେତେବେଳେ ସେ ସଡ଼କମାନଙ୍କର ବନ୍ଧୁ ହୋଇଯାଇଥିଲା ।

ପେରିସ୍‌ର ମଦ ପ୍ରସଙ୍ଗରେ ହରେକୃଷ୍ଣଙ୍କୁ ସେ ସମୟ କଥା ମଧ୍ୟ ମନେ ପଡ଼ିଗଲା, ଯେତେବେଳେ ସେ ପ୍ରଥମ ଥର ଲାଗି ରୁଷିଆ ଯାଇଥିଲା ଏବଂ ତାକୁ ୱାଇନ୍ ବା ଭୋଡ୍‌କା କିଛି ପିଉ ନ ଥିବା ଦେଖି ଦିନେ ତାର ଦୋଭାଷୀ ତରୁଣୀ ହେନେରୀ ଏଟା ତା'କୁ ହସ୍‌ପିଟେଲ୍‌କୁ ପରୀକ୍ଷା କରାଇବାକୁ ନେଇଯାଇଥିଲା । ଡ଼ାକ୍ତର ସବୁ ପ୍ରକାର ପରୀକ୍ଷା ନିରୀକ୍ଷା କରି କହିଥିଲେ । ଲୋ ବ୍ଲଡ୍ ପ୍ରେସର ଆଉ କିଛି ନୁହଁ । ୟାଙ୍କୁ ସବୁଦିନ ଭୋଡ୍‌କା ବା କୋନ୍ୟାକ୍ ପିଇବା ଉଚିତ୍ ।

ତା ପରେ କଥା ପ୍ରସଙ୍ଗରେ ଡ଼ାକ୍ତର ପଚାରିଲେ-ଆପଣଙ୍କ ଦେଶ ଭାରତର ଜାତୀୟ ଡ୍ରିଙ୍କ୍ କଣ ?

ସେ କଣ କହିବ କଣ କହିବ ବୋଲି ଭାବନାରେ ପଡ଼ିଯାଇଥିଲା । କ୍ଷୀର, ଦହି ବୋଲି କୁହାଯାଇପାରେ, ହେଲେ କ୍ଷୀର ବା ସମସ୍ତଙ୍କ ଭାଗ୍ୟରେ କାହିଁ ଏବଂ ଦହିଟାତ ଖାଲି ଖରାମାସର ଜିନିଷ । ସବୁ ସମୟର ନୁହେଁ । ତେଣୁ ସେ ହସିକି କହିଥିଲା- ଆମ ଦେଶର ଜାତୀୟ ଡ୍ରିଙ୍କ ହେଉଛି ପାଣି । ବିଶ୍ୱାସ କରି ନଥିଲେ ଡାକ୍ତର । ସେ ବାରମ୍ବାର ପଚାରିଥିଲେ ଯେ ଲୋକେ ୱାଇନ୍ ପିଅନ୍ତି ନାହିଁ, ଏ କଥାଟା କେମିତି ବା ସମ୍ଭବ ହୋଇ ପାରେ ?

ସେ ଡ଼ାକ୍ତରଙ୍କୁ କହିଥିଲା 'ଆମ ଦେଶରେ ତ ଅନେକ ଜାଗାରେ ୱାଇନ୍, ହ୍ୱିସ୍କି ଉପରେ ନିଷେଧାଜ୍ଞା ଲାଗୁ କରାଯାଇଛି । ଡାକ୍ତର ଚକିତ ହୋଇ ପଚାରି ଥିଲେ-ସରକାରୀ ସ୍ତରରେ ନିଷେଧାଦେଶ ଲାଗୁ କରା ଯାଇଛି ? କଣ ଲୋକେ ଆନନ୍ଦରେ ରହନ୍ତୁ ବୋଲି ସରକାର ଚାହେଁ ନାହିଁ ?'

ସେତେବେଳ ଯାଏଁ ହରେକୃଷ୍ଣ ଏସବୁ କିଛି ହେଲେ ଚାଖି ନଥିଲା । ତେଣୁ ଡାକ୍ତରଙ୍କ କଥା ଶୁଣି ସେ କେବଳ ହସି ଥିଲା.....ହେଲେ ସେ ଯେତେବେଳେ ପେରିସ୍‌ରେ ରାତ୍ରୀର ମାତୁଆଲା ରୂପ ଦେଖିଲା, ସେତେବେଳେ ସେ ଋଷିୟ ଡ଼ାକ୍ତରଙ୍କ ଚକିତ ହେବାର ରହସ୍ୟ ଭେଦ କରି ପାରିଥିଲା ।

ତା' ଆଖି ଆଗରେ ଜର୍ମାନର ସଡ଼କ ସବୁ ମଧ୍ୟ ଭାସି ଉଠିଲା । ଯେଉଁଠି ବୁଲିବା ଲାଗି ଓ ନିଜର ଚିତ୍ର ପ୍ରଦର୍ଶନୀ କରିବାଲାଗି ସେ ଲଣ୍ଡନରେ କେଇ ମାସ ଧରି ଡ୍ରାଇଭିଙ୍ଗ୍ ଶିଖିଥିଲା । ତା'ପରେ ଗୋଟାଏ ଭେନ୍ କିଣି ନିଜ ଚିତ୍ର ଭରି, ୟୁରୋପ୍‌ର ସଡ଼କରେ ନିଜକୁ ହଜାଇ ଦେଇଥିଲା । ହଲେ ତା ପାଦ ଦି'ଟା ଯେମିତି ଏବେ ମଧ୍ୟ କେବଳ ପେରିସ୍‌ର ସଡ଼କ ଉପରେ

Digitized by PPRACHIN, SOA

ଠିଆ ହୋଇଥିଲେ । ଗେଲେରୀର ମାଲିକାଣୀ ପକ୍ଷରୁ ଦିଆ ଯାଇଥିବା ଭୋଜି ଓ ସେ ପ୍ରଦର୍ଶନୀ ଗୁଡ଼ିକର ଚିତ୍ରସବୁ ଯେମିତି ସ୍ମୃତିର ଗୋଟାଏ ମାଳରେ ଗୁନ୍ଥି ହୋଇ ଗଲେ............

ପେରିସ୍‌ର ଟେଲିଭିଜନ ଯେତେବେଳେ ତା'ର ପ୍ରଥମ ପ୍ରଦର୍ଶନୀକୁ ପେଶ୍ କଲା, ସେତେବେଳେ ଫିଲ୍ମର ପ୍ରିଣ୍ଟଟାଏ ହରେକୃଷ୍ଣଙ୍କୁ ଉପହାର ଦେଇଥିଲା । ହେଲେ ସେ ପ୍ରିଣ୍ଟଟା ବମ୍ବେର ତା'ସନ୍ତସନ୍ତିଆ ଅସନା ରୁମ୍‌ରେ ପଡ଼ି ପଡ଼ି କେଜାଣି କେବେଠୁ ନଷ୍ଟ ହୋଇଗଲାଣି ହେଲେ ହରେକୃଷ୍ଣର ମନେହେଲା ଯେମିତି ସେ ଫିଲ୍ମଟା ଏବେ ମଧ୍ୟ ଠିକ୍ ଠିକ୍ ଚାଲିଛି ତା' ଆଖି ଆଗରେ ଏବଂ ତାକୁ ତାର ଗୋଟାଏ ଚିତ୍ର ସ୍ପଷ୍ଟ ଭାବରେ ଦେଖା ଯାଉଛି ।

ସମୁଦ୍ରକୁ ଲାଗିଥିବା ତିନିଫୁଟ ଉଚ୍ଚ ପଥରର କାନ୍ଥ ଉପରେ ବସିଥିବା ହରେକୃଷ୍ଣ ନିଜ କାନ୍ଧ ଓ ବେକକୁ ନିଜ ହାତରେ ଏମିତି ଛୁଇଁଲା, ଯେମିତି ସମଗ୍ର ପେରିସ୍‌ଟା ମୁରାୟାମାର ଜାପାନୀ ମଫଲର ପରି ତା ବେକ ଚାରିପଟେ ଗୁଡ଼ା ହୋଇ ରହିଛି ।

କୋଡ଼ିଏ

ବାହ୍ୟ ଯାତ୍ରା ଓ ଅନ୍ତର୍ଯାତ୍ରା ହରେକୃଷ୍ଣର ମନରେ ସମୁଦ୍ର ଲହଡ଼ି ପରି ଉଠିବାକୁ ଲାଗିଲା ।

ବାହାରର ଜହ୍ନ ପରି ଆଜି କୌଣସି ଏକ ଜହ୍ନ ତା' ଅନ୍ତରରେ ମଧ୍ୟ ଉଠିଥିଲା-

ଏଥରକ ବାହାରର ଜୋଛନାଟା ତା' ରୁମ୍‌ର ଭିତରକୁ ଆସୁ ନଥିଲା ।

ହେଲେ ଭିତରର ଜହ୍ନଟା ସିଧା ସଳଖ ତା' ଆତ୍ମା ଉପରେ ଅଜାଡ଼ି ହୋଇ ପଡୁଥିଲା ।

ତା'ଆତ୍ମାରେ ଯେମିତି ମୋହାସକ୍ତିଟାଏ ଛାଇଗଲା-ସାମ୍ନାରେ ଦେଖାଗଲା ପାଙ୍ଗୀରୁ ଗୁଲାବୋର ଛବି । ଯିଏ ବମ୍ବେର ମେଲଣକୁ ଆସିଥିଲା ବେଳେ ତାର ଛବିଟାଏ ଆଙ୍କିବା ଲାଗି କୌଣସି ପ୍ରକାରେ ତା'ମାକୁ ରାଜି କରି ନେଇଥିଲା । ରାଜି କରେଇଥିଲା ଯେ ଗୁଲାବୋ ତିନି ଦିନ ଦିପହର ବେଳେ କିଛି ସମୟ ତା' ସାମ୍ନାରେ ମଡ଼େଲ୍ ହୋଇ ବସିବ । ଏବଂ ସେ ଚିତ୍ର ଆଙ୍କିବ ।

ସେ ଚିତ୍ର ଆଙ୍କୁଥିଲା ବେଳେ ଗୁଲାବୋ ଖୁବ୍ ଗେହ୍ଲେଇ ହୋଇ କହିଥିଲା, ବାବୁ ! ମୁଁ ଗୋଟାଏ ବାଇସକୋପ ଦେଖିଥିଲି । ସେଥିରେ ଖଣ୍ଡେ କନ୍ଦର ଉପରେ ଛବି ସବୁ ନାଚୁଥିଲେ । ତୁ ମୋ ଛବିକୁ କେବେହେଲେ ସେମିତି ନଚେଇବୁ ନାହିଁ । ନିଜର ମାନ ମହତ ଲାଗି ଗୁଲାବୋର ସ୍ୱାଭାବିକ ଚିନ୍ତା ତାକୁ ଖୁବ୍ ଭଲ ଲାଗିଥିଲା ।

ପୁଣି ଗୁଲାବୋ କହିଥିଲା, ବମ୍ବେର ମେଲଣରେ ସମସ୍ତେ ପକୋଡ଼ି ଖାଇଥାନ୍ତି । ଦୋକାନୀ ଯୋଉ କାଗଜରେ ପକୋଡ଼ି ଦିଏ, ସେ କାଗଜରେ ମଧ୍ୟ ସ୍ତ୍ରୀ ମାନଙ୍କର ଛବି ଥାଏ........ପକୋଡ଼ି ଖାଇ ଯେତେବେଳେ କାଗଜଟା ଫିଙ୍ଗି ଦିଅନ୍ତି; ସେତେବେଳେ ସେ କାଗଜଖଣ୍ଡମାନ ଲୋକମାନଙ୍କର ପାଦତଳେ ଦଳି ମକଚି ହୁଏ....ବାବୁ ତୁ ମୋ ଚିତ୍ର ଥିବା କାଗଜଟା ତଳେ

Digitized by PPRACHIN, SOA

ଫିଙ୍ଗି ଦେବୁ ନାହିଁ ଏବଂ ତା ମନଟା ଗେହ୍ଲେଇ ଗୁଲାବୋ ଲାଗି ଆଦରରେ ଭରି ଯାଇଥିଲା ।

ହରେକୃଷ୍ଣର ଆଖି ଆଗରେ କେତେ ଯେ ନିଷ୍କଳ ଝିଅ ଭାସି ଉଠିଲେ ଯେଉଁମାନଙ୍କ ଭିତରୁ କେତେକ ଝିଅ ଥିଲେ ଦେହାଁତଡ଼ି ଓ ଆଉ କେତେକ ଥିଲେ ରେହାଁତଡ଼ି ।

ସେ ଯେତେବେଳେ ଜାନସର ବାବର ଯାତ୍ରା ଲାଗି ଯାଇଥିଲା, ସେତେବେଳେ ଜାଣି ପାରିଥିଲା ଯେ ଡ଼େରାଡୁନ୍‌ର 54 ମାଇଲ ଦୂରରେ ଚକରାତା ଏବଂ ଚକ୍‌ରାତାରୁ 5 ମାଇଲ ଦୂର ଆଗକୁ ଗଲେ ଆରମ୍ଭ ହୋଇଥାଏ ଜାନସର ବାବରର ସୀମା । ତାର ଗୋଟାଏ ପଟକୁ ଗଡ଼ୱାଲ ଓ ଅନ୍ୟ ପଟକୁ କୋର୍ଟଖାଇର ଝର୍ଣ୍ଣିକା ।

ବାଟର ଶେଷ ଗାଁଟା ଥିଲା ନବ୍‌ଗାଁଓ ।

ଚକରାତାରେ ଲାଖାମଣ୍ଡଳର ଖବର ମିଳିଥିଲା । ଲାଖାମଣ୍ଡଳ ହେଉଛି ସେ ପୌରାଣିକ ସ୍ଥାନ, ଯୋଉଠି କୌରବମାନେ ଜତୁଗୃହ ତିଆରି କରିଥିଲେ ଏବଂ ସେଠି ବସବାସ କରିଥିବା ଅଧିବାସୀ ଏବେ ମଧ୍ୟ ନିଜକୁ ପାଣ୍ଡବ ମାନଙ୍କ ବଂଶଧର ବୋଲି ପରିଚୟ ଦେଇଥାନ୍ତି ।

ସେ ଶୁଣିଥିଲା ଯେ ସେମାନେ କାଠର ଘରେ ବସବାସ କରନ୍ତି । ଏବଂ ସେ ଘରର ଚୌକାଠ, କବାଟ ଓ ଛାତ ଉପରେ କରାଯାଇଥିବା କାଠ ଖୋଦେଇ କାମ ଦେଖିବା ଭଳି ଚମତ୍କାର ।

ଚକରାତାର ଆଗର ବାଟଟା ଖଚ୍ଚରରେ ଯିବାକୁ ହୋଇଥାଏ । ସେଠି ଲୋକେ ତାକୁ ସତର୍କ କରାଇ ଦେଇ କହିଥିଲେ - ବାବୁ ! ଟିକିଏ ସମ୍ଭାଳିକି ଯିବ, ଆଗରେ ଓଲଟ ଗୋଡ଼ବାଲୀ ସବୁ ରହନ୍ତି । ଯେଉଁମାନେ ସିଧା ଗୋଡ଼ବାଲୀଙ୍କ ରୂପ ଧାରଣ କରି ମଣିଷକୁ ମୋହି ନିଅନ୍ତି । ତା'ପରେ ତାକୁ ମେଣ୍ଢା କରି ନିଜ ଦର୍ଜା ପାଖରେ ବାନ୍ଧି ରଖନ୍ତି । ଏକଥା ଶୁଣି ହରେକୃଷ୍ଣ ହସି ଦେଇଥିଲା ଏବଂ ଗୋଟାଏ ଖଚରରେ ନିଜର ରଙ୍ଗ, ବ୍ରସ ଓ ଲୁଗାପଟା ଲଦି ନେଇଥିଲା ।

ଆଉ କିଛି ଆଗକୁ ଯାଇ ଜାଣିଲା ଯେ, ଯୋଉଝିଅମାନେ ଶାଶୁ ଘରେ ରହୁଥିଲେ ସେମାନଙ୍କୁ ସେଠି ରେହାଁତଡ଼ି ବୋଲି କୁହାଯାଉଥିଲା । ସେମାନେ ପର ପୁରୁଷକୁ କେତେବେଳେ ହେଲେ ଆଖି ପୁରାଇ ଦେଖନ୍ତି ନାହିଁ । ଆଉ ଯେଉଁ ଅବିବାହିତ କୁମାରୀ ଝିଅ ମାନେ ବାପଘରେ ରହିଥାନ୍ତି । ସେମାନଙ୍କୁ ଦେହାଁତଡ଼ି ବୋଲି କୁହାଯାଉଥିଲା । କୂଅରେ ପାଣି ଭରୁଥିବା ଝିଅମାନଙ୍କୁ ଯେ କୌଣସି ପଥିକ ପଚାରି ପାରୁଥିଲା ଯେ ସେମାନଙ୍କ ମଧ୍ୟରେ ଦେହାଁତଡ଼ି କିଏ ?

ଯୋଉମାନେ ରେହାଁତଡ଼ି, ସେମାନେ କେବଳ ଶାଶୁଘରେ ରେହାଁତଡ଼ି ବୋଲାଇଥାନ୍ତି, ହେଲେ ଯେତେବେଳେ ମା'ଘରକୁ ଆସନ୍ତି ପୁଣି କୁମାରୀ ହୋଇ ଦେହାଁତଡ଼ି ହୋଇଯାନ୍ତି । ଏଇଟା ସେମାନଙ୍କ ପ୍ରଥା ।

ସେଦିନ ହରେକୃଷ୍ଣ ଭଲରକମ ଜାଣି ପାରିଥିଲା ଯେ, ଏ ସତ୍ୟ, ଏ ସରଳତା, ଏବଂ ଏ ନିଷ୍କଳତା ତାର ଅର୍ଥ ସର୍ବସ୍ୱ ଦୁନିଆରେ କେବେ ହେଲେ ପାଦ ଥୋଇ ପାରିବ ନାହିଁ ।

Digitized by PPRACHIN, SOA

ଜାଣିଥିଲା ଯେ, କୌଣସି ଦେହାଁତଡ଼ି କୌଣସି ପଥିକର ଅନୁରୋଧକୁ ଅସ୍ୱୀକାର କରୁ ନଥିଲା । ତାକୁ ନିଜ ଘରକୁ ନେଇ ଯାଉଥିଲା । ଗରମ ପାଣିରେ ତା'ପାଦ ଧୋଇ ଦେଉଥିଲା । ଖୁମାନୀ ତେଲରେ ତା ଗୋଡ଼ ହାତ ମାଲିସ କରୁଥିଲା ତାପରେ ଭଲ ଘିଅରେ ରନ୍ଧା ଭୋଜନ ଖାଇବାକୁ ଦେଉଥିଲା । ଏବଂ ତାକୁ ନିଜ ବିଛଣାରେ ନିଜ ଦେହର ଉତ୍ତାପ ଦାନ କରି, ସକାଳେ ପୁଣି ତା'ବାଟରେ ତାକୁ ପଠେଇ ଦେଉଥିଲା । ପଥିକଠାରୁ କୌଣସି ରକମ ଟଙ୍କା ପଇସା ସ୍ୱୀକାର କରିବା ସେମାନଙ୍କ ଧର୍ମରେ ନଥିଲା ।

ସେ ଶବ୍ଦଟା ହରେକୃଷ୍ଣକୁ ବାହ୍ୟ ଯାତ୍ରାରୁ ବାହାର କରି ତାକୁ ଅର୍ନ୍ତଯାତ୍ରା ପଥରେ ଆଗେଇ ନେଲା । ତାର ସ୍ୱପ୍ନଟାଏ ମନେ ପଡ଼ିଗଲା । ଦେଖିଲା ସମ୍ନାରେ କେ.କେ. ହେବ୍‌ବ୍‌ର ବସିଛନ୍ତି । ସେହି, ଯାହାଙ୍କଠାରୁ ହରେକୃଷ୍ଣ ଚିତ୍ରକଳାର ପ୍ରଥମ ଶିକ୍ଷା ଗ୍ରହଣ କରିଥିଲା

ଏବଂ ଦେଖିଲା-ଏକ ପୁରୁଣା କାରିଗର ପରିବାରର ଜଣେ ବ୍ୟକ୍ତି ହେବ୍‌ବ୍‌ରଙ୍କ ଠାରୁ ଦୀକ୍ଷା ଗ୍ରହଣ କରୁଛି । ପୁଣି ଆଉ ଲୋକଟାଏ ଆସିଲା । ହେବ୍‌ବର ତାକୁ ଦେଲେ.........

ହରେକୃଷ୍ଣ ମଧ୍ୟ ତାଙ୍କ ପାଖରେ ବସିଯାଇ କହିଲା 'ମୋତେ ବି ଦୀକ୍ଷା ଦିଅନ୍ତୁ ।'

ହରେକୃଷ୍ଣ କହିଲା - ମୁଁ ମଧ୍ୟ ଏକ ପ୍ରାଚୀନ ଶିଳ୍ପୀ ପରିବାରର ପୁଅ । ଅଜନ୍ତା ଓ ଏଲୋରାର ଚିତ୍ର ମୁଁ ଆଙ୍କିଛି । ଚିତ୍ରକଳା ମୋର ଧର୍ମ ।

ହେବବର ଟିକିଏ ଦୂରରେ ବସିଥିବା ଜଣେ ବୃଦ୍ଧ ବ୍ୟକ୍ତିଙ୍କ ଆଡ଼କୁ ହାତରେ ଈଶାରା କଲେ, ତା ପାଖକୁ ଯିବାଲାଗି ।

ହରେକୃଷ୍ଣ ସେ ବୃଦ୍ଧ ବ୍ୟକ୍ତିଙ୍କ ଆଡ଼କୁ ଆଗେଇଗଲା ବେଳକୁ ହେବବର କହିଲେ- ସିଏ ହେଉଛନ୍ତି ଦକ୍ଷିଣ ଭାରତର ସବୁଠୁ ପ୍ରତିଭାଶାଳୀ, ଖୁବ୍ ବଡ଼ ବିଦ୍ୱାନ ଶିଳ୍ପୀ ତମେ ତାଙ୍କଠୁ ଦୀକ୍ଷା ନିଅ । ହରେକୃଷ୍ଣ ଦେଖିଲା ଯେ, ସେ ବୃଦ୍ଧ ବିଦ୍ୱାନ ଜଣକ ଯୋଉଠି ବସିଥିଲେ, ତାଙ୍କ ପଛରେ ଗୋଟାଏ ଖୁବ ବଡ଼ ମନ୍ଦିର । ମନ୍ଦିରର ଗୋଟିଏ ସ୍ଥାନରେ ହୋମ ଚାଲିଛି ।

ହରେକୃଷ୍ଣ ସେହି ବୃଦ୍ଧଙ୍କ ସାମ୍ନାରେ ମଥାନତ କରି ଅତ୍ୟନ୍ତ ବିନମ୍ର ଭାବରେ ଠିଆ ହୋଇଗଲା । ସେ ଦେଖିଲା ସେ ଜଣେ ତାମିଲ୍ । ପିନ୍ଧିଛନ୍ତି ଖଣ୍ଡେ ଧଳା ଧୋତି । ଧୋତିର କାନିଟା କାନ୍ଧରେ ପଡ଼ିଛି । ଏବଂ ତାର ଖିଆଲ୍ ଆସିଲା ସେ ତାକୁ ତାମିଲ୍ ଆସେ ନାହିଁ । ସେ ତାଙ୍କ ସଙ୍ଗେ କଥାବାର୍ତ୍ତା କେମିତି କରିବ ? ସେ ପରିଶେଷରେ ନିଜ ଭାଷାରେ ହିଁ କଥାବାର୍ତ୍ତା କଲା । ହେଲେ ଯେତେବେଳେ ଦେଖିଲା ଯେ ତାମିଲ୍ ବୃଦ୍ଧଜଣକ ତା ଭାଷା ବୁଝି ପାରିଛନ୍ତି, ସେତେବେଳେ ତାର ବିସ୍ମୟର ସୀମା ରହିଲା ନାହିଁ ।

ଏବଂ ସେ ଦେଇଥିବା ଉତ୍ତରଟା ମଧ୍ୟ ସେ ଠିକ ଭାବରେ ବୁଝି ପାରିଥିଲା ।

ଏଇଟା କେଜାଣି କି ଭାଷା ପେ ହିଇଗଲାଣି ହୋଇଗଲା; ହେଲେ ବୃଦ୍ଧ ଜଣଙ୍କ କହିଥିବା କଥା ସେ ବୁଝି ପାରିଛି ସେ କହିଥିଲେ-କୃଷ୍ଣ ଓ ନାନକଙ୍କ ବଚନକୁ ବୁଝ । କେବଳ ପଢ଼ ନାହିଁ, ବୁଝ ଏବଂ ସେଇଟାକୁ ଚିତ୍ରରେ ଫୁଟାଅ । ହରେକୃଷ୍ଣ ସେତେବେଳେ କହିଲା, କୃଷ୍ଣଙ୍କ

Digitized by PPRACHIN, SOA

ସମୟ କୋଉଟା ଏବଂ ନାନକଙ୍କ ସମୟ କୋଉଟା ?

ସେତେବେଳେ ବୃଦ୍ଧ ଜଣକ ହରେକୃଷ୍ଣକୁ ପଚାରିଲେ– ଚିତ୍ରକଳା ତମ ଲାଗି କଣ ?

ହରେକୃଷ୍ଣ କହିଲା-ଚିତ୍ରକଳା ମୋର ଧର୍ମ ।

ଠିକ୍ ଏତିକି ବେଳକୁ ସାମ୍ନାରୁ କେଇଜଣ ଦେବତା ଆସୁଥିବାର ଦେଖାଗଲେ, ଯେଉଁମାନେ ଦକ୍ଷିଣ ଭାରତର ବାଦକମାନଙ୍କପରି ମୃଦଙ୍ଗ ବଜାଉଥାନ୍ତି । ପାଖକୁ ଆସିବାରୁ ସେ ଦେବତାମାନେ ଖୁବ୍ କ୍ଲାନ୍ତ ଶ୍ରାନ୍ତ ଜଣା ପଡ଼ିଲେ ତା ପରେ ନିଜ ନିଜ ମୃଦଙ୍ଗ ଭୂମିରେ ରଖାଇ ନିଜ ଚେହେରାରୁ ମୁଖା ଖୋଲିବାରେ ଲାଗିଲେ ।

ସେ ଦେଖିଲା ଯେ, ସେମାନେ ସବୁ ସାଧାରଣ ମଣିଷ, ହେଲେ ଏଇନେ ସେ ସମସ୍ତେ ଦେବତାମାନଙ୍କର ମୁଖା ଧାରଣ କରିଥିଲେ ।

ସେ କିଛିଟା ଘାବରା ହୋଇ ହେବ୍‌ବରଙ୍କ ଆଡ଼କୁ ଦେଖିଲା । କହିଲା ମୁଁ ତ ଏମାନଙ୍କୁ ଦେବତା ମନେ କରିଥିଲି, ହେଲେ ଏମାନେ ସବୁ ତ ସାଧାରଣ ମଣିଷ ।

ହେବ୍‌ବର ହସିଦେଲେ । କହିଲେ-ପ୍ରକୃତ ଅର୍ଥରେ ମଣିଷ ହେବାଟା ସବୁଠୁ ବଡ଼ କାଠିକର ପାଠ, ବୁଝିଲ ହରେକୃଷ୍ଣ ।

ଆଜି ଯେତେବେଳେ ସେ ସ୍ୱପ୍ନ କଥା ହରେକୃଷ୍ଣର ମନେ ପଡ଼ିଗଲା । ମନେହେଲା ପ୍ରକୃତରେ ମଣିଷ କେବେହେଲେ ମଣିଷ ଶବ୍ଦର ଅର୍ଥଟା ବୁଝିପାରିଲା ନାହିଁ କି ଧର୍ମ ଶବ୍ଦର ଅର୍ଥ ମଧ୍ୟ ଜାଣି ପାରିଲା ନାହିଁ ।

ସେହିବାଗର ତାର ପୁଣି ମନେ ହେଲା ଯେ, ମଣିଷ ଏ ଯାଏଁ 'ସମ୍ପର୍କ' ଶବ୍ଦଟାର ମଧ୍ୟ କିଛି ଥଳକୂଳ ପାଇନାହିଁ ।

ରକ୍ତର କୋଉ କୋଉ ତାର ସହ ଯୋଡ଼ି ହୁଏ, କି ଭଳି ଲୋକଙ୍କୁ ଆପଣାଇ ନିଏ ଏବଂ କୋଉ କୋଉ ତାର ଦ୍ୱାରା ଉପୁଡ଼ା ହୋଇ ସମ୍ପର୍କ ଲୋକଙ୍କୁ ପର କରି ଦିଏ, କିଛି ହେଲେ ଜମାରୁ ଧରି ପାରିଲା ନାହିଁ ହରେକୃଷ୍ଣ । ହେଲେ ଜୀବନର କେତେକ ଭୁକ୍ତ ଭୋଗୀ ଓ ଶୁଣିଥିବା ବାସ୍ତବିକତା ଥିଲା, ଯାହାଥିଲା ତା' ଆଗରେ ସମସ୍ତେ ଖୋଲା ବହିପରି ମୁକୁଳା-

ଏହି ଖୋଲା ବହିରେ ରଙ୍ଗୀନ ଅକ୍ଷରରେ ଅଙ୍କିତ ହୋଇ ରହିଥିଲା ଗୋଟାଏ ନାଆଁ -ଦର୍ଶନ । ହରେକୃଷ୍ଣ ତା' ଆଡ଼କୁ କେବଳ ଅନାଇ ରହିଲା-

ଏ ଦର୍ଶନ ତା'ର କ'ଣ ହୁଏ ? କିଏ ସେ ? କ'ଣ ବା ସମ୍ପର୍କ ତାର? ଦର୍ଶନର ଦୁଇ ଭାଇ ଅର୍ଜୁନ ଓ ଦେବେନ୍ଦ୍ର ସଙ୍ଗେ ତାର ସମ୍ପର୍କ ବା କ'ଣ ? ଯେତେବେଳେ ବି ସେ ଲଣ୍ଡନ ଯାଉଥିଲା, ଲଣ୍ଡନରେ ବସବାସ କରୁଥିବା ଏ ତିନିଟା ଯାକ ଭାଇ ତା'ଲାଗି ସେମାନଙ୍କ ଘରର ଦର୍ଜା ଏମିତି ମୁକୁଳା କରି ଦେଉଥିଲେ- ସତେ ଯେପରି ଘରର ପ୍ରକୃତ ମାଲିକ ସେ । ଏବେ ଘରକୁ ଫେରି ଆସିଛନ୍ତି । ଆଉ ସେମାନେ ସେ ଘରର ଚୌକିଦାର । ଘରଟା ଜଗିବା ହିଁ ଯେଉଁମାନଙ୍କର କାମ । ସେମାନେ ଯେତେବେଳେ ଲଣ୍ଡନରେ ଘର ତୋଳିଥିଲେ ସେତେବେଳେ

Digitized by PPRACHIN, SOA

ଗୃହ ପ୍ରବେଶର ସମସ୍ତ ପ୍ରଥା ହରେକୃଷ୍ଣ ହାତରେ ସମ୍ପାଦିତ କରାଇ ଥିଲେ । ଶକୁନ ଲାଗି ପାଣିର ଭରା ମାଠିଆ ମଧ୍ୟ ତା'ହାତରେ ରଖାଇ ଥିଲେ । ସେ ମାଠିଆର ପ୍ରଥମ ପାଣି ଢୋକଟା ବି ତାକୁ ହିଁ ପିଇବାକୁ ହୋଇଥିଲା ।

ସେହି ଘରେ ହରେକୃଷ୍ଣ ତା'ଲଣ୍ଡନର ଷ୍ଟୁଡ଼ିଓଟା କରିଥିଲା, ଯାହାକୁ ସେ କେବେ କେବେ ବର୍ଷେ ତ କେବେ ଦି' ବର୍ଷ ପରେ ଯାଇ ଖୋଲୁଥିଲା ।

ଗପଟାଏ ଥିଲା - ଯାହା ସେ ପିଲାବେଳେ ପରୀ କାହାଣୀ ପରି ଶୁଣିଥିଲା ଏବଂ ଯାହାକୁ ଜୀବନର ଆଗାମୀ ବର୍ଷମାନଙ୍କରେ ସତ ହେବା ପ୍ରତ୍ୟକ୍ଷୀଭୂତ କରିଥିଲା-

ହରେକୃଷ୍ଣର ବାପା ଓ ବୋଉ କହୁଥିଲେ ଯେ, ବାପା ଯେତେବେଳେ ଅବିବାହିତ ଥିଲେ, ସେତେବେଳେ ତାଙ୍କର ପିଲ୍ଲାଣୀ ଗିଲ୍ ନାମକ ଏକ ଗାଁରେ ହୋଇଥିଲା । ହେଲେ ସେ ଝିଅଟା ବଞ୍ଚି ନଥିଲା । ତେଣୁ ତା' ସଙ୍ଗେ ବିବାହର ଦିନଟା କେବେ ଆସି ନଥିଲା ।

ଏବଂ ଯେତେବେଳେ ସେ ବାହାହେଲେ, ସେଇ ମୃତ ଝିଅର ଭାଇ ତାଙ୍କ ବିବାହରେ ଶୁଭ ଦେବାକୁ ଆସିଥିଲା । ମଙ୍ଗଳକର୍ମ ଦିନ ତାଙ୍କୁ କହିଥିଲେ- 'ଏ ଝିଅଟା ଯିଏ ଏବେ ଆପଣଙ୍କ ଘରକୁ ଆସିଛି । ଆଜିଠାରୁ ସେ ମୋର ଭଉଣୀ ହେଲା ଏବଂ ମୋର ଯୋଉ ସମ୍ପର୍କଟା ହେଉ ହେଉ ଭାଙ୍ଗି ଯାଇଥିଲା । ସେଇଟା ଆଜି ପକ୍କା ହୋଇ ଯାଇଛି ।'

ତା ପରେ କେଇ ବର୍ଷ ଅତିକ୍ରାନ୍ତ ହୋଇଥିଲା । ଦିନେ ଜଣା ପଡ଼ିଲା ଯେ ସେହି ଯୁବକ ଲାଭ ସିଂହ, ଯିଏ ଭାଙ୍ଗିଗଲା ସମ୍ପର୍କକୁ ଅନ୍ତରର ଖିଅରେ ଯୋଡ଼ି ଦେଇ ଯାଇଥିଲା, ସେ ବିଲ୍‌କୁଲ୍ ଅନାଥ ହୋଇ ଯାଇଛି । ତା ବାପା-ମାଆ ଭଲ ଖାଇବା, ପିଇବା ପରିବାରର ଥିଲେ, ହେଲେ ଦୁହିଁଙ୍କର ସ୍ୱର୍ଗବାସ ହୋଇ ଯାଇଛି । ତା'ପରେ କକେଇମାନଙ୍କ ହାବୁଡ଼ରେ ପଡ଼ିଛି ବିଚରା ଲାଭ ସିଂହ............

ସେତେବେଳେ ହରେକୃଷ୍ଣର ବାପା ତାକୁ ନିଜ ଘରକୁ ଘେନି ଆସିଥିଲେ । ସେହି ଲାଭ ସିଂହ, ହରେକୃଷ୍ଣର ବାପାଙ୍କ ସାହାଯ୍ୟରେ ରୋଜଗାର କରିବା ଲାଗି ଆଫ୍ରିକା ଚାଲିଯାଇଥିଲା । ସେଠୁ ସେ ପ୍ରତି ଦି ବର୍ଷରେ ଥରେ ଯେତେବେଳେ ଫେରୁଥିଲା, ସେତେବେଳେ ଧର୍ମ ଭଉଣୀର ଘରଟା ହିଁ ହେଉଥିଲା ତା ଘର ।

ଏହି ଦର୍ଶନ, ଅର୍ଜୁନ ଓ ଦେବେନ୍ଦ୍ର ସେହି ଲାଭ ସିଂହର ତିନି ପୁଅ ଥିଲେ । ସେମାନେ ହରେକୃଷ୍ଣକୁ ନିଜର ବଡ଼ ଭାଇ ମନେ କରିଥିଲେ- ନିଜର ହକ୍ ବଡ଼ ମା' ର ପୁଅ ....

ଲଣ୍ଡନରେ ହିଁ ହରେକୃଷ୍ଣର ହକ୍ ନିଜ ଭାଇର ପୁଅ ରହୁଥିଲା, ଯାହାର ରକ୍ତର ସମ୍ପର୍କଟା କେଜାଣି ଓ କିପରି ଭାବରେ ସାବତ ହୋଇ ଯାଇଥିଲା ।

ହରେକୃଷ୍ଣର ଏକଥା ମନେପଡ଼ିଲା ମାତ୍ରକେ ସେ ବଡ଼ ଅଧୀର ହୋଇ ଉଠିଲା । ହେଲେ ଏକ ଆଶ୍ୱସ୍ତି ମଧ୍ୟ ଲାଗିଲା ଯେ ଜୀବନରେ ସେ ସେଇ ଜାଗାଟା ମଧ୍ୟ ଦେଖିଛି, ଯୋଉଠି ଅନ୍ତରର ସମ୍ପର୍କ ରକ୍ତର ସମ୍ପର୍କକୁ ମଧ୍ୟ ପରାଜିତ କରିଦିଏ-

Digitized by PPRACHIN, SOA

ସେ ଥରକ ଲାଗି ତନ୍ଦ୍ରାଚ୍ଛନ୍ନତାରେ ଫୁଟିବ-ଫୁଟିବ ହେଉଥିବା ଫୁଲର କଳିକା ପରି ହୋଇଗଲା ।

ହେଲେ ହରେକୃଷ୍ଣ ମନର ଏ ଭାବଟା ସ୍ଥାୟୀ ନଥିଲା । ଅଚାନକ ଯେମିତି କୋଉ ମରୁଭୂମି ଆଡୁ ହୁ ହୁ ଝାଞ୍ଜି ପବନ ମାଡ଼ି ଆସିଲା ଏବଂ ଅନ୍ତରର ସେ ଫୁଟନୋନ୍ମୁଖୀ ଫୁଲର ପାଖୁଡ଼ାମାନ ଝାଉଁଳି ଗଲା ସେ ଧାସରେ.........

ହଠାତ୍ ତା' ପିଠି ଓ କାନ୍ଧକୁ କ'ଣ ଗୋଟେ କୋମଳ କୋମଳ ହାତ ଯେମିତି ଛୁଇଁଗଲା । ଗୋଟାଏ ବୋଝପରି ମଧ୍ୟ ସେ ଅନୁଭବ କଲା........... ହେଲେ ସେଇଟା ଥିଲା ଯେମିତି ଅତ୍ୟନ୍ତ କୋମଳ ବୋଝଟେ ହେଲେ ଥିଲା ସେଇ କୋମଳ ଅନୁଭୂତି, ଯାହା କେବେ ନ ହେଉ ବୋଲି ସେ ଗତ ଅନେକ ବର୍ଷରୁ ଚାହିଁଥିଲା ।

ଏଇଟା ଥିଲା ଗୋଟାଏ ଖୁବ୍ ପ୍ରିୟ ଓ ଉଦାସିଆ ଅନୁଭବ......

ତା'ଲୀଳା ଭଉଣୀର ପୁଅ ଇନ୍ଦ୍ରପାଳକୁ ଯେତେବେଳେ ଏଇ ପ୍ରାୟ ତିନି ବର୍ଷ ଖଣ୍ଡେ ହୋଇଥିବ, ସେତେବେଳେ ଶିମ୍ଲାର ଏମିତି କୌଣସି ଚଲାପଥ ନଥିଲା ଘାଣ୍ଟି ନଥିଲା ଯାହା ସେ ଇନ୍ଦ୍ର ପାଳକୁ ପିଠିରେ ଲାଉ କରି ବୁଲାଇ ନଥିଲା ।

ଏବଂ ସେଇ ଇନ୍ଦ୍ରପାଳ ଯେତେବେଳେ ଯୁବକ ହେଲା, ମନର ଯୋଉ କୋମଳ ଜାଗାଟା ବାପାମାନଙ୍କଠାରୁ ଲୁଚେଇକି ରଖାଯାଏ, ସେଇଟା ନିଜ ହରେକୃଷ୍ଣ ମାମୁଙ୍କ ଆଗରେ ସେ ଖୋଲି ଧରିଥିଲା........

ସେ ଯେତେବେଳେ ତା' ଭଉଣୀର ଜଣେ ସାଙ୍ଗକୁ ବାହା ହେବାକୁ ଚାହିଁଥିଲା ସେତେବେଳେ ତା ବାପା ମା' ତା' ଉପରେ ରୁଷ୍ଟ ହୋଇ ଉଠିଥିଲେ- ବାପା କ୍ରୋଧରେ ଓ ମା' ତା' ବାପାଙ୍କ କ୍ରୋଧର ଭୟରେ । ଏବଂ ସେତେବେଳେ ଇନ୍ଦ୍ରପାଳ ମାମୁଙ୍କ ବେକରେ ଝୁଲି ଭଗ୍ନମନା ମମତାକୁ ଯେମିତି ଆଶ୍ରୟ ଦେଇଥିଲା.......

ଇନ୍ଦ୍ରପାଳ ଥିଲା ଜଣେ ବିଚକ୍ଷଣ ଡ୍ରାଫ୍‌ଟମେନ ବାପାମାଙ୍କ କଥା ଉଲଙ୍ଘନ କରି ସେ ନିଜ ଇଚ୍ଛା ଅନୁସାରେ ବିବାହ କରଥିଲା । ହେଲେ ଏକ ସହର ଦିଲ୍ଲୀରେ ସେମାନଙ୍କଠୁ ଅଲଗା ହୋଇ ସ୍ୱତନ୍ତ୍ର ଘର କରି ରହିବାଟା ତାକୁ ଖୁବ କାଠିକର ପାଠ ମନେ ହୋଇଥିଲା । ତେଣୁ ସେ କୌଣସି ପ୍ରକାରେ ଟିକେଟ୍‌ର ପଇସା ସଞ୍ଚୟ କରି, ପକେଟରେ ତିନି ପାଉଣ୍ଡରର ବିଦେଶୀ ମୁଦ୍ରା ପକେଇ ଲଣ୍ଡନ୍ ଚାଲି ଯାଇଥିଲା ।

ହରେକୃଷ୍ଣର ସେ ସମୟ କଥା ମଧ୍ୟ ମନେ ପଡ଼ିଲା, ଯେତେବେଳେ ଇନ୍ଦ୍ରପାଳ ଲଣ୍ଡନ୍‌ରେ ପହଞ୍ଚି ଅନେକ ଦିନଯାଏ ଗୋଟାଏ ଗୁରୁଦ୍ୱାରରେ ଖିଆପିଆ କରୁଥିଲା ଏବଂ ଦିନସାରା କୁହୁଡ଼ି ଘେରା ସହର ଭିତରେ ଘୂରି ଘୂରି ଚାକିରୀ ଖୋଜୁ ଥିଲା..........

ତା' ସହିତ ଇନ୍ଦ୍ରପାଳର ପିଲା କାଳ କଥା ମଧ୍ୟ ମନେ ପଡ଼ିଲା, ଯେତେବେଳେ ସେ ବଜନ୍ଟେ କନି ମିଳାଟେ, ତା' ମା ସଙ୍ଗେ ମାମୁ ଘରକୁ ରହିବାକୁ ଆସୁଥିଲା ଓ ଲୁଚି ଯାଉଥିଲା......

Digitized by PPRACHIN, SOA

ହରେକୃଷ୍ଣ ଓ ତା'ବାପା ଲୁଧିଆନାରେ ଧେଣ୍ଟୁରା ଦିଆଉଥିଲେ ଯେ - ପାଞ୍ଚ ବର୍ଷ ବୟସର ଗୋରା ତକତକ ଗୁଲୁ ଗୁଲିଆ ପିଲାଟାଏ କୁଆଡ଼େ ହଜିଯାଇଛି- ପିନ୍ଧିଛି ଖଣ୍ଡେ ଡ଼ୋରିଆ ନାଲି କାମିଜ ଓ ନୀଳ ରଙ୍ଗର ପେଣ୍ଟ । ପାଦରେ କାନଭାସ୍‌ର ଧଳା ବୁଟ୍····· ଯିଏ ଖବର ଦେବ ବା ଆଣିକି ପହଞ୍ଚେଇ ଦେବ, ତାକୁ ଉପଯୁକ୍ତ ପୁରସ୍କାର ଦିଆଯିବ ହୋ······················

ଇନ୍ଦ୍ରପାଳ କେତେବେଳେ ଷ୍ଟେସନ୍‌ରେ ଅଟକି ରହିଥିବା କୌଣସି ଗାଡ଼ିର ଡ଼ବାଭିତରୁ ମିଳୁଥିଲା ତ କେତେବେଳେ ବସ୍ ଷ୍ଟାଣ୍ଡରେ·····

ଥରେ ତ ସଞ୍ଜବେଳକୁ ସେ ନିଜେ ଘରକୁ ଫେରି ଆସିଥିଲା ଏବଂ ଜଣା ପଡ଼ିଥିଲା ଯେ ସେ ଦିନସାର କଚରା ଗାଡ଼ିର ଡ୍ରାଇଭରର ପାଖରେ ବସି ସମଗ୍ର ସହର ବୁଲି ଦେଖିଛି············

ବାରମ୍ବାର ହଜିଯାଉଥିବା ତା'ର ଭଗ୍ୟଟା କେମିତି ଥିଲା କେଜାଣି, ଯେ ନିଜ ପସନ୍ଦ ମୁତାବକ ଝିଅକୁ ବାହାହେବାର ପ୍ରାୟ ବର୍ଷକ ପରେ ଯେତେବେଳେ ସେ ଏକଲା ଲିଣ୍ଡନ ଚାଲିଗଲା, ସେତେବେଳେ ହରେକୃଷ୍ଣର ମନେ ହୋଇଥିଲା ଯେ ଏଥରକ ଲଣ୍ଡନର ଘନ କୁହୁଡ଼ି ଭିତରେ ହଜି ଯାଇଥିବା ଇନ୍ଦ୍ରପାଳର ସନ୍ଧାନ ନେବାଟା ଖୁବ୍ କାଠିକର ପାଠ ହେବ ।

ହେଲେ ସେ ଲଣ୍ଡନର କୁହୁଡ଼ିକୁ ଭେଦ କରି ଦିନେ ସମସ୍ତଙ୍କୁ ମିଳି ଯାଉଥିଲା । ସେ ଗୋଟାଏ କମ୍ପାନୀରେ ଷ୍ଟ୍ରକ୍‌ଚରାଲ ଇଞ୍ଜିନିୟର ହୋଇ, ଗୋଟାଏ ଖୁବ୍ ସୁନ୍ଦର ଘର କିଣି ଦିଲ୍ଲୀରେ ଛାଡ଼ିକି ଯାଇଥିବା ପତ୍ନୀକୁ ଓ ନିଜର ହରେକୃଷ୍ଣ ମାମୁକୁ ନିଜ ପାଖକୁ ଡ଼ାକି ନେଇଥିଲା । ତାକୁ କହିଥିଲା - 'ମାମୁ ! ମୋତେ କେବଳ ଆପଣ ହିଁ ଭଲ ପାଇଛନ୍ତି । ତେଣୁ ସେ ଭଲ ପାଇବାର ତାଗିଦ୍‌ରେ ଯେ ଏଣିକି ଆପଣ ମୋତେ ଛାଡ଼ି ଆଉ କୁଆଡ଼କୁ ଯିବେ ନାହିଁ । ଆପଣ ମୋତେ କଥା ଦିଅନ୍ତୁ ଆପଣ ଲଣ୍ଡନରେ ସବୁବେଳେ ମୋ ପାଖରେ ରହିବେ-ଆମେ ସବୁବେଳେ ଏକାଠି ରହିବା' । ଏବଂ ହରେକୃଷ୍ଣ ଜୀବନସାରା ୟୁରୋପରେ ରହିବାର ଭାବନା ନେଇ ଭାରତକୁ ଏକରକମ ବିଦାୟ କହି ସାରିଥିଲା ।

ସେଇଟା ଥିଲା 1967ର କଥା, ଯେତେବେଳେ ହରେକୃଷ୍ଣ ଦେଶ-ଦେଶ, ସହର-ସହର ବୁଲି ନିଜ ଚିତ୍ର ପ୍ରଦର୍ଶନୀ କରିବା ନିମନ୍ତେ ଖଣ୍ଡେ ଭେନ୍ କିଣିଥିଲା ।

ଏବଂ ସେ ଯେତେବେଳେ ଫ୍ରାନ୍‌ସ ଦେଇ ଜର୍ମାନୀ ପହଞ୍ଚିଥିଲା ଏବଂ ଦିନେ ରାତିରେ ଫ୍ରେଙ୍କ ଫୋର୍ଟ ନିକଟବର୍ତ୍ତୀ ବ୍ଲେକ୍‌ଫରେଷ୍ଟରୁ ନିଜ ହୋଟେଲକୁ ଫେରିଆସିଥିଲା । ଅଚାନକ ଫୋନ୍‌ର ଘଣ୍ଟିଟା ବାଜି ଉଠିଥିଲା ସେତେବେଳେ ।

ଟେଲିଫୋନ୍ ତାରଟା ଲଣ୍ଡନ ସଙ୍ଗେ ଯୋଡ଼ା ହୋଇଥାଏ । ଯେତେବେଳେ ସେ ଦର୍ଶନର କଣ୍ଠରେ ଶୁଣିଲା ଯେ ଇନ୍ଦ୍ରପାଳର ଅଚାନକ୍ ହାର୍ଟ ଆଟାକ୍ ହୋଇଛି, ସେ ଆଉ ନାହିଁ ସେତେବେଳେ ତା' ମନର ତାରଟା ଲଣ୍ଡନରୁ ଛିଣ୍ଡି ଯାଇଥିଲା ଅଚାନକ୍ ଖଟ୍ କରି ।

ସେ ଭଙ୍ଗା ହୃଦୟ ନେଇ ସଙ୍ଗେ ସଙ୍ଗେ ଲଣ୍ଡନ ପହଞ୍ଚିଥିଲା । ହେଲେ କଫିନ୍‌ରେ ଢଙ୍କା ଇନ୍ଦ୍ରପାଳର ମୁହଁ ଆଡ଼କୁ ଅନାଇ ପାରି ନଥିଲା । ସେ ଚେହେରାକୁ ଦେଖିବାର ଶକ୍ତି ଆଉ ତା'

Digitized by PPRACHIN, SOA

ଆଖିରେ ନଥିଲା, ଯିଏ ଏଇ ମାତ୍ର କିଛି ଦିନ ହେଲା ମନ ଖୋଲି ହସୁଥିଲା, ମନ ଖୋଲି ବଞ୍ଚୁଥିଲା, ହେଲେ ସେ ଆଉ ଜୀବିତ ନ ଥିଲା କି ମନ ଖୋଲି ହସୁନଥିଲା.............

ତା' ପରବର୍ତ୍ତୀ ରାତ୍ରୀସବୁ ଯେମିତି ହରେକୃଷ୍ଣଙ୍କୁ ଲାଗିଥିଲା ପ୍ରଳୟଙ୍କରୀ । ସେ ଯେତେବେଳେ ଜାଗ୍ରତ ଚିନ୍ତା-ଚେତନାରୁ ଘାବରା ହୋଇ ନିଦର ଆଶ୍ରୟ ନେଉଥିଲା, ତା'ର ପ୍ରତ୍ୟେକଟି ସ୍ୱପ୍ନ ତାକୁ କୋଡ଼ିଏ ବାଇଶି ବର୍ଷର ଶିମଳାର ସେଇ ଦାଣ୍ଡି ମାନଙ୍କୁ ନେଇ ଯାଉଥିଲା, ଯୋଉଠି ତା ପିଠିରେ ଲାଉ ହୋଇ ଇନ୍ଦ୍ରପାଳ ବସିଥାଏ-

ଠିକ୍ ସେହି ସମୟରେ ଅଚାନକ ଆଉ ଏକ ଖବର ମିଳିଲା ଯେ, ତାର ସବୁଠୁ ବଡ଼ ନାନୀର ପୁଅ ଜଗଦୀଶ୍ ଏୟାରଫୋର୍ସ ଚାକିରୀ ଛାଡ଼ି ଯୋଉ ଜାହାଜର ରେଡ଼ିଓ ଅଫିସର ହୋଇକି ଯାଇଥିଲା ସେ ଜାହାଜଟା ବୁଡ଼ି ଯାଇଛି ।

ସବୁଦିନ ଲାଗି ୟୁରୋପରେ ରହିବାକୁ ସ୍ଥିର କରିଥିବା ହରେକୃଷ୍ଣର ମନଟା ଯେମିତି ଏ ସବୁଘଟଣାରେ ବୁଡ଼ିଗଲା ।

ସେ ଭାରତକୁ ଫେରି ଆସିଥିଲା ଏବଂ କେଇ ମାସର ଅସ୍ଥିରତାରେ ସେ ଈଶ୍ୱରଙ୍କୁ ରାଜି କରି ନେଇଥିଲା ଯେ ସେ ତାକୁ ରାତ୍ରୀର ସ୍ୱପ୍ନରେ ଯେମିତି ଶିମଳାର ସେ ଦାଣ୍ଡି ସବୁକୁ ଆଉ ନ ନିଅନ୍ତି...

ହେଲେ ଆଜି, ଆଜିର ଜହ୍ନରାତିଟା ଥିଲା ଏକ ପ୍ରଳୟଙ୍କରୀ ଜହ୍ନରାତି, ଯାହା ବର୍ଷ ବର୍ଷ ହେଲା ତା' ବେକରୁ ଓହ୍ଲାଇ ସାରିଥିବା ଛୋଟ ଛୋଟ ଗୁଲୁଗୁଲିଆ ବାହୁକୁ ପୁଣି ଆଜି ତା' ବେକରେ ଲାଉ କରି ଦେଇଥିଲା.............

ଏକୋଇଶ

ଦେହର ଆକାଶ ଉପରକୁ ଉଠିଥିବା ଜହ୍ନଟା ହରେକୃଷ୍ଣର ଅନ୍ତର୍ମୁଖୀ ଆଖି ଆଗରେ ରୂପାଜରି ଜୋଛନାରେ କେଜାଣି କେମିତି କିମିଆଟାଏ ବୁଣି ଦେଇଥିଲା ଯେ ବାହୁଁ ଚାହୁଁ ତା' ରଙ୍ଗ ଗଭୀର ନାଲି ପଡ଼ିଗଲା ।

ଏବଂ ସେ ଦେଖିଲା ଯେ, ସେହି ଗଭୀର ନାଲି କନା ସାମ୍ନାରେ ଖୁବ୍ ଉଞ୍ଚାରେ ଖଣ୍ଡେ ପତାକା ପରି ଉଠୁଛି-

ପବନରେ ଉଡୁଥିବା ସେ ନାଲି ଝଣ୍ଡାକୁ କେଜାଣି ସେ କେତେବେଳ ଯାଏଁ ବିସ୍ମୟରେ ଅନାଇ ରହିଲା ।

ତା ପରେ ମନେ ହେଲା, କିଏ ଯେପରି ଖୁବ୍ ହାଲୁକାଭାବରେ ତା' ବାହାକୁ ଧରିଛି ଏବଂ ତାକୁ ନିଜ ପାଖକୁ ଟାଣି ସେ ଲମ୍ବା ବାହୁଟା ତା' ବେକରେ ଯେପରି ଗୁଡ଼େଇ ପକାଉଛି ।

ଆଖି ପାଖରେ ଚେକାଏ ଗଭୀର ନାଲି ରଙ୍ଗ ଛଲକି ଉଠିଲା............

Digitized by PPRACHIN, SOA

ତା' ପରେ ଚୈତନ୍ୟ ମନଟା ଧୀରେ ଧୀରେ ଅଚେତନ ମନକୁ ନିଜ କାବୁରେ କରିନେଲା । ତା'ର ମନେ ପଡ଼ିଲା ଯେ ଏଇଟା, ଗୋରାୟା ନିକଟରେ ବାବା ଋଷିଙ୍କ ସମାଧି ପୀଠ, ଯୋଉଠି ଏଇ ହାଲ, ସବୁ ବର୍ଷ ପରି, ତା' ବୋଉ ନାଲି ପତାକା ଚଢ଼େଇଛନ୍ତି ଏବଂ ପୁରୁଣା ଓହ୍ଲାଯାଇଥିବା ପତାକାର ଖଣ୍ଡେ କୁର୍ତ୍ତା ସିଲେଇକି ତାକୁ ପିନ୍ଧଉଛନ୍ତି ।

ଆଖପାଖରେ ଆହୁରି ଗୁଡ଼ିଏ ଲୋକ । ଗୁଡ଼ିଏ ପୁରୁଷ ସ୍ତ୍ରୀ । ସ୍ତ୍ରୀମାନଙ୍କ କୋଳରେ ଛୋଟ ଛୋଟ ପିଲା ଆଉ ସେ ସ୍ତ୍ରୀମାନେ ମଧ୍ୟ ସମାଧିରୁ ଓହ୍ଲାଯାଇଥିବା ସେମାନଙ୍କ ପୁରୁଣା ପତାକାର କୁର୍ତ୍ତା ସିଲେଇ କରି ନିଜ ନିଜ ପିଲାମାନଙ୍କୁ ପିନ୍ଧାଉଛନ୍ତି । ଅନେକ ଲୋକଙ୍କ କଥା ପବନରେ ପହଁରି - ପହଁରି ଆସି ତା କାନରେ ପଡୁଛି-

'ବାବା ଋଷି ଭୟଙ୍କର ଶୀତ ଦିନରେ ସାରାରାତି ପୋଖରୀର ବରଫ ଥଣ୍ଡା ପାଣିରେ ଠିଆ ହୋଇ ତପସ୍ୟା କରୁଥିଲେ ।'

'ବାବା ଋଷି ଖୁବ୍ ସୁଦର୍ଶନ ସାଧୁ ଥିଲେ ।'

'ବଡ଼ ଅଦ୍ଭୁତ କର୍ତ୍ତା ଥିଲେ ସେ ।'

'ଜ୍ୟେଷ୍ଠ ଆଷାଢ଼ର ଝାଞ୍ଜି ପବନରେ ଦିନ ଦିପହରେ ଚାରିଆଡ଼େ ଧୂନି ଜାଳି ତପସ୍ୟା କରୁଥିଲେ ।

'ଗୋଡ଼ି ପଥର ପାରି ଶୋଉଥିଲେ ।'

'ଯାହାକୁ ବି କିଛି ମାନସିକ କରି ମାଗିବାର ଥାଏ, ସେ ସମାଧିରେ ଖଣ୍ଡେ ନାଲି ପତାକାର ମାନସିକ କରିଥାଏ ।'

'ଏଠି ସମସ୍ତଙ୍କର ମନୋକାମନା ପୂରଣ ହୋଇଥାଏ ।'

'ତା ପରେ ସମସ୍ତେ ଏଠିକି ନାଲି ପତାକା ଚଢ଼େଇବା ଲାଗି ଆସିଥାନ୍ତି ।'

ଏବଂ ବର୍ଷକ ପରେ ନୂଆ ପତାକା ଚଢ଼େଇ, ପୁରୁଣା ପତାକାର କୁର୍ତ୍ତା ତିଆରି କରି ନିଜ ପିଲାଙ୍କୁ ପିନ୍ଧାଇଥାନ୍ତି ।

ହରେକୃଷ୍ଣକୁ ସବୁଯାକ ଦୃଶ୍ୟ କିମିଆ ପରି ଦେଖାଯାଉଥାଏ । ଯୋଉଠି ସେ ଏ ବୟସରେ ଜଣେ ଦର୍ଶକ ଭାବରେ ଠିଆ ହୋଇ ନିଜର ପ୍ରାୟ ଦୁଇ ବର୍ଷ ବୟସର ବାଲ୍ୟରୂପକୁ ଦେଖୁଛି ।

ଏବଂ ଦେଖୁଛି ଯେ କେଇଜଣ ସ୍ତ୍ରୀ ନାଲିପତାକା ମାନସିକ କରି ଦି'ହାତ ଯୋଡ଼ି ସମାଧି ସାମ୍ନାରେ ଠିଆ ହୋଇ ପ୍ରାୟ କାନ୍ଦୁଛନ୍ତି ।

ଆଉ କେଇଜଣ ସ୍ତ୍ରୀ ନୂଆ ପତାକା ଚଢ଼େଇ, ପୁରୁଣା ପତାକାକୁ ନିଜ ପିନ୍ଧାକାନିରେ ବାନ୍ଧୁଛନ୍ତି । ଏବଂ ତା' ବୋଉ ତାକୁ ଜୋର୍‌ରେ ଛାତିରେ ଚାପି ଧରିଛନ୍ତି ।

ତା ପରେ ଏଇଟା ତା ନିଜ ଘର ଅଗଣାର ଦୃଶ୍ୟ, ଯୋଉଠି ତା'ବୋଉ ଛୁଞ୍ଚି ସୂତା ନେଇ ଓହ୍ଲା ହୋଇଥିବା ନାଲିପତାକାରେ ତା'ଲାଗି କୁର୍ତ୍ତା ସିଲେଇ କରୁଛନ୍ତି-

ଏବଂ ସେ ଛୋଟିଆ ଅଗଣାରେ ଘୋଷାରି ଘୋଷାରି କେତେବେଳେ ବୋଉ ହାତରୁ ନାଲି

Digitized by PPRACHIN, SOA

କନା ଖଣ୍ଡିକ ଟାଣୁଛି ତ କେତେବେଳେ ୟାଡ଼େ ସିଆଡ଼େ ପଡ଼ିଥିବା କନା ଟୁକୁରାରେ ଖେଳୁଛି ।

ହରେକୃଷ୍ଣର ସମଗ୍ର ଦେହଟା ଯେମିତି ଶିତେଇ ଉଠିଲା, 'ମୁଁ ବାବା ଋଷିଙ୍କ ସମାଧିର ପତାକାର କୁର୍ତ୍ତା ଖଣ୍ଡିକ ମୋ ପୁଅକୁ କାହିଁକି କେବେହେଲେ ପିନ୍ଧେଇ ପାରିଲି ନାହିଁ ?'

ଆଖି ଆଗରେ ଛଳକି ଉଠିଥିବା ନାଲି ରଙ୍ଗରେ ଯେମିତି କାଳିଟାଏ ମିଶିଗଲା, ଯିଏ ବାବା ଋଷିଙ୍କ ସାମାଧିପୀଠକୁ ଯାଇ ଗୋଟାଏ ମାନସିକ କରନ୍ତା, ସେ ସ୍ତ୍ରୀ ଜଣକ କେଜାଣି ଏ ପୃଥିବୀରେ କୋଉଠି ଅଛି ? ମୁଁ ତ ତାକୁ କେବେ ଦେଖି ନାହିଁ ।

ଦେହର ଆକାଶ ଉପରକୁ ଉଠିଥିବା ଜହ୍ନ ମନର ନିର୍ଜନତା ଭିତରେ ପ୍ରସରିଗଲା-

ଅନେକ ଦୂର, କୋଶ କୋଶ ବ୍ୟାପୀ ନା କୌଣସି ଗଛର ପ୍ରତିଛବି, ନା କୌଣସି ରାଧା ନା ରୁକ୍ମିଣୀର ଛାଇ ଦେଖା ଯାଉଥିଲା-

ତା ପରେ ମନେ ହେଲା, ପବନରେ କାଗଜ ଖଣ୍ଡେ ପରି କଣଟାଏ ଉଡୁଛି.......

ସେ କେଜାଣି କେତେବେଳ ଯାଏ, ଦୃଷ୍ଟିର ସୀମା ଯାକେ ପରିବ୍ୟାପ୍ତ ପଥର ଟଟାଣ ଆଡ଼କୁ ଅନାଇ ରହିଲା । ତା' ପରେ ଅଚାନକ ତାର ମନେ ହେଲା ଯେ ପହନରେ ଉଡୁଥିବା ସେ କାଗଜ ଖଣ୍ଡିକ ତା' ପାଦ ପାଖରେ ଆସି ପଡ଼ିଛି । ସେ ନଇଁ ପଡ଼ି ପାଦ ପାଖରେ ପଡ଼ିଥିବା ସେ ମଇଳା ଅସନା ପୁରୁଣା କାଗଜ ଖଣ୍ଡକ ଉଠାଇଲା ଏବଂ ଆଙ୍ଗୁଠିରେ ଦଳି ମକଚି ତାକୁ ଫିଙ୍ଗିବାକୁ ଉଦ୍ୟତ ହେଲାବେଳକୁ ଅଚାନକ ଆଖି ପଡ଼ିଗଲା-ଆରେ, ଏଇଟା ତ ବାପାଙ୍କ ବହିର ଗୋଟାଏ ପୃଷ୍ଠା ।

ଆଖିମାନେ ଅନୁଭବ କଲେ ଯେ, ଏ ପୃଷ୍ଠାରେ ଏକଦା ଗୋଟିଏ ଗୋଟିଏ ଅକ୍ଷର ସେମାନେ ଏ ଭଳି ଭାବରେ ପଢ଼ିଛନ୍ତି ଯେ ସେଥିରେ ଲେଖାଥିବା କଥା ଏ ଯାଏଁ ତାର ସ୍ପଷ୍ଟ ମନେ ରହିଛି ।

ହରେକୃଷ୍ଣକୁ ଏ ବହିଟା ତା' ବାପାଙ୍କ ମୃତ୍ୟୁ ପରେ ମିଳିଥିଲା । ଯୋଉଥିରେ ଗୋଟାଏ ପୃଷ୍ଠାରେ ତାର କୋଷ୍ଠୀ ତିଆରି ହୋଇଥିଲା ଓ ସେଥିରେ ତା'ଜୀବନର ଆଗାମୀ ବର୍ଷମାନଙ୍କର ନିର୍ଜନତାର ଇତିହାସ ଲେଖା ହୋଇଥିଲା ।

ଲେଖାଥିଲା, ଆମ ବଂଶରେ ଗତ ପାଞ୍ଚ ପୁରୁଷ ଧରି ଏ କଥା ଘଟି ଆସୁଛି । ଯୋଉ ପିଢ଼ିରେ ଜଣେ ପୁରୁଷ ହୁଏ, ତା ଘରେ ଦୁଇଟା ପୁତ୍ର ସନ୍ତାନ ଜନ୍ମ ହୁଅନ୍ତି । ଏବଂ ସେହି ଦି' ଜଣଙ୍କ ମଧ୍ୟରୁ କେବଳ ବଡ଼ର ଘରେ ହିଁ ଗୋଟାଏ ପୁତ୍ର ଜନ୍ମ ହୁଏ । ଛୋଟ ଘରେ କୌଣସି ପୁତ୍ର ହୁଏ ନାହିଁ । ତା ପରେ ବଡ଼ପୁଅର ଜନ୍ମିତ ପୁତ୍ର ଘରେ ଦୁଇଟା ପୁତ୍ର ହୁଅନ୍ତି, ଯୋଉଥିରେ ପୁଣି ବଡ଼ଘରେ ଏକ ପୁତ୍ର ହୁଏ କିନ୍ତୁ ଛୋଟ ଘରେ କୌଣସି ପୁତ୍ର ହୁଅନ୍ତି ନାହିଁ । ଏବଂ ହରେକୃଷ୍ଣ ନିଜ ଭାଗ୍ୟ ପରି ବହିର ସେ ପୃଷ୍ଠାଟି ପଢ଼ି ସେଇଠି ଥୋଇ ଦେଲା-

ସେ ଥିଲା ତା ବାପାଙ୍କ ସବା ସାନ ପୁଅ-

ତାର ମନେ ହେଲା ଯେ, ଏ କୃଷ୍ଣ ନାଁଟା ତାକୁ ଏ ଜୀବନରେ ଖୁବ୍ ବ୍ୟଙ୍ଗ କରିଛି ।

Digitized by PPRACHIN, SOA

ଏଇଟା ମଧ୍ୟ ଗୋଟାଏ ବ୍ୟଙ୍ଗ ଛଡ଼ା ଆଉ ବା କଣ ହୋଇପାରେ ଯେ ବମ୍ବେର ଯେଉଁ ହୋଟେଲ୍‌ରେ ସେ ଦୀର୍ଘ ଚାଳିଶ ବର୍ଷ ଧରି ରାତ୍ରୀ ଭୋଜନ କରି ଆସୁଥିଲା, କେଜଣି କିଏ ତାକୁ ଗୋକୁଳ ରେଷ୍ଟୋରାଁ ବୋଲି ନାଁ ରଖିଥିଲା ।

ତା ବନ୍ଧୁମାନେ ଯେତେବେଳେ ବି ତାକୁ ରାତ୍ରୀ ଭୋଜନର ନିମନ୍ତ୍ରଣ ଦେଉଥିଲେ, ସବୁବେଳେ ହସିକି କହୁଥିଲେ-କୃଷ୍ଣ ! ଆଜି ଆମ ଲାଗି ଦୟା କରି ଗୋକୁଳକୁ ଯିବ ନାହିଁ- ତମ କୃଷ୍ଣଲୀଳାରୁ ଆଜି ସଖୀମାନେ ବଞ୍ଚିତ ହେବେ, ହେଲେ ଆମ ପାଇଁ......... ଦେହର ଆକାଶ ଉପରକୁ ଉଠିଥିବା ଜହ୍ନଟା କେଜାଣି କେତେ ବାଟ ଅତକ୍ରମ କରି ସାରି ଥାଏ ଏବଂ ଏଥରକ ହରେକୃଷ୍ଣର ଆଖି ଆଗରେ ଯୋଉ ଘାଟିଟା ପ୍ରସରି ଗଲା, ସେଇଟା ଥିଲା ଏକ ସବୁଜ ଶ୍ୟାମଳ ଘାଟି-

ତାକୁ ଏକ ରକମ ବିସ୍ମୟ ବୋଧ ହେଲା, କ'ଣ ଏଇଟା ମଥୁରାର ଯମୁନା ନଈର ଦକ୍ଷିଣ ତଟ ? ସେଇ ଗୋକୁଳ, ଯୋଉଠି କୃଷ୍ଣ ଗୋଚାରଣ କରିଥିଲେ ? ଏବଂ ଯାହା ଯୁଗାନ୍ତରରେ ତାହା ଲାଗି ବମ୍ବେର ଏକ ରେଷ୍ଟୋରାଁରେ ପରିଣତ ହୋଇଥଲା । ସେଇଟା ପୁଣି ତା' ନିଜ ଜାଗାକୁ ଫେରି ଯାଇଛି ?

ତା ଆଖି ଆଗରେ ସବୁଜ ଶ୍ୟାମଳ ଘାଟିରେ ଫୁଲଭରା କେଇ ଚେକା ଭୂମି ଏମିତି ଭାବରେ ପ୍ରସରି ଗଲା ଯେ, ଯେମିତି ସେସବୁ ଗୁଡ଼ିଏ ରଙ୍ଗରେ ଚିତ୍ରିତ ଶହ ଶହ ଚିତ୍ର, ଏବଂ ସେଇଟା ପୃଥିବୀର ଭୂଖଣ୍ଡରେ ଯେମିତି ବିଛେଇ ହୋଇପଡ଼ିଛି ।

ଅନେକତ୍ର ପବନରେ ପହଁରି ବୁଲୁଥିବା ରଙ୍ଗାନୁଭୂତି କିଛିଟା ଏମିତି ମନେହେଲା ଯତେ ଯେପରି ଗୁଡ଼ିଏ ପଣତକାନି ପବନରେ ଉଡ଼ିବୁଲୁଛି ।

ଦେହର ସବୁଯାକ ରଙ୍ଗ ବିଗଳିତ ହୋଇ ଯେମିତିକି ଏକ ଅନୁଭବରେ ମିଳେଇଗଲା ଏବଂ ଅଚାନକ ମୁହଁରୁ ବାହାରି ଆସିଲା – 'ତୁ ରାଧା... ତୁ ହିଁ ରୁକ୍ମିଣୀ ।'

ହରେକୃଷ୍ଣର କଳା ରାଧାର ରୂପ ବି ଧାରଣ କଲା, ରୁକ୍ମିଣୀର ରୂପ ବି ।

ଏବଂ ସେ ସହସା ଝଲକାଏ ପବନ ପରି ବିଛଣାରୁ ଧଡ଼ କରି ଉଠିବସିଲା । ବର୍ଷ ବର୍ଷର ବିସ୍ମୃତ, କୋଠରୀର ଗୋଟେ କଣରେ ଉପେକ୍ଷିତ ଅବସ୍ଥାରେ ପଡ଼ି ରହିଥିବା ବଂଶୀଟା ନେଇ ଓଠରେ ଛୁଆଇଁ ଦେଲା । ବଂଶୀର ସୁରଟା ଯେମିତି ଏକ କମିଆ ଖେଳେଇ ଦେଲା । କି ଚମତ୍କାର ସେ ବଂଶୀର ଅପୂର୍ବ ମନୋହାରୀ ମତାଣିଆ ସୁର !

ହରେକୃଷ୍ଣ ଆଖି ଆଗରେ ହସି ଉଠିଲା ସୁଦୂର ଲଣ୍ଡନର ଏକ ସନ୍ଧ୍ୟା । ସେହି ସନ୍ଧ୍ୟା, ଯେତେବେଳେ ସେ ଘଡ଼ିକ ଲାଗି ଈଶ୍ବର ପାଲଟି ଯାଇଥିଲା ।

ଲଣ୍ଡନରୁ ପ୍ରାୟ କୋଡ଼ିଏ, ପଚିଶି ମାଇଲ ଦୂର । ଟେମ୍‌ସ ନଦୀର ମନୋରମ ଦର୍ଶନୀୟ କୂଳରେ ଥିବା 'ଗ୍ରୀନ୍‌ଉଇଚ୍' ଦେଖିବାକୁ ଯାଇଥାଏ ସେ, ଯାହା ବିଷୟରେ ସେ ଶୁଣିଥିଲା ଯେ ଇଂଲଣ୍ଡର ଚାରିଜଣ ବାସ୍ତୁଶିଳ୍ପୀ ମିଶି ତାକୁ ସାକାର କରିଥିଲେ । ଆଖପାଖର ମନଲୋଭା

Digitized by PPRACHIN, SOA

ପ୍ରାକୃତିକ ଦୃଶ୍ୟ ଦେଖୁ ଦେଖୁ ହୋଇଯାଇଥିଲା ସନ୍ଧ୍ୟା । ସେ କିଛି ଖାଇବା ଲାଗି ଏକ ରେସ୍ତୋରାଁ ଭିତରକୁ ପଶିଥିଲା । ରେସ୍ତୋରାଁରେ ଯୋଉ ଝିଅଟା ତାକୁ ରୁଟି ଓ ଆମଲେଟ୍ ବାଢ଼ି ଦେଇଥିଲା, ସବୁବେଳେ ତା' ଓଠରେ ଏକ ହସ ଉକୁଟି ଉଠୁଥାଏ । ଖୁବ୍ ହସହସ ଚମତ୍କାର ଝିଅଟେ ।

ଝିଅକୁ ଦେଖିଲା ମାତ୍ରକେ ତାର ଅଚାନକ ମନେହେଲା ଯେ ଝିଅଟା କଦାପି ଇଂରେଜ ହୋଇନପାରେ । ଇଂରେଜ ଝିଅମାନେ କେବେହେଲେ ସେମିତି ହସିପାରନ୍ତି ନାହିଁ । ଯେତେବେଳେ ଝିଅଟି କହିଲା ଯେ ସେ ମାତୃପକ୍ଷରୁ ମିଶରୀୟ ଓ ପିତୃପକ୍ଷରୁ କଣ ଜାଣିନି, ସେତେବେଳେ ତା'ର ନୀଳ ଆଖିକୁ ଅନଉ ଅନଉ ହରେକୃଷ୍ଣ କହିଥିଲା ଯେ ପିତୃପକ୍ଷରୁ ସେ ନିଶ୍ଚିତ ଭାବରେ ଜଣେ ଜର୍ମାନ୍··· । ଝିଅଟି ନିଜ ଜନ୍ମ ବର୍ଷକୁ ପୃଥିବୀର ଅନ୍ତକାରୀ ବର୍ଷ ସଙ୍ଗେ ମିଳେଇକି କହିଥିଲା, ଯେତେବେଳେ ମୁଁ ଜନ୍ମ ହୋଇଥିଲି, ସେତେବେଳେ ଦ୍ବିତୀୟ ବିଶ୍ୱଯୁଦ୍ଧ ସମାପ୍ତ ହୋଇ ସାରିଥାଏ ।

ସେଇଟା ଥିଲା ଛୋଟକାଟିଆ ରେସ୍ତୋରାଁଟାଏ । ପ୍ରାୟତଃ ଖାଲି କହିଲେ ଚଳେ । ଝିଅଟା ହରେକୃଷ୍ଣ ଲାଗି ଟେବୁଲ୍‌ରେ ରୁଟି ଓ କଫି ଖୁବ୍ ଭଲ ଭାବରେ ସଜେଇକି ରେସ୍ତୋରାଁର ଗୋଟାଏ କୋଣରେ ଯାଇ ବସିଥିଲା । ସେଠି ତାର ଆଉ କେଇଜଣ ବାଁଧବୀ ଥାନ୍ତି । ସମସ୍ତେ ଦେଖାଯାଉଥାନ୍ତି ଖୁବ୍ ଦୀନଦରିଦ୍ର ।

'ହେ ଭଗବାନ ! ଆଜି କୋଉଠୁ ହେଲେ ହୁଇସ୍କି ବୋତଲଟାଏ ଯୋଗେଇ ଦେ' । ଝିଅଟିର ପ୍ରାୟ ଖାଲି ଟେବୁଲ୍‌ରୁ ତାର ହାଲୁକା ଅସ୍ଫୁଟ ସ୍ୱର ଶୁଣିଲା ମାତ୍ରକେ ହଠାତ୍ ହରେକୃଷ୍ଣର ମନଟା ଛଲକି ଉଠିଥିଲା ।

ଏବଂ ଠିକ୍ ସେତିକିବେଳେ ବାତାବରଣରେ ହରେକୃଷ୍ଣର ସ୍ୱର ଗୁଞ୍ଜରି ଉଠିଥିଲା, ତୋ ମନୋବାଞ୍ଛା ଅବଶ୍ୟ ପୂରଣ ହେବ କନ୍ୟା ।

ହରେକୃଷ୍ଣ ରୁଟି ଓ ଆମଲେଟ୍ ଖାଇସାରିଥାଏ । ଶୀଘ୍ର ଶୀଘ୍ର କଫି ସିପ୍ କରୁ କରୁ ସେ ରେସ୍ତୋରାଁ ବାହାରକୁ ଚାଲିଆସିଲା । ପାଖ ଦୋକାନରୁ ହୁଇସ୍କି ବୋତଲଟାଏ କିଣି, ରେସ୍ତୋରାଁ ଭିତରକୁ ଯାଇ ଝିଅର ଟେବୁଲ୍ ଉପରେ ଥୋଇ ଦେଇଥିଲା ।

ସେତିକିବେଳେ ଝିଅଟା ଏମିତି ଆଖିରେ ତାକୁ ଅନେଇଥିଲା, ସତେ ଯେପରି ସାମ୍ନାରେ ସାକ୍ଷାତ୍ ଈଶ୍ୱରଙ୍କ ଦର୍ଶନ ଲାଭ କରିପାରିଛି···

ତା'ପରେ ଝିଅଟି ପଚାରିଥିଲା - ହେ ପରୋପକାରୀଦାତା, ଆପଣଙ୍କ ନାମ କ'ଣ?

ହରେକୃଷ୍ଣ ଶୀଘ୍ର ଫେରି ଯାଉଁ ଯାଉଁ କେବଳ ଏତିକି କହିଥିଲା ମୋର କୌଣସି ନାମ ନାହିଁ ମାତଃ ।

Digitized by PPRACHIN, SOA

ବହି ବିଷୟରେ ପଦେ ଅଧେ

ବିଗତ କେଇ ବର୍ଷ ଭିତରେ ଯେତେବେଳେ ବି ଚିତ୍ରଶିଳ୍ପୀ ହରେକୃଷ୍ଣ ଲାଲଙ୍କ ସଙ୍ଗେ ଦେଖା ହୋଇଛି, ସବୁବେଳେ ତାଙ୍କୁ ଖୋଲା ମନରେ କଥାବାର୍ତ୍ତା କରିବାର ଦେଖି ଆସିଛି ।

ମୁଁ ପଞ୍ଜାବୀ ମାସିକ ସାହିତ୍ୟ ପତ୍ରିକା 'ନାଗମଣି' ସଂପାଦନା କରେ । ସେଥିରେ ଏକ ଧାରାବାହିକ ସ୍ତମ୍ଭ ଥିଲା- ସାତଟା ପ୍ରଶ୍ନ । କବି, ସାହିତ୍ୟିକ, କଳାକାରମାନଙ୍କ ଜୀବନ ଓ ଦୃଷ୍ଟିକୋଣର ଅନ୍ତରଙ୍ଗ ପରିପ୍ରକାଶ ଲାଗି ସ୍ତମ୍ଭଟି ଥିଲା ଉଦ୍ଦିଷ୍ଟ । ସେଥିରେ ମୁଁ ପ୍ରତ୍ୟେକ କଳାକାରଙ୍କୁ ସେମାନଙ୍କ ବ୍ୟକ୍ତିତ୍ୱ ଅନୁରୂପ ସାତଟା ପ୍ରଶ୍ନ ପଚାରୁଥିଲି ଓ ସେମାନେ ବିସ୍ତୃତ ଭାବରେ ତାର ଉତ୍ତର ଦେଉଥିଲେ । ଏହି ସ୍ତମ୍ଭ ପାଇଁ ମୁଁ ହରେକୃଷ୍ଣ ଲାଲଙ୍କୁ ମଧ୍ୟ ସାତଟା ପ୍ରଶ୍ନ ପଚାରିଥିଲି । ଏ କଥା ମୁଁ ଜୋର ଦେଇ କହିପାରେ ଯେ ସେ ଯେଉଁଭଳି ଗମ୍ଭୀରତା ସହକାରେ ସେ ପ୍ରଶ୍ନଗୁଡ଼ିକର ବିସ୍ତୃତ ଓ ଅନ୍ତରଙ୍ଗ ଉତ୍ତର ଦେଇଛନ୍ତି, ସେଇଟା ଏ ସ୍ତମ୍ଭ ଲାଗି ଏକ ଉଦାହରଣ ହୋଇ ସବୁଦିନ ରହିବ ।

ମୋ ପତ୍ରିକାରେ ଏ ଭଳି ଆଉ ଗୁଡ଼ିଏ ସ୍ତମ୍ଭ ମଧ୍ୟ ରହିଛି ଏବଂ ହରେକୃଷ୍ଣ ସେଗୁଡ଼ିକ ମାଧ୍ୟମରେ ମୋର ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ନିସଙ୍କୋଚ ଭାବରେ ଦେଇଛନ୍ତି । ସେ ସବୁ 'ନାଗମଣି' ରେ ପ୍ରକାଶିତ ହୋଇଛି ।

ଏ ସବୁ ଦେଖି ତାଙ୍କ ଜୀବନ ଉପରେ ଆଧାରିତ ଖଣ୍ଡେ ବହି ଲେଖିବା କଥା ମୋ ମନକୁ ଆସିଥିଲା ଏବଂ ସେ ଏଥିଲାଗି ଦିଲ୍ଲୀରେ ଦୀର୍ଘଦିନ ଧରି ଅବସ୍ଥାନ କରିଥିଲେ । ସବୁଦିନ ଦିପହର ପ୍ରାୟ ଅଢ଼େଇଟା ବେଳକୁ ସେ ମୋ ପାଖକୁ ଆସନ୍ତି ଏବଂ ସନ୍ଧ୍ୟା ପାଞ୍ଚଟା ଯାଏ ମୁଁ ତାଙ୍କ ବିଷୟରେ ଲେଖାଲେଖି କରେ । ସେଇଟା 1983 ମସିହାର କଥା । ସେହି ବରଷ ମୁଁ ଯେତେବେଳେ ବହିଟା ଶେଷ କଲି, ତାଙ୍କୁ ବମ୍ବେରୁ ଡକାଇ ପଢ଼ି ଶୁଣେଇ ଦେଲି ।

ସେ ଯାହା ହେଉ ଏଇଟା ତ ବହି ଲେଖାର କାହାଣୀ । ସେହି ବର୍ଷ ଏ ବହିଟା ପଞ୍ଜାବୀରେ ପ୍ରକାଶ ପାଇଲା । ତା'ପରେ ଏହାର ଅନୁବାଦ ଷ୍ଟାର ବୁକ୍ସର ହିନ୍ଦୀ ଓ ଉର୍ଦ୍ଦୁ ମାସିକ ପତ୍ରିକାରେ ଧାରାବାହିକ ବାହାରିଲା ।

Digitized by PPRACHIN, SOA

ହିନ୍ଦୀରେ ବହିଟି ପ୍ରଥମେ 1985 ରେ ପ୍ରକାଶ ପାଇଥିଲା । ଏବଂ ଆଜିଯେତେବେଳେ ଏହାର ଏକ ନୂଆ ସଂସ୍କରଣ ପ୍ରକାଶ ପାଉଛି, ସେଥିରେ ହରେକୃଷ୍ଣଙ୍କ ସଙ୍ଗେ ହୋଇଥିବା ମୋର କଥାବାର୍ତ୍ତାର କିଛି ଅଂଶ ସାମିଲ କରିବାକୁ ମୋର ଇଚ୍ଛା । ଏହି ଚିତ୍ରଶିଳ୍ପୀଙ୍କ ଜୀବନ ଓ ଦର୍ଶନକୁ ବୁଝିବାରେ ଏ ସବୁ ପାଠକ, ପାଠିକାମାନଙ୍କୁ ସାହାଯ୍ୟ କରିବ ବୋଲି ଆଶା ।

ଅମୃତା ପ୍ରୀତମ୍

Digitized by PPRACHIN, SOA

ସାତଟା ପ୍ରଶ୍ନ

? : ହରେକୃଷ୍ଣ ବାବୁ ! ଲୁଧିଆନା ଭଳି ଏକ ଛୋଟିଆ ସହରର ତିନିଟା ପୁଅ, ବଡ଼ ହେଲାପରେ ଭାରତର ତିନୋଟି ପ୍ରସିଦ୍ଧ କଳାକାର ହେଲେ ଏଇଟା ଏକ ଐତିହାସିକ ଘଟଣା । ଆପଣ ହେଲେ ଚିତ୍ରଶିଳ୍ପୀ, ସାହିର ଜଣେ ଲୋକପ୍ରିୟ କବି ଓ ଗୀତକାର ଏବଂ ଜୟଦେବ ଜଣେ ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶକ । ଏଇ ଯେ ଆପଣ ତିନି ଜଣ ତିନିଟା ଅଲଗା-ଅଲଗା ବୃତ୍ତି ନିର୍ବାଚନ କଲ । ଏଇଟା ଆପଣମାନଙ୍କର ନିଜର ନିଷ୍ପତ୍ତି ଥିଲା ନା ଅଦୃଷ୍ଟର ?

ହରେକୃଷ୍ଣ : ଆମ ଆଗରେ ଆହୁରି ମଧ୍ୟ ଅନେକ ପଥ ରହିଥିଲା ବାଛିବା ଲାଗି । ବୃତ୍ତି ନିର୍ବାଚନ ଆମର ବା ଆମ ଘରଲୋକଙ୍କ ହାତରେ ରହିଥିଲେ ଆମେ ତିନିହେଁ ନିଶ୍ଚିତ ଭାବରେ ଭିନ୍ନ ପଥର ଯାତ୍ରୀ ସାଜିଥାନ୍ତୁ । ଏଥିରେ ସନ୍ଦେହ ନାହିଁ । ମୋର ବିଶ୍ୱାସ ଯେ ଆମ ତିନିଜଣଙ୍କ ପଥ ନିର୍ଦ୍ଦେଶକ ହେଉଛି ଅଦୃଷ୍ଟ ବା ଆପଣଙ୍କର ନିୟତି ।

ଜୟଦେବ ଗୋଟାଏ ଭଲ ସ୍କୁଲରେ ପଢୁଥିଲା । କେଜାଣି କଣ ହେବାକୁ ଚାହୁଁଥିଲା ସେ । ସହରରେ ଦେବାରାମ ନାମକ ଜଣେ ଲୋକ ଥିଲା । ସେ ସିନେମା ହଲ୍‌ଟାଏ ଖୋଲିଲା । ଏଇଟା ଥିଲା ସହରର ପ୍ରଥମ ସିନେମା ହଲ । ଉଦ୍‌ଘାଟନ କରିବାକୁ ସେ ବଂବେର ଚଳଚ୍ଚିତ୍ର ଅଭିନେତ୍ରୀ ଆର୍ମଲୀନଙ୍କୁ ନିମନ୍ତ୍ରିତ କରିଥିଲା । ପିଲାଟି ଦିନରୁ ଆମ ଜୟଦେବର ସଙ୍ଗୀତ ସଉକ । ହେଲେ ଏ ସଉକ ଯେ ଦିନେ ତାକୁ ପାଗଳାମୀର ସୀମାକୁ ନେଇଯିବ ଏକଥା ତାକୁ ଜଣା ନ ଥିଲା । ଆର୍ମଲୀନ ଆଗରେ ସେ କେତୋଟି ଗୀତ ଗାଇଥିଲା । ଯେତେବେଳେ ଆର୍ମଲୀନର ଆଖିରେ କଣ ଏମିତି ପ୍ରଶଂସା ଭାବ ଫୁଟି ଉଠିବାର ଦେଖିଲା ଯେ ଘରଦ୍ୱାର ଛାଡ଼ି ତା ସଙ୍ଗେ ବମ୍ବେ ଚାଲିଗଲା । ପ୍ରଥମେ ପ୍ରଥମେ ସେ ୱାଡ଼ିଆ ମୁଭିଟୋନ କମ୍ପାନିର କେତେକ ଷ୍ଟଣ୍ଟ ଫିଲ୍ମରେ ତା କମ୍ପେଡ଼ି ରୋଲ୍ କରିଥିବା କଥା ଖୁବ୍ କମ୍ ଲୋକ ଜାଣନ୍ତି ।

ସାହିର ଓକିଲାତି ପଢ଼ିବ ବୋଲି କଲେଜର ଫର୍ମରେ ଲେଖିଥିଲା । ହୁଏତ ଏଇଥି ପାଇଁ ଯେ ବାପାଠାରୁ ଅଲଗା ହୋଇ ଯାଇଥିବା ତା ମା ଓ ଖୋଦ୍ ତାର ପିଲାବେଳ କେବଳ କଚେରୀରେ ହିଁ କଟିଥିଲା । ନିଜ ଅଧିକାର ସାବ୍ୟସ୍ତ କରିବାକୁ ବାରଟା ଯାକ ମକଦ୍ଦମା ଲଢୁ ଲଢୁ ସେ ଭାବିଥିବ ଯେ ହୁଏତ ଓକିଲାତି କରି ହିଁ ସେ ନିଜ ଜୀବନର ମକଦ୍ଦମା ଜିଣି ପାରିବ । ସେତେବେଳେ ସେ ଜାଣି ନଥିଲା ଯେ ଦିନେ ତା ଗୀତ କବିତା ମାଧ୍ୟମରେ ସମଗ୍ର ଦେଶବାସୀଙ୍କ ହୃଦୟ ଜୟ କରିବ । ସେ ଥିଲା ଖୁବ୍ ଭାବୁକ । କଲେଜ ମେଗେଜିନ୍ ଲାଗି

Digitized by PPRACHIN, SOA

ଯେତେବେଳେ ସାହିର ତା ଜୀବନର ପ୍ରଥମ ଗଜଲ୍ ଲେଖିଲା- 'ଜହ୍ନରାତିରେ ହୃଦୟ ଭରି ମୁଁ ଗାଇବି ଗୀତ' – ତା ପରଠୁ ସେ ଜୀବନ ସାରା ଗୀତ ଗାଇ ଚାଲିଥିଲା ଓ ଲୋକେ ହୃଦୟ ଦେଇ ତା ଗୀତ ଶୁଣୁଥିଲେ'...

ଆଉ ମୁଁ ? ମୁଁ କଲେଜରେ ଫିଜିକସ୍, କେମିଷ୍ଟ୍ରି ଓ ମେଥ୍ମେଟିକସ ନେଇଥିଲି । ଇଂଜିନିୟରିଂ ଲାଗି ଫର୍ମ ପୂରଣ କରିଥିଲି । ହେଲା ମାତ୍ର ଦିଟା ବର୍ଷ ପରେ ହିଁ ଅନୁଭବ କଲି ଯେ ଫିଜିକ୍ସ୍ ଫର୍ମୁଲା ଜୀବନ ସାରା ମୋ ଦ୍ୱାରା ବ୍ୟବହୃତ ହୋଇ ପାରିବ ନାହିଁ । ତା'ପରେ ବିଷୟ ବଦଳାଇ ଇତିହାସ ଓ ରାଜନୀତି ବିଜ୍ଞାନ ନେଲି । ହେଲେ ମୋ ମନଲାଖି ସଉକ ଥିଲା ଚିଟା-ଚିତ୍ର ଆଙ୍କିବା ଓ ବଇଁଶୀ ବଜାଇବା । କଲେଜ ଛାଡ଼ିଲା ପରେ ଜୀବିକାର ପନ୍ଥା ବାଛିବା କଥା । ମନ ହେଉଥିଲା, ବଂଶୀ ବେଜେଇବି । ଭାବିଲି, ଖାଲି ତ ବଂଶୀ ବଜେଇ ହେବନି, ସାମ୍ନାରେ ଶ୍ରୋତା ଦରକାର । ବିନା ଶ୍ରୋତରେ ସଙ୍ଗୀତର ମାନେ କିଛି ନାହିଁ । ବୁଝିଲି, ମୋ ପ୍ରକୃତିଟା ବହିର୍ମୁଖୀ ନ ହୋଇ ପୂରାପୂରି ଅନ୍ତର୍ମୁଖୀ ସେଇଥିଲାଗି ଚିତ୍ରକଳାକୁ ହିଁ ବାଛିଲି । କାରଣ ସେଥିଲାଗି ଶ୍ରୋତାର ଭିତ୍ର କି ସୃଷ୍ଟିକାଳରେ କାହାରି ଉପସ୍ଥିତିର ଆବଶ୍ୟକତା ନଥିଲା ।

ମୋ ବାପା ମନ ମାରି ମୋତେ ଜେ.ଜେ ସ୍କୁଲ ଅଫ ଆର୍ଟସ, ବମ୍ବେକୁ ପଠାଇ ଦେଲେ । 1942ରେ ଯେତେବେଳେ ଦେଶବ୍ୟାପୀ ଭାରତଛାଡ଼ ଆନ୍ଦୋଳନର ସୁଅ ବୋହିଲା, ସତ୍ୟାଗ୍ରହ ହରତାଳ ହେଲା, ସ୍କୁଲ ଅଫ୍ ଆର୍ଟସ୍ ବନ୍ଦ ହୋଇଗଲା । ମୁଁ ପ୍ରାୟ ବର୍ଷେ କାଳ ସେତେବେଳେ ଲାହୋରରେ ରହିଲି । ହାତରେ କିଛି କାମ ନଥାଏ । ପୂରାପୂରି ବେକାର । ବାପା ତ ଆଗରୁ ଅସନ୍ତୁଷ୍ଟ ଥିଲେ । ତେଣୁ ଘରୁ ଟଙ୍କାପଇସା ଆସିବାଟା ବନ୍ଦ ହୋଇ ଯାଇଥିଲା । ମୁଁ ରେଡ଼ିଓ ଲାହୋରରେ ବଂଶୀ ବଜାଇ ଚଳିବା ଭଳି କିଛି ରୋଜଗାର କରୁଥିଲି ।

ହେଲେ ଯେତେବେଳେ ଆନ୍ଦୋଳନର ପରିସମାପ୍ତି ଘଟିଲା । ମୋତେ ବମ୍ବେ ଫେରିଯିବା କଥା । ହେଲେ ସେତେବେଳକୁ ମୋ ପାଖରେ ଫିଜ୍ ଦେବାର ବି ଟଙ୍କା ନଥାଏ । ମନେହେଲା ମୋତେ ନିଜ ବାଟ ବଦଳାଇବାକୁ ହିଁ ହେବ । ହେଲେ ସେତେବେଳେକୁ ମୋ ଭାଗ୍ୟ ଦେବତା ମୋ ବମ୍ବେ ଯିବା କଥା ନିର୍ଧାର୍ଯ୍ୟ କରି ସାରିଥିଲେ । ବମ୍ବେରେ ମୋର ଜଣେ ସାଙ୍ଗ ତ୍ରିଲୋକ ରହୁଥିଲା । ସଂଯୋଗ କହନ୍ତୁ ବା କିଣ ଦିନେ ଅଚାନକ ତା' ସହିତ ଲାହୋରରେ ଦେଖା ହୋଇଗଲା । ସେ ହିସହସ ହୋଇ କହିଲା ଯେ ତା' ଦରମା 20 ଟଙ୍କାରୁ ବଢ଼ି 120 ଟଙ୍କା ହୋଇ ଯାଇଛି ଏବଂ ମୁଁ ବମ୍ବେ ଯାଇ ତା' ସଙ୍ଗେ ଏକାଠି ରହି ପାରିବି । ମୋ ଖିଆପିଆ ସମସ୍ୟାର ମଧ୍ୟ ସେ ସମାଧାନ କରି ଦେଇଥିଲା - ଯଦି ଦି ଜଣ ଯାଇ ହୋଟେଲରେ ଖାଇବା, ଦି ଗୁଣ ପଇସା ପଡ଼ିବ । ତେଣୁ ସେ ହୋଟେଲରୁ ମିଲ୍‌ଟେ ଘରକୁ ମଗାଇ ଆଣିବ ଏବଂ ତାକୁ ଆମେ ଦି ଜଣ ଯାକ ମିଶିକି ଖାଇବୁ ।

? : ଆପଣ ତିନିହେଁ ଜୀବନସାରା ଅବିବାହିତ ରହିବାର ନିଷ୍ପତ୍ତିଟା ନେଲ କିପରି ?

Digitized by PPRACHIN, SOA

ହରେକୃଷ୍ଣ : ଏ ନିଷ୍ପତ୍ତିଟା ବି ଆମର ନ ହୋଇ ନିୟତିର । ଆମେ ତିନିହେଁ ଏକ ଭରପୂର, ସମୃଦ୍ଧ ଘର ପରିବାରର ସ୍ୱପ୍ନ ଦେଖିଥିଲୁ । ହେଲେ ଆମ ମନର ପ୍ରେମ ପ୍ରବଣତା ଯେତେବେଳେ ଆକାଶ ଛୁଇଁଲା, ସେତେବେଳେ ପ୍ରେମୋନ୍ମାଦ ଆମ ନିୟତିରେ ପରିଣତ ହେଲା । ଜଣେ କଳାକାର ତାଙ୍କ ଝିଅକୁ ଭଲକରି ମୁଠାଏ ଖାଇବାକୁ ଦେଇ ପାରିବ ବୋଲି କୌଣସି ଝିଅର ପିତାମାତା ବିଶ୍ୱାସ କରିପାରୁ ନ ଥିଲେ । ଦି ଓଳି ଖାଇବାକୁ ପାଇବ ବୋଲି ଖୋଦ୍ କଳାକାରର ମଧ୍ୟ ବିଶ୍ୱାସ ନଥାଏ । ତେଣୁ ଆମେ ତିନିଜଣ ଯାକ ଆମ ପ୍ରେମୋନ୍ମାଦକୁ ଅନ୍ୟ ଦିଗରେ ପ୍ରଜ୍ୱଳିତ କଲୁ । ଜୟଦେବ ତା' ଉନ୍ମାଦନାକୁ ସୁର ସଙ୍ଗୀତରେ ଢ଼ାଳି ଦେଲା ବେଳକୁ ସାହିର ଗୀତରେ ଢ଼ାଳି ଦେଲା । ମୋ ଉନ୍ମାଦନା ରଙ୍ଗରେ ନିଗିଡ଼ି ଆସିଲା ।

ଜୟଦେବ ଟ୍ୟୁସନ କରି ତା' ଗୁଜୁରାଣ ମେଣ୍ଟଉ ଥିଲା ଏବଂ ଯାହା ଲାଗି ତା' ଭଲପାଇବାର ଦୀର୍ଘଶ୍ୱାସ, ସେ ଝିଅର ନାଁ ଜିତୋ । ଜିତୋ ଲାଗି ତା'ର ସବୁ ପ୍ରେମ ଚିଠି ମୁଁ ଲେଖି ଦେଉଥିଲି । କାଳେ କାଳିକି ଯଦି ଏ ଚିଠି ପତ୍ର ଜିତୋର ବାପା ହାତରେ ପଡ଼େ, ତେବେ ସେ ଜୟଦେବର ହାତ ଲେଖା ଚିହ୍ନି ପାରିବେ ନାହିଁ ଯେମିତି । ସାହିର ତା' କଲେଜର ଜଣେ ସୁନ୍ଦରୀ ଝିଅକୁ ଭଲ ପାଉଥିଲା । ସେ ଥିଲା ତା' ପ୍ରଥମ ପ୍ରେମ । ଶିଖ୍ ଝିଅ । ବାଟରେ ଧର୍ମର ବିରାଟ ମେଘନାଦ ପାଚେରୀ । କଥାଟା ଏତେ ଆଗକୁ ବଢ଼ିଗଲା ଯେ ଦିନେ କଲେଜ ଅଧ୍ୟକ୍ଷ ଡାକି ସାହିରକୁ ସତର୍କ କରାଇ ଦେଲେ କ୍ଷାନ୍ତିହୁଅ ସାହିର । ସହରରେ ଏ ଗୁଜବଟା ଏମିତି ଭାବରେ ଉଠୁଛି ଯେକୌଣସି ମୁହୂର୍ତ୍ତରେ ହିନ୍ଦୁ ମୁସଲିମ ଦଙ୍ଗାଫିସାଦି ହେବାର ସମ୍ଭାବନା । ଏ ବିପଦକୁ ଏଡ଼ାଇ ଦିଆଯାଇ ନ ପାରେ । ତା' ଛଡ଼ା ଆର୍ଥିକ ଦୂରବସ୍ଥା ମଧ୍ୟ ଏକ ପ୍ରଧାନ ଅନ୍ତରାୟ ଥିଲା । ହେଲେ ଧନ୍ୟ କହିବ ସେ ଝିଅର ଦୁଃସାହସକୁ । ଦିନେ ବାପାମାଙ୍କ ଘର ଛାଡ଼ି ସାହିର ଆଗରେ ହାଜର - ମୁଁ ଫେରିଯିବାକୁ ଆସିନି । ଯୋଉଠିକି ଇଛା ମୋତେ ନେଇଚାଲ ସାହିର । ଏବଂ ସେତେବେଳେ ସାହିର ଜୀବନର ଏକ ତିକ୍ତ ବାସ୍ତବତା ସହ ସମ୍ମୁଖୀନ ହେଲା । କୋଉଠିକି ନେଇଯିବ ଝିଅଟିକୁ ? କୋଉଠି ରଖିବ ? ଘର କାହିଁ ? ଖାଇବାକୁ ଦେବ କଣ ?

ଯୋଉ ଝିଅର ମୁହଁ ଚାହିଁ ମୁଁ ଏକ ସୁଖୀ ଘରର ସ୍ୱପ୍ନ ଦେଖିଥିଲି ତା'ବାପ ମା କହିଲେ- ପ୍ରଥମେ ସରକାରୀ ଚାକିରି ଖଣ୍ଡେ ଯୋଗାଡ଼ କର, ତା'ପରେ ଅନ୍ୟ କଥା । ହେଲେ ଯେତେବେଳେ ମୁଁ ସରକାରୀ କଲେଜ ଛାଡ଼ି ବମ୍ବେ ଆର୍ଟ ସ୍କୁଲରେ ନାମ ଲେଖାଇଲି ସେତେବେଳେ ସେମାନଙ୍କ ପକ୍ଷରେ ଭାବିବା ସ୍ୱାଭାବିକ ଯେ ଦର୍ଜା ଝରକା ରଙ୍ଗ କରି ବା କୌଣସି ଗଳି ମୁଣ୍ଡରେ ବସିକି ସାଇନ ବୋର୍ଡ ଲେଖିବା ଲୋକ ସେମାନଙ୍କ ଝିଅକୁ ମୁଠେ ଖାଇବାକୁ ବି ଦେଇ ପାରିବ ନାହିଁ ।

ତେଣୁ ତ କହୁଛି ଯେ ଆମ ତିନିଜଣଙ୍କୁ ଅବିବାହିତ ରଖିବାର ନିଷ୍ପତ୍ତିଟା ନିୟତି କରିଥାଉ କି ମୁଠାଏ ଦାନ କରିଥାଉ, ଏକା କଥା । ହେଲେ ଏ ନିଷ୍ପତ୍ତିଟା ଆମେ ତିନିହେଁ କେବେ କରି ନଥିଲୁ ।

Digitized by PPRACHIN, SOA

? : ହେଲେ ମୁଠାଏ ଦାନା ଯେତେବେଳେ ଆପଣମାନଙ୍କ ସପକ୍ଷରେ ସବୁଯାକ ନିଷ୍ପତ୍ତି କରିଦେଲା, ସେତେବେଳେ ? ଆପଣ ଭାରତର ଜଣେ ବିଖ୍ୟାତ ଚିତ୍ରଶିଳ୍ପୀ ହେଲେ । ଦିଲ୍ଲୀ, ବମ୍ବେ, କଲିକତା ଓ ଅନ୍ୟାନ୍ୟ ବହୁ ସହରରେ ଆପଣଙ୍କ ପ୍ରଦର୍ଶନୀ ହେଲା । କେବଳ ଦେଶରେ ନୁହେଁ ଇଂଲଣ୍ଡ, ଫ୍ରାନସ, ଜର୍ମାନୀ, ଚୀନ, ଜାପାନ ଓ ଆଉ କେତେ କେତେ ଦେଶରେ ମଧ୍ୟ ଆପଣଙ୍କ ଚିତ୍ରକଳା ପ୍ରଦର୍ଶିତ ହେଲା । ସାହିର ଚଳଚ୍ଚିତ୍ର ଜଗତର ସବୁଠୁ ଧନୀ ଗୀତକାର ହେଲେ । ଜୟଦେବ ପ୍ରଖ୍ୟାତ ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶକ ହେଲେ, ସେତେବେଳେ ?

ହରେକୃଷ୍ଣ : କଥା କଣ କି, ସେତେବେଳେ ମଧ୍ୟ ଆମ ତିନିଜଣଙ୍କ ଅବିବାହିତ ରହିବାର ନିଷ୍ପତ୍ତିଟା ସେଇ 'ମୁଠାଏ ଦାନା' ହିଁ କରିଥିଲା । ପ୍ରଥମରେ ତା' ଅଭାବରେ କରିଥିଲା ଓ ଏବେ ପ୍ରାଚୁର୍ଯ୍ୟରେ କଲା । ଯେତେବେଳେ ଅର୍ଥ ଓ ସମ୍ମାନ ଆସି ଆମଠି ଜୁଡ଼େଇ ହେଲା, ସେତେବେଳେ ଆମ ଚାରିଆଡ଼େ ଯୋଉ ସୁନ୍ଦରୀମାନଙ୍କର ଭିଡ଼ ଜୁଟିଲା, ସେଇଟା ଥିଲା 'ମୁଠାଏ ଦାନା'ର ଆୟ-ବ୍ୟୟ ହିସାବ କରିଆସିଥିବା ଭିଡ଼ । ଆମ ସମ୍ମାନକୁ ନିଜ ସମ୍ମାନର ସାଧନ କରିବାକୁ ଚାହୁଁଥିବା କେଇଜଣ ମଧ୍ୟ ଆସି ଜୁଟିଗଲେ । ହେଲେ ଅମୃତା, ଯେତେବେଳେ ଜଣେ କଳାକାର ବୁଝିପାରେ ଯେ ଭଲପାଇବାଟା ତା ମନ ପାଇଁ କି କଳା ପାଇଁ ନହୋଇ ବରଂ...

? : ହରେକୃଷ୍ଣ ବାବୁ ଆପଣଙ୍କ କାନ୍‌ଭାସ୍‌ର ରଂଗ ଓ ରେଖା ଭିତରୁ ବାହାରି କେବେ କ'ଣ କୌଣସି ପରାଶକ୍ତିକୁ କୌଣସି ଅଲଗା ରୂପରେ ଆପଣଙ୍କ ସାମ୍ନାକୁ ଆସିଥିବା କଥା ଦେଖିଛନ୍ତି?

ହରେକୃଷ୍ଣ : ଆଜିଠୁ ଛ ବର୍ଷ ତଳେ ଥରେ ଏମିତି ଘଟଣାଟିଏ ଘଟିଥିଲା । ସେତେବେଳେ ଏକ କାଳିସିଆଭାବ ମୋତେ କାଇଲା କରି ଦେଇଥିଲା । ଯୁଆଡ଼େ ଚାହିଁଲେ ସେଆଡ଼େ ମୋତେ ଗଣେଶ ମୂର୍ତ୍ତି ଦେଖା ଯାଉଥିଲା । ଗଛର ଶାଖା, ସଡ଼କରେ ଥୁଆ ପୂଜାମୂର୍ତ୍ତି ସବୁଥିରୁ ବାହାରି ଆସି ଗଣେଶ ମୋ ଆଗରେ ଉଭା ହୋଇ ଯାଉଥିଲା ଯେମିତି । ମୁଁ ଧାର୍ମିକ ପ୍ରକୃତିର ଲୋକ ନୁହେଁ । ତଥାପି ଏଇଟା ଥିଲା ଗଣପତି, ଯିଏ ଆସିକି ମୋର ପ୍ରତ୍ୟେକଟି ଖାଲି କାନ୍‌ଭାସରେ ବସି ଯାଉଥିଲା । ମୋର ଇଚ୍ଛା ଆନିଚ୍ଛାର କୌଣସି ମୂଲ୍ୟ ରହୁ ନଥିଲା ସେତେବେଳେ ।

ଠିକ୍ ସେଇ ସମୟର କଥା । ଦିନେ ଏମିତି ରାତିଟାଏ ଆସିଲା, ଯେତେବେଳେ କି ଗଣେଶ ପ୍ରତ୍ୟେକ କାନଭାସରୁ ସଡ଼କକୁ ଓହ୍ଲାଇ ଆସିଲା । ଏବଂ ମୋ ସାମ୍ନାରେ ମନ୍ଦିର ତିଆରି କରି ବସିଗଲା । କେତେ ଯେ ହାତୀ ଓ ମନ୍ଦିରରେ ଭରିଗଲା ମୋ ସ୍ୱପ୍ନ । ଦେଖିଲି ଯେ ଗୋଟାଏ ସଡ଼କ କଡ଼ରେ ମୁଁ ଠିଆ ହୋଇଛି । ଆଉ କେତେକ ଲୋକ ମଧ୍ୟ ଠିଆ ହୋଇ ରହିଛନ୍ତି । ସାମ୍ନାରୁ ହାତୀମାନଙ୍କର ଏକ ଶୋଭାଯାତ୍ରା ଆସୁଛି । ସବାଆଗରେ ଯୁଆନ ହାତୀଟାଏ ନାଚି ନାଚି ଆସୁଛି । ଏମିତି ଭାବରେ ସଜା ହୋଇଛି ଯେ ମନେ ହେଉଛି ରୁପାର ଝୁଲଟା

Digitized by PPRACHIN, SOA

ଯେପରି ତା' ଦେହ ଉପରେ ନ ପଡ଼ି ତା ଚମ ଉପରେ ରୁପାର ତାରକସି ଖୋଦେଇ କରାଯାଇଛି । ସେ ରାସ୍ତାର ଉଭୟ ପଟେ ଥିବା ଫୁଲ ସବୁ ନିଜ ଶୁଣ୍ଢରେ ତୋଳି ରାସ୍ତା ସାରା ବିଛେଇ ଚାଲିଛି । ମୋ ପାଖେ ଠିଆ ହୋଇଥିବା ଜଣେ ଲୋକ କହିଲା ଦେଖ, ଆମ ମନ୍ଦିରର ହାତୀଟା କେଡ଼େ ସୁନ୍ଦର । ଏବଂ ଦେଖିଲି ଯେ ନଈଘାଟରୁ ଉଛୁଳି ପଡ଼ି ପାଣି ଏକ ପଡ଼ିଆରେ ଭର୍ତ୍ତି ହୋଇ ଯାଇଛି । ପଡ଼ିଆସାରା କାଠର ଛୋଟ ଛୋଟ ମନ୍ଦିର ଭର୍ତ୍ତି । ସେ ହାତୀଟା ନିଜ ଶୁଣ୍ଢରେ ଗୋଟାଏ ମନ୍ଦିରର ଘଣ୍ଟା ବଜାଇଲା ଓ ମୁଁ କାଠ ବାଉଁଶରେ ତିଆରି ମନ୍ଦିର ଆଡ଼କୁ ଧାଇଁବାକୁ ଲାଗିଲି ।

? : ପରାଶକ୍ତିର ଏ ଅନୁଭବଟା କେବଳ ଥରେ ମାତ୍ର ହୋଇଥିଲା ନା.......?

ହରେକୃଷ୍ଣ : କୌଣସି ଶକ୍ତିର ସାକାର ରୂପକୁ ଏଭଳି ଭାବରେ କେବଳ ଥରକ ଲାଗି ଦେଖିଥିଲି । ହେଲେ ନିରାକାର ରୂପକୁ ତ ସବୁବେଳେ ପ୍ରତ୍ୟକ୍ଷ କରୁଛି । କାନଭାସ୍ ଆଗରେ ବସିଲା ମାତ୍ରକେ ପ୍ରତିଥର ମନେ ହେଉଛି, ଯେମିତି କୌଣସି ଏକ ଶକ୍ତି ମୋତେ ମାଧ୍ୟମ କରି କାନଭାସରେ ଚିତ୍ର ଆଙ୍କି ଚାଲିଛି । ଏଭଳି ଆନୁଭବଟା ଏ ଉପଲବ୍‌ଧିଟା ପ୍ରାୟ ଅଢ଼େଇ ବା ତିନି ଘଣ୍ଟା କାଳ ଲାଗି ରହିଥାଏ । ତା' ପରେ ମୁଁତ୍ୱ'ର ଅନୁଭବ ଜାଗେ । ଏକ ଚେତନ ଅନୁଭବ, ଯେ ଏଇଟା ମୁଁ । ଏଇଟା ମୋ ହାତ । ଏଇଟା ମୋ ଆଖି.....ସେତେବେଳେ ମୁଁ କାନଭାସକୁ ସେଇଠି ଛାଡ଼ି କଫି ବା ବିୟର ପିଇବା ଲାଗି ଘର ବାହାରକୁ ଉଠି ଚାଲିଯାଏ ।

ଗତ ଛ ବର୍ଷ ଧରି ଏମିତି ଅନୁଭବ ହୋଇ ଆସୁଛି । ମନେହେଉଛି ଯେଉଁ ଜ୍ଞାନ ଏ କ୍ଷେତ୍ରରେ ଚିହ୍ନା ସୀମାରେ ସାମିଲ ହୋଇ ଯାଇଛି । ଯାହା ମୁଁ ଜାଣିଛି, ସେଇଟା ତ ମୁଁ ଯେତେବେଳେ ଚାହିଁବି ସେତେବେଳେ ତାକୁ କାନଭାସକୁ ଓହ୍ଲାଇ ଆଣି ପାରିବି, ହେଲେ ଯୋଉଟା ତା' ଊର୍ଦ୍ଧ୍ୱରେ ରହିଛି ପରିଚୟର ସୀମା ବାହାରେ, ଅଜ୍ଞାତ, ତାକୁ ଚିତ୍ରଣ କରିବା ଲାଗି ମୋତେ କୌଣସି ଅଦୃଶ୍ୟ ଶକ୍ତିର ହୁକୁମନାମା ଦରକାର । ଯେତେବେଳେ ଇଛା ସେତେବେଳେ ମୋତେ, କୌଣସି ଉଦ୍ଦେଶ୍ୟ ସିଦ୍ଧିର ସାଧନ କରିବା ସେ ଅଦୃଶ୍ୟ ଶକ୍ତିର ମର୍ଜି ଉପରେ ନିର୍ଭର କରେ । ହେଲେ ମୁଁ ନିଜ ମର୍ଜିରେ ଏ କଳାର ମାଧ୍ୟମ ହୋଇ ପାରିବା ଅସମ୍ଭବ ।

? : କଳ୍ପନାର ଉର୍ବରତା ବା ଉଷରତା ଦିନର କୌଣସି ଘଟଣା କହିବେ କି?

ହରେକୃଷ୍ଣ : ମୋ ମନଟା ସବୁବେଳେ ଏକ ଦେଶଦର୍ଶୀ । One track mind. ଉର୍ବରତାର ଋତୁରେ ମନେହୁଏ ଯେମିତିକି ମୋ ଭିତରେ ଚଳଚ୍ଚିତ୍ରଟାଏ ଚାଲିଛି । ଯାହା ବାହାର କାଛ, ଟେବୁଲ, ଗଛ ପତ୍ର ବା ଯେକୌଣସି ସ୍ଥାନରେ ପ୍ରୋଜେକ୍ଟ ହେଉଛି । ଏପରିକି ସେତେବେଳେ ଦେଖୁଥିବା ସ୍ୱପ୍ନସବୁ ମଧ୍ୟ ବିଚିତ୍ର-ବିଚିତ୍ର ରଙ୍ଗରେ ଭରିଯାଏ । ଏବଂ ସେ ସବୁ ଭିତରୁ ଗୋଖାଏ ପ୍ରବାହରେ ବାହାରକୁ ଚାଲିଆସେ । ମୁଁ ତାକୁ ହିଁ କେବଳ ପ୍ରତ୍ୟେକଟି କାନଭାସ ଦେହରେ ଉତାରି ଦିଏ । କେଜାଣି ମୁଁ କୋଉ ଶକ୍ତିର ରୂପକାର, କିଛି ଜଣା

Digitized by PPRACHIN, SOA

ପଡ଼େନି । ଏ ପ୍ରବାହ ଦିନରେ କେଇ ଘଣ୍ଟା ଧରି ଚାଲେ ଏବଂ ବେଳେ ବେଳେ କେତେ ମାସ ଧରି ମଧ୍ୟ ଅବ୍ୟାହତ ରହେ । ଯେତେବେଳେ ପ୍ରତି କାନଭାସ୍‌ର ରଙ୍ଗର ଏକ ଋତୁ ଆସିଯାଏ । ଏବଂ ତା'ପରେ ଯେତେବେଳେ ମନର ଏ ଅନୁଭବଟା ମରି ମରି ଆସେ, ସେତେବେଳେ କି ବାହାର କି ଭିତର ସବୁଆଡ଼େ ଏକ ରକରମ ନିଃସଙ୍ଗ - ନିର୍ଜନତା ବ୍ୟାପିଯାଏ । ଏ ଅଭାବବୋଧଟା ଏତେ ଘାରେ, ଏତେ ଘାରେ ଯେ ମନେହୁଏ କଳ୍ପନାର ଏ ପତ୍ରଝରାରେ ଆଉ କେବେ ବସନ୍ତର ପଲ୍ଲବନ ହେବ ନାହିଁ । କଳ୍ପନା ଗଛରୁ ପ୍ରତ୍ୟେକଟି ପତ୍ର ଝରିଯାଏ । ସେତେବେଳେ ଏକ ରକମ ଭୟ ମାଡ଼ି ମାଡ଼ି ବସେ .... ଯେ ଏବେ ଶୁଖିଲା ଗଛ ଆଉ କେବେ ବଉଳିବନାହିଁ । ଚେତନ ଭାବରେ ନିଜେ ନିଜକୁ ଯେତେ ଶାନ୍ତ୍ୱନା ଦିଏ ପଛକେ, ଯେ ଆଗରୁବି ତ ଏମିତି ଘଟିଚି ଅନେକ ଥର, ଏବଂ ଏ ନିଃସଙ୍ଗତାଟା ବି ଶେଷ ନିଃସଙ୍ଗତା ହେବ ନାହିଁ......... ହେଲେ ଥରକ ଲାଗି ହେଉ ପଛକେ ମନଟା ମରୁଡ଼ିଗ୍ରସ୍ତ ମାଟି ପରି ଫାଟି ଚିରା ଚିରା ହୋଇଯାଏ ।

? : ଆମ ଶାସ୍ତ୍ର-ପୁରାଣରେ ସାତଟା ପାତାଳ କଥା ଉଲ୍ଲେଖ ରହିଛି- ଅତଳ, ବିତଳ, ସୁତଳ, ରସାତଳ, ତଳାତଳ, ମହାତଳ ଓ ପାତାଳ । ମୋ ମତରେ ପ୍ରତ୍ୟେକଟି ପ୍ରଶ୍ନୋତ୍ତର ମନର ପାତାଳକୁ ଓହ୍ଲାଇବାର ଏକ ଏକ ଚେଷ୍ଟା ବୋଲି କୁହାଯାଇପାରେ । ହେଲେ କୌଣସି ଫ୍ରୟଡ୍ ବା ୟୁଙ୍ଗ ଏ ପର୍ଯ୍ୟନ୍ତ ମଣିଷ ମନର ସପ୍ତମ ପାତାଳକୁ ଓହ୍ଲାଇ ପାରି ନାହାନ୍ତି । ହେଇପାରେ ଯେ ମଣିଷର ସ୍ୱୟଂ ବା ମୁଁ ଟା ଯେତେବେଳେ ନିଜେ ଫ୍ରୟଡ୍ ବା ୟୁଙ୍ଗରେ ପରିଣତ ହେବ, ସେତେବେଳେ ହୁଏତ ସପ୍ତମ ପାତାଳ ଭେଦ ହୋଇପାରେ ବା ତାର କୌଣସି କୂଳ କିନାରା ମିଳି ପାରିବ । ତେଣୁ ଚାହିଁବି ଯେ ସପ୍ତମ ପ୍ରଶ୍ନଟା ଆପଣଙ୍କ ମନର ସପ୍ତମ ପାତାଳରୁ ଉଠୁ ଓ ନିଜେ ତାର ଉତ୍ତରଟା ମଧ୍ୟ ସପ୍ତମ ପାତାଳରୁ ଖୋଜିକି ଆଣୁ ।

ହରେକୃଷ୍ଣ : ମନର ସପ୍ତମ ପାତାଳରୁ ପ୍ରଶ୍ନଟେ ବାରମ୍ବାର ଉଠେ ଯେ କଳା ନିମନ୍ତେ ମୁଁ ଜୀବନର ପ୍ରତ୍ୟେକ ଆବଶ୍ୟକତା, ପ୍ରତ୍ୟେକ ସୁଖକୁ ହାତଛଡ଼ା କରିଛି, ବାଟରେ ଅନେକ ଥର ସବୁଜ ଚଲାପଥ ମୋତେ ହାତଠାରି ଡ଼ାକିଛି, ହେଲେ ମୁଁ ଥରକ ଲାଗିବି ସେ ଆଡ଼କୁ ଆଖି ପୂରେଇ ଦେଖିନି । କଳାର ଏକ ମାତ୍ର ପଥବାହୀ ଆଗେଇ ଚାଲିଛି । ହେଲେ ସେଇ କଳା, ସେଇ ଶିଳ୍ପ ଏବେ ମୋ ଲାଗି ଏମିତି ଏକ ଅଲଂଘ୍ୟ ମେଘନାଦ ପାଚେରୀ, ଅବରୁଦ୍ଧ ବନ୍ଦୀଶାଳାରେ ପରିଣତ ହୋଇ ଯାଇଛି ଯେ ଯୋଉଥିରେ ବାହାରକୁ ଖୋଲୁଥିବା ଦର୍ଜାଟିଏ କି ଗବାକ୍ଷଟିଏ ବି ନାହିଁ... ମୋତେ ମୋ କଳା ଲାଗି ଜୀବନଟା ଏକ ବନ୍ଦୀଶାଳା ବୋଲି ମନେହେବାକୁ ଲାଗିଛି । ତା' ସାଙ୍ଗକୁ ଅଚେତନ ମନର ଉତ୍ତର ମଧ୍ୟ ମିଳୁଛି ଯେ ଯେଉଁ କଳା ମୋତେ ବନ୍ଦୀ କରିଛି, ସେହି କଳା ହିଁ ମୋର ମୁକ୍ତିଦାତା । ଏଇ, ଯାହା କିଛି ବି ମୋ **ଦେହ** ମନର ଗୋଲାମୀ, ସେଇଟା ହିଁ ମୋର ମୁକ୍ତି.........

Digitized by PPRACHIN, SOA

ପୂର୍ଣ୍ଣିମା ରାତି

? ହରେକୃଷ୍ଣ ! ପୂର୍ଣ୍ଣିମା ଶବ୍ଦକୁ ପ୍ରତୀକାତ୍ମକ ଭାବରେ ଗ୍ରହଣ କରି କହନ୍ତୁ ଯେ ଜୀବନର ଜୁଆର ଭଙ୍ଗା କେତେଥର ଦେଖିଛନ୍ତି?

ପ୍ରତୀକାତ୍ମକ ଭାବରେ କାହିଁକି, ମୋ ଭିତରେ ବାସ୍ତବରେ ପ୍ରତ୍ୟେକ ମାସ ଏ ଜୁଆର ଭଙ୍ଗା ଉଠେ । ହୁଏତ ମୋର ଓ ସମୁଦ୍ରର ଜାତି ଏକ । ମୋର ମଧ୍ୟ ସେଇ ଅବସ୍ଥା ହୁଏ, ଯାହା ସମୁଦ୍ରର ହୋଇଥାଏ ।

? ହେଲେ ସମୁଦ୍ରର ଅବସ୍ଥାଟାତ ସମସ୍ତଙ୍କୁ ଦୃଷ୍ଟିଗୋଚର ହୋଇଥାଏ ?

ହଁ, ଏ କଥାଟା ଅବଶ୍ୟ ଠିକ୍ ଯେ ସମୁଦ୍ରର ଅବସ୍ଥାଟା ସମସ୍ତଙ୍କୁ ଦେଖା ଯାଇଥାଏ ଏବଂ ମୋ ଅବସ୍ଥାଟା ମୋତେ ଏକାକୀ ହିଁ ଭୋଗିବାକୁ ପଡ଼େ । ମୋ ଆତ୍ମାରେ ଯେତେବେଳେ ବି ଜୁଆର ଭଙ୍ଗା ଉଠେ, ମୋ ଦେହର ହଦବନ୍ଧୀ ସମୁଦ୍ର ପରି ଭାଙ୍ଗିଯାଏ । ମୁଁ ଅପାର ହୋଇଯାଏ । ଖୁବ୍ ସେନ୍‌ସେସ୍‌ନଲ ଅନୁଭୂତି ସେଇଟା । ହେଲେ ତା ସାଙ୍ଗକୁ ଶରୀରରେ ନାହିଁ ନଥିବା ଦୁର୍ବଳତା ବି ଅନୁଭବ ଜରେ ଏତେ ଦୁର୍ବଳତା ଯେ ଓଠ ଶୁଖିଯାଏ । ପାଣି ମୁନ୍ଦେ ପିଇବାକୁ ଭୟଙ୍କର ତୃଷା ହୁଏ, ହେଲେ ଉଠିକି ପାଣି ପିଇବାର ଶକ୍ତି ନଥାଏ ଦେହରେ·····

? ଏ ଅବସ୍ଥାଟା କେତେ ସମୟ ଧରି ରହେ ?

ଆଗ ତ ଅନେକ ଦିନ ଧରି ରହୁଥିଲା ଏ ଅବସ୍ଥା । ପାଞ୍ଚ ପାଞ୍ଚ-ଛ ଛ ଦିନ । ମୁଁ ଏକ ଅସହାୟତାରେ ତାର କବଳିତ ହୋଇ ଯାଉଥିଲି । ତା'ପରେ ଏ ମନୋବିଜ୍ଞାନକୁ ନିଜେ ବୁଝିପାରି ନିଜ ବଶୀଭୂତ କରିବାକୁ ଚାହିଁଲି । ଲାଭ କେବଳ ଏତିକି ହେଲା ଯେ କାଇଲା ଅବସ୍ଥାର ବ୍ୟବଧାନଟା ଯାହା କିଛି ମାତ୍ରାରେ କମିଗଲା । ହେଲେ କୌଣସି ପରିସ୍ଥିତିରେ କିଛି ହେଲେ ପରିବର୍ତ୍ତନ ହୋଇ ନାହିଁ । ଏବେ ମୋର ପ୍ରାୟ ତିନିଟା ଦିନ ମୋ ବଶ ବାହାରେ·············

? ଏ ଉନ୍ମତ୍ତତା ଆପଣଙ୍କ କଳାରେ ତାର କୌଣସି ରକମ ଛାପ ଛାଡ଼ିଯାଏ କି?

ଅଚେତନ ମନରେ ଜରୁର ଛାଡ଼ି ଯାଉଥିବ, ହେଲେ ସେ ସଂକ୍ରମଣ କାଳରେ ହାତରେ ତୂଳୀ ଧରି ହୁଏନି । ତୂଳୀ ବି ସେହି ପାଣି ଗ୍ଲାସ୍ ପରି ହୋଇଯାଏ, ଯାହାକୁ ତୀବ୍ର ତୃଷାରେ ବି ଉଠିକି ଧରି ପାରେନା··········

? କିଛି ଖାଇବାକୁ ମନ ହୁଏ ସେତେବେଳେ ?

ଭୋକ ନାମକ ଜିନିଷଟାକୁ ସେତେବେଳେ ଦେହ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଏ । ହେଲେ

Digitized by PPRACHIN, SOA

ସେତେବେଳେ ନିଃସଙ୍ଗତାର ତୀବ୍ର ଅନୁଭବ ମନ ଭିତରକୁ ଓହ୍ଲାଉ ଓହ୍ଲଉ ମୁଁ ଅର୍ଦ୍ଧ ଶତାବ୍ଦୀ ତଳକୁ, ନିଜର ବାଲ୍ୟକାଳକୁ ଫେରିଯାଏ ।

? ଅର୍ଥାତ ସେହି କାଳକୁ, ମନୋବିଜ୍ଞାନୀମାନେ ଦିନ ଦିନ ଧରି ପରିଶ୍ରମ ଓ ଔଷଧ ବଳରେ ଯେଉଁଠି ପହଞ୍ଚିବାକୁ ସମର୍ଥ ହୋଇଥାନ୍ତି ସେତେବେଳେ ଆପଣ ନିଜକୁ କେଉଁ ବୟସରେ ଦେଖିବାକୁ ପାଆନ୍ତି?

ସେହି ବୟସରେ, ଯେତେବେଳେ ମୁଁ ଗୁରୁଣ୍ଡି ଗୁରୁଣ୍ଡି ଚାଲିବାକୁ ଶିଖିଥିଲି । ମୁଁ ସେଇ କାଳିସିଆ ଦିନ ଗୁଡ଼ିକରେ ମୋଟେ ଶୋଇ ପାରେନାହିଁ । ସେତେବେଳେ ଯାହା କିଛି ଦେଖାଯାଏ, ସେଇଟା ସ୍ୱପ୍ନ କି ସତ୍ୟ ଜଣା ପଡ଼େ ନାହିଁ । ଏକ ତନ୍ଦ୍ରାଛନ୍ନ ଅବସ୍ଥା ସବୁବେଳେ । ଅନେକ ଥର ଆଖି ଛୁଇଁ ଦେଖେ, ସେଇଟା ବନ୍ଦ କି ଖୋଲା । ଆଖି ଖୋଲା ଥାଏ । କିନ୍ତୁ ଏଇଟା ବି ହୁଏତ ସ୍ୱପ୍ନାବସ୍ଥା, ସ୍ୱପ୍ନ ଭିତରେ ଦେଖାଯାଉଥିବା ସ୍ୱପ୍ନ.........

? କିନ୍ତୁ ଯାହା ସତ୍ୟ ପରି ଦେଖା ଯାଇଥାଏ ?

ସେଇଟା କୁଚା ଲକ୍ଷ୍ମୀନାରାୟଣବାଲା ଲୁଧିଆନାର ସେଇ ଘର ଯୋଉଠି ମୋର ଜନ୍ମ ହୋଇଥିଲା । ଘରର ସେଇ ଝରକା, ଯୋଉଥିରୁ ସାମ୍ନା ଘରର ବାରଣ୍ଡା ଦେଖାଯାଉଥିଲା, ଯୋଉଠି ଗୁଲ୍ଲୁ ଚାଚା ଓ ସୈନୀ ଚାଚୀ ଠିଆ ହୋଇ ମୋତେ ଦେଖୁଥିଲେ...............

? ସେ ପଡ଼ୋଶୀ କିଏ ଥିଲେ କି ?

ସେଇଟା ଥିଲା ଗୋଲାମ ମହମ୍ମଦଙ୍କ ଘର । ମୁଁ ତାଙ୍କୁ ଗୁଲ୍ଲୁ ଚାଚା ଓ ତାଙ୍କ ସ୍ତ୍ରୀ ହୁସୈନୀଙ୍କୁ ସୈନୀ ଚାଚୀ ବୋଲି ଡ଼ାକୁଥିଲି । ଖୁବ୍ ସମ୍ଭ୍ରାନ୍ତ ପ୍ରକୃତିର ଲୋକ ! ବଡ଼ ବଡ଼ିଆ ଭାବ ତାଙ୍କର । ଘରେ ସେ ତିତିର, ଶୁଆଶାରୀ, ଗୁଣ୍ଡୁରୀ, ଗଞ୍ଜା ଆଦି ଜାତି ଜାତିକା ପକ୍ଷୀ, ଗାଈ, ଛେଳି ମଧ୍ୟ ପୋଷିଥିଲେ ।

? ସେଇ ଆଛନ୍ନତାରେ ଗୁଲ୍ଲୁ ଚାଚା ଓ ସୈନୀଚାଚୀଙ୍କୁ କଣ କଣ କରୁଥିବାର ଦେଖନ୍ତି ଆପଣ ?

ସୈନୀ ଚାଚୀ ମୋତେ ସେହିପରି ପେଟ ଉପରେ ଆଉଜି କେତେବେଳେ ଶୁଆଉଥାନ୍ତି ତ କେତେବେଳେ ୟୁସୁଫ-ଜୁଲେଖା ବା ଆରବ୍ୟ କାହାଣୀ ଶୁଣଉଥାନ୍ତି । ନହେଲେ ମୁଁ ତାଙ୍କର ପକ୍ଷୀ, କୁକୁଡ଼ା ଛୁଆଙ୍କ ସଙ୍ଗେ ଖେଳୁଥାଏ । ତାଙ୍କ ଶୁଆ ସେମିତି ପଢୁଥାଏ 'ଶୁବହାନ୍ ତେରି କୁଦରତ୍ (ହେ ଈଶ୍ୱର, ପ୍ରକୃତି ତୋର କେତେ ପବିତ୍ର) । ତା'ପରେ ସେ ତାଙ୍କ ଶୁଆକୁ ମୋ ନାଁ ଡ଼ାକିବାକୁ ମଧ୍ୟ ଶିଖେଇ ଦେଇଥିଲେ ।'

? ସେ ଆପଣଙ୍କ କେଉଁ ନାମ ଧରି ଡ଼ାକୁଥିଲେ ?

କେତେବେଳେ ମୋ କୃଷ୍ଣରେ ବୋଲି ଡ଼ାକୁଥିଲେ ତ କେତେବେଳେ ଲାଲ୍ ବୋଲି ଡାକୁଥିଲେ । ହେଲେ ଅଧିକାଂଶତଃ ସେ ମୋତେ 'ଲାଲ' ବୋଲି ଡାକନ୍ତି । ଏଇନା ଡାକିବାକୁ ସେଶୁଆକୁ ମଧ୍ୟ ଶିଖାଇଥିଲେ । ଯେତେବେଳେ ଜିଦି କରୁଥିଲି କି କୁକୁଡ଼ା ଛୁଆମାନଙ୍କୁ ହଇରାଣ ହରକତ

Digitized by PPRACHIN, SOA

କରି ନାକେଁଦମ କରି ଦେଉଥିଲି । ସେତେବେଳେ ସେ ମୋ ପଛେ ପଛେ ଗୋଡ଼ାଇ ଗୋଡ଼ାଇ, ଓ ବେଇମାନ୍ ଓ ବେଇମାନ ବୋଲି ସରାଗରେ ଶୋଧୁଥିଲେ । ଆଜି ମଧ୍ୟ ତାଙ୍କ ସ୍ୱରଟା ଠିକ୍ ମୋତେ ସେହିପରି ଶୁଣାଯାଉଛି । ..... ଆମ ଘରେ ମାଛ ମାଂସ କେହି ଖାଉ ନଥିଲେ, ହେଲେ ଗୁଲ୍ଲୁ ଚାଚା ଘରେ ପ୍ରାୟ କୁକୁଡ଼ା, ତିତିର, ଗଣ୍ଡିରି ଆଦି ରନ୍ଧା ହେଉଥିଲା । ସେତେବେଳେ ସେମାନେ ଖାଇବାକୁ ବସୁଥିଲେ ସେତେବେଳେ ମୋତେ କୋଳରେ ବସେଇ କେବଳ ଫଳ ଖୁଆ ଯାଉଥିଲା । ସେ ମିଠା ମିଠା ଫଳ, ଅଙ୍ଗୁର ଆଦିର ଅମୃତ ସ୍ୱାଦ ଏବେ ବି ସ୍ୱପ୍ନାବସ୍ଥାରେ ମୋ ଜିହ୍ୱାରେ ଆଉଟି ହେଉଛି । ..... ସବୁ ଘଟଣା ଓ କଥା ଯାହା ଯାହା ଘଟିତ ହୋଇଥିଲା, ଘଟିକି କୁଆଡ଼େ ଚାଲିଯାଇ ନାହିଁ । ଏବେବି ସେ ସବୁ ନିରନ୍ତର ଘଟିତ ହେଉଥିବାର ଦୃଶ୍ୟମାନ । ଗୁଲ୍ଲୁ ଚାଚାଙ୍କ ଛାତିରେ ଗାଢ଼ ଗୋଲାପୀ ରଙ୍ଗର ବଡ଼ ମୋତି ଥିଲା । ମୁଁ ତାକୁ ଧରି ଛିଣ୍ଡାଇ ଆଣିବାକୁ ଚାହୁଁଥିଲି । ଚେଷ୍ଟା ମଧ୍ୟ କରିଥିଲି । ହେଲେ ସେଇଟା ଛିଣ୍ଡି ନଥିଲା........ସେତେବେଳେ ଗୁଲ୍ଲୁ ଚାଚା ମୋତେ ପଚାରନ୍ତି- କିରେ ଏଇଟାକୁ ନେଇ କଣ କରିବୁ । ମୁଁ କହେ ମୁଦିରେ ଖଞ୍ଜିବି । ସେଇଟା ଠିକ୍ ଗୋଟାଏ ଗୋଲାପୀ ରଙ୍ଗର ପଥର ପରି ଥିଲା ।

? ଏବଂ ସେଥିପାଇଁ କଣ ଆପଣ ହାତରେ କେବେ ବିବାହ ମୁଦି ପିନ୍ଧି ନାହାନ୍ତି ?

ହୁଏତ ହେଇପାରେ....... ସେ ପଥରଟା କାହା ଦେହରେ ଲାଗିକି ରହି ଯାଇଛି..............

? ଗୁଲ୍ଲୁ ଚାଚାଙ୍କର କଣ ନିଜର ପିଲାଛୁଆ କେହି ନଥିଲେ ?

ନା, ନଥିଲେ । ସେ ଜମିଦାରୀ ସ୍ୱଭାବର ଲୋକଟା ଜୀବନ ସାରା ସଟା ଖେଳୁଥିଲେ, ଗୁଣ୍ଡୁରୀ ଲଢ଼ଉଥିଲେ । ହାରିବା, ଜିତିବା ଭିତରେ ଅତିବାହିତ ହୋଇଥିଲା ତାଙ୍କର ଜୀବନ । ଯୋଉଦିନ ସଟା ଖେଳନ୍ତି, ସେ ଦିନ କୋଉ ନମ୍ବରଟା ଲଗାଇବେ ବୋଲି ଅନେକ ବେଳ ଭାବନ୍ତି । ବେଳେ ବେଳେ ଏକ ସହଜ ବିଶ୍ୱାସ ନେଇ ସେ ମୋତେ ପଚାରନ୍ତି । ମୋର ଯାହା ମନକୁ ଆସେ ସେ ଅଙ୍କଟା କହିଦିଏ । ମୋ ମୁହଁରୁ ଯାହା ବାହାରେ ସେ ବାଜିଟା ସେ ଅଙ୍କରେ ଲଗାଇ ଦିଅନ୍ତି । ଅନେକ ଥର ହାରି ଯାଆନ୍ତି । ହେଲେ ଯୋଉ ଦିନ ଅକସ୍ମାତ ମୁଁ କିହିଥିବା ନମ୍ବରଟା ଫିଟିଯାଏ, ସେଦିନ ସେ ଆଣି ମୋତେ ଢେର ମିଠା ଖୁଆନ୍ତି । ସେତେବେଳେ ବି ମୋ ଦିହ ପା ଖରାପ ହେଉଥିଲା, ସୈନୀ ଚାଚୀ ଦରଗା'କୁ ଯାଇ ମୋ ଲାଗି ତାବିଜ୍ ନେଇ ଆସୁଥିଲେ । ସେଠାରେ ଏକ ମସଜିଦ୍ ଥିଲା, ଶାବନଗର ମସଜିଦ୍ । ସେଠିକି ମଝିରେ ମଝିରେ ବଡ଼ ବଡ଼ ଫକୀରମାନେ ଆସି ରହନ୍ତି । ସେଠିକି ଯେତେବେଳେ ବି କୌଣସି ବଡ଼ ଫକୀର ଆସନ୍ତି, ସୈନୀ ଚାଚୀ ସେତେବେଳେ ମୋତେ ସେଠାକୁ ନେଇ ଫୁଙ୍କା ଝଡ଼ା କରେଇ ଆଣନ୍ତି । ତାଙ୍କ ଦିଆ ପାଞ୍ଚ ଛଅଟା ତାବିଜ୍ ମୋ ଗଳାରେ ପଡ଼ିଥିଲା । ଏବେ ଯେତେବେଳେ ସେ ଆଛନ୍ନ ସଂକ୍ରମଣ ଅବସ୍ଥାରେ ମୋ ପିଲାବେଳ ଦେଖେ, ସେତେବେଳେ ମୋ ହାତରେ ସେ ସବୁଯାକ ତାବିଜ୍‌କୁ ଛୁଇଁକି ଦେଖି ପାରେ । ସେ ସବୁ ମୋ ବେକରେ ସେମିତି ମହଜୁଦ ଥାଏ । ଗୁଲ୍ଲୁ ଚାଚାଙ୍କ ଦେହରେ ସେଇ ସିଲକେନ ନୀଳ ଧାରିଆ ଲୁଙ୍ଗି, ପାଦରେ କୁଟି କମକରା ନାଗରା

Digitized by PPRACHIN, SOA

ଜୋତା । ଆଉ ସୈନୀ ଚାଚୀର ମୁଣ୍ଡରେ ଧଳା ଦୁପଟ୍ଟା, ଯୋଉଥିରେ ଲୁଚକାଳି ଖେଳୁ ଖେଳୁ ମୁଁ ଲୁଚି ଯାଉଥିଲି । ଲୁଚିକି ତାଙ୍କ ପେଟ ଉପରେ ଶୋଇ ପଡୁଥିଲି ।

? ଜାଗ୍ରତାବସ୍ଥାର ଏ ସ୍ୱପ୍ନରେ ଯେତେବେଳେ ନିଦ ଆସେ, ସେତେବେଳେ କଣ କିଛିଟା ଆଶ୍ୱସ୍ତି ଅନୁଭବ କରନ୍ତି ଆପଣ ?

ଖୁବ୍ ଆଶ୍ୱସ୍ତ ଲାଗେ ଅମୃତା । ଖୁବ୍ ଶାନ୍ତି ମିଳେ । ହେଲେ ଅନେକଥର ସୈନୀ ଚାଚୀଙ୍କ ଏକ ଜୋରଦାର୍ ଚଟକଣା ପାଇ ସେ ନିଦଟା ଭାଙ୍ଗିଯାଏ· ସାମ୍ନାରେ କାଠ ତ୍ୱବା ଆଲମିରା । ସେଥିରେ ରୁପାର କାମ କରା ଥାଳିଆ ସଜା ହୋଇ ରହିଥାଏ । ମୁଁ ସେ ଥାଳିଆରେ ହିଁ ଖାଇବି ବୋଲି ଜିଦ୍ କରି ବସେ । ଚାଚୀ ଥାଳିଆଟା ଦିଅନ୍ତି ନାହିଁ । ମୋତେ ଚଟକଣାଟାଏ ମାରି କହନ୍ତି-ବେଇମାନ୍ କୋଉଠିକାର, ସେ ଥାଳିଆ ତଳକୁ ଉତୁରିବା ଜିନିଷ ନୁହେଁ, ବୁଝିଲୁ । ମୁଁ ଧୁଁକୁଡି ଧୁନ୍ଦୁକି କାନ୍ଦି ଉଠେ । ତାଙ୍କ ମନ ତରଳିଯାଏ । ସେ ମୋତେ କାଖେଇ ପକାଇ ଗେଲ କରନ୍ତି । ଥାଳିଆଟି କାଢ଼ି ସେଥିରେ ଅଙ୍ଗୁର ଖାଇବାକୁ ଦିଅନ୍ତି ।

ତାଙ୍କ ଆଖି ଓଦା ହୋଇଯାଏ ।

? ତା' ମାନେ ଆଦମ କେବଳ ଯୁବାବସ୍ଥାରେ ହିଁ ନିଷିଦ୍ଧ ଫଳକୁ ଚାଖି ନଥିଲା, ପିଲାବେଳେ ମଧ୍ୟ ଖାଇଥିଲା ଏବଂ ମମତାର ସ୍ୱର୍ଗରୁ ନିଷ୍କାଶିତ ହୋଇଥିଲା ?

ହୁଏତ ସେଇ ବୈକୁଣ୍ଠ ନିଷ୍କାଶିତ ମୁଁ ଏ ଯାଏଁ ଦେଖୁଛି ସେ ସ୍ୱପ୍ନ । ଥରେ ଗୁଲ୍ଲୁ ଚାଚା ତାଙ୍କର ଜଣେ ଧନୀ ବନ୍ଧୁଙ୍କ ସଙ୍ଗେ ମୋତେ ଘୋଡ଼ାଗାଡ଼ିରେ ବସେଇ ବୁଲେଇ ନେଇଥିଲେ । ଆମେ ଗୋଟାଏ ବଗିଚାକୁ ଗଲୁ । ଗାଡ଼ିରେ କେଇ ଟୋକେଇ ଆମ୍ବ ରଖାଗଲା । ସେ ବଗିଚାରେ ମୁଁ ପ୍ରଥମ ଥର ଜୀବନରେ ମୟୂର ଦେଖିଲି । ଘରକୁ ଆସି ମୁଁ ସୈନୀ ଚାଚୀଙ୍କୁ ମୟୂର ଚାଲି ଦେଖେଇଲି । ବାହାଦିଟାକୁ ମୟୂର ପକ୍ଷ ପରି ପ୍ରସାରିତ କଲି । ଚାଚୀ ମୋ ପାଦରେ ତାଙ୍କର ରୁପାର ପାଉଁଜ ପିନ୍ଧାଇ ଦେଲେ । ପାଉଁଜ ଛନକି ଉଠିଲା । ଉତ୍‌ଫୁଲ୍ଲିତ ହୋଇ ଚାଚୀ ପାଟି କରି କହିଲେ ଆଲୋ, ଦେଖଲୋ, ମୋ ଘରକୁ ମୟୂର ଆଇଚି···········

? ତା' ହେଲେ ଏ ବୈକୁଣ୍ଠରୁ ତମର କେଉଁ ବୟସରେ ନିଷ୍କାଶିତ ହେବାକୁ ପଡ଼ିଥିଲା ହରେକୃଷ୍ଣ ?

ଯେତେବେଳେ ମୁଁ କଲେଜରେ ପଢୁଥିଲି ଅମୃତା । ଗୁଲ୍ଲୁ ଚାଚା ସଟ୍ଟାରେ ହାରି ହାରି ଘରର ସବୁକିଛି ବିକି ଦେଇଥିଲେ । ସେହି ରୁପାକାମକରା ଥାଳିଆଟି ମଧ୍ୟ । ଘରଦ୍ୱାର ସ୍ଥାବର ଅସ୍ଥାବର ଯାହାଥିଲା ତାଙ୍କ ପାଖରେ କିଛି ବାଦ୍ ପଡ଼ି ନଥିଲା । ଧୋବା ପଡ଼ାରେ ତମ୍ବୁ ପକାଇ ରହିବାକୁ ପଡ଼ିଥିଲା ତାଙ୍କୁ । କଲେଜରେ ପଢ଼ିବା ଲାଗି ମୋତେ ଯାହା ଟଙ୍କା ମିଳୁଥିଲା, ସେଥିରୁ ଯାହା କିଛି ରଖି ପାରିଥିଲି, ସୈନୀ ଚାଚୀଙ୍କୁ ନେଇ ଦେଇ ଆସୁଥିଲି । ହେଲେ ଯେତେବେଳେ ଦେଶ ବିଭାଜନ ହେଲା·····ସେତେବେଳେ ପଢୁଥାଏ ବମ୍ବେରେ । ଥରେ ଘରକୁ ଯାଇଥିଲା ବେଳେ ଜାଣିବାକୁ ପାଇଲି ଯେ ଗୁଲ୍ଲୁ ଚାଚା ସୈନୀ ଚାଚୀ ଦେଶ ଛାଡ଼ି ପାକିସ୍ଥାନ

Digitized by PPRACHIN, SOA

ଚାଲି ଯାଇଛନ୍ତି ।

ଆମର ଧର୍ମର ଠିକାଦାରମାନେ ସାଂପ୍ରଦାୟିକତା, ବିଦ୍ୱେଷ, ବିଭେଦର କେମିତି ଫଳ ଖାଇଥିଲେ ଯେ ସେମାନଙ୍କ ସଂସାରତ ସମୃଦ୍ଧ ହେଲା ହସି ଉଠିଲା, ହେଲେ ସାଧାରଣ ଲୋକଙ୍କ ଦୁନିଆ ଉଜୁଡ଼ି ଗଲା........

ଆଉ ଠିକ୍ ସେଇ ସମୟରେ ଉଜୁଡ଼ି ଯାଇଥିଲା ବୈକୁଣ୍ଠ ମୋର । ଗୁଲ୍ଲୁ ଚାଚା ଥିଲା ବେଳେ ତ ସହର ସାରା ମୋ ରାଜତ୍ୱ ଥିଲା । ଦୀପାବଳିବେଳେ ଦୂରଦୂରାନ୍ତରୁ କୱାଲ୍‌ମାନେ ଆସୁଥିଲେ, ଯାତ୍ରା ସୁଆଙ୍ଗଦଳ ଆସୁଥିଲେ, ବାଇସ୍କୋପବାଲାଏ ଆସୁଥିଲେ-ଏବଂ ସେ ସମସ୍ତଙ୍କର ତତ୍ତ୍ୱବଧାରକ ଥିଲେ ଗୁଲ୍ଲୁ ଚାଚା । ସେ ସମସ୍ତେ ତାଙ୍କ ହୁକୁମ୍‌ମାନି ଚଳୁଥିଲେ । ସେତେବେଳେ ମୁଁ ଥିଲି ସ୍କୁଲ ଛାତ୍ର । ପ୍ରତିଦିନ ସାଙ୍ଗ ସହପାଠୀ ଧରି କେବେ ବାଇସ୍କୋପ ତ କେବେ ଯାତ୍ରା ସୁଆଙ୍ଗ ଦେଖିବାକୁ ଚାଲିଆସେ । ସେଠି ଆମ ଲାଗି ଆଗରୁ ସ୍ଥାନ ସୁରକ୍ଷିତ ହୋଇ ରହିଥାଏ । କାରଣ ଆମେ ଥିଲୁ ଗୁଲ୍ଲୁ ଚାଚାଙ୍କ ସମ୍ମାନିତ ଅତିଥି......

? ଆଉ କେବେ କଣ ସୀମା ପାରିରୁ ତାଙ୍କର କୌଣସି ଚିଠି ପତ୍ର ଆସିଲା ନାହିଁ ?

କେହି ଜଣେ ଯା ଆସ କରୁଥିବା ଲୋକଠାରୁ ଶୁଣିବାକୁ ମିଳିଲା ଯେ ଏକ ଦୁର୍ଘଟଣାରେ ଗୁଲ୍ଲୁ ଚାଚା ନିହତ ହୋଇଛନ୍ତି । ମୋଜଂଗ୍ ଛକ୍‌ରେ ଗୋଟାଏ ଘୋଡ଼ା ଗାଡ଼ି ସହିତ ତାଙ୍କର ଟକ୍କର ହୋଇଥିଲା ଏବଂ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ଶୁଣିଛି ଯେ ଅନେକ ଦିନ ଧରି ଅଖିଆ ଅପିଆ ସୈନୀ ଚାଚୀ ସେ ଛକରେ ବସି ରହିଥିଲେ ଏବଂ ତା'ପରେ ପାଗଳ ହୋଇ କେଇଟା ଦିନ ଭିତରେ ମୃତ୍ୟୁବରଣ କରିଥିଲେ.........

? ଆପଣଙ୍କ ସୁରକ୍ଷା ଲାଗି ଆପଣଙ୍କ ଗଳାରେ ସେ କେତେ ତାବିଜ ପିନ୍ଧେଇ ଥିଲେ, ହେଲେ ନିଜର ସୁରକ୍ଷା ଲାଗି ତାଙ୍କ ବେକରେ ଥିଲା କେବଳ ଗୋଟାଏ ତାବିଜ୍ । ଆପଣଙ୍କ ଆନ୍ତରିକତା, ସ୍ନେହ ଧରାଗର ତାବିଜ୍ ଆଉ ସେଇଟାକୁ ବି ଦଙ୍ଗା ଫିସାଦ ଛିଣ୍ଡେଇକି ଫିଙ୍ଗି ଦେଇଥିଲା...........

ସେଇ ତ ଦୁଃଖ ଅମୃତା........ ଭାବୁଛି ସେ ଯଦି ମୋ ପାଖରେ ଥାଆନ୍ତେ ଗୁଲ୍ଲୁ ଚାଚାଙ୍କ ଶୋଚନୀୟ ଦୁର୍ଘଟଣା ପରେ ବି ମୁଁ ତାଙ୍କୁ ନିଶ୍ଚିତ ଭାବ୍‌ରେ ରକ୍ଷା କରି ପାରିଥାନ୍ତି.....ତାଙ୍କୁ ଏ ଭଳି ପାଗଳ ହୋଇ ମରିବାକୁ ଦେଇ ନଥାନ୍ତି.......ହେଲେ ସବୁ ତାବିଜ୍ ଖିନ୍‌ଭିନ୍ ହୋଇଗଲା, ଭାଙ୍ଗିଗଲା । ତାଙ୍କ ବେକର, ମୋ ଗଳାର.....

? ହେଲେ ଏ ସ୍ମୃତିର ତାବିଜ୍‌ଟା ?

ଏଇଟା କେବେ ଭାଙ୍ଗେନା । ଏହାକୁ ଭାଙ୍ଗୁ ଭାଙ୍ଗୁ ମୋ ହାତ ଥକିଯାଇଛି ଅମୃତା । ପର୍ଣ୍ଣିମା ଦିନ ଯେତିକି ଯେତିକି ପାଖେଇ ଆସେ ମୋ ଆଚ୍ଛନ୍ନତା ସେତେ ସେତେ ବଢ଼ିଚାଲେ । ଫକୀରମାନଙ୍କୁ ହାଲ ଆସିଲା ପରି ବଢ଼ି ବଢ଼ି ଚାଲେ ମୋ କାଳିସିଆ ଭାବ । ପ୍ରାୟ ତିନି ଦିନ ଧରି ମୁଁ ମୃତପ୍ରାୟ ହୋଇ ପଡ଼େ । ଅନ୍ନର କଣିକାଟିଏ ବି ଖାଇ ପାରେନା । ଆଜି ସମ୍ପୂର୍ଣ୍ଣ

Digitized by PPRACHIN, SOA

ସଚେତନ ଭାବରେ ତମ ସଙ୍ଗେ କଥାବାର୍ତ୍ତା ହେଲା ବେଳେ ମୋର ମନେପଡୁଛି ଯେ ଯେତେବେଳେ ମୁଁ ଛୋଟଥିଲି, ଗୁଲୁ ଚାଚା ମୋତେ ପଚାରୁ ଥିଲେ-କିରେ, ବଡ଼ ହେଇ କଣ ହେବୁ ? ମୁଁ ଉତ୍ତର ଦେବାକୁ ଯାଇ ପ୍ରତିପ୍ରଶ୍ନ କରେ- ସବୁଠୁ ବଡ଼ ଅଫିସର କୋଉଟାକି ଗୁଲୁ ଚାଚା ? ସେ ଭାବିକି କହନ୍ତି-ସବୁଠୁ ବଡ଼ ଡ଼େପୁଟି କମିଶନର । ସେ ଖୁବ୍ ଦରମା ପାଆନ୍ତି । ଶହ ଶହ ଟଙ୍କା । ମୁଁ ବାହୁ ମେଲେଇ କହେ-ଏତେ ଟଙ୍କା ? ସେ କହନ୍ତି-ଆରେ ଏତେ କଣ ଆହୁରି ଅନେକ ଅନେକ ଟଙ୍କା । ହେଲେ ତୁ ଏତେ ଟଙ୍କା କଣ କରିବୁ? ଏବଂ ମୁଁ ସଙ୍ଗେ ସଙ୍ଗେ ହିସାବ କିତାବ କରି ବସେ, ଦି'ଶ ସେନି ଚାଚୀକୁ ଦେବି । ଦି'ଶ ବୁଗ୍‌ଗାକୁ,ବୁଗ୍‌ଗା ତାଙ୍କର ଘୋଡ଼ାଗାଡ଼ି ଚାଳକର ଥିଲା, ଯିଏ ମୋତେ ରାତିରେ ଶୋଇଥିବା ଅବସ୍ଥାରେ ଆମ ଘରେ ଛାଡ଼ିକି ଆସୁଥିଲା । ଏହିପରି ଭାବରେ ବାପା, ମା, ଭଉଣୀକୁ ଟଙ୍କା ବାଣ୍ଟିଦିଏ । ତା'ପରେ ଗୁଲୁ ଚାଚା ହସି ହସି ପଚାରନ୍ତି- କିରେ ସବୁ ଟଙ୍କା ତ ବାଣ୍ଟିକୁଣ୍ଟି ଦେଲୁ । ଏବେ ତୁ ଖାଇବୁ କଣ ? ମୁଁ ସଙ୍ଗେ ସଙ୍ଗେ କହେ ମୋତେ ତ ଆପଣ ଖାଇବାକୁ ଦେବେ ଚାଚା । ଆଜି ଭାବୁଛି ଅମୃତା ହୁଏତ ସେଇଥିଲାଗି ଯେତେବେଳେ ସ୍ମୃତିର ପୂର୍ଣ୍ଣିମା ଆସେ, ମୁଁ କିଛି ଖାଇ ପାରେନା, ମୋତେ ତ ଗୁଲୁ ଚାଚା ଓ ସେନି ଚାଚୀ ଖାଇବାକୁ ଦେବା କଥା ଥିଲା......

୦

କି ରଜା, କି ପରଜା

? ହରେକୃଷ୍ଣ ! ପ୍ରାଚୀନ କାଳରେ ଦଣ୍ଡିତ ଅପରାଧୀମାନଙ୍କୁ ପାଙ୍ଗୀକୁ ପଠାଯାଉଥିଲା । ଚମ୍ବାର ରାଜା ପଠଉଥିଲେ । ଆପଣତ ଏଇ ନିକଟରେ ପାଙ୍ଗୀ ଯାଇଥିଲେ । କୋଉ ରାଜା ପଠାଇଥିଲେ ଆପଣଙ୍କୁ ?

ଆପଣଙ୍କର ଓ ମୋ ରଜା ଏକ । ରାଜା ନୁହେଁ, ରାଣୀ କହିବା ବରଂ ଅଧିକ ଉଚିତ୍ ହେବ । ଆପଣ ଯେମିତି ସରସ୍ୱତୀଙ୍କ ଖାତକ, ଜଣେ କଳାକାର ଭାବରେ ମୁଁ ମଧ୍ୟ ତାଙ୍କର ଜଣେ ଚିତ୍ରକର ପ୍ରଜା । କଲମ ଆପଣଙ୍କୁ ମିଳିଛି । ଦେହ ଓ ମନର ଯାତ୍ରା ଅବ୍ୟାହତ ରଖିବାର ଦଣ୍ଡ....................

? ହଁ, ମୁଁ ମଧ୍ୟ ମୋ କ୍ଳାନ୍ତ ଅବସନ୍ନ ପାଦ ଦିଟାକୁ ବାଧ୍ୟ ବାଧକତାରେ କେବେ କୋଉ ମୁଲକକୁ ତ ଆଉ କେବେ କୋଉ ମୁଲକକୁ ଘୋଷାରି ନେଉଛି । ଏବେ ତ ଦୀର୍ଘ ବତିଶି ଘଣ୍ଟା ଧରି ଟ୍ରାନ୍‌ଜିଟ୍‌ରେ କଇଦୀମାନଙ୍କ ପରି ବସି ରହିବାକୁ ପଡ଼ିଲା । ବୁଲଗେରିଆରେ ଅନୁଷ୍ଠିତ ହେଉଥିବା ସଦ୍‌ଭାବ ଓ ଆତ୍ମ ମର୍ଯ୍ୟାଦା ବିଷୟକ କଂଗ୍ରେସରେ ମୋର ଯୋଗଦାନ କରି ଭାଷଣ ଦେବାର କାର୍ଯ୍ୟକ୍ରମ ଥିଲା । ଆପଣ ଠିକ୍ କହିଛନ୍ତି, ଆମେ ଯେତେ ସୃଜନାତ୍ମକ କାମ କରୁଥିବା ଲୋକ ସରସ୍ୱତୀଙ୍କ ଦଣ୍ଡିତ ଅପରାଧୀ............

ମୋତେ ମଧ୍ୟ ପାଙ୍ଗୀ ଉପତ୍ୟକାର ଚିତ୍ର ଆଙ୍କିବାର ଥିଲା, ତେଣୁ ପାଦରେ 'ପୁଲ୍' ପିନ୍ଧି

Digitized by PPRACHIN, SOA

ବାହାରି ପଡ଼ିଥିଲି ।

? ଏ, ପୁଲ୍‌ଟା କଣ ?

ଯବର ଶିରାରେ ତିଆରି ଏକରକମର ଜୋତା । ଏଇଟା ପିନ୍ଧିଲେ ଯାଇ ସେଠାକାର ବରଫରେ ପାଦ ଥୁଆ ଯାଇ ପାରିବ । ଏ ସହରୀ ବୁଟ୍ ତ ପାଦ ଖସାଇ ମଣିଷକୁ ଖାଲରେ ଫିଙ୍ଗି ଦେବ........

? ଏ ପାଙ୍ଗୀ ଘାଟିର ଲୋକ ସଂଖ୍ୟା ପ୍ରାୟ କେତେ ?

ଏଇ ଅଶି ହଜାର ପାଖା ପାଖି । ଆଠ ମାସ ଧରି ତ ଏମାନଙ୍କୁ ବରଫ ଘେରରେ ବନ୍ଦୀର ଜୀବନ ବିତାଇବାକୁ ପଡ଼େ । ତା'ପରେ ପ୍ରାୟ ଚାରିମାସ ଲାଗି ଏମାନେ ତଳର ସମତଳ ଅଞ୍ଚଳକୁ ଓହ୍ଲାନ୍ତି । ଚମ୍ବାର ଜିରା, ମହୁ ଫଳ ମୂଳ ଆଦି ସଂଗ୍ରହ କରି ଆଣନ୍ତି । ସେଇଟା ଦେଇ ତା' ବଦଳରେ ଅଟା, ଲୁଣ, ଡ଼ାଲି ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ନେଇ ପୁଣି ନିଜ ଘାଟିକୁ ଫେରି ଯାଆନ୍ତି ।

? ଚମ୍ବା ଆଗର ରାସ୍ତାଘାଟଟା କେମିତି ?

ଚମ୍ବାରୁ ପ୍ରାୟ ପଇଂତ୍ରିଶ ମାଇଲ ଆଗକୁ ଚୌରାହା ପଡ଼େ । ସେଠି ତୀସା ଗାଁରେ ତହସିଲ ଅଫିସଟାଏ ଅଛି । କଷ୍ଟେମଷ୍ଟେ କୋଡ଼ିଏ ସରିକି ଘର । ତା' ଆଗକୁ ଷୋହଳ ମାଇଲ ଯାଏ ବସ୍ ଯାଇପାରେ / ଥଲେଲ୍ ପର୍ଯ୍ୟନ୍ତ । କିନ୍ତୁ ତା' ଆଗର ବାଟ ପାଦରେ ଚାଲି ଚାଲି ଯିବାକୁ ପଡ଼ିଥାଏ । ସେଠିକି ପହଞ୍ଚିବା ଆଗରୁ ଏକ ସରକାରୀ ମହକୁମା ପଡ଼େ । ଦିଲାଡ଼ରେ........ ତା' ଆଗକୁ କେବଳ ଗୁଜରମାନଙ୍କର କେଇଟା ଘର........

? ତହସିଲ ଅଫିସଟା ଖାଲି ପଡ଼ିଥାଏ ନା ସେଠି ଲୋକଙ୍କ କୌଣସି ଝମେଲା ଝଂଝଟ ମଧ୍ୟ ପେଶ୍ ହୁଏ ?

ହୁଏ, କିନ୍ତୁ କେବେ କେମିତି । ହେଲେ ବିଷୟବସ୍ତୁ ମୋଟେ ଦି'ଟା । ଭୂମି ଓ ସ୍ତ୍ରୀ । ସେଇଟା ମଧ୍ୟ ହେଉଛି ସେଠିକାର ସବାଶେଷ ଗାଁ ଭୋଟର ସମସ୍ୟା ହୋଇ ରହିନାହିଁ । ସେମାନେ ବୌଦ୍ଧ ତାନ୍ତ୍ରିକ ଧରଣର ଲୋକ । ସ୍ତ୍ରୀକୁ ଯେ କୌଣସି ପୁରଷ ପକ୍ଷରୁ ସନ୍ତାନ ହେଲେ ମଧ୍ୟ ସେମାନେ ତାକୁ ଗାଁର ମାମଲା କରନ୍ତି ନାହିଁ । ସବୁ ପିଲାଙ୍କୁ ଗାଁର କୋଠ ସନ୍ତାନ ଭାବରେ ଧରାଯାଏ ।

? ସେମାନଙ୍କ ବୃତ୍ତି ବ୍ୟବସାୟ କଣ ?

ସେମାନେ କିଛି କିଛି ଯବ ଚାଷ କରନ୍ତି ଏବଂ ଯବର ମଦରାନ୍ଧି ଖାଆନ୍ତି । ଖୁବ୍ ମୋଟା ମୋଟା ଓ ବଡ଼ ବଡ଼ ଚମରି ଗାଇ, ମେଣ୍ଢା..... ଦୁଧରୁ ସେମାନେ ଲହୁଣୀ ଓ ପନୀର ତିଆର କରି ଖାଆନ୍ତି ।

? ପାଙ୍ଗୀର ଲୋକମାନଙ୍କୁ କଣ ବୋଲି କୁହାଯାଏ ?

ପଙ୍ଗୱାଲେ ।

Digitized by PPRACHIN, SOA

? ସେମାନଙ୍କ ବେଶଭୂଷା କେମିତି ?

ମେଣ୍ଢା ଚମର କୋଟ୍ ପାଇଜାମା ଓ କାନକୁ ଢାଙ୍କୁଥିବା ଟୋପି ।

? ଯାତ୍ରାରେ ଆପଣ ଖିଆପିଆର ବନ୍ଦୋବସ୍ତ କରିଥିଲେ କେମିତି?

ପରଟା ତିଆରି କରି କୋଟ୍ ଓ ୱାସକେଟ ପକେଟରେ ପୂରାଇ ନେଇଥିଲି । ହେଲେ, ଯେତେବେଳେ ସାଢ଼େ ଚାରିମାଇଲ ଉଠାଣି ପଥ ଉଠିବାକୁ ହେଲା, ସେତେବେଳେ ପକେଟ୍ର ଗୋଟେ ଗୋଟେ ପରଟା ପାଞ୍ଚ ପାଞ୍ଚ ସେର ଓଜନିଆ ମନେ ହୋଇଥିଲା । ସେ ବରଫରେ ଏକାକୀ ଯାଇ ପାରିବ ନାହିଁ ମଣିଷ । ସେଠି ରହୁଥିବା ଲୋକେ ମଧ୍ୟ ଯେତେବେଳେ ଏ ବରଫ ଦେଇ କୁଆଡ଼କୁ ଯାଆନ୍ତି, ସେମାନଙ୍କ ମଧ୍ୟରୁ ଜଣେ ହୃଷ୍ଟପୁଷ୍ଟ ସବଳ ବ୍ୟକ୍ତି ଆଗେ ଆଗେ ଚାଲେ । ତା' ପାଦ ଚିହ୍ନରେ ପାଦ ଥୋଇ ଥୋଇ ପଛ ଲୋକେ ଚାଲନ୍ତି ।

? ଧନୀ-ଦରିଦ୍ରର କିଛି ପାର୍ଥକ୍ୟ ପରିଲକ୍ଷିତ ହୁଏ ସେଠି ?

ଯେଉଁ ଘର ଲୋକ ପଥଚାରୀମାନଙ୍କୁ ଖାଇବା-ପିଇବାକୁ ଦିଏ, ତାକୁ ଧନୀ ଘର ବୋଲି ଧରାଯାଏ । ଆଉ କିଛି ଫରକ ନାହିଁ ।

? ଏଇଟା ତ ସହୃଦୟ ଲୋକଙ୍କ ଘର କଥା.......

ସେଠି ତ ଅଧିକାଂଶ ଲୋକେ ସହୃଦୟ....... ଏବଂ ସ୍ତ୍ରୀ ମାନେ

? ହଁ ହଁ, କହନ୍ତୁ, ସ୍ତ୍ରୀ ମାନେ କଣ...... ସ୍ତ୍ରୀ ମାନଙ୍କନାଁ ଧରିଲେ ମାତ୍ରକେ ଆପଣ ଚୁପ୍ ହୋଇଗଲେ କାହିଁକି ?

କଣ କହିବି ଅମୃତା, ସେ ପଙ୍ଗୱାଲୀମାନେ ଅତ୍ୟନ୍ତ ସୁନ୍ଦରୀ । ନୀଳ ନୀଳ ଆଖି । ମିଟିକା ମାରିଲେ ଲାଗେ ଯେମିତି ତାରା ଦିକି ଦିକି ଜଳୁଛି ।

? ସେମାନେ କଣ କିଛି ରୂପ ଚର୍ଯ୍ୟା, ଶୃଙ୍ଗାର କରନ୍ତି ?

ମଥାରେ ରୁପାର ଝୁମର ପିନ୍ଧନ୍ତି.......

? ଏମିତି କୌଣସି ସୁନ୍ଦରୀକୁ ଆପଣ କଣ କାନଭାସରେ ଉତାରିଛନ୍ତି ?

ଆଙ୍କିଥିଲି । ଗୁଲାବୋ........ଗୁଲାବୋ ଥିଲା ତା' ନାଁ .... ହେଲେ ଚିତ୍ର ଆଙ୍କିଲା ବେଳେ ସେ ମୋ ଆଗରେ ଗୁଡ଼ାଏ ସର୍ତ୍ତ ବାଢ଼ିଥିଲା........

? ସେ କଣ ବିବାହିତା ?

ଲୋକଙ୍କ ଦୃଷ୍ଟିରେ ବିବାହିତା, ହେଲେ ମୋ ଦୃଷ୍ଟିରେ କୁମାରୀ ଥିଲା ସେ ।

? କଣ କଣ ସର୍ତ୍ତ ରଖିଥିଲା ଆପଣଙ୍କର ସେ କନ୍ୟା କୁମାରୀ ?

ସବୁଠୁ ବଡ଼ ସର୍ତ୍ତ ଥିଲା ଯେ ତା' ଚିତ୍ରକୁ ମୁଁ କେବେହେଲେ ଚଦରରେ ନଚେଇବି ନାହିଁ । ସେ ଚମ୍ବାର ଚୌଗାନ ମେଳାରେ ବାଇସ୍କୋପ ଦେଖିଥିଲା । କହିଲା ଲୋକେ ଚିତ୍ରକୁ ଚଦର୍‌ରେ ନଚେଇଥାନ୍ତି । ଦ୍ୱିତୀୟ ସର୍ତ୍ତ ଯେ ମୁଁ ଚିତ୍ରଅଙ୍କା କାଗଜକୁ ମାଟିରେ ଫିଙ୍ଗିଲେ ଲୋକେ ତା' ଉପରେ ପାଦ ଥୋଇ ଚାଲି ଯାଆନ୍ତି । ଯେତେବେଳେ ମେଳାରେ ବରାପକୁଡ଼ି କିଣନ୍ତି, ସେତେବେଳେ

Digitized by PPRACHIN, SOA

ଦୋକାନୀ ଯୋଉ କାଗଜରେ ବରାପକୁଡ଼ି ବିକେ, ସେଥିରେ ବି କାହାରି ନା କାହାରି ଚିତ୍ର ଥାଏ, ଯାହା ତେଲ ଲାଗି ଖରାପ ହୋଇଯାଏ ।

? କୌଣସି ଚିତ୍ରର ସମ୍ମାନ କରିବାଟା ତ କୌଣସି ପଙ୍ଖାୱାଲୀଠାରୁ ଶିଖିବା କଥା । ତା' ସଙ୍ଗେ କେତେଦିନ ଯାଏ ଆପଣଙ୍କ ଭେଟ ଘାଟ ହୋଇଥିଲା ?

ତିନି ଦିନ ଯାଏ । ପ୍ରତିଦିନ ପ୍ରାୟ ଚାରି ଚାରି ଘଣ୍ଟାର ସିଟିଂଗ୍ ଦେଉଥିଲା ସେ ।

? ଏବଂ ଏ ଭିତରେ ସେ କଣ ସବୁ କଥାବାର୍ତ୍ତା ହେଉଥିଲା ?

ଏଇ ଯେମିତି ପଚାରୁଥିଲା, ତୁ କୋଉଠୁ ଆଇଛୁ ବାବୁ? ମୁଁ କହେ ସୁଦୂର ବମ୍ବେରୁ । ତା'ପରେ ପଚାରେ, ବମ୍ବେ କେମିତି ଗାଁ ଟାଏ ? ମୁଁ କହେ ବମ୍ବେ ଖୁବ୍ ବଡ଼ ସହର । ଏଠିକାର ପାହାଡ଼ ପରି ଉଚ୍ଚ ବମ୍ବେର ଗୋଟାଏ ଗୋଟାଏ କୋଠାଘର । ମୋ କଥା ସେ ମାନେ ନାହିଁ । ପଚାରେ-ରଜାଘରଠୁ ତ ବଡ଼ କୌଣସି ଘର ହୋଇ ପାରିବ ନାହିଁ । ସେ ଚମ୍ବାର ରାଜାଙ୍କ ରାଜପ୍ରାସାଦ ଦେଖିଥିଲା । ଏବଂ ତା' ଧାରଣା ଯେ ସେଇଟା ପୃଥିବୀର ସବୁଠୁ ବଡ଼ ଘର । ତା'ପରେ ପଚାରିଲା ଯେ ବମ୍ବେ କେତେ ବାଟ ।' ଯେତେବେଳେ ମୁଁ କହିଲି ଯେ ବମ୍ବେ ଖୁବ୍ ଦୂର ବାଟ, ଗାଡ଼ିରେ ଗଲେ ତିନି ଦିନ ଲାଗିବ । ମୋ କଥା ଶୁଣି ସେ ହସି ଦେଲା । କହିଲା-ଯା ବାବୁ, ଆଉ ଠକିବୁ କାହାକୁ ? କେବଳ ତିନ ଦିନର ବାଟ ଆଉ ଏତେ ଦୂର କହୁଛୁ ? ପାଙ୍ଗୀରୁ ଚମ୍ବା ଆସିଲେ କେତେ ଦିନ ଲାଗେ ଜାଣିଚୁ, ସାତ ଦିନ........

? ସେ ବମ୍ବେ ଦେଖିବାକୁ ମନ କରିଥିଲା ?

ନା, ମୋତେ ପଚାରୁଥାଏ ଯେ ମୁଁ ପୁଣି କେବେ ଆସିବି । ଯେତେବେଳେ ମୁଁ ହୁଙ୍କାର ଭରି କହିଲି- କାହିଁକି, ଏଇ ଆର ସନକୁ ଆସିବି, ସେ ପରତେ ଗଲା ନାହିଁ । ଉଦାସ ହୋଇ କହିଲା-ତା' ହେଲେ ବାବୁ କି ରଜା, କି ପରଜା ?

? ହରେକୃଷ୍ଣ ! ନାରୀ, ସେ ବମ୍ବେର ହେଉ କି ପାଙ୍ଗୀର ହେଉ ଏ ଜ୍ଞାନଟା ତାର ସହଜାତ । ଜନ୍ମିଲା ମାତ୍ରକେ ସେ ଏ ଜ୍ଞାନର ଅଧିକାରିଣୀ ହୋଇଥାଏ ।

କହୁଥିଲା- ମିଞ୍ଜର ମେଳା ଦେଖିକି ଯିବୁ ।

? ଯା ହେଉ, ଜୀବନର ମେଳା ତ ଦେଖି ଆସିଲେ ଆପଣ ?

ମୁଁ ଆପଣଙ୍କୁ କଥାଟାଏ କହିବାକୁ ଭୁଲିଗଲି ଅମୃତା, ସେ ପାଙ୍ଗୀ ଘାଟିରେ ପାଦ ଦେବା ଆଗରୁ ସାଢ଼େ ଚଉଦ ହଜାର ଫୁଟ ଉଚ୍ଚାତାରେ ଗୋଟାଏ ଗିରିପଥ ଅଛି । ତାକୁ ସଚ୍‌ପାସ୍ ବୋଲି କହନ୍ତି । ସେ ଗିରିପଥକୁ ଦି'ପହର ସାଢ଼େ ବାରଟା ଆଗରୁ ହିଁ ପାରି ହେବାକୁ ପଡ଼େ । ତା'ପରେ ସେଠି ଏମିତି ଝଡ଼ ତୋଫାନ ଆରମ୍ଭ ହୋଇଯାଏ ଯେ ତାହା ଜୀଅନ୍ତା ମଣିଷକୁ ବି ଉଡ଼େଇ ନିଏ ।

ଏଥରକ ମୁଁ ଗୁଲବୋକୁ ଆପଣଙ୍କ ଭେଟିବାର ସମସ୍ତ କଥା ବୁଝି ପାରିଛି ହରେକୃଷ୍ଣ । ବୁଝି ପାରିଛି ଯେ ତା' ମିଳନର ସଚପାସ୍‌କୁ ଆପଣ କାହିଁକି ପାରି ହୋଇ ନାହାନ୍ତି । ତାକୁ

Digitized by PPRACHIN, SOA

ଠିକ୍ ଦି'ପହର ବେଳେ ପାରି ହେବାକୁ ପଡ଼େ ଏବଂ ସେ ଆପଣଙ୍କୁ ଜୀବନର ସନ୍ଧ୍ୟା ସମୟରେ ମିଳିଥିଲା.....ଯେତେବେଳେ କି ଝଡ଼ ତୋଫାନ୍ ଜୀଅନ୍ତା ମଣିଷକୁ ବି ଉଡ଼େଇ ନେଇଯାଏ.......... ହଁ ଅମୃତା, ହୁଏତ ଏଇଟା ହିଁ ଉଚିତ ଥିଲା । ପାଦକୁ ଭୂଇଁରେ ଥୋଇବା ଲାଗି ମୁଁ ଏ ସଚ୍‌ପାଶ୍‌କୁ ପାରି ହେବା ଆଗରୁ ଲେଉଟି ଆସିବାଟା ହିଁ ଉଚିତ ଥିଲା...... ଏବଂ ସେଇଥିଲାଗି ଦେଖ ଯେ ମୁଁ ବାହୁଡ଼ି ଆସିଛି ।

Lasertypeset at Technovisions, New Delhi and printed at Baba Print Arts, New Delhi

Digitized by PPRACHIN, SOA

ଏହି ଉପନ୍ୟାସଟି ଅମୃତା ପ୍ରୀତମ୍‌ଙ୍କ ଅତ୍ୟନ୍ତ ପରିଚିତ ଓ ପ୍ରିୟ ଚିତ୍ରଶିଳ୍ପୀ ହରେକୃଷ୍ଣ ଲାଲ୍‌ଙ୍କ ଜୀବନ କାହାଣୀ, ଯିଏ ଚିତ୍ରକଳା ପ୍ରତି ସଂପୂର୍ଣ୍ଣ ଭାବେ ସମର୍ପିତ । ସେ ଜୀବନରେ ବହୁ ନାରୀଙ୍କ ସଂସ୍ପର୍ଶରେ ଆସିଛନ୍ତି, ହେଲେ ନା ରାଧାକୁ ପାଇଛନ୍ତି ନା ରୁକ୍ମିଣୀକୁ । ପରିଶେଷରେ କଳା ହିଁ ତାଙ୍କର ରାଧା ଓ ରୁକ୍ମିଣୀରେ ପରିଣତ ହୋଇଛି । "ଦେହର ସବୁଯାକ ରଂଗ ବିଗଳିତ ହୋଇ ଯେମିତିକି ଏକ ଅନୁଭବରେ ମିଳେଇଗଲା ଏବଂ ଅଚାନକ ମୁହଁରୁ ବାହାରି ଆସିଲା - 'ତୁ ରାଧା··· ତୁ ହିଁ ରୁକ୍ମିଣୀ' ।"

ମାନବୀୟ ସଂପର୍କର କଥାଶିଳ୍ପୀ ଭାବେ ପରିଚିତା ପ୍ରଖ୍ୟାତ ପଞ୍ଜାବୀ ଔପନ୍ୟାସିକା ଅମୃତା ପ୍ରୀତମ୍ ଏହି ଚିତ୍ରକରଙ୍କ ଜୀବନର ଘାତ ପ୍ରତିଘାତ, ଦ୍ୱନ୍ଦ୍ୱ ଓ ସଂଘର୍ଷ, ସ୍ୱପ୍ନ ଓ ସ୍ୱପ୍ନଭଂଗର କାହାଣୀକୁ ରୂପାୟିତ କରିଛନ୍ତି । ତାଙ୍କ ବର୍ଣ୍ଣନା ଶୈଳୀର ଏକ ସ୍ୱତନ୍ତ୍ର ଆକର୍ଷଣ ଅଛି, ଅଛି ଏକ ସ୍ୱକୀୟ ବୈଶିଷ୍ଟ୍ୟ ।

ଟ. 65.00 ISBN 81-237-4046-8

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by PPRACHIN, SOA